
# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, April 23/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 148 | ମୂଲ୍ୟ ₹୭/-

## ପ୍ରଜ୍ଞାଙ୍କୁ ରୌପ୍ୟ ପଦକ

ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୧୦୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ


୧୪ | ୦୮


## ‘ଗୋଲ୍ଡ ହାଉସ୍ ଗାଲା ୨୦୨୫’ରେ ସମ୍ମାନିତ ହେବେ ପ୍ରିୟଙ୍କା

ଆସନ୍ତା ମାସରେ ହେବାକୁ ଥିବା ‘ଗୋଲ୍ଡ ହାଉସ୍ ଗାଲା ୨୦୨୫’ରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ସମ୍ମାନିତ କରାଯିବା



### ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ଗୁଳି

# ଓଡ଼ିଆଙ୍କ ସମେତ ୨୬ ମୃତ

କିଛିଦିନର ନୀରବତା ପରେ ଜମ୍ମୁ-କଶ୍ମୀରରେ ପୁଣି ରକ୍ତମୁଖା ହୋଇଛନ୍ତି ଆତଙ୍କବାଦୀ। ପହଲଗାମ୍ ଜିଲାରେ ସେମାନେ ମଙ୍ଗଳବାର ଅପରାହ୍ନ ୩ଟାରେ ବଡ଼ଧରଣର ଆକ୍ରମଣ କରିଛନ୍ତି। ପ୍ରାକୃତିକ ଶୋଭାରାଜି ପାଇଁ ‘ମିନି ସୁଇଜରଲାଣ୍ଡ’ ଭାବେ ପରିଚିତ ଦକ୍ଷିଣ କଶ୍ମୀରର ମୁଖ୍ୟ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍ଇଟି) ସଦସ୍ୟମାନେ ଅନ୍ୟୂନ ୫୦ ରାଉଣ୍ଡ ଗୁଳି ଚଳାଇଛନ୍ତି। ଏହି ଅତର୍କିତ ଆକ୍ରମଣରେ ଜଣେ ଓଡ଼ିଆ ଓ ୨ ଜଣ ବିଦେଶୀଙ୍କ ସମେତ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ବାଲେଶ୍ୱର ରେମୁଣା ଅଞ୍ଚଳର ପ୍ରଶାନ୍ତ ଶତପଥୀ ସ୍ତ୍ରୀ ଓ ପୁଅଙ୍କ ସହିତ ବୈସରନ୍‌କୁ ବୁଲିବାକୁ ଯାଇଥିବାବେଳେ ସେ ପ୍ରାଣ ହରାଇଥିବା ଅନନ୍ତନାଗ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଆହତଙ୍କୁ ଉଦ୍ଧାର କରିବା ପାଇଁ ସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ସାଉଦି ଆରବ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ରମଣକୁ ନିନ୍ଦା କରିବା ସହିତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଫୋନ୍‌ରେ ଏନେଇ ଆଲୋଚନା କରିଛନ୍ତି। ଶାହା ଦିଲ୍ଲୀରେ ସୁରକ୍ଷା ଏଜେନ୍ସିଗୁଡ଼ିକର ମୁଖ୍ୟମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକ ପରେ ସ୍ଥିତି ସମୀକ୍ଷା ପାଇଁ ଶ୍ରୀନଗର ଯାଇଛନ୍ତି। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ଆକ୍ରମଣକାରୀଙ୍କୁ ପଶୁଙ୍କ ସହ ତୁଳନା କରିଛନ୍ତି। ଅନ୍ୟପକ୍ଷରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଭାରତ ଗସ୍ତରେ ଥିବାବେଳେ ଏହି ଆକ୍ରମଣ ଯୋଜନାବଦ୍ଧ ଭାବେ ଘଟାଯାଇ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସ୍ଥିତିକୁ ଦର୍ଶାଇବା ପାଇଁ ଉଦ୍ୟମ କରାଯାଇଥିବା କୁହାଯାଉଛି।




ପ୍ରଶାନ୍ତ ଶତପଥୀ

**ଶ୍ରୀନଗର/ପହଲଗାମ୍,୨୨।୪**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ମଙ୍ଗଳବାର ଅପରାହ୍ନରେ ଆତଙ୍କବାଦୀଙ୍କ ଆକ୍ରମଣରେ ଜଣେ ଓଡ଼ିଆଙ୍କ ସମେତ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ବିଦେଶୀ ଓ ୨ ସ୍ଥାନୀୟ ଲୋକ ଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ କେତେଜଣ ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ପହଲଗାମ୍‌ର ବୈସରନ ପର୍ବତ ଶିଖରରେ ଏକ ୪୦ ଜଣିଆ ପର୍ଯ୍ୟଟକ ଦଳଙ୍କୁ ଟାର୍ଗେଟ କରି ସଶସ୍ତ୍ର ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। ଆକ୍ରମଣ ସ୍ଥଳରେ ଅନେକଙ୍କ ରକ୍ତ ଜୁଡୁବୁଡୁ ମରଶରୀର ପଡ଼ିଥିବା ଦେଖାଯାଇଛି। ଆକ୍ରମଣ ପାଇଁ ଲଶ୍କର-ଇ-ତୋଇବାର ଛାମୁଆ ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍ଏଫ୍) ନିଜକୁ ଦାୟୀ କରିଛି।

ଘଞ୍ଚ ଜଙ୍ଗଲ, ସ୍ୱଚ୍ଛ ହ୍ରଦ ଏବଂ ବିସ୍ତୀର୍ଣ୍ଣ ପ୍ରାନ୍ତର ପାଇଁ ଜଣାଶୁଣା ପହଲଗାମ ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ। ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣ ଚାଲିଥିବା ବେଳେ ଉକ୍ତ ଅଞ୍ଚଳରେ ପର୍ଯ୍ୟଟକଙ୍କ ଗହଳି ଲାଗିଛି। ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଭାରତ ଗସ୍ତ ସମୟରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ୨୦୧୯ ଫେବୃଆରୀରେ ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୭ ଜଣ ସିଆର୍‌ପିଏଫ୍ ଯବାନ ପ୍ରାଣ ହରାଇଥିଲେ। ଏହା ପରଠାରୁ ମଙ୍ଗଳବାରର ଆକ୍ରମଣ ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି।

ସଶସ୍ତ୍ର ଆତଙ୍କବାଦୀ ପହଲଗାମ ରିସର୍ଟ ସହରଠାରୁ ୬ କି.ମି. ଦୂରରେ ଥିବା ବୈସରନ୍‌ରେ ପହଞ୍ଚି ସେଠାରେ ରେଷ୍ଟୁରାଣ୍ଟ ନିକଟରେ ଚାଲବୁଲ କରୁଥିବା ବା ପିକ୍‌ନିକ୍ କରୁଥିବା ପର୍ଯ୍ୟଟକମାନଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି।

# ଆଜିଠୁ ସ୍କୁଲ, କଲେଜ ବନ୍ଦ

**ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)**

ବୁଧବାରଠାରୁ ସ୍କୁଲ୍ ଓ କଲେଜ ପିଲାଙ୍କ ପାଇଁ ଖରା ଛୁଟି ଘୋଷଣା କରାଯାଇଛି। ଏପ୍ରିଲ ୨୩ରୁ ଅଙ୍ଗନୱାଡ଼ି ଓ ଶିଶୁବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ସମୀକ୍ଷା କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ଏହି ସମୟରେ କଲେଜର ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ହେବ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ଏଥିପାଇଁ ଯତ୍ନବାନ ହେବାକୁ କୁହାଯାଇଛି।


BGU
BIRLA GLOBAL UNIVERSITY
BHUBANESWAR

ADMISSIONS OPEN
www.bgu.ac.in
A Hub of Excellence in Education

BIRLA SCHOOL OF COMMERCE
Mastering Analytics to Decode Business Finances

ACADEMIC PROGRAMS OFFERED
- B.Com (Hons.)
- M.Com (Financial Analytics)

OUR EDGE
- Focus on Financial Modeling, Fintech & Business Forecasting
- Continuous Mentoring & Career Counseling
- Advanced Analytics with R, Python, Power BI, Tableau etc.
- Internship opportunities & Industry exposure
- B.K. Birla & Sarala Birla Academic Merit Scholarships

OUR OTHER SCHOOLS
- Birla School of Management
- Birla School of Economics
- Birla School of Communication
- Birla School of Law
- Birla School of Applied Science
- Birla School of Engineering & Technology

Apply online forms.bgu.ac.in
scan to apply
IDCO Plot No. 2, Institutional Area, Gothapatna, Bhubaneswar – 751029
WhatsApp/Call: 9776129900/7381058307 Email: admission@bgu.ac.in


# ଟଙ୍କା ପାଇଁ ଶିଶୁ ଅପହରଣ

### ୬ ଘଣ୍ଟାରେ ଉଦ୍ଧାର, ୭ ଗିରଫ


**ଭୁବନେଶ୍ୱର,୨୨।୪(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁରେ ମଙ୍ଗଳବାର ସ୍କୁଲକୁ ଯାଉଥିବା ୮ବର୍ଷର ଶିଶୁ ପ୍ରତ୍ୟୁଷଙ୍କୁ ଅପହରଣ କରାଯାଇଥିଲା। ମୁକ୍ତିଜାମିନ ରଖି ଅପହର୍ତ୍ତାମାନେ ଶିଶୁଙ୍କ ମା’ଙ୍କୁ ଫୋନ କରି ଟଙ୍କା ଦାବି କରିଥିଲେ। ହେଲେ ଅପହରଣର ୬ଘଣ୍ଟା ଭିତରେ କମିଶନରେଟ୍ ପୋଲିସ ଖୋର୍ଦ୍ଧା ନିରାକାରପୁରରେ ଚଢ଼ାଉ କରି ଅପହୃତ ଶିଶୁଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ଦୁଇ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଯୁବକ ତଥା ପ୍ରତ୍ୟୁଷଙ୍କ ଟିଉଶନ୍ ମ୍ୟାମ୍‌ଙ୍କ ଭାଇ ହିଁ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

# ବିଲ୍ ପୈଠ କରି ନ ଥିଲେ ବି ବିଦ୍ୟୁତ୍ କାଟ ହେବନି: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୨।୪(ସୁନିତ୍ ମିଶ୍ର)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରାଜ୍ୟର ତାପମାତ୍ରା ଏବେ ଅଧିକାଂଶ ଜିଲାରେ ୪୦ ଡିଗ୍ରୀରୁ ଅଧିକ ରହୁଛି। ଏଭଳି ସ୍ଥିତିରେ ଏକାଧିକ ଥର ହେଉଥିବା ବିଦ୍ୟୁତ୍ କାଟ(ପାୱାର୍ କଟ୍) ଲୋକମାନଙ୍କ ପାଇଁ ବଡ଼ ସମସ୍ୟା ହୋଇ ଉଭାହୋଇଛି। ଏହା କେବଳ ଚଳିତ ବର୍ଷର ସମସ୍ୟା ନୁହେଁ। ପ୍ରତ୍ୟେକ ବର୍ଷ ଗ୍ରୀଷ୍ମଋତୁ ଆସିଲେ ବିଦ୍ୟୁତ୍ କାଟ ସମସ୍ୟା କାରଣରୁ ଲୋକମାନଙ୍କ ଭିତରେ ଅସନ୍ତୋଷ ରହିଥାଏ। ବର୍ତ୍ତମାନ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପାୱାର କଟ୍ ନ କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି।



କନକ ବର୍ଦ୍ଧନ ସିଂଦେଓ

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିଦ୍ୟୁତ୍ କାଟ ହେବନାହିଁ। ଗ୍ରୀଷ୍ମପ୍ରବାହ ସମୟରେ କାହାର ମଧ୍ୟ ବିଦ୍ୟୁତ୍ କାଟ କରାଯିବନାହିଁ। ଉପଭୋକ୍ତା ବକେୟା ବିଲ୍ ପ୍ରଦାନ କରି ନ ଥିଲେ ମଧ୍ୟ ଲାଇନ କଟିବନାହିଁ। କିନ୍ତୁ ଉପଭୋକ୍ତାଙ୍କୁ ବକେୟା ବିଲ୍ ପୈଠ କରିବାକୁ ପଡ଼ିବ। ପୂର୍ବରୁ ମଧ୍ୟ ବିଧାନସଭା ସମୟରେ କହିଥିଲେ, ବିଲ୍ ଦେଇ ନ ଥିଲେ ବି ଜୁନ୍ ପର୍ଯ୍ୟନ୍ତ ଲୋକଙ୍କ ବିଦ୍ୟୁତ୍ କାଟ ହେବନାହିଁ। କାଳବୈଶାଖୀ ଯୋଗୁ କୌଣସି ସ୍ଥାନରେ ଯଦି ବିଦ୍ୟୁତ୍ କାଟ ହେଉଛି ତେବେ ତାକୁ ତୁରନ୍ତ କାମ କରିଦିଆଯାଉଛି। ପୂର୍ବ ତୁଳନାରେ ବିଦ୍ୟୁତ୍ ଯୋଗାଣ ଠିକ୍‌ଠାକ୍ କରାଯାଉଛି। ଯେଉଁସବୁ ସ୍ଥାନରେ ବିଦ୍ୟୁତ୍ କାମ ଚାଲୁଛି, ପୂର୍ବରୁ ଏନେଇ ଲୋକମାନଙ୍କୁ ଜଣାଇ ଦିଆଯାଉଛି। କେତେ ସମୟ ପାଇଁ ଏବଂ କେଉଁ କାରଣରୁ ବିଦ୍ୟୁତ୍ କାଟ ହେଉଛି ସେକଥା ମଧ୍ୟ କୁହାଯାଉଛି। ବିଦ୍ୟୁତ୍ ସେବା ବ୍ୟାହତ ହେଉଥିଲେ ମଧ୍ୟ ତୁରନ୍ତ ସମାଧାନ ହେଉଛି। ସରକାର କେବେହେଲେ ଜାଣି ପାୱାର୍ କଟ୍ କରନ୍ତି ନାହିଁ, କାରଣ ଏଥିରୁ ସରକାରଙ୍କୁ ରାଜସ୍ୱ ମିଳୁଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କାଳବୈଶାଖୀ ପରେ ରାଜ୍ୟରେ ପୁଣି ପ୍ରଚଣ୍ଡ ତାତି ଫେରିଛି। ଦିନବେଳା ଘରୁ ବାହାରିବା ଲୋକଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇଛି। ଗରମ ଗୁଳିଗୁଳିରେ ଘରେ ରହିବା ମଧ୍ୟ କଷ୍ଟକର ହୋଇପଡୁଛି। ମଙ୍ଗଳବାର ସାଢେ ୧୧ଟା ସୁଦ୍ଧା ରାଜ୍ୟରେ ତାପମାତ୍ରା ୪୨ ଡିଗ୍ରୀ ଟପିଛି। ଝାରସୁଗୁଡ଼ାରେ ୪୨.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ହୀରାକୁଦରେ ୪୦, ସମ୍ବଲପୁର ୩୯.୬, ରାଉରକେଲାରେ ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। କେନ୍ଦୁଝରରେ ୩୬.୮, ଚାନ୍ଦବାଲି ୩୬.୪, ଭୁବନେଶ୍ୱରରେ ଦିନ ସାଢେ ୧୧ଟା ସୁଦ୍ଧା ୩୫.୪ ଡିଗ୍ରୀ ଛୁଇଁଛି।


**ଆଜିର ସମ୍ପାଦକୀୟ**

୩୦ ବର୍ଷ ପୂର୍ବରୁ ଓ ପରେ


# ସିଭିଲ୍ ସର୍ଭିସ୍‌ରେ ଓଡ଼ିଶାରୁ ୧୮ କୃତକାର୍ଯ୍ୟ

**ଭୁବନେଶ୍ୱର(ସୁଚିସ୍ମିତା ସାହୁ)/ ନୂଆଦିଲ୍ଲୀ(ପି.ଟି.),୨୨।୪**

କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ମଙ୍ଗଳବାର ସିଭିଲ୍ ସର୍ଭିସେସ୍ ପରୀକ୍ଷା-୨୦୨୪ର ଫଳାଫଳ ଘୋଷଣା କରିଛି। ଓଡ଼ିଶାରୁ ୧୮ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ରହୁଥିବା କୋରାପୁଟ ଜିଲା ଜୟପୁରର ରିତିକା ରଥ ୪୮ତମ ସ୍ଥାନରେ ରହିଛନ୍ତି। ଆଲ୍ଲାହାବାଦ ୟୁନିଭର୍ସିଟିରୁ ବାୟୋକେମେଷ୍ଟ୍ରିରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶକ୍ତି ଦୁବେ ସିଭିଲ୍ ସର୍ଭିସ ପରୀକ୍ଷାରେ ଟପ୍ପର ହୋଇଥିବାବେଳେ ହର୍ଷିତା ଗୋୟଲ ଏବଂ ଡୋଙ୍ଗ୍ରେ ଅର୍ଚ୍ଚିତ ପରାଗ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ର୍‌ୟାଙ୍କ୍ ପାଇଛନ୍ତି।

### ୪୮ତମ ସ୍ଥାନରେ ରିତିକା ରଥ, ଶକ୍ତି ଦୁବେ ଟପ୍ପର



ରିତିକା ରଥ


ଓଡ଼ିଶାର ଦେବିକା ପ୍ରିୟଦର୍ଶିନୀ ୯୫ତମ ସ୍ଥାନରେ ରହିଥିବାବେଳେ ୯୬ତମ ସ୍ଥାନରେ ଆଦର୍ଶ ଆଚାର୍ଯ୍ୟ, ୧୬୪ରେ ଦୀପ୍ତିରଞ୍ଜନ ପତି, ୧୭୫ରେ ରଶ୍ମି ପ୍ରଧାନ, ୧୯୩ରେ ନୀଳମାଧବ ପ୍ରଧାନ, ୧୯୮ରେ ଆଶୁତୋଷ ମିଶ୍ର, ୨୧୨ରେ ଅନୁପ ନାୟକ, ୪୧୪ରେ ପଦ୍ମନାଭ ମିଶ୍ର, ୪୧୬ରେ ପ୍ରଶାନ୍ତ ମିଶ୍ର, ୪୨୮ରେ ଧ୍ରୁତିରାଜ ମିଶ୍ର, ୪୪୩ରେ ଅଙ୍କିତା ରଥ, ୫୩୫ରେ କୌଶିକ ମିଶ୍ର, ୫୬୮ରେ ସିମରନ ସାହୁ, ୮୪୦ରେ ରିଶିତା ଦାଶ, ୯୭୧ରେ ଗୋପୀନାଥ ସାହୁ, ୯୮୭ରେ ଆଦିତ୍ୟ ବେହେରା ଓ ୯୯୪ତମ ସ୍ଥାନରେ ଅର୍ଣ୍ଣପୂର୍ଣ୍ଣା ମିଶ୍ର ରହିଛନ୍ତି।

୨ୟ ର୍‌ୟାଙ୍କରେ ଥିବା ହର୍ଷିତା ଗୋୟଲ ବରୋଦାର ଏମ୍‌ଏସ୍ ୟୁନିଭର୍ସିଟିରେ ବାଣିଜ୍ୟ ସ୍ନାତକ ହୋଇଥିବାବେଳେ ୩ୟ ସ୍ଥାନରେ ଥିବା ପରାଗ ତାମିଲନାଡୁର ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ବିଟେକ୍ ଡିଗ୍ରୀ କରିଛନ୍ତି। ଟପ୍ପର ଦୁବେ ଏବଂ ଗୋୟଲ ରାଜନୀତି ବିଜ୍ଞାନ ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ଇଚ୍ଛାଧୀନ ବିଷୟ ରଖି କୃତକାର୍ଯ୍ୟ ହୋଇଥିବାବେଳେ ପରାଗ ଦର୍ଶନ ଶାସ୍ତ୍ରକୁ ଇଚ୍ଛାଧୀନ ବିଷୟ ରଖିଥିଲେ। ଗୁଜରାଟ ଟେକ୍ନୋଲୋଜି ୟୁନିଭର୍ସିଟିରୁ କମ୍ପ୍ୟୁଟର ଇଞ୍ଜିନିୟରିଂରେ ବ୍ୟାଚେଲର ଡିଗ୍ରୀ କରିଥିବା ଶାହ ମାର୍ଗି ଚିରାଗ ଚତୁର୍ଥ ର୍‌ୟାଙ୍କ୍ ପାଇଛନ୍ତି।





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




## ଆତଙ୍କବାଦୀ ଆକ୍ରମଣ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ | ଇଶାଣୀ ଗାଁରେ ଶୋକାକୁଳ ପରିବେଶ

ବାଲେଶ୍ୱର,୨୨।୪ (ବାଞ୍ଛାନିଧି ଦେ)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ମଙ୍ଗଳବାର ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ଓଡ଼ିଆ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ସେ ହେଲେ ବାଲେଶ୍ୱର ସଦର ବ୍ଲକ୍ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ(୪୧)। ତାଙ୍କ ମୁଣ୍ଡରେ ଗୁଳିମାଡ଼ ହୋଇଥିଲା। ତାଙ୍କର ମୃତ୍ୟୁ ଘଟିଥିବା ନେଇ ଅନନ୍ତନାଗ ପୋଲିସ ସ୍ପଷ୍ଟ କରିଥିବା ପରିବାର ଲୋକେ କହିଛନ୍ତି। ଖବର ପ୍ରଚାରିତ ହେବା ପରେ ସମଗ୍ର ଜିଲା ସମେତ ଇଶାଣୀ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ପ୍ରଶାନ୍ତଙ୍କ ମା', ୩ ଭାଇ ଓ ଜଣେ ଭଉଣୀ ଅଛନ୍ତି। ବଡ଼ ଭାଉଜ ସବିତା ମଲ୍ଲିକ ସାରଗାଁ ପଞ୍ଚାୟତର


ପ୍ରଶାନ୍ତ ଶତପଥୀ

ସରପଞ୍ଚ ଅଛନ୍ତି। ପରିବାର ଲୋକେ ପ୍ରଶାନ୍ତଙ୍କ ମୃତ୍ୟୁ ଖବର ପାଇ ହତବାକ୍ ହୋଇପଡ଼ିଛନ୍ତି। ତାଙ୍କ ବାସଭବନରେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ସାଙ୍ଗସାଥୀ ଓ ଗ୍ରାମବାସୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସୂଚନାଯୋଗ୍ୟ, ବାଲେଶ୍ୱର ସିପେଟ୍‌ରେ ପ୍ରଶାନ୍ତ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ଗ୍ରୀଷ୍ମଋତୁରେ ଜମ୍ମୁ-କଶ୍ମୀର ବୁଲିବା ପାଇଁ ସେ ଗତ ୧୯ ତାରିଖରେ ଘରୁ ବାହାରିଥିଲେ। ତାଙ୍କ ସହ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜ ଯାଇଥିଲେ। ସେଠାରେ ପହଞ୍ଚି ପହଲଗାମ୍‌ର ବୈସରନ୍ ଭ୍ୟାଲିରେ ରହିଥିଲେ। ମଙ୍ଗଳବାର ସେଠାରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କ ଉପରେ ଅତର୍କିତ ଭାବେ ଗୁଳି ଚଳାଇଥିଲେ। ସ୍ତ୍ରୀଙ୍କ ସାମ୍ନାରେ ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସହାୟତା ପାଇଁ ପ୍ରିୟଦର୍ଶିନୀ ଚିତ୍କାର କରିଥିଲେ। ଦୀର୍ଘ ସମୟ ପରେ ଯବାନମାନେ ସେଠାରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ନେଇଯାଇଥିବା ପ୍ରିୟଦର୍ଶିନୀଙ୍କଠାରୁ ସୂଚନା ମିଳିଛି।

### ଓଡ଼ିଆ ପର୍ଯ୍ୟଟକଙ୍କ ମରଶରୀର ଭଲରେ ପଞ୍ଚାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)

କଶ୍ମୀରର ପହଲଗାମ୍ ଠାରେ ଉଗ୍ରପନ୍ଥୀମାନେ ମଙ୍ଗଳବାର ଏକ ଜଘନ୍ୟକାଣ୍ଡ ଘଟାଇ ନିରୀହ ପର୍ଯ୍ୟଟକମାନଙ୍କୁ ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାର ଦୃଢ଼ ନିନ୍ଦା କରିବା ସହ ମୃତ ପର୍ଯ୍ୟଟକମାନଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଜଣେ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସମ୍ପୃକ୍ତ ଓଡ଼ିଆ ପର୍ଯ୍ୟଟକଙ୍କ ମରଶରୀରକୁ କିପରି ତାଙ୍କ ବାସସ୍ଥାନରେ ସୁରୁଖୁରୁରେ ପହଞ୍ଚିପାରିବ, ସେ ସମ୍ପର୍କରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଅବସ୍ଥାପିତ ପ୍ରମୁଖ ଆବାସିକ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଦେବପ୍ରସାଦ ଦାଶଙ୍କୁ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୨୨।୪ (ରବିନାରାୟଣ ଜେନା)

ଦୀର୍ଘ ୫୦ଦିନ ବ୍ୟବଧାନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ପଦ ପୂରଣ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଯୁଗ୍ମସଚିବ ଦେବପ୍ରସାଦ ଦାଶଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସମ୍ପ୍ରତି ଦେବପ୍ରସାଦ ଏବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମସଚିବ ଭାବେ ଅବସ୍ଥାପିତ ଅଛନ୍ତି। ସରକାରଙ୍କ ପକ୍ଷରୁ ନୋସ୍‌ନାଲି ଦୁଇଟି ପର୍ଯ୍ୟାୟରେ ତାଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏହି ଅବଧି ମଧ୍ୟରେ ସେ ପୂର୍ବ ବକେୟା ସହିତ ଅନ୍ୟାନ୍ୟ ପ୍ରାପ୍ୟ ପାଇବେ ନାହିଁ। ବିଜ୍ଞପ୍ତି ଅନୁଯାୟୀ, ଦେବପ୍ରସାଦ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୮ରେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ପଦରୁ ସରୋଜ ସାମଲ ଅବସର ଗ୍ରହଣ କରିଥିଲେ। ସେବେଠାରୁ ଉକ୍ତ ପଦ ଖାଲି ପଡ଼ିଥିଲା।



## ହାଇୱା ତଳେ ଚାପିହୋଇ ଯୁବକ ମୃତ


ଉତ୍ତେଜନା, ରାସ୍ତା ଅବରୋଧ କଲେ ଲୋକେ

ତିହିଡ଼ି,୨୨।୪(ସଞ୍ଜିତ ବଳ)

ଭଉଣୀଙ୍କୁ କଲେଜରେ ଛାଡ଼ି ଘରକୁ ଫେରୁଥିବା ବେଳେ ହାଇୱା ତଳେ ଚାପିହୋଇ ଚାଲିଗଲା ଭାଇଙ୍କ ଜୀବନ। ଭଦ୍ରକ-ଚାନ୍ଦବାଲି ରାସ୍ତାର ବିନ୍ଧାବଜାରଠାରୁ କିଛି ଦୂରରେ ମଙ୍ଗଳବାର ସକାଳ ୮ଟା ୩୦ ମିନିଟ ବେଳେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତ କଣ୍ଡରାଗଡ଼ିଆ ଗ୍ରାମର ଉତ୍ତମ କୁମାର ଶଙ୍ଖୁଆ(୨୪)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଉତ୍ତମ ତାଙ୍କ ଭଉଣୀଙ୍କୁ ତିହିଡ଼ି କଲେଜରେ ଛାଡ଼ି ବାଇକ୍‌ରେ ଘରକୁ ଫେରୁଥିଲେ। ବିନ୍ଧାବଜାରଠାରୁ କିଛି ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉତ୍ତମ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଏହି ସମୟରେ ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା ଏକ ହାଇୱା ଉତ୍ତମଙ୍କୁ ଚାପି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସେଠାରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ତିହିଡ଼ି ଥାନା ଏସ୍‌ଆଇ ପ୍ରବୀଣ ଗିରି ଓ ଏଏସ୍‌ଆଇ କମଳାକାନ୍ତ ଶତପଥୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସ୍ଥାନୀୟ ଅଞ୍ଚଳର ଭାଜପା ନେତା ସଂଗ୍ରାମ କେଶରୀ ମହାନ୍ତି, ସନାତନ ମିଶ୍ର, ରତିକାନ୍ତ ମହାକୁଡ଼, ପୂର୍ବତନ ସରପଞ୍ଚ ବଳଭଦ୍ର ମାଠ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ସହଯୋଗ କରିବାରୁ ପରିସ୍ଥିତି ଶାନ୍ତପଡ଼ିଥିଲା। ତେବେ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ହାଇୱାକୁ ଜବତ କରିଛି। ଏହି ଘଟଣାରେ ପୀରହାଟ ଥାନା ପୋଲିସ ଏକ ମାମଲା (ନଂ.୯୯/୨୫) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଛାତ୍ରଙ୍କୁ ଶ୍ୱାସରୁଦ୍ଧ କରି ମାରିଦେଲେ

- ବେସରକାରୀ କଲେଜ ଛାତ୍ରାବାସରେ ହତ୍ୟା
- ୩ ଜଣଙ୍କୁ ଅଟକ ରଖି ପଚରାଉଚରା

କେନ୍ଦୁଝର,୨୨।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା ଅଞ୍ଚଳରେ ଥିବା ଘରୋଇ କଲେଜର ଡାଙ୍ଗରପଡ଼ାସ୍ଥିତ ଛାତ୍ରାବାସରେ ଜଣେ ଛାତ୍ରଙ୍କୁ ହତ୍ୟା ଅଭିଯୋଗ ହୋଇଛି। ସାମାନ୍ୟ ବଚସାକୁ ନେଇ ୩ ଅନ୍ତେବାସୀ ସମ୍ପୃକ୍ତ ଛାତ୍ରଙ୍କ ମୁହଁରେ କମ୍ବଳ ପକାଇ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଚମ୍ପୁଆ ବ୍ଲକ୍ ଜାଲି ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରପଡ଼ା ଗ୍ରାମର ଜଗବନ୍ଧୁ ମହାନ୍ତଙ୍କ ପୁଅ ଜଳଧର ମହାନ୍ତ(୧୫)। ମାଟ୍ରିକ ପରୀକ୍ଷା ପରେ ଛାତ୍ରାବାସରେ ରହି ଉକ୍ତ କଲେଜରେ ସମର କୋର୍ସ କରୁଥିଲେ। ମୃତକଙ୍କ ବାପା ପୁଅକୁ ହତ୍ୟା କରାଯାଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୩ ଛାତ୍ରଙ୍କୁ ହେପାଜତକୁ ନେଇ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୧୦ଟା ସମୟରେ ଜଳଧର ସବୁଦିନ ପରି


ଜଳଧର ମହାନ୍ତ

ରାତ୍ରିଭୋଜନ ପରେ ସାଙ୍ଗମାନଙ୍କ ସହ ଦ୍ୱିତୀୟ ମହଲାରେ ଥିବା ରୁମ୍‌ରେ ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ ଅନ୍ୟ ଜଣେ ଛାତ୍ର ରୁମ ପାଖରେ ଥିବା ଆକ୍ୱାଗାର୍ଡକୁ ପାଣି ପାଇଁ ଆସିଥିଲେ। ସେଠାରେ ଏକ ବେଡ୍‌ରେ ଜଳଧର ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ୱାର୍ଡେନକୁ ଜଣାଇଥିଲେ। ୱାର୍ଡେନ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ପ୍ରାଥମିକ ତଦନ୍ତ ବେଳେ କୌଣସି ଘଟଣାକୁ ନେଇ ୩ ସହପାଠୀଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ସହପାଠୀ ଗାମୁଛାରେ ତଣ୍ଟି ଚିପିବା ପରେ କମ୍ବଳରେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଉକ୍ତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମୃତ ଛାତ୍ରଙ୍କ ବାପା ଏତଲାରେ ଦର୍ଶାଇଛନ୍ତି, କଲେଜ କର୍ତ୍ତୃପକ୍ଷ ତାଙ୍କୁ ରାତି ୩ଟାରେ ପୁଅର ଦେହ ଭଲ ନାହିଁ, ଶୀଘ୍ର ଆସିବାକୁ କହିଥିଲେ। ପହଞ୍ଚିବା ପରେ ପୁଅର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ପୁଅ ସୁସ୍ଥ ଥିଲା ଏବଂ କୌଣସି ରୋଗ ନ ଥିଲା। ଏଣୁ କଲେଜ, ହଷ୍ଟେଲ କର୍ତ୍ତୃପକ୍ଷ ମାରି ଦେଇଥିବା ଅଭିଯୋଗ କରିଥିଲେ। ଏଥିସହ ତାଙ୍କୁ ରାଗିଂ କରାଯାଇଥିବା ପରିବାର ଲୋକ ସନ୍ଦେହ କରୁଛନ୍ତି।

କଲେଜ ପରିଚାଳନା କମିଟି ସଦସ୍ୟ ରଞ୍ଜିତ କୁମାର ଗୌଡ଼ କହିଛନ୍ତି, ଘଟଣାର ଅନୁଧ୍ୟାନ କରି ମୃତକଙ୍କ ପରିବାର ସଦସ୍ୟଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ଗ୍ରୀଷ୍ମକାଳୀନ କୋଚିଂ ପାଇଁ ୧୦୦ ପିଲା ରହୁଛନ୍ତି। ଏଭଳି ଘଟଣା କାହିଁକି ଘଟିଲା ତାହାର ଅନୁଧ୍ୟାନ କରାଯାଉଛି।

ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଏତଲା ମିଳିବା ପରେ ତଦନ୍ତ ବେଳେ ହତ୍ୟା ଘଟଣା ଜଣାପଡ଼ିଥିଲା। ଏକ ମାମଲା(ନଂ. ୨୨୭/୨୦୨୫) ରୁଜୁ ହୋଇ ୩ ଅଭିଯୁକ୍ତ ଛାତ୍ରଙ୍କୁ ଅଟକ ରଖାଯାଇଛି। ତାଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିଏଆଇଟି ପକ୍ଷରୁ ଖବରଦାତାତ ସମ୍ମିଳନୀ, ସ୍ଥାନ: ଷ୍ଟଲୱାର୍ଟ ଯଯାତି, ସମୟ: ମଧାହ୍ନ ୧୨ଟା ୧୫।
- ୧୩ତମ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ 'ରାଗମାଳା', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୩ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଯୋଗ ଗ୍ରାଉଣ୍ଡ, ମନୋରମା ଇଷ୍ଟେଟ ପ୍ରେମିସେସ୍, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଆଶାସନ, ରୂପ୍‌ସା, ସମୟ: ସକାଳ ୯ଟା।

## ଭଦ୍ରକ
- ଦିଶା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ:ନୌରଙ୍ଗପୁର,ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବୈଶାଖୀ ଦହି ପଖାଳ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ମଧ୍ୟହ୍ନ ୧୨ଟା ୩୦।
- ମହାବୀରଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଜୀବନପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ପଞ୍ଚାୟତରେ ସମ୍ପର୍କ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଢେଙ୍କିକୋଟ୍, ସମୟ: ସକାଳ ୮ ଟା।
- ଖଜୁରୀଜିଆଣୀ ଗ୍ରାମରେ ବାଦୀପାଲା, ସ୍ଥାନ: ଖଜୁରୀଜିଆଣୀ ପାଲା ମଣ୍ଡପ, ଢେଙ୍କିକୋଟ୍, ସମୟ: ରାତି ୮ ଟା।

## ମୟୂରଭଞ୍ଜ
- ଅଣଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଏଫଆଇଏସ ବୈଠକ, ସ୍ଥାନ: ବ୍ଲକ କୃଷି କାର୍ଯ୍ୟାଳୟ, ଚିତ୍ରଡା, ମୋରଡା, ସମୟ: ସକାଳ ୮ ଟା।
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା, ସମୟ: ସକାଳ ୮ ଟା
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## କନ୍ଧମାଳ
- ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର,ମିଡିଆକିଆ, ବାଲିଗୁଡା, ସମୟ : ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା
- କନିକା ଶହୀଦ ସ୍ମୃତି ସଂସଦ ପକ୍ଷରୁ ବାସୁ ବିଶୁନିଙ୍କ ଆତ୍ମ ବଳିଦାନ ସ୍ମୃତିଚାରଣ ସଭା, ସ୍ଥାନ: ବେବର୍ତ୍ତା ଶହୀଦ ସରୋବର ସ୍ମୃତିପୀଠ, ରାଜକନିକା, ସମୟ: ସକାଳ ୭ଟା।

## ଯାଜପୁର
- ଜିଲା ପରିଷଦର ୬ଷ୍ଠ ସାଧାରଣ ବୈଠକ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।

## ନୟାଗଡ଼
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୮ତମ ଦିବସରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସକାଳ ୬ଟା।
- ମା'ରତ୍ନମାଳା ଠାକୁରାଣୀଙ୍କ ପୀଠରେ ଘୃତ ଯଜ୍ଞ, ନାମଯଜ୍ଞ, ଜ୍ଞାନ ଯଜ୍ଞ ଓ ଅନ୍ନ ଯଜ୍ଞ,ସ୍ଥାନ: ଚଢ଼େୟାପଲ୍ଲୀ ଚଣ୍ଡୀମଠ ଆଶ୍ରମ, ସମୟ:ସକାଳ ୮ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସେତୁବନ୍ଧ ପ୍ରତିଷ୍ଠା, ରାବଣର ଛତ୍ରଭଙ୍ଗ,ବିଭୀଷଣ ଶରଣ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।

## ରାୟଗଡ଼ା
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡାଙ୍ଗସୋରଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଏସ୍‌ଏଚ୍‌ଜିଙ୍କୁ ତାଲିମ୍, ସ୍ଥାନ: ଡାବୁଗାଁ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ରକ୍ତଦାନ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର,ବିଲେଇଗୁଡ଼ା, ସେମିଳିଗୁଡ଼ା, ସମୟ:ସକାଳ ୯ଟା।

## ସମ୍ବଲପୁର
- ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ପ୍ରତିଷ୍ଠା ଦିବସ, ସ୍ଥାନ : ଲାଇବ୍ରେରୀ ପରିସରସ୍ଥ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲ ଆୟୋଜିତ ପେ ଆଣ୍ଡ ଉଇନ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ କମ୍ପାନୀର ବ୍ୟବସାୟିକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା ୩୦।
- କବାଡି ପ୍ରତିଯୋଗିତା ସକାଶେ ପଶ୍ଚିମାଞ୍ଚଳ ପାର୍ଟନର୍ସ ଖେଳାଳିଙ୍କ ପ୍ରସ୍ତୁତି, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ : ଅପରାହ୍ନ ୫ଟା।

## ରାଉରକେଲା
- ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୨, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼,ସମୟ: ସକାଳ ୯ଟା।
- ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟଙ୍କ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ବିଜେପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷ, ବରଗଡ଼, ସମୟ:ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି
- ନବନିର୍ମିତ ଯାଦବ ଭବନର ପ୍ରତିଷ୍ଠା ସମାରୋହ, ସ୍ଥାନ: ଭବାନୀପାଟଣା ବ୍ଲକ ସଙ୍କରିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଅଷ୍ଟାଦଶ ଦିବସରେ ରାମ ରାବଣ ସମର ଶୋଭାଯାତ୍ରା, ସ୍ଥାନ: ଷ୍ଟାଡିୟମ ଖେଳ ପଡିଆ, ବୌଦ୍ଧ, ସମୟ: ରାତି ୧୦ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଉଲୁଣ୍ଡା ବ୍ଲକ ବାଘପାଲିରେ ଭାଗବତ ସପ୍ତାହର ଚତୁର୍ଥ ଦିବସ, ସ୍ଥାନ: ବାଘପାଲି ହରିବାବା ମଠ, ସମୟ: ସକାଳ ୮ଟା।
- ଚମ୍ପାମାଳ ରାମଲୀଳା ନାଟକରେ ଲକ୍ଷ୍ମଣ ଶକ୍ତି ଭେଦ, ସ୍ଥାନ: ରାମଲୀଳା ମଣ୍ଡପ, ସମୟ: ସମୟ ରାତି ୮ଟା ୩୦।
- ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ଦିନିକିଆ ତାଲିମ ଶିବିର, ସ୍ଥାନ: ସୁବର୍ଣ୍ଣପୁର ବିକଳ୍ପ ବିବାଦ ସମାଧାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୮ଟା ୩୫।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ଅଧାହ୍ନ ୧୨ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବିରୁନପଦର ଗାଁ, ସମୟ: ସକାଳ ୯ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ଗାଁ, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ପ୍ରାତଃ ୫ଟା ୧୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଧିକାଂଶ କ୍ଷେତ୍ରରେ ମନରେ ଭୟ ସୃଷ୍ଟି ହେବା ସହ ଆଶଙ୍କା କରି ମନ ଅସ୍ଥିର ରହିବ। କେବଳ ରବିଙ୍କ ସୁପ୍ରଭାବ ଯୋଗୁ କାମଗୁଡ଼ିକ ସମାପନ ହେବାର ଆଶା କରାଯାଇପାରେ । ଦ୍ୱିଜା ନକ୍ଷତ୍ର ଦୂରଯାତ୍ରା କରିପାରନ୍ତି ଓ ବ୍ୟବସାୟିକ ଦିଗଟି ଆଶାନୁଯାୟୀ ସଫଳତା ମିଳିବ। ସବୁ ସୁବିଧା ଥିଲେ ମଧ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ।

**ବୃଷ**
ଆଜି ରୋହିଣୀ ନକ୍ଷତ୍ର ଖୁସୀ ମନରେ କାମ କରିବାରେ ଶୁକ୍ର ସହାୟକ ହେବେ। ସାହିତ୍ୟ, ସଙ୍ଗୀତ, ଆନୁଷ୍ଠାନିକ କାମ ଓ ପ୍ରବଚନାଦିରେ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିବେ। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ। ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ସହିତ ଆଳାପ ଆଲୋଚନାର ସୁଯୋଗ ଲାଭ କରିବେ।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବାରୁ ଏକ ପ୍ରକାର ହାଲୁକା ଅନୁଭବ କରିପାରନ୍ତି। ଆର୍ଦ୍ରା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଅଭିଳାଷ ପୂରଣ କରିପାରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ ହେବାରେ ନିକଟ ସମ୍ପର୍କୀୟମାନଙ୍କ ଅବଦାନ ରହିବ।

**କର୍କଟ**
କର୍ମକ୍ଷେତ୍ରରେ ମାନସିକ ଚାପ ବଢ଼ିବା ସଙ୍ଗକୁ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତତା ବଢ଼ିବ। ପୁନର୍ବସୁ ନକ୍ଷତ୍ର ସକାଶେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ସାହାଯ୍ୟ କରିବ। ବାଣିଜ୍ୟ ଓ ପ୍ରଶାସନ, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ।

**ସିଂହ**
ସ୍ୱାସ୍ଥ୍ୟ ସମସ୍ୟା ଦୂରେଇଯିବ ଏବଂ ବନ୍ଧୁବର୍ଗ ଓ ସମ୍ପର୍କୀୟଙ୍କ ସହଯୋଗ ପାଇବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିପାରେ। ଶିଳ୍ପ, ବ୍ୟବସାୟରେ ପରୋକ୍ଷ ଶତ୍ରୁତା ଓ ପ୍ରତିବନ୍ଧକ ଯୋଗୁ ଟେନ୍ସନ ଲାଗି ରହିବ। ଆତ୍ମୀୟଙ୍କ ସହୃଦୟତାରୁ ପୂର୍ବାଫାଲଗୁନୀର ପାରିବାରିକ ଉନ୍ନତି ଖୁସି ଆଣିଦେବ।

**କନ୍ୟା**
ଆଜି ହସ୍ତା ନକ୍ଷତ୍ର ପାରିବାରିକ ଜୀବନରେ ମତାନ୍ତରଜନିତ ବିଶୃଙ୍ଖଳିତ ସ୍ଥିତି ଉପୁଜିପାରେ। ବନ୍ଧୁ ଗହଣରେ ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିପାରିବେ। ସାମାଜିକ ସ୍ତରରେ ଖଳଲୋକଙ୍କ ମିଥ୍ୟାଭିଯୋଗ ମନକୁ ଭାରାକ୍ରାନ୍ତ କରିବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇବେ।

**ତୁଳା**
ଆର୍ଥିକ ସ୍ଥିତି ଭଲ ରହିଲେ ମଧ କାମ ଗଡ଼୍‌ବଡ଼୍ ହେବାରୁ ଅସ୍ଥିରତା ଦେଖାଦେବ। ଚିତ୍ରା ନକ୍ଷତ୍ର ଯେମିତି କଲେ ମଧ ପରିବାରରେ ସମାଲୋଚନାର ପାତ୍ର ହେବେ। କୌଣସି କଥା ନ ବୁଝି ବନ୍ଧୁ କ୍ରୋଧ ପ୍ରକାଶ କରିପାରନ୍ତି। ଶୁକ୍ରଙ୍କ ଶୁଭ ସଂସ୍ଥାନ ହେତୁ କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ବିଛା**
ଅନୁରାଧା ନକ୍ଷତ୍ର କୌଣସି କ୍ଷେତ୍ରରେ ମଧ ଧୈର୍ଯ୍ୟ ହରାଇବାର ପରିସ୍ଥିତି ସୃଷ୍ଟି ହେବ ନାହିଁ। ସ୍ଥଗିତ ଥିବା ଅର୍ଥ ଓ ସମ୍ମାନ ପାଇବା ସହ ପ୍ରଶାସନିକ ସଫଳତା ମିଳିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଆନୁଷ୍ଠାନିକ କ୍ଷେତ୍ର, ରାଜନୀତି, ପ୍ରଶାସନ ତଥା ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ରର ପାରିବାରିକ ଜୀବନ, ଲୋକ ସମ୍ପର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଓ ବନ୍ଧୁମିଳନ ଜନିତ ଆନନ୍ଦ ପ୍ରଦାନ କରିବ। ଛୋଟ ଦୋକାନୀ, ହୋଟେଲ କ୍ଷେତ୍ରରୁ ଲାଭବାନ ହେବେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତୈଷୀଙ୍କ ସହ ଆଲୋଚନା କରିବା ଭଲ ହେବ।

**ମକର**
ବାହାର ଦୁନିଆରେ ଲୋକପ୍ରିୟତା ଶୀର୍ଷରେ ରହିଥିବା ସମୟରେ ପାରିବାରିକ କ୍ଷେତ୍ରରେ ଓଲଟା ପ୍ରତିଛବି ଦେଖିବାକୁ ପାଇବେ। ଧନିଷ୍ଠା ନକ୍ଷତ୍ରର ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରିବ। ଅବହେଳାଜନିତ ସବୁ କାମରେ ପଛୁଆ ହେତୁ ନିଜକୁ ଅପାରଗ ମନେ କରିପାରନ୍ତି। ଯେତେ ପାଇଲେ ମଧ ମନରେ ସନ୍ତୋଷ ଆସିବ ନାହିଁ।

**କୁମ୍ଭ**
ବିଭିନ୍ନ ବିବାଦୀୟ ବିଷୟ ଅନୁଶୀଳନ କରି ମନ ଭାରାକ୍ରାନ୍ତ ରହିବ। ସବୁ ସମୟରେ ମିଶୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ସନ୍ଦେହଜନକ ଦୃଷ୍ଟିରେ ଦେଖି ପାରନ୍ତି। ପ୍ରଶାସନିକ କ୍ଷେତ୍ର, ଆଇନଅଦାଲତ ଓ ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶତଭିଷା ନକ୍ଷତ୍ର କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଆନୁଷଙ୍ଗିକ ସାହାଯ୍ୟ ପାଇବେ।

**ମୀନ**
କେତେକ ଅସମାହିତ କାମକୁ ସମ୍ପନ୍ନ କରିବାରେ କୂଟନୀତି ପ୍ରୟୋଗ କରିବାକୁ ପଡ଼ିପାରେ। ରେବତୀ ନକ୍ଷତ୍ରର ବିଳାସବ୍ୟସନ ଦିଗକୁ ମନ ଢଳିବ କିନ୍ତୁ ସମସ୍ୟା ବିଜଡିତ ରହିବେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ଓ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ।

ଆଜି ଏପ୍ରିଲ ୨୩ ତାରିଖ, ବିଶ୍ୱ ପୁସ୍ତକ ଦିବସ, କପି ରାଇଟ୍ ଦିବସ, ଇଂଲିଶ ଭାଷା ଦିବସ, ବୈଶାଖ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ବୁଧବାର। ରାଶିନକ୍ଷତ୍ର– ଦିବା ଘ.୧୨.୦୬ମି. ଗତେ ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଦେବତା ଗଠନ, ବାଣିଜ୍ୟକରଣ, ଗୃହପ୍ରବେଶ, ବିଦ୍ୟାରମ୍ଭ, ନବବଧୂଯାତ୍ରା ସକାଶେ ଶୁଭଦିନ। ଦିବା ଘ.୦୫.୨୬ମି. ଗତେ ଘ.୦୭.୦୭ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।

# ମା'କୁ ବଞ୍ଚାଇବାକୁ ଯାଇ ପୁଅର ବି ଜୀବନ ଗଲା

**ବିଦ୍ୟୁତ୍ ଆଘାତରେ ମା'ପୁଅଙ୍କ ମୃତ୍ୟୁ**

ଭବାନୀପାଟଣା,୨୨।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ ସାଇଦଲଙ୍ଗା ପଞ୍ଚାୟତର ଟୁର୍ଚି (ଡଙ୍ଗରପଡ଼ା)ରୁ ମଙ୍ଗଳବାର ସକାଳେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବିଦ୍ୟୁତ୍ ଆଘାତରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ମଙ୍ଗଳବାର ସକାଳ ପ୍ରାୟ ୯ଟା ସମୟରେ ବୃଦ୍ଧା ସୁନାଫୁଲ ସୁନା (୬୨) ଓଦା କପଡ଼ା ଶୁଖାଇବାକୁ ଛାତ ଉପରକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ମା'ଙ୍କ ଅବସ୍ଥା ଦେଖି ଜୀବନ ବଞ୍ଚାଇବାକୁ ପୁଅ ରବି ସୁନା(୩୫) ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ପୋଲିସ ପାଖରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ସମ୍ପର୍କୀୟମାନେ ଅନ୍ତିମ ସଂସ୍କାର କରିଦେଇଥିବା ଜଣାପଡିଛି।

# ସୋସିଆଲ ମିଡିଆଠାରୁ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦେଉଥିଲି: ରିତିକା

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ସିଭିଲ ସର୍ଭିସେସ୍ ପରୀକ୍ଷାରେ ୪୮ତମ ର୍‍ୟାଙ୍କ୍ ପାଇଥିବା ରିତିକା ରଥଙ୍କ ଘର କୋରାପୁଟ ଜିଲା ଜୟପୁର ସୁନାରି ସାହିରେ। ସେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ରୁହନ୍ତି। ସେ ନିଜ ସଫଳତା ସମ୍ପର୍କରେ କହିଛନ୍ତି, ଭୁବନେଶ୍ୱରରେ ସ୍କୁଲ ପାଠପଢ଼ା ସରିବା ପରେ ଦିଲ୍ଲୀ ଓ ଇନ୍ଦୋରରେ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ। ଗୋଟେ ବର୍ଷ କର୍ପୋରେଟ ଚାକିରି କରିଥିଲେ। ପରେ ଚାକିରି ଛାଡ଼ି ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। ପୂର୍ବରୁ କୌଣସି ର୍‍ୟାଙ୍କ୍ ପାଇ ନ ଥିବାବେଳେ ଚଳିତ ବର୍ଷ ତୃତୀୟ ଚେଷ୍ଟାରେ ସଫଳତା ପାଇଥିବାରୁ ବହୁତ ଖୁସି ବୋଲି ରିତିକା କହିଛନ୍ତି। ତେବେ ଏହାର ଶ୍ରେୟ ସେ ବାପାଙ୍କୁ ଦେଇଛନ୍ତି। ବାପା ତାଙ୍କ ପାଠପଢ଼ା ପାଇଁ ପୂରା ସାଥ୍ ଦେଉଥିଲେ। ତିନିବର୍ଷ ଧରି ନିଜେ ପଢ଼ାପଢ଼ି କରିବା ସହ କୋଚିଂ ନେଉଥିଲେ। ଏଥିପାଇଁ ଆଗୁଆ ଗୋଟିଏ ମାସର ପାଠପଢ଼ା ସିଡ୍ୟୁଲ କରୁଥିଲେ। ସକାଳ ୫ଟା ୩୦ରୁ ପାଠପଢ଼ା ଆରମ୍ଭ କରିଥାନ୍ତି। ସୋସିଆଲ ମିଡିଆକୁ ବହୁତ କମ୍ ବ୍ୟବହାର କରୁଥିଲେ। ତେବେ ସେ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ସହିତ ସମାଧାନ କରିବା ଦିଗରେ କାର୍ଯ୍ୟ କରିବାକୁ ଅଧିକ ପ୍ରାଧାନ୍ୟ ଦେବେ। ଶିକ୍ଷା ଓ ମହିଳା ସଶକ୍ତୀକରଣ ବିଭାଗରେ କାର୍ଯ୍ୟ କରିବାକୁ ଅଧିକ ଇଚ୍ଛା ରହିଛି ବୋଲି ରିତିକା କହିଛନ୍ତି।

# ସୁନା ଲକ୍ଷେ ଟପିଲା

ନୂଆଦିଲ୍ଲୀ,୨୨।୪(ପି.ଟି.)

ସୁନା ଦର ୧୦ ଗ୍ରାମ ପ୍ରତି ୧,୮୦୦ ଟଙ୍କା ବୃଦ୍ଧି ପାଇ ମଙ୍ଗଳବାର ଲକ୍ଷେ ଟଙ୍କା ଅତିକ୍ରମ କରିଛି। ଆଗକୁ ଅକ୍ଷୟ ତୃତୀୟା ଏବଂ ବିବାହ ଋତୁ ଥିବାରୁ ସୁନା କିଣା ବୃଦ୍ଧି ପାଇଛି। ଅଲ୍ ଇଣ୍ଡିଆ ସରାଫ୍ ଆସୋସିଏଶନ୍‌ର ସୂଚନା ଅନୁଯାୟୀ, ୯୯.୯ ପ୍ରତିଶତ ଶୁଦ୍ଧ ସୁନା ୧୦ ଗ୍ରାମ ପ୍ରତି ଦର ନୂଆଦିଲ୍ଲୀରେ ୧,୦୧,୬୦୦ ଟଙ୍କା ରହିଥିବାବେଳେ ୯୯.୫ ପ୍ରତିଶତ ଶୁଦ୍ଧ ସୁନା ଦର ୧,୦୨,୧୦୦ ଟଙ୍କାରେ ପହଞ୍ଚିଛି। ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ଦର ୩,୧୦୦ ଟଙ୍କା ବୃଦ୍ଧି ପାଇ ୧,୦୧,୩୫୦ ଟଙ୍କା ହୋଇଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୨,୭୫୦ ଟଙ୍କା ବଢ଼ି ୯୨,୯୦୦ ଟଙ୍କା ରହିଛି। ଗତବର୍ଷ ଡିସେମ୍ବରରୁ ଇତିମଧ୍ୟରେ ସୁନା ଦର ୧୦ ଗ୍ରାମ ପ୍ରତି ୨୨,୬୫୦ ଟଙ୍କା ବା ପ୍ରାୟ ୨୯ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ରୁପା ଦର କିଲୋଗ୍ରାମ ପ୍ରତି ୯୮,୫୦୦ ଟଙ୍କା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫଟା ମୃଦଙ୍ଗକୁ ଜଡ଼ା ବାଇଦ**
**କାଣୀ ଦାରୀ ସେଠି ନାଚୁଛି**
**ଅବୁଝା ରଜାକୁ କେମ୍ପା ମୁଖ୍ୟମନ୍ତ୍ରୀ**
**ଯାହା ଇଚ୍ଛା ତାହା କରୁଛି ।**

ଅଯୋଗ୍ୟଙ୍କ ସମାହାର। କିଏ କାହା କଥା ବୁଝିବାକୁ ନାହିଁ। ରାଜ୍ୟ ଦୁଃଖ ସାଗରରେ ଭାସୁଛି। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଫୁଲ ଫୁଟିଗଲା ଫୁଲରୀ**
**ଲକ୍ଷେ ଭେଣ୍ଡିଆଙ୍କୁ କାହାକୁ ଦେଇ**
**ଭାର ଘେନି ଗଲୁ ସୁନ୍ଦରୀ ।**

ସୁନ୍ଦରୀ ଝିଅ ପଛରେ ଅନେକ ପ୍ରଶଂସକ ବା ପ୍ରେମିକଙ୍କ ଧାଡି ଛୁଟିଥାଏ। ଏପରି ଝିଅକୁ ବିବାହ କରିବା ଲାଗି ପ୍ରତୀକ୍ଷା ଫସର ଫାଟିବା ପରେ ସେ ଜଣଙ୍କୁ ହିଁ ଯଥାର୍ଥରେ ବିବାହ କରିବା ଦେଖି ତାହା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜେଜୀମା'ଙ୍କ ସତ୍କାର ସାରି ସ୍ନାନବେଳେ ପାଣିରେ ବୁଡ଼ି ନାତି ମୃତ

ପଡ଼ିଆବାହାଲ, ୨୨।୪(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ସଦର ଥାନା ଅନ୍ତର୍ଗତ ବାହାମ ଗ୍ରାମରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ସକାଳେ ଜେଜୀମା'ଙ୍କ ସତ୍କାର ସାରି ଆତ୍ମୀୟ ସ୍ୱଜନଙ୍କ ସହ ପୋଖରୀରେ ଗାଧୋଉ ଥିବାବେଳେ ନାତିଙ୍କ ମୃତ୍ୟୁ ଘଟିଛି। ଯୁକ୍ତ ୨ ଦ୍ୱିତୀୟ ବାର୍ଷିକ ପରୀକ୍ଷା ଦେଇଥିବା ନାତି ସମ୍ଭବ ମହାଣା(୧୮)ଙ୍କ ମୃତ୍ୟୁ ପରେ ବାହାମ ଗାଁରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁସାରେ, ବାହାମ ଗ୍ରାମର ସାବିତ୍ରୀ ମହାଣାଙ୍କ ମଙ୍ଗଳବାର ସକାଳେ ୭୦ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କୁ ନେଇ ଗାଁ ଶ୍ମଶାନରେ ସତ୍କାର କରିଥିଲେ। ସତ୍କାର ପରେ ପରିବାର ତଥା ଆତ୍ମୀୟ ସ୍ୱଜନ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସମ୍ଭବ ମଧ ଗାଧୋଉ ଥିଲେ। ଏହି ସମୟରେ ସେ ପାଣିରେ ବୁଡ଼ି ଯାଇଥିଲେ । ସାଙ୍ଗରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ପଡ଼ିଆବାହାଲ ଡାକ୍ତରଖାନା ଓ ପରେ ସମ୍ବଲପୁରର ଏକ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନରେ ମୃତଦେହ ଗାଁକୁ ଅଣାଯାଇ ସତ୍କାର କରାଯାଇଥିଲା। ଜେଜେ ଲକ୍ଷ୍ମଣ ମହାଣା ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସମ୍ଭବଙ୍କ ବାପା ମୁକ୍ତେଶ୍ୱର ମହାଣା ଓ ମା' ସୁରଭି ମହାଣା ଶିକ୍ଷକତା କରନ୍ତି। ସମ୍ଭବ ସେମାନଙ୍କର ଏକମାତ୍ର ସନ୍ତାନ ଥିଲେ।

# ବିଦ୍ୟୁତ୍ ଆଘାତରେ ୩ ଗୋରୁ ମୃତ

**କୁଚିଣ୍ଡା,୨୨।୪(ବିରଞ୍ଚି ଦର୍ଶ୍ଵା):** ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଲାଡ(କୁମୁରାଗୋଡା) ନିକଟ ଜମିରେ ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁ ମାଲିକଙ୍କ ସମ୍ପର୍କରେ କୌଣସି ସୂଚନା ଜଣା ପଡ଼ିନାହିଁ। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। କୁମୁରାଗୋଡା ନିକଟ ଜମି ଉପର ଦେଇ କୁଚିଣ୍ଡାରୁ ଭୋଜପୁରକୁ ୩୩ କେଭି ବିଦ୍ୟୁତ ଲାଇନ ଯାଇଛି। କିଛି ଦିନ ତଳେ ପ୍ରବଳ ପବନରେ ଖୁଣ୍ଟର ଗୋଟିଏ ଇନସ୍ୟୁଲେଟର ଭାଙ୍ଗି ଦୁର୍ବଳ ଅବସ୍ଥାରେ ଥିଲା। ମଙ୍ଗଳବାର ଏହା ସମ୍ପୂର୍ଣ୍ଣ ଭାଙ୍ଗି ତାର ତଳେ ପଡିଥିଲା। ଦୁର୍ଭାଗ୍ୟବଶତଃ ନିକଟରେ ଚରୁଥିବା ଗୋରୁଙ୍କ ମଧ୍ୟରୁ ତିନୋଟି ଏହି ଜୀବନ୍ତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ।

# ମହିଳାଙ୍କୁ ମୃତ ଦର୍ଶାଇ ରାଶନକାର୍ଡରୁ ନାଁ କାଟିଦେଲେ

ଆନନ୍ଦପୁର,୨୨।୪(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବିରିଡ଼ିହା ଗ୍ରାମରେ ଜଣେ ମହିଳା ଜୀବିତ ଥାଇ ବି ତାଙ୍କୁ ମାରି ଦିଆଯାଇଛି। ଏପରିକି ମହିଳାଙ୍କ ମୃତ୍ୟୁ ଘଟିଥିବା ଦର୍ଶାଇ ତାଙ୍କ ନାମକୁ ରାଶନକାର୍ଡରୁ ନାମ କାଟିଦିଆଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ନାମ କଟିଯାଇଥିବା ମହିଳା ପିନାକ୍ଷୀ ପେରେଇ (୨୫)ଙ୍କ ସ୍ୱାମୀ ବ୍ଲକ୍‌ରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପିନାକ୍ଷୀ ୨ ବର୍ଷ ତଳେ ବିରିଡ଼ିହା ଗ୍ରାମର ଦେବାଶିଷ ଜେନାଙ୍କୁ ବିବାହ କରିଥିଲେ। ସେ ଜଣେ ରାଶନକାର୍ଡ ହିତାଧିକାରୀ ହୋଇଥିବା ବେଳେ ନୂତନ ସରକାରଙ୍କ ସୁଭଦ୍ରା ଯୋଜନାରେ ଆବେଦନକରି ୫୦୦୦ ଟଙ୍କା ପ୍ରଥମ କିସ୍ତି ପାଇଥିଲେ। ଦ୍ୱିତୀୟ କିସ୍ତି ଟଙ୍କା ଖାତାକୁ ନ ଆସିବାରୁ ସ୍ୱାମୀ ଦେବାଶିଷ ମଙ୍ଗଳବାର ଦିନ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ପଚାରି ବୁଝିଥିଲେ। ସେଠାରେ ସେ ଜାଣିବାକୁ ପାଇଥିଲେ ତାଙ୍କ ସ୍ତ୍ରୀଙ୍କୁ ମୃତ ଦର୍ଶାଇ ରାଶନକାର୍ଡରୁ ନାଁ କାଟିଦିଆଯାଇଛି। ସେହିକାରଣରୁ ସୁଭଦ୍ରା କିସ୍ତି ବନ୍ଦ ହୋଇଥିବା ବ୍ଲକ୍‌ରେ କୁହାଯାଇଥିବା ଦେବାଶିଷ କହିଛନ୍ତି। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମଞ୍ଜୁଲତା ସିଂଙ୍କ କହିଛନ୍ତି, ରାସନ ବିଭାଗରେ କିପରି ଏଭଳି ଭୁଲ କଲେ। ଯଦି ଏ ନେଇ ଦରଖାସ୍ତ ଦେଇଥିବେ ଠିକ୍ ହୋଇଯିବ।



ପିନାକ୍ଷୀ ପେରେଇ

# ରେକର୍ଡ ଭାଙ୍ଗିଲା ଏପ୍ରିଲ ତାତି

**୪୬.୨ ଡିଗ୍ରୀ ସହ ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର**

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଦିନକୁ ଦିନ ରାଜ୍ୟରେ ତାପମାତ୍ରା ବଢୁଥିବାବେଳେ ମଙ୍ଗଳବାର ପୂର୍ବର ସବୁ ରେକର୍ଡ ଭାଙ୍ଗିଛି। ଝାରସୁଗୁଡା ଏପ୍ରିଲ ମାସର ତାତିରେ ସର୍ବକାଳୀନ ରେକର୍ଡ କରିଛି। ୧୯୫୩ ପରେ ୨୦୧୦ରେ ଏପ୍ରିଲ ମାସର ସର୍ବକାଳୀନ ରେକର୍ଡ ୪୬.୧ ଡିଗ୍ରୀ ସେଲସିୟସ୍ ରହିଥିଲା। ତେବେ ମଙ୍ଗଳବାର ଝାରସୁଗୁଡ଼ାରେ ତାପମାତ୍ରା ୪୬.୨ ଡିଗ୍ରୀ ଛୁଇଁବା ସହ ଏହି ରେକର୍ଡକୁ ଭାଙ୍ଗିଛି। ଏଥିସହ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାରଦ ୪୨ଡିଗ୍ରୀ ଉପରେ ରହିଛି। ଝାରସୁଗୁଡା ତଳକୁ ହୀରାକୁଦରେ ତାପମାତ୍ରା ୪୪.୭ ଡିଗ୍ରୀ ରହିଥିବାବେଳେ ସମ୍ବଲପୁରରେ ୪୪.୬ ଡିଗ୍ରୀ, ବୌଦ୍ଧରେ ୪୪.୫ ଡିଗ୍ରୀ, ଟିଟିଲାଗଡ଼ରେ ୪୪ ଡିଗ୍ରୀ, ସୁନ୍ଦରଗଡ଼ ଓ ସୋନପୁରରେ ୪୩.୮, ବଲାଙ୍ଗୀରରେ ୪୩.୨, ବରଗଡ଼, ଭବାନୀପାଟଣା ଓ ରାଉରକେଲାରେ ୪୨.୮, ଅନୁଗୋଳରେ ୪୨.୩, ନୂଆପଡ଼ାରେ ୪୨, ତାଳଚେରରେ ୪୦.୬, ପାରଳାଖେମୁଣ୍ଡିରେ ୪୦, କେନ୍ଦୁଝରରେ ୩୯.୯, ଚାନ୍ଦବାଲିରେ ୩୮.୭, ଭୁବନେଶ୍ୱର ୩୬.୭ ଓ ବାଲେଶ୍ୱରରେ ୩୫.୫ ଡିଗ୍ରୀ ତାପମାତ୍ରା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



# ଉନ୍ନୟମୂଳକ କାର୍ଯ୍ୟକ୍ରମର ସମୀକ୍ଷା

**ସୁନ୍ଦରଗଡ, ୨୨।୪(ଜୟ ନାରାୟଣ ମେଣ୍ଡୁଲି)**


ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ।

**ଷଷ୍ଠ ଜିଲା ପରିଷଦର ଷଷ୍ଠ ବୈଠକ**

## ଜିଲାର ବିକାଶ ସମସ୍ତଙ୍କ ଗୁରୁଦାୟିତ୍ୱ

ସ୍ଥାନୀୟ ବିକାଶ ଭବନଠାରେ ମଙ୍ଗଳବାର ଷଷ୍ଠ ଜିଲା ପରିଷଦର ଷଷ୍ଠ ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦର ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସଦର ବିଧାୟକ ଯୋଗେଶ କୁମାର ସିଂ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବିଧାୟକ ରାଜଗାଙ୍ଗପୁର ଡ଼ା ସି ଏସ ଏସ ଏକ୍କା, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ, ଜିଲାପାଳ ମନୋଜ ମହାଜନ, ଜିଲା ପରିଷଦ ଉପାଧ୍ୟକ୍ଷ କମଲ କୁମାର ଲାକ୍ରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗ ଦେଇ ଜିଲାରେ ଚାଲୁଥିବା ବିଭିନ୍ନ ଯୋଜନା, ପ୍ରକଳ୍ପ କାର୍ଯ୍ୟର ସ୍ଥିତି ଏବଂ ଅଗ୍ରଗତି ଉପରେ ସମୀକ୍ଷା କରିବା ସହିତ ଜିଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏହି ସବୁ କାର୍ଯ୍ୟ ଗୁଡ଼ିକ କିପରି ତ୍ୱରାନ୍ୱିତ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା।

ଜିଲା ପରିଷଦର ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ବୈଠକର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ ଏବଂ ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମସ୍ତ ଜନ ପ୍ରତିନିଧିମାନେ ଜିଲାର ବହୁବିଧ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହିପରି ସରକାରଙ୍କ ସମସ୍ତ ଯୋଜନା ଗୁଡ଼ିକର କିଭଳି ଭାବେ ସଫଳ ରୂପାୟନ ହୋଇପାରିବ ଜନ ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। ମୋବାଇଲ ଟାୱାର ସମସ୍ୟା, ପାନୀୟ ଜଳ ସମସ୍ୟା, ରାସ୍ତା ଘାଟ, ଷ୍ଟାଫ ସମସ୍ୟା ଆଦି ଉପରେ ମଧ ଆଲୋଚନା ହୋଇଥିଲା। ସମସ୍ତ ଜନସାଧାରଣଙ୍କ ନିମନ୍ତେ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା, ଉତ୍ତମ ଶିକ୍ଷା ବ୍ୟବସ୍ଥା, ଭଲ ରାସ୍ତା ଘାଟ, ବିଶୁଦ୍ଧ ପାନୀୟ ଜଳ, ଉନ୍ନତ ପଦ୍ଧତିରେ କୃଷି ବ୍ୟବସ୍ଥା ଆଦି ଯେଭଳି ସହଜରେ ଉପଲବ୍ଧ ହେବ ତାହା ନେଇ ବୈଠକରେ ଆଲୋଚନା ହୋଇଥିଲା। ଜିଲାର ବିକାଶ ସମସ୍ତଙ୍କ ଗୁରୁ ଦାୟିତ୍ୱ। ଜିଲାର ଦୁର୍ଗମ ଅଞ୍ଚଳକୁ ପ୍ରାଥମିକତା ଦେଇ ସେଠାକାର ଉନ୍ନତିକରଣ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ ଅଭିଭାଷଣ ରଖି ଜିଲାପାଳ ମନୋଜ ମହାଜନ କହିଥିଲେ ଯେ, ଜିଲାର ବିକାଶ ତଥା ଜନସାଧାରଣଙ୍କର ସମସ୍ୟାର ସମାଧାନ ନିମନ୍ତେ ପ୍ରତ୍ୟେକ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଜିଲାର ବିଭିନ୍ନ ବିଭାଗ ଏବଂ କାର୍ଯ୍ୟକ୍ରମ, ପ୍ରକଳ୍ପ ଆଦି ଯଥା ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ବାୟୋ ବନ୍ଦନା ଯୋଜନା, ଶିଶୁ ସୁରକ୍ଷା ଯୋଜନା, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଦିବସ, ଟୀକାକରଣ, ଆଶା ଙ୍କ ସ୍ଥିତି, ଗାଁ କଲ୍ୟାଣ ସମିତି, ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମ, ମା' ଗୃହ, କୁଷ୍ଠ ନିରାକରଣ ଯୋଜନା, ଡାକ୍ତର ଏବଂ ଅଣ ଡାକ୍ତରଙ୍କ ସଂଖ୍ୟା, ଆମ୍ବୁଲାନ୍ସ, ମହାପ୍ରୟାଣ ଗାଡ଼ି, ଜିଲାରେ ରାସନ କାର୍ଡର ସ୍ଥିତି, ସାଧାରଣ ବଣ୍ଟନ ବ୍ୟବସ୍ଥା, ଇ କେୱାଇସି ଯାଞ୍ଚ, ଧାନ କ୍ରୟ, ଜିଲାରେ ଶିକ୍ଷା ବ୍ୟବସ୍ଥା, ବିଦ୍ୟାଳୟମାନଙ୍କ ଏବଂ ହଷ୍ଟେଲଗୁଡ଼ିକର ସ୍ଥିତି, ବିଦ୍ୟାଳୟ ଗୁଡ଼ିକରେ ପାନୀୟ ଜଳ ଯୋଗାଣ, ପିଏମ୍‌ଶ୍ରୀ ଯୋଜନା, ଶିଶୁ ବାଟିକା, ପ୍ରବେଶ ଉତ୍ସବ ଏବଂ ଖଡ଼ି ଛୁଆଁ କାର୍ଯ୍ୟକ୍ରମ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ଅଧାରୁ ଶିକ୍ଷା ଛାଡ଼ି ଥିବା ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟକୁ ଫେରାଇ ଅଣାଯିବା କାର୍ଯ୍ୟକ୍ରମ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା, ଗ୍ରାମ୍ୟ ଉନ୍ନୟନ, ପରିମଳ ବ୍ୟବସ୍ଥା, ସେତୁ ନିର୍ମାଣର ସ୍ଥିତି, ପାନୀୟ ଜଳ ଯୋଗାଣ, ରାସ୍ତା ସଂଯୋଗୀକରଣ, ବିଦ୍ୟୁତିକରଣ, ଉଠା ଜଳ ସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ଅନ୍ୟାନ୍ୟ ବିଭାଗ ଦ୍ୱାରା ଜିଲାରେ ଚାଲୁ ଥିବା ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟକ୍ରମର ଗୁଡ଼ିକର ସମୀକ୍ଷା ହୋଇଥିଲା। ବୈଠକରେ ସମସ୍ତ ଜିଲା ପରିଷଦ ସଭ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷ, ସମସ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୋର୍ ଧରିଲା ଲିଜ୍ ଖାରଜ ଦାବି

**ହେମଗିର,୨୨।୪(ଚୈତନ୍ୟ ପଟେଲ)**

- ବିନା ଗ୍ରାମସଭାରେ ଖଣି ପାଇଁ ଇଡ୍‌କୋକୁ ଜମି ଲିଜ୍
- ଇଡ୍‌କୋର ଆବେଦନ ଆଇନ ସମ୍ମତ ନୁହେଁ

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ୍ ସ୍ଥିତ ଝାରପଲମ ପଞ୍ଚାୟତର ଘୋଘରପାଲି, ଲାଟପାନି ଓ ମୁଣ୍ଡରକ୍ଷେତ ଗାଁର ତଫସିଲଭୁକ୍ତ ସରକାରୀ ଜଙ୍ଗଲ ଜମିକୁ ଶିଳ୍ପ ଓ ଖଣି ପାଇଁ ଇଡ୍‌କୋକୁ ଲିଜ୍ ସୂତ୍ରରେ ଦେବାକୁ ରାଜସ୍ୱ ବିଭାଗ ପ୍ରକ୍ରିୟା ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ସୁନ୍ଦରଗଡ଼ ଜିଲା ପଞ୍ଚମ ଅନୁସୂଚୀ ଅଞ୍ଚଳ ହୋଇଥିବାରୁ ଏଠାରେ କୌଣସି ପ୍ରକଳ୍ପ କାର୍ଯ୍ୟ ବା ଖଣି, ଶିଳ୍ପ ପାଇଁ ଜମି ଲିଜ ନେବା ପୂର୍ବରୁ ଗ୍ରାମସଭାର ଅନୁମୋଦନ ନିହାତି ଜରୁରୀ। ତେଣୁ ବିନା ଗ୍ରାମସଭାରେ ଇଡ୍‌କୋର ଏହି ଆବେଦନ ଆଇନ ସମ୍ମତ ନୁହେଁ ବୋଲି ପ୍ରଭାବିତ ଗ୍ରାମବାସୀ ପ୍ରକାଶ କରିବା ସହ ତୁରନ୍ତ ଏହାକୁ ଖାରଜ କରିବାକୁ ହେମଗିର ତହସିଲଦାରଙ୍କୁ ଦାବି କରିଛନ୍ତି।

ଏହି ଗ୍ରାମର ଲୋକେ ପିଢ଼ି ପିଢ଼ି ଧରି ଦଖଲ କରି ଆସୁଥିବା ତଫସିଲଭୁକ୍ତ ସରକାରୀ ଜମିକୁ ଶିଳ୍ପ ଓ ଖଣି ପାଇଁ ଇଡ୍‌କୋ ଲିଜ ସୂତ୍ରରେ ନେବାକୁ ଆବେଦନ କରିଛି। ମାର୍ଚ୍ଚ ୧୭ ତାରିଖରେ ଏ ସଂକ୍ରାନ୍ତରେ ହେମଗିର ତହସିଲ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରି କାହାର କିଛି ଆପତ୍ତି, ଅଭିଯୋଗଥିଲେ ୧୫ ଦିନ ମଧ୍ୟରେ ଲିଖିତ ଭାବେ ଜଣାଇବାକୁ ସୂଚିତ କରାଯାଇଛି। ଯାହା ଆଦିବାସୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ପ୍ରଥମ ପର୍ଯ୍ୟାୟରେ ଲଟାପାନି ଗାଁ ଜମି ଉପରେ ଆପତ୍ତି ଅଭିଯୋଗ ନିଆଯାଉଥିବାବେଳେ ଗାଁ ଲୋକେ ଏହାର ତୀବ୍ର ବିରୋଧ କରିଛନ୍ତି। ୧୯୭୬ ଭୂବନ୍ଦୋବସ୍ତ ପୂର୍ବରୁ ଲଟାପାନିର ସରକାରୀ ଓ ଜଙ୍ଗଲ ଜମି ସର୍ବସାଧାରଣଙ୍କ ବ୍ୟବହାର ଓ ଭୋଗଦଖଲରେ ଥିବାରୁ ୧୯୭୬ ଭୂବନ୍ଦୋବସ୍ତ ସମୟରେ ଗାଁ ଓ ବ୍ୟକ୍ତିଗତ ନାମରେ ରହିଛି। ନିୟମ ଅନୁସାରେ, ସେସବୁ ଜମି ଭୋଗଦଖଲକାରୀଙ୍କ ନାମରେ ବନ୍ଦୋବସ୍ତ କରା ନ ଯାଇ ଇଡ୍‌କୋ ନାମରେ କରାଯିବା ବେଆଇନ ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ପୁରୁଷ ପୁରୁଷ ଧରି ଚାଷବାସ କରି ଚଳି ଆସୁଥିବା ଆଦିବାସୀଙ୍କ ହାତରୁ ଜମି ସବୁ ନେଇଯିବା ପରେ ସେମାନେ କେମିତି ଚଳିବେ। ବହୁ ପରିବାର ଚାଷବାସ କରି ଗୁଜରାଣ ମେଣ୍ଟାଇ ଆସୁଥିବା ବେଳେ ଏହି ଭୋଗଦଖଲ ଜମିଗୁଡ଼ିକୁ ସେମାନଙ୍କ ନାମରେ ବନ୍ଦୋବସ୍ତ କରାଯାଉ ସର୍ବସାଧାରଣ ଓ ସରକାରୀ ଜମି ଭୋଗଦଖଲକାରୀଙ୍କ ନାମରେ ବନ୍ଦୋବସ୍ତ କରିବା ପରେ ଅବଶିଷ୍ଟ ସର୍ବସାଧାରଣ ଓ ସରକାରୀ ଜମିକୁ ଗାଁ ନାମରେ ବନ୍ଦୋବସ୍ତ କରାଯାଉ ବୋଲି ଦାବି କରିଛନ୍ତି। ଯାହା ଫଳରେ ଭବିଷ୍ୟତରେ କୌଣସି କମ୍ପାନୀ, ସଂସ୍ଥା ଖଣି, ଶିଳ୍ପାନୁଷ୍ଠାନ ପାଇଁ ଜମି ଅଧିଗ୍ରହଣ କଲେ ଗ୍ରାମବାସୀ କ୍ଷତିପୂରଣ ଟଙ୍କା ପାଇପାରିବେ। ତେଣୁ ବିନା ଗ୍ରାମସଭା ଓ ଭୋଗଦଖଲକାରୀଙ୍କ ନାମରେ ଜମି ବନ୍ଦୋବସ୍ତ ନ ହେବା ଯାଏ ଇଡ୍‌କୋକୁ ଜମି ଲିଜ୍ ନ ଦେବାକୁ ଅଧିବାସୀ ଦୃଢ଼ ଦାବି କରିଛନ୍ତି ।

# ୨୭ରୁ ଉଦିତନଗର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରାଉରକେଲା,୨୨।୪(ବିପ୍ଳବ ରଞ୍ଜନ ଦାଶ)**


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ଉଦିତନଗର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପରିଚାଳନା କମିଟି ପଞ୍ଚଦେବ କଲଚରାଲ ଟ୍ରଷ୍ଟ ଅଧ୍ୟକ୍ଷ ଦିଲୀପ କୁମାର କର ଓ ମ୍ୟାନେଜିଂ ଟ୍ରଷ୍ଟି ବିଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖବରଦାତାମାନଙ୍କୁ ସୂଚନା ଦେଇ କହିଥିଲେ, ୨୭ ତାରିଖରେ ଅଙ୍କୁରାରୋପଣ ଓ ଶାଳା ପ୍ରତିଷ୍ଠା,୨୮ରେ କଳସ ଶୋଭାଯାତ୍ରା ଓ ଘଟପୂଜା ଆରମ୍ଭ,୨୯ରେ ସୂର୍ଯ୍ୟପୂଜା, ବିଗ୍ରହମାନଙ୍କ ସ୍ନାନ ଯାତ୍ରା, ଆରତୀ, କୀର୍ତ୍ତନ, ଶ୍ରୀ ଜଗନ୍ନାଥଙ୍କ କଥା ପ୍ରବଚନ, ଭଜନ ଓ ପ୍ରସାଦ ସେବନ, ୩୦ତାରିଖ ଅକ୍ଷୟ ତୃତୀଆରେ ମନ୍ଦିର ପ୍ରତିଷ୍ଠା, ଶ୍ରୀବିଗ୍ରହମାନଙ୍କ ପ୍ରତିଷ୍ଠା, ସିଂହାସନ ବିଜେ, ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଆଶୀର୍ବଚନ, ସ୍ୱାମୀ ବ୍ରହ୍ମ ସାକ୍ଷାତକାରାନନ୍ଦ ସରସ୍ୱତୀଙ୍କ ଆଶୀର୍ବଚନ ଏବଂ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଅବସରପ୍ରାପ୍ତ କୁଳପତି ହରେକୃଷ୍ଣ ଶତପଥୀଙ୍କ ଦ୍ୱାରା ସ୍କନ୍ଧ ପୁରାଣ ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିପରି ବିଭିନ୍ନ ଦିବସରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉପସଭାପତି ମହେଶ୍ୱର ସ୍ୱାଇଁ, ସହ ସମ୍ପାଦକ ପ୍ରଦୀପ କୁମାର ଦାସ, କୋଷାଧ୍ୟକ୍ଷ ସୂର୍ଯ୍ୟମଣି ବେହେରା, ସୁନିଲ କାୟଲ, ଓମ୍ ପ୍ରକାଶ ବାପୁଡିଆ, ବ୍ରିଜମୋହନ ଅଗ୍ରୱାଲ, ବିଜୟ ପଟ୍ଟନାୟକ, ରାଜେଶ ମହାପାତ୍ର, ମିଟୁ ବେହୁରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିତ ରାଉତ, ସୌଭାଗ୍ୟ ସାହୁ, ଜିତେନ୍ଦ୍ର ନାୟକ, ମହେନ୍ଦ୍ର ମହାନ୍ତି, ଶରତ ପଲେଇ ପ୍ରମୁଖ ସହଯୋଗ କରିଥିଲେ।

# ବିବେକାନନ୍ଦ ଟ୍ରଫିରେ ରାଉରକେଲାର ୩ ଖେଳାଳି

**ରାଉରକେଲା, ୨୨।୪(ଦିନେଶ ମିଶ୍ର)**


ରକି ମାଝୀ


ରୋହିତ କିଷାନ


ସୁର ସିଂ ପୂର୍ତ୍ତି

ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନରେ ଫୁଟବଲ ପ୍ରଶିକ୍ଷଣ ନେଉଥିବା ୩ଜଣ ଖେଳାଳି ଓଡ଼ିଶାର ୨୦ ବର୍ଷରୁ କମ୍ ଫୁଟ୍‌ବଲ ଦଳରେ ସାମିଲ ହୋଇଛନ୍ତି। ଏହି ଖେଳାଳିମାନେ ହେଲେ ରକି ମାଝୀ, ରୋହିତ କିଷାନ ଓ ସୁର ସିଂ ପୂର୍ତ୍ତି। ରକି ମାଝୀ ଓ ରୋହିତ କିଷାନ ସୁନ୍ଦରଗଡ଼ ଜିଲାର ବାସିନ୍ଦା ହୋଇଥିବା ବେଳେ ସୁର ସିଂ ପୂର୍ତ୍ତି ଯାଜପୁର ଜିଲାର ମୂଳ ବାସିନ୍ଦା। ଉକ୍ତ ୩ ଖେଳାଳି ଛତିଶଗଡ଼ର ନାରାୟଣପୁରଠାରେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ ପକ୍ଷରୁ ହେବାକୁ ଥିବା ବିବେକାନନ୍ଦ ଟ୍ରଫିରେ ୨୦ ବର୍ଷରୁ କମ୍ ଦଳରେ ସ୍ଥାନ ପାଇଛନ୍ତି। ନିକଟରେ କଟକଠାରେ ଅନୁଷ୍ଠିତ ଚୟନ ଶିବିରରେ ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନର ଏହି ଖେଳାଳିଙ୍କୁ ୨୦ ଜଣିଆ ଦଳରେ ଚୟନ କରାଯାଇଥିଲା। ଏହି ଖେଳାଳିମାନେ ନିୟମିତ ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନରେ ମୁଖ୍ୟ ପ୍ରଶିକ୍ଷକ ଆବୁଙ୍କଠାରୁ ପ୍ରଶିକ୍ଷଣ ନେଇ ଆସୁଛନ୍ତି। ରାଉରକେଲା ସ୍ପୋର୍ଟ୍ସଆସୋସିଏଶନର ଫୁଟବଲ ଦଳ ରାଉରକେଲା ରେଡ୍‌କୁ ଏହି ତିନି ଖେଳାଳି ଗତ ଦୁଇବର୍ଷ ହେଲା ପ୍ରତିନିଧିତ୍ୱ କରି ରାଜ୍ୟ ତଥା ରାଜ୍ୟ ବାହାରେ ହେଉଥିବା ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇ ଆସୁଛନ୍ତି। ଏହିଯୁବ ଖେଳାଳି ଓଡିଶା ଦଳର ପ୍ରତିନିଧିତ୍ୱ କରି ଜାତୀୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଉଥିବାରୁ ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି ମିହିର ରାୟ ଓ ସାଧାରଣ ସମ୍ପାଦକ ସୁବାଷ ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି।

# ଆଧାର କାର୍ଡ ତ୍ରୁଟିର ତଦନ୍ତକଲେ ଜିପିଓ

**ସମସ୍ତ ଯୋଜନାରୁ ବଞ୍ଚିତ ଶରତ**

**ବଡ଼ଗାଁ,୨୨।୪(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ବଡ଼ଗାଁ ପଞ୍ଚାୟତ ବିରଙ୍ଗାପଡ଼ା ଗ୍ରାମର ଶରତ ଚନ୍ଦ୍ର ଲାକ୍ରାଙ୍କ ତ୍ରୁଟି ଥିବା ଆଧାର କାର୍ଡର ଗତ ଶନିବାର ଗ୍ରାମପଞ୍ଚାୟତ(ଜିପିଓ) ଅଧିକାରୀ ଆଶୁତୋଷ ମିଶ୍ର ତଦନ୍ତ କରିଛନ୍ତି। ବଡ଼ଗାଁ ପଞ୍ଚାୟତ ବିରଙ୍ଗାପଡ଼ା ଗ୍ରାମର ଶରତ ଚନ୍ଦ୍ର ଲାକ୍ରା ଓ ନିକଟବର୍ତ୍ତୀ ଚେମାପଡ଼ା ଗ୍ରାମର ମୃତ ଚୁତୁ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ଆଧାର କାର୍ଡରେ ଏକା ନମ୍ବର ଥିଲା ଏବଂ ଶରତ ଚନ୍ଦ୍ର ଲାକ୍ରାଙ୍କ ଆଧାର କାର୍ଡରେ ଚୁତୁ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ଫଟୋ ରହିଥିଲା। ଏଥିପାଇଁ ଶରତ ବର୍ତ୍ତମାନ ଯାଏ ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହେବା ସମ୍ପର୍କିତ ଖବର ଗଣମାଧ୍ୟମରେ ଗତ ୧୦ ତାରିଖରେ ପ୍ରକାଶ ପାଇଥିଲା। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜିଲାପାଳଙ୍କୁ ଚିଠି ହୋଇଥିଲା। ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ନିର୍ଦ୍ଦେଶକ୍ରମେ ଜିପିଓ ମିଶ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ କିରନ ପଟେଲ ଶରତ ଚନ୍ଦ୍ର ଲାକ୍ରାଙ୍କ ଘରକୁ ଯାଇ ସ୍ଥାନୀୟ ୱାର୍ଡ ମେମ୍ବର ରାଜେନ୍ଦ୍ର ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ଉପସ୍ଥିତିରେ ଆଧାର କାର୍ଡର ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ ପଞ୍ଚାୟତ ଅଧିକାରୀ ମିଶ୍ରଙ୍କୁ ପଚାରିବାରୁ ତଦନ୍ତ କରାଯାଇଛି ଓ ଆଧାର କାର୍ଡରେ ଯେଉଁ ତ୍ରୁଟି ରହିଛି ତାକୁ ସଂଶୋଧନ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶରତ ଚନ୍ଦ୍ର ଲାକ୍ରାଙ୍କ ଆଧାର କାର୍ଡରେ ତ୍ରୁଟି ରହିଥିବାରୁ ସେ ଚାରିଥର ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ବଞ୍ଚିତ ହୋଇଛନ୍ତି। ଏପରିକି ସେ ସରକାରଙ୍କ କୌଣସି ଯୋଜନାର ସୁବିଧା ପାଇପାରୁନାହାନ୍ତି।

# ସାନଭାଇ ବାହାଘର ଦିନ ବଡ଼ଭାଇଙ୍କ ଆତ୍ମହତ୍ୟା

**ବଡ଼ଗାଁ,୨୨।୪(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ନିକଟ ଲାଲମଟିଆ ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ସାନଭାଇଙ୍କ ବାହାଘର ଦିନ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଲାଲମଟିଆ ଗ୍ରାମର ରାଜେନ୍ଦ୍ର ମାଝୀ। ରାଜେନ୍ଦ୍ରଙ୍କ ସାନ ଭାଇ ବାହା ହୋଇ ଘରକୁ ଫେରିଥିଲେ। ଏଥିପାଇଁ ସୋମବାର ରାତିରେ ପରିବାର ପରିଜନ ନାଚଗୀତରେ ମସ୍‌ଗୁଲ ଥିଲେ। ରାତି ପ୍ରାୟ ୧୨ଟାରେ ରାଜେନ୍ଦ୍ର ଘର ଭିତରକୁ ପଶିଥିଲେ। ସେ ଘରୁ କିଛି ସମୟ ଯାଏ ନ ବାହାରିବାରୁ ତାଙ୍କ ସ୍ତ୍ରୀ ଓ ଅନ୍ୟ ଜଣେ ମହିଳା ଘରକୁ ପଶି ଦେଖିଲାବେଳେ ରାଜେନ୍ଦ୍ର ଘରର ଏକ ମୋଟା କାଠରେ ଶାଢ଼ିକୁ ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଓହ୍ଲାଇ ଓ ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଆର୍‌ଏସ୍‌ପି ଠିକା ଶ୍ରମିକ ପୁରସ୍କୃତ

**ରାଉରକେଲା,୨୨।୪(ବିପ୍ଳବ ରଞ୍ଜନ ଦାଶ)**


ଆର୍‌ଏସ୍‌ପି ଅଧିକାରୀ ଏବଂ ପୁରସ୍କୃତ ଠିକା ଶ୍ରମିକ।

ଆର୍‌ଏସ୍‌ପିର ରୋଲ୍ ଶପ୍ ବିଭାଗରେ ନିକଟରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଟ୍ ଷ୍ଟ୍ରିପ୍ ମିଲ୍ ଓ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଭିନ୍ନ ସଂସ୍ଥାର ୧୧ ଠିକା ଶ୍ରମିକଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ରୋଲ ଶପ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍. ଆର ମହାପାତ୍ର, ଏଚ୍‌ଆର୍ ସିଏଲ୍‌ସି ବିଭାଗ ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ଏମ୍. ସିନ୍ଧୁର, ରୋଲ୍ ଶପ୍‌ର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ସମ୍ପୃକ୍ତ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୁବ୍ରତ କୁମାର ସମସ୍ତ ପୁରସ୍କାର ବିଜେତାଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ। ଉଲ୍ଲେଖନୀୟ, ରୋଲ ଶପ୍‌ରେ କରାଯାଇଥିବା ବିଭିନ୍ନ ଅଭିନବ କାର୍ଯ୍ୟ ପାଇଁ ଠିକା ଶ୍ରମିକମାନଙ୍କୁ ପୁରସ୍କୃତ କରାଯାଇଥିଲା। ରୋଲ ଶପ୍ ବିଭାଗର ସିନିୟର ମ୍ୟାନେଜର ଏସ୍. କେ. ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସୁନ୍ଦରଗଡ଼ରେ ଜିଲାସ୍ତରୀୟ 'ଦିଶା' କମିଟି ବୈଠକ


ବୈଠକରେ ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ସୁନ୍ଦରଗଡ଼,୨୨।୪(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ବିକାଶ ଭବନଠାରେ ମଙ୍ଗଳବାର ଜିଲା ଉନ୍ନୟନ ସମନ୍ୱୟ ଏବଂ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି, ଓତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ବିଧାୟକ ରାଉରକେଲା ସାରଦା ପ୍ରସାଦ ନାୟକ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲାପାଳ ମନୋଜ ମହାଜନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ତଥା ଦିଶା ବୈଠକ ପାଇଁ ସୁନ୍ଦରଗଡ଼ ଜିଲା ପାଇଁ ନୋଡାଲ ଅଧିକାରୀ ଜୟଶ୍ରୀ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଉପସ୍ଥିତ ଥିଲେ।

ବୈଠକରେ ଜିଲାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକୁ ଜିଲାରେ ସଫଳ ରୂପାୟନ ଏବଂ ଠିକ ସମୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଯୋଜନା ଗୁଡ଼ିକ ହେଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ଡିଡିୟୁଜିକେୱାଏ, ପ୍ରଧାନ ମନ୍ତ୍ରୀ କୁଶଳ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ), ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ଜଳ ଜୀବନ ମିଶନ, ଶ୍ୟାମ ପ୍ରସାଦ ମୁଖାର୍ଜୀ ଅର୍ବାନ ମିଶନ, ଅମୃତ, ପ୍ରଧାନମନ୍ତ୍ରୀ କୃଷି ସେଚନ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ସମଗ୍ର ଶିକ୍ଷା ଅଭିଯାନ, ବେଟି ବଚାଓ ବେଟି ପଢ଼ାଓ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ସୁଗମ୍ୟ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ କୃଷି ବିକାଶ ଯୋଜନା ଇତ୍ୟାଦି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଓରାମ ଜିଲାର ବିକାଶ ପ୍ରତି ଗୁରୁତ୍ୱାରୋପ କରିଥିଲେ ଏବଂ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ହେଉଥିବା ଆଲୋଚନା ଗୁଡ଼ିକ ଉପରେ କଣ କଣ ପଦକ୍ଷେପ ଗ୍ରହଣ କରାଯାଇଛି ତାର ସମୀକ୍ଷା ମଧ କରାଯିବା ଆବଶ୍ୟକ ବୋଲି କହିଥିଲେ। ସେହିପରି ସମସ୍ତ ବିଭାଗ ଗୁଡ଼ିକ ନିଜ ଅନ୍ତର୍ଗତ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପ, ଯୋଜନା ଗୁଡ଼ିକର ସବିଶେଷ ତଥ୍ୟ, ବିଭାଗୀୟ କାର୍ଯ୍ୟକଳାପ ଏବଂ ବିଭିନ୍ନ ସଫଳତାର କାହାଣୀ ଗୁଡ଼ିକ ସାଧାରଣ ଜନତାଙ୍କ ସୂଚନା ନିମନ୍ତେ ନିଜ ନିଜର ୱେବସାଇଟ କିମ୍ବା ଅନ୍ୟାନ୍ୟ ପବ୍ଲିକ ଫୋରମ ମାନଙ୍କରେ ଉପଲବ୍ଧ କରିବାକୁ କହିଥିଲେ। ସେହିଭଳି ଡି ଡି ୟୁ ଜି କେ ୱାଏ ଅନ୍ତର୍ଗତ ପ୍ରଶିକ୍ଷଣ ପାଇଥିବା ପିଲାମାନେ କିଭଳି ଚାକିରି ପାଇ ପାରିବେ ଏବଂ ଜିଲାରେ ଅଧିକରୁ ଅଧିକ ଲାଖପତି ଦିଦି କିଭଳି ସୃଷ୍ଟି ହୋଇପାରିବେ ତାହା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଜିଲାପରିଷ ସଭ୍ୟ, ବ୍ଲକ ଅଧ୍ୟକ୍ଷ, ସାଂସଦଙ୍କ ପ୍ରତିନିଧି ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ASSISTANT REQUIRED**
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply ( male or female) candidate mother tongue Odia with certificate copies and Aadhar card to Sriram Enterpriser, Red cross Road Bhanjanagar-761126
Phone/ Whatsapp: 9438572007

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଫାୟାର ୱାଟର ଡିଷ୍ଟଲେରୀ ପ୍ରା ଲିଃ. କୋମତାଲପେଟା, ରାୟଗଡ଼ା ନିମନ୍ତେ ସେଲ୍ସ ଏକ୍ସିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା – ଯେକୌଣସି ଡିଗ୍ରୀ, ଅଭିଜ୍ଞତା – ସର୍ବନିମ୍ନ ୪ ବର୍ଷ। ଯୋଗାଯୋଗ – ୯୮୬୬୫୩୪୮୮୮, ୭୩୨୫୯୭୧୮୯୯

**Job Opportunity at SB Sahoo & Co Pvt. Ltd., Bhubaneswar**
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to sbsahoo11@gmail.com
Contact : 9437035347, 9437468247

**WELDER REQUIRED**
ମଞ୍ଚେଶ୍ୱର ଭୁବନେଶ୍ୱର
ୱେଲଡ଼ର ଆବଶ୍ୟକ ।
Salary-12k to 17k
ଖାଇବା ରହିବା ସୁବିଧା ଅଛି ।
Contact - 9124614403

**REQUIREMENT**
Wanting one staff for our distributorship Godown At Khordha. Experience in marg software.
Mob : 9556070670

Gitanjali AWARDS
**WANTED GRAPHIC DESIGNERS**
With complete knowledge of CorelDraw.
Interested candidates may send their resume to info@gitanjaliawards.com.
Gitanjali Awards Pvt. Ltd.
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| DIGITAL MARKETING EXECUTIVES | • Well versed with Media Clients and Agencies for Digital Platforms. • Must have retail, corporate client base. • Capable to aggressively chase sales targets. • Hands-on experience in content management. • Drive new client acquisition. • Proficiency in social media platforms. • Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

## ମନୋଜ ନାଏକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ଭୁବନେଶ୍ୱରରୁ ଅଭିଯୁକ୍ତ ଗିରଫ

- ସିନ୍ ରିକ୍ରେସନ୍ ସରିଲା
- ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ହୋଇଛି: ଏସ୍‌ପି

ବଲାଙ୍ଗୀର,୨୨।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଷ୍ଣୁମୁଣ୍ଡାଠାରେ ଘଟିଥିବା ମନୋଜ ନାଏକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିବା ଏକମାତ୍ର ଅଭିଯୁକ୍ତଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରିବା ପରେ ମଙ୍ଗଳବାର ହତ୍ୟାକାଣ୍ଡ ସ୍ଥଳକୁ ନେଇ ସିନ୍ ରିକ୍ରେସନ୍ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ବିଜୁ ସେଠ୍ (୩୭)ଙ୍କୁ ପୋଲିସ କୋର୍ଟଚାଲାଣ କରିଛି।

ବଲାଙ୍ଗୀର ଟାଉନ ଥାନାରେ ଅପରାହ୍ନରେ ଖବରଦାତା ସମ୍ମିଳନୀ କରି ଏସ୍‌ପି ଅଭିଲାଷ କହିଥିଲେ, ଗତ ୧୩ ତାରିଖ ରାତି ପ୍ରାୟ ୮ଟାରେ ମନୋଜ ନାଏକ ବିଷ୍ଣୁମୁଣ୍ଡାଠାରେ ତାଙ୍କର କେତେଜଣ ସାଙ୍ଗଙ୍କ ସହିତ ବସି କଥାବାର୍ତ୍ତା କରୁଥିଲେ। ଏହି ସମୟରେ ହଠାତ୍ ଲାଇନ କଟିଯିବାରୁ ଅନ୍ଧାର ହୋଇଯାଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ବିଜୁ ଏକ ଟାଙ୍ଗିଆ ଧରି ସେଠାକୁ ଆସି ମନୋଜଙ୍କୁ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଫେରାର ହେବା ପୂର୍ବରୁ ସେ ଏକ ବୁଦାମୂଳରେ ଟାଙ୍ଗିଆକୁ ଲୁଚାଇ ଦେଇଥିଲେ। ପୂର୍ବ ଶତ୍ରୁତାରୁ ସେ ଏପରି କାଣ୍ଡ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

ପ୍ରାୟ ଦେଢ଼ ବର୍ଷ ତଳେ ବିଜୁ ଚଳାଉଥିବା ଏକ ଗାଡ଼ିରୁ କିଛି ସାମଗ୍ରୀ ଚୋରି ହୋଇଯାଇଥିଲା। ମନୋଜଙ୍କ କେତେଜଣ ସହଯୋଗୀ ଉକ୍ତ ସାମଗ୍ରୀ ଚୋରି କରିଥିବା ସନ୍ଦେହ କରି ସେତେବେଳେ ବିଜୁ ସେହି ସହଯୋଗୀମାନଙ୍କୁ ମାଡ ମାରିଥିଲେ। ଉକ୍ତ ମାଡ ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଜୁଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ବିଜୁ ମନୋଜ ଉପରେ ରାଗ ଶୁଝାଇବାକୁ ଚାହିଁଥିଲେ। ଗତ ୧୩ ତାରିଖ ରାତିରେ ମନୋଜଙ୍କୁ ହତ୍ୟା ଯୋଜନା କରି ଆକ୍ରମଣ କରିଥିଲେ। ଏହାପରେ ମୋବାଇଲ ଫୋନ୍‌କୁ ଅଫ୍ କରିଦେଇ ସେଠାରୁ ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ପାଇକ୍‌ମାଲସ୍ଥିତ ଘରକୁ ଯାଇ ପରେ ଭୁବନେଶ୍ୱର ପଳାଇ ଯାଇଥିଲେ। ଭୁବନେଶ୍ୱର ନିକଟ ବାଲିଆପାଳ କେନାଲ କାମରେ ସେ ମଜୁରିଆ ଭାବେ କାମ କରୁଥିଲେ। ସ୍ୱତନ୍ତ୍ର ପୋଲିସ ଅନୁସନ୍ଧାନକାରୀ ଟିମ୍ ତାଙ୍କୁ ବାଲିଆପାଳ କେନାଲ ନିକଟରୁ ଗିରଫ କରିଥିଲା। ତାଙ୍କୁ ବଲାଙ୍ଗୀର ଅଣାଯିବା ପରେ ବିଷ୍ଣୁମୁଣ୍ଡା ନିଆଯାଇ ସେଠାରେ ସିନ୍ ରିକ୍ରିଏସନ୍ କରାଯାଇଥିଲା। ଏକ ବୁଦା ମୂଳରୁ ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। ଟାଉନ ଥାନା ସବ୍‌ଇନ୍ସପେକ୍ଟର ବୈକୁଣ୍ଠ ଦେହୁରୀ ଓ ତଦନ୍ତକାରୀ ଅଧିକାରୀ ଦେବାଶିଷ ଶତପଥୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଆଇଆଇସି ଅବନୀ ସାହୁ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ଏସ୍‌ପି ଅଭିଲାଷ ଜି. ସୂଚନା ଦେଉଛନ୍ତି।

# ବ୍ଲକସ୍ତରୀୟ ପୋଷଣ କାର୍ଯ୍ୟକ୍ରମ

ଲୋଇସିଂହା,୨୨।୪(ସୁଶାନ୍ତ ବାରିକ)

ମଙ୍ଗଳବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣୀପାଲି ଗ୍ରାମ ପଞ୍ଚାୟତ ସଭାଗୃହରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବ୍ଲକସ୍ତରୀୟ ପୋଷଣ ପାଖୁଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶୁଭଶ୍ରୀ ମିଶ୍ର ଯୋଗ ଦେଇଥିଲେ । ସରପଞ୍ଚ ସୁନିତା ସାହୁ, ଅଙ୍ଗନବାଡି ସୁପରଭାଇଜର ପ୍ରଫୁଲ୍ଲ ଦୋରା, ପଦ୍ମିନୀ ପାତ୍ର, ଦୁଲାରୀ ଧାରୁଆ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଭରସୁଜା ଓ ବଡ଼ଟୀକା କ୍ଲଷ୍ଟର ଅଙ୍ଗନବାଡି କର୍ମୀ, କିଶୋରୀ ଓ ପଲ୍ଲୀ ଆଲୋକ ପାଠାଗାର ନଅଗାଁ (ଖ) କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପୋଷଣର ବିଭିନ୍ନ ଦିଗ ଉପରେ ଆଲୋଚନା ହେବା ସହ କିଭଳି ଅଞ୍ଚଳରେ କେହି ଅପପୁଷ୍ଟିର ଶିକାର ନ ହେବେ ସେ ଉପରେ ମତାମତ ଦେଇଥିଲେ। ଏହି ଅବସରରେ ପନିପରିବା ଓ ମିଲେଟ ପ୍ରଦର୍ଶନୀ କରାଯାଇଥିଲା। ଅଞ୍ଚଳର ଦୁଇ ଜଣ ସ୍ୱେଚ୍ଛାସେବୀ ଯୋଗଗୁରୁ ଅନିରୁଦ୍ଧ ପଧାନ ଓ ରଶ୍ମି ରେଖା ସାହୁଙ୍କୁ ଶ୍ରେଷ୍ଠ କର୍ମୀ ଭାବେ ସମ୍ମାନିତ କରାଯାଇଥିଲା। ବିକାଶ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମ ଅବସରରେ ହୋଇଥିବା ପନିପରିବା ପ୍ରଦର୍ଶନୀ।

# ଗଛକୁ ପିଟିଲା କଣ୍ଟେନର, ଡ୍ରାଇଭର ମୃତ

ସଇଁତଲା,୨୨।୪(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଥାନା ବେଲଗାଁ ଫାଣ୍ଡି ଅନ୍ତର୍ଗତ ବେଲଗାଁ କଲେଜ ଛକ ନିକଟରେ ଏକ କଣ୍ଟେନର ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଜଣକ ଉତ୍ତରପ୍ରଦେଶ ଆଜମଗଡ଼ର ରାଜାରାମ ଯାଦବ ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଗତ ସୋମବାର ବିଳମ୍ବିତ ରାତିରେ ଏକ ଆଲୁମିନିୟମ ବୋଝେଇ କଣ୍ଟେନର ଝାରସୁଗୁଡାରୁ ବାହାରି ଜାତୀୟ ରାଜପଥ ୨୬ ଦେଇ ବଲାଙ୍ଗୀର ପଟରୁ କଳାହାଣ୍ଡି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ କଣ୍ଟେନରର ଡ୍ରାଇଭର ରାଜାରାମ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସଇଁତଲା ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ବହୁ କଷ୍ଟରେ ଡ୍ରାଇଭରଙ୍କୁ ବାହାର କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଶୁଶାନ୍ତ ବଢ଼େଇଙ୍କ ଠାରୁ ପ୍ରକାଶ।

# ସେକ୍ଟରସ୍ତରୀୟ ପୋଷଣ ପକ୍ଷ ପାଳନ

ଦେଓଗାଁ,୨୨।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ସେକ୍ଟରସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଛି । ସିଡିପିଓ ମିନତୀ ମିଶ୍ରଙ୍କ ସଭାପତିତ୍ୱ ତଥା ସୁପରଭାଇଜର ନଳିନୀପ୍ରଭା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ଉତ୍ତମ ପୋଷଣ ଯୁକ୍ତ ଖାଦ୍ୟ ଉପରେ ଆଲୋକପାତ କରିଥିଲେ। ଏହାଛଡା ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ଯୋଗୁ ଖାଦ୍ୟରେ ପୋଷକ ତତ୍ତ୍ୱ ହ୍ରାସ ପାଉଥିବା ନେଇ କହିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ କୁଶମଣି ମେହେର, ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ କୃଷିର ଉପକାରିତା ତଥା ଜୈବିକ ସାର ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପରଝର ସୁପରଭାଇଜର ସୁବାସିନି ଦଣ୍ଡସେନା, ବଡବନ୍ଧ ସୁପରଭାଇଜର ଭୂମିସୂତା ମହାନନ୍ଦ, ପୋଷଣର ବ୍ଲକ ସଂଯୋଜକ ନେପାଳ ଭୋଇ ପ୍ରମୁଖ ଯୋଗ ଦେଇଥିବା ବେଳେ ସମସ୍ତ ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ ।


ପୋଷଣ ପକ୍ଷ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା।

# ତୁରେକେଲା କ୍ଲଷ୍ଟରରେ ପୃଥିବୀ ଦିବସ ପାଳିତ

କଣ୍ଟାବାଞ୍ଜି,୨୨।୪(ଗୁରୁଦୟାଲ ହଂସ)

ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ମଙ୍ଗଳବାର ପୃଥିବୀ ଦିବସ ପାଳିତ ହୋଇଯାଇଛି। ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ପ୍ରକୃତି ବନ୍ଧୁ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ମେହେରଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଅଭିଯାନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଥିବା ଗଛଲତାକୁ କିପରି ଯତ୍ନ କରାଯିବା ସହିତ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରାଯିବ ସେ ନେଇ ଛାତ୍ରୀଛାତ୍ରମାନଙ୍କୁ ଉଦାହରଣ ଓ ଗପ ମାଧ୍ୟମରେ ସଚେତନ କରାଯାଇଥିଲା। ସେହିପରି ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମାଧବୀଲତା ସାହୁ,ସୁଦୀପ୍ତା ଜେନା, ନିବେଦିତା ବାରିକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସିଆରସିସି ବିରଞ୍ଚି ନାରାୟଣ ଦାଶ ପୃଥିବୀ ଦିବସ ଉପରେ କହିଥିଲେ, ବର୍ତ୍ତମାନ ପୃଥିବୀରେ ପ୍ଲାଷ୍ଟିକ ବ୍ୟବହାର ଓ ପ୍ରଦୂଷଣ ବଢ଼ି ବଢ଼ି ଚାଲିଛି । ଯଦି ଏହାକୁ ରୋକା ନ ଯାଏ ତେବେ ଜନଜୀବନ ପ୍ରତି ବିପଦ ରହିଛି । ଏହି ଅବସରରେ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସହିତ ବୃକ୍ଷରୋପଣ କରିବା ଲାଗି ସମସ୍ତେ ଶପଥ ନେଇଥିଲେ।

# କାଳବୈଶାଖୀ ପରେ ବିଦ୍ୟୁତ୍ ଖୁଣ୍ଟ ମରାମତିରେ ଅବହେଳା ଅଭିଯୋଗ

**ଧାନ ଚାଷ ନଷ୍ଟ ଆଶଙ୍କା, ଆନ୍ଦୋଳନ ପାଇଁ ଚାଷୀ ସଜବାଜ**

ଦେଓଗାଁ,୨୨।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ କାଳବୈଶାଖୀ ପ୍ରଭାବରେ ଅନେକ କ୍ଷୟକ୍ଷତି ହୋଇଛି । ଏହାମଧ୍ୟରେ କାଳବୈଶାଖୀକୁ ୩ ଦିନ ବିତିଯାଇଥିଲେ ସୁଦ୍ଧା ଉପରଝର ପଞ୍ଚାୟତର ରେଙ୍ଗାଲି ଓ ଫଟାମୁଣ୍ଡା ଗାଁରେ ଭାଙ୍ଗି ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ମରାମତି କରାଯାଇନାହିଁ । ଫଳରେ ଉଭୟ ଗାଁକୁ ବିଦ୍ୟୁତ ସରବରାହ ଓ ପାନୀୟ ଜଳଯୋଗାଣ ବନ୍ଦରହିଛି। ଏହାସହ ଚାଷ ଜମିଗୁଡିକରେ ଲାଗିଥିବା ଏଲଆଇ ପଏଣ୍ଟ ମଧ୍ୟ ଅଚଳ ରହିଛି । ଏହାଛଡା ଏହି ଦୁଇଟି ଗାଁରେ ହୋଇଥିବା ପ୍ରାୟ ୫୦ ଏକର ରବି ଧାନଚାଷ ଏବେ ପାଣି ଅଭାବରୁ ଶୁଖିବାକୁ ବସିଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଉଭୟ ଗାଁର ଚାଷୀମାନେ ବଲାଙ୍ଗୀର ଯାଇ ଆନ୍ଦୋଳନ କରିବେ ବୋଲି ଆମ୍ ଆଦମୀ ପାର୍ଟିର ଜିଲା ସଭାପତି ଆଶିଷ କୁମାର ପାଣ୍ଡେ ଚେତାବନୀ ଦେଇଛନ୍ତି ।

# ପୁରାତନ ସଂସ୍କୃତି ବଜାୟ ରଖିବା ଉପରେ ଗୁରୁତ୍ୱ

## ଖଦ୍ୟୋତ ଅନୁଷ୍ଠାନ ତରଫରୁ ପୁରସ୍କାର ବିତରଣ

ବଲାଙ୍ଗୀର,୨୨।୪(ବୀରେନ୍ଦ୍ର କୁମାର ଝାଙ୍କର)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଖଦ୍ୟୋତ ପକ୍ଷରୁ ସ୍ଥାନୀୟ ତେଲିଗୋଠପଡାସ୍ଥିତ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାର ସମ୍ମିଳନୀ କକ୍ଷରେ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଗରିକ କମିଟି ଉପସଭାପତି ନିତ୍ୟାନନ୍ଦ ମିଶ୍ର ମୁଖ୍ୟଅତିଥି, ରେଡକ୍ରସ ସାଧନ କର୍ମୀ ଡ. ରବିଚନ୍ଦ୍ର ପଶାୟତ, ବନ୍ଧପଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ପଣ୍ଡା ଏବଂ ସାମ୍ବାଦିକ ଆକୁଳ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜରେ ସାଂସ୍କୃତିକ ଓ ସାମାଜିକ ବିପ୍ଳବ ଦରକାର। ଏହାଛଡା ପୁରାତନ ସଂସ୍କୃତିକୁ ବଜାୟ ରଖିବା ପାଇଁ ସମସ୍ତେ ପ୍ରୟାସ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ କଳା ଓ ସଂସ୍କୃତି ପ୍ରତି ଆକୃଷ୍ଟ କରିବାକୁ ସମସ୍ତ ଅଭିଭାବକ ଓ ଶିକ୍ଷାବିତ୍ ଉଦ୍ୟମ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ରଙ୍ଗୋଲି, କୌତୁକ ପୋଷାକ, ସଙ୍ଗୀତ ଓ ଡ୍ୟାନ୍ସ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ମେଡାଲ ଦେଇ ପୁରସ୍କୃତ କରିଥିଲେ। ସଙ୍ଗୀତରେ ସଞ୍ଜନା ମିଶ୍ର, ହର୍ଷିତା ସିଂ, ସମର୍ପିତା ବାରିକ, ନୈତିକ ନୟନ ଦାଶ, ଡ୍ରଇଂରେ ସୌମ୍ୟ ରଞ୍ଜନ ସାହୁ, ଡ୍ୟାନ୍ସରେ ଅଭିପ୍ସା ସାହୁ, ହର୍ଷିତା ସିଂ, ପ୍ରିୟାଂଶି ମହାନ୍ତି, ୟସରାଜ ବିନ୍ , ଆଦ୍ୟାଶା ଅନାଲିକା ଯୋଷୀ ଏବଂ ରଙ୍ଗୋଲିରେ ମଧୁସ୍ମିତା କର୍ଣ୍ଣ, ସବିତା ବାରିକ, ବାସନ୍ତି ପୁରୋହିତ, ଅନିମା ସିଂ ପ୍ରମୁଖ ପୁରସ୍କୃତ ହୋଇଥିଲେ। ଉତ୍ସବରେ ମୋତିଲାଲ ସାହୁ, ଅନନ୍ତ ବିଶୋଇ, ପ୍ରମୋଦ କୁମାର ସାହୁ, ଦିପକ ମହାନ୍ତି, ଅନ୍ତର୍ଯ୍ୟାମୀ ଯୋଷୀ, ନମ୍ରତା ପାଣିଗ୍ରାହୀ, ରାଜେଶ ପାଣିଗ୍ରାହୀ, ସତ୍ୟ ନାରାୟଣ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଶେଷରେ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ସ୍ୱୟଂ ସହାୟିକା ମହିଳା ପ୍ରାଣୀମିତ୍ରଙ୍କ ଫାର୍ମ ପରିଦର୍ଶନ



ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ ଅବସରରେ ସ୍ୱୟଂ ସହାୟିକା ମହିଳା ପ୍ରାଣୀମିତ୍ରମାନେ।

ଲୋଇସିଂହା,୨୨।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ପ୍ରାଣୀଧନ ନିରୀକ୍ଷକ ପ୍ରଶିକ୍ଷଣ କେନ୍ଦ୍ରଠାରେ ତାଲିମ ନେଉଥିବା ନୂଆପଡା ଜିଲାର ୨୫ଜଣ ସ୍ୱୟଂ ସହାୟିକା ମହିଳା ପ୍ରାଣୀମିତ୍ରଙ୍କ ବିଭିନ୍ନ ଫାର୍ମ ଓ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସେମାନେ ଲୋଇସିଂହା ପ୍ରାଣୀଧନ ସହାୟକ କେନ୍ଦ୍ର ପରିଦର୍ଶନ କରିବା ସହିତ ନିକଟସ୍ଥ ଭାଲୁପାଲି ଗ୍ରାମରେ ଗାଈଗୋରୁଙ୍କ ଚିକିତ୍ସା କରାଯାଇଥିଲା। ପରେ ଲୋଇସିଂହାସ୍ଥିତ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ. ଆନନ୍ଦ ସାଗର ସେଠ, ପ୍ରାଣୀ ଚିକିତ୍ସକ ଡ. ସଂଗ୍ରାମ ସିଂ ନାୟକ ଓ ଡ. ଅର୍ପିତା ନାୟକ ସେମାନଙ୍କୁ ଚିକିତ୍ସାଳୟ ବୁଲାଇ ଦେଖାଇଥିଲେ। ଏହି ଅବସରରେ ଡ. ସେଠ ପ୍ରାଣୀମିତ୍ରଙ୍କୁ କୃତ୍ରିମ ପ୍ରଜନନ ଓ ଡ଼ ନାୟକ ଶଲ୍ୟ ଚିକିତ୍ସା ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ସନ୍ୟାସୀ ଶତପଥୀ, ଡ.ଦେବାଶିଷ ପଟେଲ ଓ ଡ. ରାଜା ଉଦୟଭାନୁ ପ୍ରମୁଖ ସହଯୋଗ କରିଥିଲେ। ଅପରାହ୍ନରେ ସେମାନେ ପିର୍ପିଡାସ୍ଥିତ ଏକ ଗାଈ ଫାର୍ମ ବୁଲିଯାଇ ଘାସଚାଷ ଓ ଆଶୁ ଚିକିତ୍ସା ଉପରେ ଜ୍ଞାନ ଆହରଣ କରିଥିଲେ। ଏହାପୂର୍ବରୁ ଏ ହେଲ୍ପ ପ୍ରଶିକ୍ଷାର୍ଥୀଙ୍କ ସହାୟତାରେ ବରପଦର ଗ୍ରାମରେ ଏକ ଏମଭିୟୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ପ୍ରାଣୀ ଚିକିତ୍ସକ ଡ. ମୋନାଲି ଦାସ ଟିକାକରଣ ଓ ପ୍ରାଣୀମାନଙ୍କ ଆଶୁ ଚିକିତ୍ସା କରିଥିଲେ। ୨୫ଜଣ ଏ ହେଲ୍ପ ପ୍ରଶିକ୍ଷାର୍ଥୀ ଡ. ମୋନାଲି, ଡ. ଶୁଭାବ୍ରତ ଦାସ, ଡ.ଦେବାଶିଷ ପଟେଲଙ୍କ ଠାରୁ ଟିକାକରଣ, ଚିକିତ୍ସା ବିଷୟରେ ଶିକ୍ଷା ଗ୍ରହଣ କରିଥିଲେ। ସ୍ୱୟଂ ସହାୟିକା ମହିଳା ପ୍ରାଣୀମିତ୍ରମାନଙ୍କ ପାଇଁ ଏହା ଏକ ନୂତନ ଅନୁଭୂତି ଥିଲା। ଏହି ଶିବିରରେ ୩୭ ଗାଈଗୋରୁଙ୍କୁ ଟିକା ଦିଆଯାଇଥିଲା ଓ ୪୪ ଗାଈକୁ ଭିଟାମିନ ଦିଆଯାଇଥିଲା। ଶିବିରକୁ ଡ. ରାଜା ଉଦୟଭାନୁ ରାଉତ ତଦାରଖ କରିଥିଲେ। ଆଗାମୀ ଦିନରେ ସ୍ୱୟଂ ସହାୟିକା ମହିଳା ପ୍ରାଣୀମିତ୍ରମାନେ ଚିପିଲିମାସ୍ଥିତ ଗୋ ପ୍ରଜନନ କେନ୍ଦ୍ର ବୁଲି ଯିବାର ଥିବା ସୂଚନା ଦିଆଯାଇଛି।

# ‘ଅର୍ଥଶାସ୍ତ୍ରରେ ନିଯୁକ୍ତି ସୁଯୋଗ: ସାମ୍ପ୍ରତିକ ପରିଦୃଶ୍ୟ’ ଶୀର୍ଷକ ସେମିନାର

**କଣ୍ଟାବାଞ୍ଜି କେ.ଭି. କଲେଜ**

କଣ୍ଟାବାଞ୍ଜି,୨୨।୪(ଗୁରୁ ଦୟାଲ ହଂସ)

ସୋମବାର କଣ୍ଟାବାଞ୍ଜି କେ.ଭି. କଲେଜଠାରେ ‘ଅର୍ଥଶାସ୍ତ୍ରରେ ନିଯୁକ୍ତି ସୁଯୋଗ: ସାମ୍ପ୍ରତିକ ପରିଦୃଶ୍ୟ’ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କୁ ଅର୍ଥନୀତି କ୍ଷେତ୍ରରେ ବିକଶିତ କ୍ୟାରିୟର ପଥ ବିଷୟରେ ସଚେତନ କରିବା ଏହାର ଉଦ୍ଦେଶ୍ୟ ଥିଲା। କଲେଜର ଅଧ୍ୟକ୍ଷ ଡ. ପଦ୍ମଲୋଚନ ବର୍ମା ଏହାକୁ ଉଦଘାଟନ କରି ଆଜିର ଚାକିରି ବଜାରରେ ଏହି ବିଷୟର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମିନାରରେ ଆଇ.ଆଇ.ଏମ ବୋଧଗୟାର ଅର୍ଥନୀତି ବିଭାଗର ସହାୟକ ପ୍ରଫେସର ଡ. ମଧୁମିତା ଦାସ ଅତିଥି ବକ୍ତା ଭାବରେ ଯୋଗ ଦେଇଥିଲେ। ଏଡି ଅବସରରେ ଛାତ୍ରୀଛାତ୍ରମାନେ ଏକ ପ୍ରଶ୍ନୋତ୍ତର ଅଧିବେଶନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। କ୍ୟାରିୟର ସମ୍ଭାବନା ବିଷୟରେ ଚିନ୍ତନଶୀଳ ପ୍ରଶ୍ନ ଉଠାଇଥିଲେ। ଡ.ଦାସ ସେମାନଙ୍କର ସନ୍ଦେହର ପୁଙ୍ଖାନୁପୁଙ୍ଖ ଭାବରେ ସମାଧାନ କରିଥିଲେ। ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରି ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିଥିଲେ। ଏହି କାର୍ଯ୍ୟକ୍ରମରେ କେଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି,ବାଣିଜ୍ୟ ବିଭାଗର ମୁଖ୍ୟ ଜେ. ଏନ. ମିଶ୍ର, ଅର୍ଥନୀତି ବିଭାଗର ମୁଖ୍ୟ ଉମେଶ ବାଗ ଓ ରୋହିତ କିଶୋର କୁମାର ପ୍ରମୁଖ ଯୋଗ ଦେଇଥିଲେ। ଡ. ସୁଶାନ୍ତ ମହାନନ୍ଦ ସେମିନାର ପରିଚାଳନା କରିଥିଲେ। ଅଧିବେଶନ କୃଷ୍ଣ ମେହେରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଅଧ୍ୟାପିକା ଦିଶା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସେମିନାରରେ ଅଧ୍ୟାପକ ଯତୀନ ଦ୍ୱାରୀ, ନୀଳାମ୍ବର ସାରକା, ଅଧ୍ୟାପିକା ସବିତା ମହାପାତ୍ର,ପ୍ରଭାସିନୀ ରାଉତରାୟ, ଅନ୍ନପୂର୍ଣ୍ଣା ପଣ୍ଡା, ଉର୍ମିଳା ସାହୁ,ମନୀଷା ତୁରିଆଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ସେମିନାରରେ ଉପସ୍ଥିତ ଡ. ମଧୁମିତା ଦାସ ଓ ଅଧ୍ୟାପିକା ଅଧ୍ୟାପକ।

**ASSISTANT REQUIRED**
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply ( male or female) candidate mother tongue Odia with certificate copies and Aadhar card to Sriram Enterpriser, Red cross Road Bhanjanagar-761126
Phone/ Whatsapp: 9438572007

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଫାୟାର ୱାଟର ଡିଷ୍ଟଲେରୀ ପ୍ରା ଲିଃ. କୋମତାଲପେଟା, ରାୟଗଡ଼ା ନିମନ୍ତେ ସେଲ୍ସ ଏକ୍ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା – ଯେକୌଣସି ଡିଗ୍ରୀ, ଅଭିଜ୍ଞତା – ସର୍ବନିମ୍ନ ୪ ବର୍ଷ। ଯୋଗାଯୋଗ – ୯୮୬୬୫୩୪୮୮୮, ୭୩୨୫୯୭୧୮୯୯

**Job Opportunity at SB Sahoo & Co Pvt. Ltd., Bhubaneswar**
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to sbsahoo11@gmail.com
Contact : 9437035347, 9437468247

**WELDER REQUIRED**
ମଞ୍ଚେଶ୍ୱର ଭୁବନେଶ୍ୱର
ୱେଲଡ଼ର ଆବଶ୍ୟକ ।
Salary-12k to 17k
ଖାଇବା ରହିବା ସୁବିଧା ଅଛି ।
Contact - 9124614403

**REQUIREMENT**
Wanting one staff for our distributorship Godown At Khordha. Experience in marg software.
Mob : 9556070670

Gitanjali AWARDS
**WANTED GRAPHIC DESIGNERS**
With complete knowledge of CorelDraw.
Interested candidates may send their resume to info@gitanjaliawards.com.
Gitanjali Awards Pvt. Ltd.
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

ଧରିତ୍ରୀ DHARITRI Oriya daily
**WANTED**

| POSITION | ELIGIBILITY | LOCATION |
|---|---|---|
| DIGITAL MARKETING EXECUTIVES | • Well versed with Media Clients and Agencies for Digital Platforms.<br>• Must have retail, corporate client base.<br>• Capable to aggressively chase sales targets.<br>• Hands-on experience in content management.<br>• Drive new client acquisition.<br>• Proficiency in social media platforms.<br>• Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ରଥଦାଣ୍ଡ ଖାଲଖମାରେ ଭର୍ତ୍ତି

ସୋନପୁର,୨୨।୪(ମୃତ୍ୟୁଞ୍ଜୟ ଶତପଥୀ)

ଆସନ୍ତା ଜୁନ ୨୭ରେ ପ୍ରସିଦ୍ଧ ରଥଯାତ୍ରା। ସୁବର୍ଣ୍ଣପୁର ସହରରେ ରାଜାରାଜୁଡ଼ା ଅମଳରୁ ଏହି ଯାତ୍ରା ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ। ତେବେ ରଥଦାଣ୍ଡର ଗୁଣ୍ଡିଚା ମନ୍ଦିରଠାରୁ ଗଙ୍ଗାଧର ମେହେର ଛକ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇରହିଛି। ସେହିପରି ଦୁର୍ଗାମଣ୍ଡପ ଛକରେ ଗତ ୩ ମାସ ପୂର୍ବରୁ ଆରମ୍ଭ ହୋଇଥିବା କଲଭର୍ଟ କାମ ଏ ପର୍ଯ୍ୟନ୍ତ ସରୁନି। ଏଥିପାଇଁ ଲୋକପ୍ରତିନିଧି ଓ ପ୍ରାଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନି। ଅଷ୍ଟ ଶମ୍ଭୁ, ଅଷ୍ଟଚଣ୍ଡୀ ଓ ଅଷ୍ଟ ବିଷ୍ଣୁଙ୍କ ମନ୍ଦିର ଭଳି ୧୦୮ଟି ମନ୍ଦିରରେ ପରିବେଷ୍ଟିତ ମନ୍ଦିର ମାଳିନୀ ସହର। ସୋନପୁର ଗଡ଼ଜାତ ସମୟରେ ଅନେକ ଯାନି ଯାତ୍ରା ପାଳିତ ହୋଇଥାଏ। ସ୍ୱାଧୀନତା ପରେ ସୋନପୁର ଉପକଣ୍ଠରରେ ମଧ ଯାନିଯାତ୍ରା ଧୁମା ଧାମରେ ପାଳିତ ହେଲା। ଜିଲା ଗଠନ ପରେ ପ୍ରଶାସନିକ କଳର ଉଦାସୀନତା ପାଇଁ କେତେକ ଯାନି ଯାତ୍ରା ଫିକା ପଡିଯାଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଗତ କିଛି ବର୍ଷ ହେଲା ସୋନପୁର ରଥଯାତ୍ରାର ପୂର୍ବ ଭଳି ଚମକ ରହୁନି। ପୁରୀ ରଥଯାତ୍ରା ପରି ସମସାମୟିକ ଏଠାକାର ରଥଯାତ୍ରା। ଗଡ଼ଜାତ ସମୟରୁ ସୋନପୁର ରଥଯାତ୍ରା ଧୁମଧାମରେ ପାଳିତ ହୋଇ ଆସୁଛି। ଜିଲାର ଉଲୁଣ୍ଡା ବ୍ଲକ କୋଟସୋମଲାଇରେ ୧୪୪ ବର୍ଷ ପ୍ରଭୁ ଜଗନ୍ନାଥ ପାତାଳି ହୋଇଥିଲେ ବୋଲି ଗବେଷକମାନେ ମତ ଦେଇଛନ୍ତି।

**ନୂତନ ରଥ ନିର୍ମାଣ ହେଉନି**



ରଥଦାଣ୍ଡରେ କଲଭର୍ଟ ନିର୍ମାଣ କାମ ସରୁନି।

ସୁବର୍ଣ୍ଣପୁର ସହରର ମାଉସୀ ମା' ମନ୍ଦିର ପଶ୍ଚିମ ଓଡ଼ିଶାର ପୁରାତନ ଓ ଉଚ୍ଚତମ ମନ୍ଦିର। ଏହି ମନ୍ଦିରରେ ନରସିଂହଙ୍କ ବିରାଟ ପିତଳ ମୂର୍ତ୍ତି ବିରାଜମାନ ଅଛନ୍ତି। ରାଜା ଶାସନ ସମୟରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଯୁବରାଜଙ୍କ ରାଜାଭିସେକ ହେଉଥିଲେ। ଦୀର୍ଘ ବର୍ଷ ଏହି ପରମ୍ପରା ଚାଲି ଆସୁଥିଲା। କିନ୍ତୁ ରଥଯାତ୍ରାରେ ସରକାରୀ କଳର ଉଦାସୀନତା ଯୋଗୁ ରଥଯାତ୍ରା କିଛି ବର୍ଷ ଧରି ଫିକା ପଡୁଛି। ରଥଯାତ୍ରା ପାଇଁ କାଠ ଅଭାବ ଆଳରେ ନୂତନ ରଥ ନିର୍ମାଣ ହୋଇ ପାରୁନାହିଁ। କେବଳ ପୁରୁଣା କାଠରେ ମରାମତି କରାଯାଉଛି। ତେଣୁ ରଥଯାତ୍ରା ସମୟରେ ଅଖ ଓ ଚକ ଭାଙ୍ଗିବା ସହିତ ଅନେକ ବିଭ୍ରାଟ ଦେଖିବାକୁ ମିଳୁଛି। ଜଗନ୍ନାଥ ପ୍ରେମୀଙ୍କ ମନରେ ଏନେଇ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ସେବାୟତ ଓ ଭକ୍ତମାନେ ନୂତନ ରଥ ନିର୍ମାଣ ନେଇ ଅଭିଯୋଗ କରୁଥିଲେ ମଧ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଗତବର୍ଷ ଜଣେ ଭକ୍ତ ରଥକାଠ ଦାନ ସୂତ୍ରରେ ପ୍ରଦାନ କରିବା ପାଇଁ ଆଗ୍ରହ ରଖିଥିବା ବେଳେ ଆନ୍ତରିକତା ଅଭାବରୁ ନୂତନ ରଥ ନିର୍ମାଣ ହୋଇ ପାରିଲା ନାହିଁ। ଗଡଜାତ ସମୟର ଏହି ପ୍ରସିଦ୍ଧ ରଥଯାତ୍ରାରେ କେବଳ କାମଚଳା ନୀତି ଗ୍ରହଣ ନ କରିବାକୁ ଦାବି ହେଉଛି। ଏଥିପାଇଁ ବହୁ ପୂର୍ବରୁ ରଥଯାତ୍ରା ପ୍ରାକ ପ୍ରସ୍ତୁତି ବୈଠକ କରି ନୂତନ ରଥ ନିର୍ମାଣ, ରଥଦାଣ୍ଡ ମରାମତି ଓ ରଥଦାଣ୍ଡ ଓସାରିଆ କରିବାକୁ ଦାବୀ ହେଉଛି।

# ନାଟକ ନରାନ୍ତକ ବଧ ମଞ୍ଚସ୍ଥ

ବୌଦ୍ଧ,୨୨।୪(ଅଜିତ କୁମାର ବାରିକ)

ବୌଦ୍ଧର ପ୍ରସିଦ୍ଧ ଗଣପର୍ବ ରାମଲୀଳା ଯାତ୍ରାର ମଙ୍ଗଳବାର ମଞ୍ଚସ୍ଥ ହୋଇଛି ନାଟକ ନରାନ୍ତକ ବଧ। ମହାମାୟାବୀ ପୁତ୍ର ମହୀରାବଣ ବଧ ପରେ ରାବଣ ଚିନ୍ତିତ ହୋଇପଡ଼ିଛି। ତଥାପି ଲଙ୍କାଗଡ ବୀରଶୂନ୍ୟ ହୋଇନାହିଁ। ମହୀରାବଣ ବଧ ପରେ ରାବଣକୁ ଚେତାଇ ଦେଇଛି ମାତା ନୌକେଶୀ। ଏବେବି ବଞ୍ଚିଛି ପୁତ୍ର ନରାନ୍ତକ। ଯେଉଁ ପୁତ୍ରମାନଙ୍କୁ ରାବଣ ସମୁଦ୍ରକୁ ଫିଙ୍ଗି ଦେଇଥିଲା, ସେହି ପୁତ୍ରମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛି ନରାନ୍ତକ। ସେ ଗୁରୁ ଶୁକ୍ରାଚାର୍ଯ୍ୟଙ୍କଠାରୁ ଯୁଦ୍ଧ ବିଦ୍ୟା ଶିକ୍ଷା କରି ହୋଇଛି ମହାପ୍ରତାପୀ। ପିତା ରାବଣର ଡାକ ଶୁଣି ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇଛି ନରାନ୍ତକ। ଶେଷରେ ଶ୍ରୀରାମ ଲକ୍ଷ୍ମଣଙ୍କ ହାତରେ ବଧ ହୋଇଛି। ଏହି ନାଟକ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ ଲାଗିରହିଥିଲା। ବୁଧବାର ରାମଲୀଳା ଯାତ୍ରାର ମୁଖ୍ୟ ଆକର୍ଷଣ ରାବଣ ବଧ ମଞ୍ଚସ୍ଥ ହେବ। ସେଥିପାଇଁ ନାଟ୍ୟସଂସଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସହରର ବିଭିନ୍ନ ଛକରେ ରାତିସାରା ରାମ ରାବଣ ସମର ହେବ।



ରାମଲୀଳା ନାଟକର ଦୃଶ୍ୟ।

# ଟ୍ରେନିଂ ବେଳେ ଶିକ୍ଷୟିତ୍ରୀ ଅସୁସ୍ଥ, ମେଡିକାଲରେ ଭର୍ତ୍ତି

ହରଭଙ୍ଗା,୨୨।୪(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବଡ଼ବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସକାଳେ ଟ୍ରେନିଂ ଚାଲିଥିବା ବେଳେ ଜଣେ ଶିକ୍ଷୟିତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ହରଭଙ୍ଗା ବ୍ଲକ ବଡ଼ବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଟ୍ରେନିଂ ଚାଲିଥିବାବେଳେ ପୁରୁଣାକଟକ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶୁଭଲତା ଜାନୀ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ପୁରୁଣାକଟକ ମେଡିକାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବୌଦ୍ଧ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବୌଦ୍ଧରୁ ତାଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି। ଏ ନେଇ ପୁରୁଣାକଟକ ମେଡିକାଲର ଡାକ୍ତର ରଜତ ମହାନନ୍ଦିଆଙ୍କୁ ପଚାରିବାରୁ ଶିକ୍ଷୟିତ୍ରୀଙ୍କ ହାର୍ଟ ସମସ୍ୟା ଥିଲା, ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୌଦ୍ଧ ମେଡିକାଲକୁ ପଠାଯାଇଥିବା ସେ କହିଥିଲେ।

# ସାମାଜିକ ବାସନ୍ଦ ପରିବାର ଏସ୍‌ପିଙ୍କୁ ଭେଟିଲେ

ବାଉଁଶୁଣୀ,୨୨।୪(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା କଙ୍କଳା ଗ୍ରାମରେ କିଛି ମୁଷ୍ଟିମେୟ ବ୍ୟକ୍ତି କଙ୍ଗାରୁ କୋର୍ଟ କରି ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ କରିଛନ୍ତି। ପୀଡ଼ିତ ପରିବାର ଏ ନେଇ ମଙ୍ଗଳବାର ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୩୦ ତାରିଖରେ କଙ୍କଳା ଗ୍ରାମର ହୃଦ ସେଠୀଙ୍କ ଝିଅ ବିବାହ ଥିବାରୁ ସେ ଶିବ ମନ୍ଦିରରେ ଏକ ରୁଦ୍ରାଭିଷେକ କରିଥିଲେ। ତେବେ ପୂର୍ବରୁ ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ଶିବ ମନ୍ଦିରକୁ ନ ଯିବା ପାଇଁ ଗ୍ରାମରେ ହୁକୁମ୍ ଜାରି କରିଥିଲେ। ମାତ୍ର ଝିଅ ବାହାଘର ମାଙ୍ଗଳିକ କାର୍ଯ୍ୟ ପୂର୍ବରୁ ରୁଦ୍ରାଭିଷେକ ପାଇଁ ମାନସିକ ରଖିଥିବା ହୃଦ ସେଠୀ ଶିବ ମନ୍ଦିରକୁ ଯିବାକୁ ବାଧ ହୋଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ସେହି ବ୍ୟକ୍ତିମାନେ ଗତ ୨୦ ତାରିଖରେ ଗ୍ରାମ କୁଟିରେ ବୈଠକ କରି ନିଷ୍ପତ୍ତି ଅବମାନନା କରି ମନ୍ଦିରକୁ ଯାଇଥିବାରୁ ହୃଦଙ୍କୁ ଗ୍ରାମରୁ ସାମାଜିକ ବାସନ୍ଦ କରିଥିଲେ। ସେହିପରି ବିବାହ ଭୋଜି ପାଇଁ ଲୋକେଙ୍କୁ ମନା କରିବା, କୌଣସି ଦୋକାନରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି ନ କରିବା, ବିବାହ ସମୟରେ ଜାତିଆଣ କାର୍ଯ୍ୟରେ ସହଯୋଗ ନ କରିବା ଆଦି ଅନେକ କଟକଣା ବାସନ୍ଦ ପରିବାର ପ୍ରତି ଲାଗୁ କରିଛନ୍ତି। ନିଜ ପରିବାରର ସାମାଜିକ ଜୀବନ ଧାରଣର ସ୍ୱାଧୀନତା ବିପନ୍ନ ହେଉଥିବା ନେଇ ହୃଦ ସ୍ତ୍ରୀଙ୍କ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏସ୍‌ପି ରାହୁଲ ଗୋୟଲ ଏ ସମ୍ପର୍କରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ବାଉଁଶୁଣୀ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।



ଏସ୍‌ପିଙ୍କୁ ଭେଟିଥିବା ଦମ୍ପତି।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଧରିତ୍ରୀ ଦିବସ ପାଳିତ



ଧରିତ୍ରୀ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

ବୀରମହାରାଜପୁର,୨୨।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁରୁଣ୍ଡୀ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସକାଳ ୯ଟାରେ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପ୍ରଧାନଶିକ୍ଷକ କାଳିଆ କର୍ମୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶିକ୍ଷୟିତ୍ରୀ ଅନିତା ମହାରୁଦ୍ର, ମିତା ପ୍ରଧାନ, ଶିକ୍ଷକ ସଚ୍ଚିଦାନନ୍ଦ ବେହେରା, ଜଗନ୍ନାଥ ମେହେର, ସୁଧୀର ରଞ୍ଜନ ପ୍ରଧାନ, ଶ୍ରୀକାନ୍ତ ନାଏକ ଏବଂ ମିକ୍ସିବିଦ ପ୍ରଧାନ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ମଞ୍ଚାସୀନ ଥିଲେ। ଧରିତ୍ରୀ ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତା କରାଯାଇଥିଲା। ଚିତ୍ରାଙ୍କନରେ ନମ୍ରତା କ୍ଷେତି, ପାୟଲ ବେହେରା ଏବଂ ଶ୍ରେୟାରାଣୀ ପ୍ରଧାନ ଏବଂ କୁଇଜରେ ଧ୍ରୁବ ମଲ୍ଲିକ, ଓମ କୁମାର ପ୍ରଧାନ ଓ ଜ୍ୟୋତିରାଣୀ ପ୍ରଧାନ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ନିଳାମ୍ବର ମେହେର ସଭା ପରିଚାଳନା କରିଥିଲେ।

# ପ୍ରଶିକ୍ଷଣ ନେଲେ ଜୁନିୟର ପ୍ରଶିକ୍ଷାର୍ଥୀ

**ପ୍ରାଥମିକ ଚିକିତ୍ସା ଶିବିର**

ବୀରମହାରାଜପୁର,୨୨।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉତ୍ତରଖଣ୍ଡ ମହଦା ପଞ୍ଚାୟତ ଅନ୍ତର୍ଗତ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ମଙ୍ଗଳବାର ସକାଳ ୯ଟାରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କର୍ମୀ ଶରତ ନାଏକ ଓ ବରିଷ୍ଠ ଶିକ୍ଷକ ଦିଲ୍ଲୀପ ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ରେଡ଼କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଭୁବନେଶ୍ୱର ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୁବର୍ଣ୍ଣପୁରଙ୍କ ମାର୍ଗଦର୍ଶନରେ ଜିଲା ଶିକ୍ଷାଧିକାରୀ ମାନରାଣୀ ମଙ୍ଗଳ, ଜୁନିଅର ରେଡ଼କ୍ରସ ସମ୍ପାଦକ ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଜୁନିଅର ରେଡ଼କ୍ରସ ଅଫିସର ରବିନ୍ଦ୍ର ପାଣିଗ୍ରାହୀ, ଉପ ସଭାପତି ଗତିକୃଷ୍ଣ ମିଶ୍ର ଓ ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହାଙ୍କ ମାର୍ଗଦର୍ଶନ କରିଥିଲେ। କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହୃଷୀକେଶ ଚାନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ନରେନ୍ଦ୍ର ନାଗ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଜଗଦୀଶ ଦାଶ ଓ ଟିକ୍କୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମନୋଜ ଅମାତ ସାଧନ କର୍ମୀଭାବେ ଶିବିରଆଁକୁ ପ୍ରଶିକ୍ଷଣ ଦେଇଥିଲେ। କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ମହଦା ଓ ଟିକ୍କୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତାଧିକ ଜୁନିଅର ପ୍ରଶିକ୍ଷାର୍ଥୀ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ପହଞ୍ଚାଇବା ପର୍ଯ୍ୟନ୍ତ କିପରି ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବ ସେ ସବୁ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶିକ୍ଷକ ସତ୍ୟ ନାରାୟଣ ମେହେର ଏଥିରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଶିବରାମ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିକେଟ: ଜୟ ଭୈରବୀ କ୍ଲବ୍ ଚାମ୍ପିୟନ

ବୌଦ୍ଧ,୨୨।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଜିଲା ଷ୍ଟାଡ଼ିୟମରେ ଚାଲିଥିବା ଇନ୍‌ଟ୍ରା କ୍ଲବ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଫାଇନାଲ ମ୍ୟାଚ୍ ପ୍ରଗତି କନ୍ଧମାଳ ଓ ଜୟ ଭୈରବୀ କ୍ଲବ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଇନିଂସରେ ଜୟ ଭୈରବୀ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୧.୪ ଓଭରରେ ୧୦ ଉଇକେଟ ବିନିମୟରେ ୧୫୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶକ୍ତିଶଙ୍କର ବାରିକ ୩୨ବଲରୁ ୪୫ ରନ୍ ଓ ଯୋଗେଶ ରାଓ ୨୫ ବଲରୁ ୨୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ଦ୍ୱିତୀୟ ଇନିଂସରେ ପ୍ରଗତି କ୍ଲବ କନ୍ଧମାଳ ୨୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ ରନ୍ କରିପାରିଥିଲା। ଫଳରେ ଜୟ ଭୈରବୀ କ୍ଲବ ୫୪ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଅମ୍ପାୟାର ରାମକୃଷ୍ଣ ପାଲ ଓ ତାପସ ରଞ୍ଜନ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିବାବେଳେ ସ୍ୱାଗତ କୁମାର ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**ASSISTANT REQUIRED**
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply (male or female) candidate mother tongue Odia with certificate copies and Aadhar card to Sriram Enterprises, Red cross Road Bhanjanagar-761126
Phone/ Whatsapp: 9438572007

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹ 350 per sq.cm
Colour : ₹ 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଫାୟାର ଓ୍ୱାଟର ଡିଷ୍ଟଲେରୀ ପ୍ରା ଲିଃ, କୋଳଥିଆପେଟା, ରାଉରକେଲା ନିମନ୍ତେ ସେଲ୍ସ ଏକ୍ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା - ଯେକୌଣସି ଡିଗ୍ରୀ, ଅଭିଜ୍ଞତା - ସର୍ବନିମ୍ନ ୪ ବର୍ଷ। ଯୋଗାଯୋଗ - ୯୮୬୧୫୩୪୮୮୮, ୭୩୨୫୯୭୬୧୯୯

**Job Opportunity at SB Sahoo & Co Pvt. Ltd., Bhubaneswar**
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to sbsahoo11@gmail.com
Contact : 9437035347, 9437468247

**WELDER REQUIRED**
ମଞ୍ଚେଶ୍ୱର ଭୁବନେଶ୍ୱର
ଓ୍ୱେଲଡ଼ର ଆବଶ୍ୟକ।
Salary-12k to 17k
ଖାଇବା ରହିବା ସୁବିଧା ଅଛି।
Contact - 9124614403

**REQUIREMENT**
Wanting one staff for our distributorship Godown At Khordha. Experience in marg software.
Mob : 9556070670

Gitanjali AWARDS
**WANTED GRAPHIC DESIGNERS**
With complete knowledge of CorelDraw.
Interested candidates may send their resume to info@gitanjaliawards.com.
Gitanjali Awards Pvt. Ltd.
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

# ପୌର ପରିଷଦ ଅଫିସରେ ତାଲା ପକାଇଲେ

■ କଲଭର୍ଟ, ଡ୍ରେନ୍ ନିର୍ମାଣ ବିଳମ୍ବର ପ୍ରତିବାଦ କଲେ ଅଞ୍ଚଳବାସୀ
■ ପୌର ନିର୍ବାହୀ ଅଧିକାରୀ ୭ ଦିନ ସମୟ ନେଲେ

ସୋନପୁର,୨୨।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଗଙ୍ଗାଧର ମେହେର ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବାମପାର୍ଶ୍ୱ ଡ୍ରେନ୍ ନିର୍ମାଣରେ ବିଳମ୍ବ ହେଉଛି। ଦୁର୍ଗା ମଣ୍ଡପ ଛକରେ ଗତ ୩ ମାସ ଧରି ଏକ ଛୋଟ କଲଭର୍ଟ ନିର୍ମାଣ କାମ ଚାଲିଥିବା ବେଳେ ତାହା ସରୁନି। ବଡବଜାର ଅଞ୍ଚଳର ଲୋକମାନେ ଯାତାୟତରେ ଅସୁବିଧା ଭୋଗୁଛନ୍ତି। ପ୍ରତିବାଦରେ ଅଞ୍ଚଳବାସୀ ପୌର ପରିଷଦ କାର୍ଯ୍ୟାଳୟରେ ମଙ୍ଗଳବାର ତାଲା ପକାଇ ପ୍ରତିବାଦ କରିଥିଲେ। ମୁଖ୍ୟ ଫାଟକ ଓ କାର୍ଯ୍ୟାଳୟ ସମ୍ମୁଖରେ ତାଲା ପକାଇବା ସହ ଉତ୍ତେଜିତ ଲୋକେ ହୋହଲ୍ଲା କରିଥିଲେ। ପୌରପରିଷଦ ନିର୍ବାହୀ ଅଧିକାରୀ ରଶ୍ମି ମାଝୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି କାମ ଶୀଘ୍ର ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଆନ୍ଦୋଳନ ପ୍ରଶମିତ ହୋଇ ନ ଥିଲା। ନିର୍ବାହୀ ଅଧିକାରୀ କଲଭର୍ଟ କାମ ସାରିବାକୁ ୭ ଦିନ ସମୟ ନେବା ସହ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅଞ୍ଚଳବାସୀ ଫାଟକରୁ ତାଲା ଖୋଲିଥିଲେ। କଲଭର୍ଟ କାମ ବିଳମ୍ବ ଯୋଗୁ ବଡବଜାର ଲୋକେ ଓ ବ୍ୟବସାୟୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟ ବଡ ଗାଡି ରାସ୍ତାରେ ଯାଇପାରୁନି। ନିର୍ମାଣ କାମ ଶୀଘ୍ର ସାରିବା ପାଇଁ ଅଞ୍ଚଳବାସୀ ଓ ବ୍ୟବସାୟୀ ଦାବି କରି ଆସୁଥିଲେ ମଧ ପୌର ପ୍ରଶାସନ ଏଥିପ୍ରତି ଅଣଦେଖା କରି ଆସୁଥିଲେ। ସେହିପରି ବାଲି ଅଭାବ ଆଳ ଦେଖାଇ ଠିକାଦାର କିଛି ଦିନ କାମ ବନ୍ଦ କରିଥିଲେ। ଆଗକୁ ଶୀତଳଷଷ୍ଠୀ ଓ ରଥଯାତ୍ରା ଆସୁଛି। ଡ୍ରେନ୍ ଓ କଲଭର୍ଟ କାମ ଶୀଘ୍ର ସାରିବାକୁ ସହରବାସୀ ଦାବି କରିଛନ୍ତି। ସ୍ୱରୂପ ପାତ୍ର, ନରସିଂହ ପୁଷ୍ଟି, ଗୋପାଳ ଗୁପ୍ତ, ଅମିତ ଅଗ୍ରୱାଲ ଓ ଓମକାର ଶର୍ମା ପ୍ରମୁଖଙ୍କ ସମେତ ଅଞ୍ଚଳବାସୀ, ବ୍ୟବସାୟୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ପୌର ନିର୍ବାହୀ ଅଧିକାରୀଙ୍କୁ ଲୋକେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧରିତ୍ରୀ DHARITRI Oriya daily 51 Years
**WANTED**

| POSITION | ELIGIBILITY | LOCATION |
| --- | --- | --- |
| DIGITAL MARKETING EXECUTIVES | • Well versed with Media Clients and Agencies for Digital Platforms.<br>• Must have retail, corporate client base.<br>• Capable to aggressively chase sales targets.<br>• Hands-on experience in content management.<br>• Drive new client acquisition.<br>• Proficiency in social media platforms.<br>• Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ସ୍ୱାସ୍ଥ୍ୟ କେନ୍ଦ୍ରରେ ପର୍ଯ୍ୟାପ୍ତ ଔଷଧ, ଓଆର୍ଏସ୍, ସାଲାଇନ ବ୍ୟବସ୍ଥା କର

**ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଆଭାସି ବୈଠକ**

- ଗ୍ରାମାଞ୍ଚଳରେ ୨୪ଘଣ୍ଟା ମଧ୍ୟରେ ନଳକୂପ ମରାମତି ନିର୍ଦ୍ଦେଶ
- ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାମ ବନ୍ଦ

**ଝାରସୁଗୁଡ଼ା,୨୨।୪(ଆଶିଷ ରଞ୍ଜନ ଦାଶ)**

ରାଜ୍ୟରେ ଚଳିତବର୍ଷ ପ୍ରଥମଥର ମଙ୍ଗଳବାର ଝାରସୁଗୁଡ଼ା ଦିନର ତାପମାତ୍ରା ସର୍ବାଧିକ ୪୬ ଡିଗ୍ରୀ ଅତିକ୍ରମ କରିଛି। ଡହଡହ ଖରା ଓ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ାରେ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଆଭାସି ବୈଠକ ଅନୁଷ୍ଠିତ ହୋଇଛି। ଆଭାସି ବୈଠକରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାର, ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ। ଜିଲାରେ ଗ୍ରୀଷ୍ମପ୍ରବାହ ପରିସ୍ଥିତିର ମୁକାବିଲା ସକାଶେ ସବୁସ୍ତରରେ ସଜାଗ ରହିବା ସହ ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ଗ୍ରୀଷ୍ମପ୍ରବାହ ଜନିତ କୌଣସି ଜୀବନ ହାନି ଯେପରି ନ ହୁଏ ସେଥିପାଇଁ ସବୁସ୍ତରରେ ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଶିକ୍ଷାନୁଷ୍ଠାନଗୁଡିକ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ନିର୍ଦ୍ଦେଶାବଳୀ ଅନୁସାରେ ଯଥେଷ୍ଟ ସାବଧାନତା ଅବଲମ୍ବନ ପୂର୍ବକ କାର୍ଯ୍ୟ କରିବାକୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପରାମର୍ଶ ଦେଇଥିଲେ। ଜାତୀୟ ରାଜପଥ ୪୯ରେ ଏମ୍‌ସିଏଲ୍ ପକ୍ଷରୁ ଓ ରାଜ୍ୟ ରାଜପଥ (ବଡମାଲ ଛକରୁ ପଞ୍ଚପଡ଼ା)ରେ ବେଦାନ୍ତ ପକ୍ଷରୁ ବିଶ୍ରାମସ୍ଥଳୀର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ରାମସ୍ଥଳରେ ବସିବା ପାଇଁ ବ୍ୟବସ୍ଥା ସହ ପାନୀୟ ଜଳ ଓ କୁଲର ବ୍ୟବସ୍ଥା କରାଯିବ। ଶିକ୍ଷାନୁଷ୍ଠାନ ଏବଂ ଖଣି ପରିସରରେ କାର୍ଯ୍ୟରତ ଶ୍ରମିକ ଓ ଅନ୍ୟ କର୍ମଚାରୀଙ୍କ ସକାଶେ ଥଣ୍ଡା ପାନୀୟ ଜଳ ସହ ଓଆର୍ଏସ୍, ଫ୍ୟାନ/କୁଲରଯୁକ୍ତ ବିଶ୍ରାମ କକ୍ଷର ବ୍ୟବସ୍ଥା ସହ ଗ୍ରୀଷ୍ମପ୍ରବାହ ପାଇଁ ସଚେତନତା ସୃଷ୍ଟି ସକାଶେ ଆବଶ୍ୟାକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳରେ ପାନୀୟ ଜଳ ସୁବ୍ୟସ୍ଥିତ କରିବା ପାଇଁ ୨୪ଘଣ୍ଟା ମଧ୍ୟରେ ନଳକୂପ ମରାମତି କରାଯିବ। ଆବଶ୍ୟକ ସ୍ଥଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହଯୋଗରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳରେ ଟାଣ ଖରାରେ କେହି ବାହାରକୁ ନ ବାହାରିବା, ଅତି ଆବଶ୍ୟକ ଥିଲେ ଜୋତା, ଛତା, କଳା ଚଷମା ବ୍ୟବହାର ନିଜ ସହିତ ପାଣି ନେବାକୁ ଓ ମଦ୍ୟପାନ ନ କରିବା ବିଷୟରେ ଡାକବାଜି ଯନ୍ତ୍ର ଯୋଗେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। ଏଥିପାଇଁ ଯଥାଶୀଘ୍ର ପଞ୍ଚାୟତସ୍ତରରେ ବୈଠକ କରିବାକୁ ପରାମର୍ଶ ଦିଆଯାଇଛି। ନିର୍ଦ୍ଦେଶାବଳୀ ଅନୁସାରେ ଶିକ୍ଷାନୁଷ୍ଠାନଗୁଡିକ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନଙ୍କ ଦ୍ୱାରା ତଦାରଖ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖରାରେ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ସହ ନିର୍ମାଣାଧୀନ କୋଠାବାଡ଼ି ସ୍ଥଳରେ ପାନୀୟ ଜଳ, ଓଆର୍ଏସ୍ ସହ ଛାମୁଣ୍ଡିଆର ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ଔଷଧ, ଓଆର୍ଏସ୍, ସାଲାଇନ ସହ ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏସି/କୁଲର ଆଦିର ବ୍ୟବସ୍ଥା ଗ୍ରହଣ କରିବା, ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ଯୋଗାଣ ଜନିତ ସମସ୍ୟା ଉପୁଜିଲେ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଦିଗରେ ବ୍ୟବସ୍ଥା ଗ୍ରହଣ ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଛି। ଗ୍ରୀଷ୍ମପ୍ରବାହ ମୁକାବିଲା ଦିଗରେ ସମସ୍ତ ଅଧିକାରୀ ଓ କର୍ମଚାରୀ, ଶିକ୍ଷାନୁଷ୍ଠାନଗୁଡ଼ିକ ଯତ୍ନବାନ ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ବ୍ଲକରେ ଗ୍ରୀଷ୍ମ ପ୍ରବାହର ପ୍ରସ୍ତୁତି ଓ ମୁକାବିଲା କାର୍ଯ୍ୟ ତଦାରଖ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଲଇକେରା ବ୍ଲକର ଦାୟିତ୍ୱ ଜିଲାପାଳ ନେଇଥିବା ବେଳେ ଅତିରିକ୍ତ ଜିଲାପାଳ ରାଜସ୍ୱ କୋଲାବିରା ବ୍ଲକ, ଅତିରିକ୍ତ ଜିଲାପାଳ ସାଧାରଣ କିର୍ମିରା ବ୍ଲକ, ଉପଜିଲାପାଳ ଝାରସୁଗୁଡ଼ା ବ୍ଲକ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଲଖନପୁର ବ୍ଲକର ଦାୟିତ୍ୱ ଦିଆଯାଇଛି।

# ବ୍ରଜରାଜନଗର ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ


ଜିଲାପାଳ ଶୁଭ ଖୁଣ୍ଟି ସ୍ଥାପନ କରୁଛନ୍ତି।

**ବ୍ରଜରାଜନଗର,୨୨।୪(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମହୋତ୍ସବ ଆସନ୍ତା ୨୬ ଓ ୨୭ ତାରିଖରେ ସ୍ଥାନୀୟ ଓପିଏମ୍ ସୁଇମିଙ୍ଗ ପଡ଼ିଆରେ ଆୟୋଜିତ ହେବ। ଏଥିପାଇଁ ମଙ୍ଗଳବାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ଜିଲାପାଳ ସୁନୀଲ ଆବୋଲି ନରୱାଣେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂଜା ଅର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରିଛନ୍ତି। ଏହା ସହିତ ମହୋତ୍ସବ କିଭଳି ଶାନ୍ତିଶୃଙ୍ଖଳାର ସହ ହେବ ଓ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ କିଭଳି ଜନସାଧାରଣଙ୍କୁ ଆକୃଷ୍ଟ କରିବ ସେ ନେଇ ଜିଲାପାଳ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ତଦାରଖ କରିଛନ୍ତି। ଉପସ୍ଥିତ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ପୌର ପରିଷଦ ପକ୍ଷରୁ ଯୋଗାଇଦେବାକୁ ପରାମର୍ଶ ଦେଇଛନ୍ତି। ଶୁଭସ୍ତମ୍ଭ ସ୍ଥାପନ ଅବସରରେ ମହୋତ୍ସବ କମିଟି ସଭାପତି ଡ. ବିଜୟ ପଟ୍ଟନାୟକ, ସାଧାରଣ ସମ୍ପାଦକ ଅମରେନ୍ଦ୍ର ରାୟ, ଉପସଭାପତି ନିର୍ମଳ ସିଂହ ଚାୱଲା, ସହ ସମ୍ପାଦକ ତପନ ସ୍ୱାଇଁ, କବି ସ୍ୱାଇଁ, ମୁଖ୍ୟ ସଂଯୋଗ ଉପନ ଚରଣ ସାହୁ, ସାଂସ୍କୃତିକ ସମ୍ପାଦକ ସୁଶୀଲ ପୁରୋହିତ, କୋଷାଧ୍ୟକ୍ଷ ବିନୟ ଜୟସାଲ, ମିଡିଆ ଦାୟିତ୍ୱରେ ଥିବା ତ୍ରିଲୋଚନ ଦାଶ ଓ ଆଶିଷ ପଣ୍ଡା, ସୁମନ ମଜୁମଦାର, ଆଡଭୋକେଟ ଅରୁଣ ସାହୁ, ସତ୍ୟାନନ୍ଦ ଦାସ, ପିଣ୍ଟୁ ଦୋରା, ଗଣମାଧ୍ୟମ ସମସ୍ତ ପ୍ରତିନିଧି, ବ୍ରଜରାଜନଗର ଥାନା ଆଇଆଇସି ଧବଳେଶ୍ୱର ସାହୁ ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନାରେ ଭାଗ ନେଇଥିଲେ।

# ସାମ୍ପ୍ରତିକ ସମୟରେ ଖାଦ୍ୟ ଓ ସ୍ୱାସ୍ଥ୍ୟ ଉପରେ ଆଲୋଚନାଚକ୍ର



ଖାଦ୍ୟ, ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ଝାରସୁଗୁଡ଼ା,୨୨।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ସାମ୍ପ୍ରତିକ ସମୟରେ ଲୋକଙ୍କ ଖାଦ୍ୟ ଅଭ୍ୟାସ ଓ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଏକ ଆଲୋଚନାଚକ୍ର ମଙ୍ଗଳବାର ସକାଳ ୮ଟାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ବିଶିଷ୍ଟ ଡାକ୍ତର ରାମ ଚରଣ ପ୍ରଧାନ ଯୋଗଦେଇ ବିଶେଷ ଭାବେ ଛାତ୍ରୀଛାତ୍ରମାନଙ୍କ ଫାଷ୍ଟ ଫୁଡ୍ ଅଭ୍ୟାସ ତଥା ଜାରରେ ବିଶଯୁକ୍ତ ଖାଦ୍ୟ ଶରୀର ଓ ମସ୍ତିଷ୍କ ଉପରେ ହେଉଥିବା ପ୍ରଭାବ ଉପରେ ଆଲୋଚନା କରିବା ସହିତ ସମସ୍ତଙ୍କୁ ସତର୍କ ରହିବାକୁ ଅନୁରୋଧ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଜାତୀୟ ସେବା ସଂସ୍ଥା ସଂଯୋଜକ ଅଧ୍ୟାପକ ଲାଲଧାରୀ ସିଂ ଉଦ୍ଦେଶ୍ୟ ଜ୍ଞାପନ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଦୀପଶିଖା ସୋହେଲାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ ପ୍ରାଧ୍ୟାପକ ବିଜ୍ଞାନ ଭୂଷଣ ଭଞ୍ଜ, ପ୍ରାଧ୍ୟାପକ ତପନ କୁମାର ବାରିକ, ଅଧ୍ୟାପକ ଦେବୀ ପ୍ରସାଦ ବେହେରା, ଅଧ୍ୟାପିକା ସୋନମ ଗେନେରୀୱାଲ, ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟାପକ ସୁଶାନ୍ତ କୁମାର ପ୍ରଧାନ ତଥା ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ପଦ୍ମନାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରମାଣ ଅଭାବରୁ ୨ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼,୨୨।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଥାନାଞ୍ଚଳ ଗୁଣ୍ଡେଇମରା ଗ୍ରାମରେ ୨୦୧୮ରେ ଘଟିଥିବା ରଞ୍ଜିତ ମୁଣ୍ଡା ହତ୍ୟାକାଣ୍ଡର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଦେବଗଡ଼ ଜିଲ୍ଲା ଓ ଦୌରାଜଜ୍ ଗୌତମ ଶର୍ମା ପ୍ରମାଣ ଅଭାବରୁ ୨ ହତ୍ୟା ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ ୨୦୧୮ ଏପ୍ରିଲ ୩ ତାରିଖ ଅପରାହ୍ନ ପ୍ରାୟ ୧ଟା ସମୟରେ ଦେବଗଡ଼ ଥାନାଞ୍ଚଳ ଗୁଣ୍ଡେଇମରା ଗ୍ରାମର ରଞ୍ଜିତ ମୁଣ୍ଡାଙ୍କ ମୁଣ୍ଡରେ କ୍ଷତ ସୃଷ୍ଟି ହେବା ସହ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ତେବେ ପାରିପାର୍ଶ୍ୱିକ ପରିସ୍ଥିତିରୁ ଉକ୍ତ ଗ୍ରାମର ସନାତନ ମୁଣ୍ଡା ଓ ଅଜିତ ମୁଣ୍ଡା ନାମକ ତାଙ୍କ ୨ଜଣ ମିଶି ରଞ୍ଜିତଙ୍କୁ ହତ୍ୟା କରିଥିବା ସନ୍ଦେହ କରି ମୃତ ରଞ୍ଜିତଙ୍କ ସ୍ତ୍ରୀ ସୁମିତ୍ରା ମୁଣ୍ଡା ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୋଲିସ ଅଭିଯୁକ୍ତ ସନାତନ ଓ ଅଜିତ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଥିଲା। ସନାତନ ଓ ଅଜିତ ମିଶି ରଞ୍ଜିତଙ୍କୁ ହତ୍ୟା କରିଥିବା ତଦନ୍ତ ସମୟରେ ଜଣାପଡ଼ିଥିବାରୁ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ଦେବଗଡ଼ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ୧୭ ଜଣଙ୍କ ସାକ୍ଷୀ ଓ ଉଭୟ ପକ୍ଷର ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ଅଦାଲତ ଆବଶ୍ୟକ ପ୍ରମାଣ ଅଭାବରୁ ସନାତନ ଓ ଅଜିତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଏହି ମାମଲା ଅଭିଯୁକ୍ତମାନଙ୍କୁ ପକ୍ଷରୁ ଆଇନଜୀବୀ ବିକାଶ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ପ୍ରତାପ କୁମାର ପାତ୍ର, ରିଙ୍କୁ ନାଥ, ରାଜକିଶୋର ବେହେରା ଓ ସୁସ୍ମିତା ପାଢୀ ସହଯୋଗ କରିଥିଲେ।

# ପୋଲିସର ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର, ପୋଲିସ ଓ ଶିକ୍ଷୟିତ୍ରୀଶିକ୍ଷକ।

**ଦେବଗଡ଼,୨୨।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ କଙ୍କଳ ନୋଡ଼ାଲ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ପୋଲିସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତପନ କୁମାର ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ର ଓ ପୋଲିସ ସମର ଶିକ୍ଷାର୍ଥୀବାହିନୀ ସମ୍ପର୍କୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଆଦର୍ଶ ଥାନା ଏଏସଆଇ ଲକ୍ଷ୍ମୀପ୍ରିୟା ସାହୁ ଯୋଗଦେଇ ପୋଲିସକୁ ଜନସାଧାରଣଙ୍କ ବନ୍ଧୁ ଭାବେ ଆଲୋଚନା କରିଥିଲେ। ପୋଲିସ ଏକ ସଚେତନ ବିଭାଗ ଯେଉଁମାନେ କି ଜନସାଧାରଣଙ୍କ ସାଧାରଣ ଜୀବନ ଶୃଙ୍ଖଳିତ ଭାବେ ରହିବେ, ରାସ୍ତାରେ ନିୟମ ମାନି ଗାଡ଼ି ଚଳାଇବା, ଚୋରି ଡକାୟତିରୁ ସୁରକ୍ଷିତ ରଖିବା ଇତ୍ୟାଦି ଅନେକଗୁଡ଼ିଏ କାର୍ଯ୍ୟ କରିଥାନ୍ତି। ପୋଲିସ ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଖେଳ ଶିକ୍ଷକ ମନୋଜ କୁମାର ବେହେରା, ଶିକ୍ଷୟିତ୍ରୀ ସ୍ୱାତାରାଣୀ ଦେହୁରୀ, ଖୁଲଣା ବୁଢ଼ା, ଶାରଳା ବିଶ୍ୱାଳ, ଋତୁପର୍ଣ୍ଣା ଜେନା, ଚିନ୍ମୟୀ ପ୍ରଧାନ, ସ୍ୱର୍ଣ୍ଣଲତା ବେହେରା, ତେରେସା ସାହୁ, ଜାନକୀ ପ୍ରଧାନ, ନର୍ମଦା ସାହୁ ଓ ଶିକ୍ଷକ ଶାନ୍ତନୁ କୁମାର ଦେହୁରୀ, ସୁଶୀଳ କୁମାର ସାହୁ, ଚିନ୍ତାମଣି ସାହୁ, ବସନ୍ତ କୁମାର ବେହେରା, ପ୍ରମୋଦ କୁମାର ପ୍ରଧାନ ତଥା ପବିତ୍ର ମୋହନ ସାମଲ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶାନ୍ତନୁ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆବଶ୍ୟକ ପଦକ୍ଷେପ ପାଇଁ ଜିଲାପାଳଙ୍କୁ ବିଧାୟକଙ୍କ ଚିଠି

**ଦେବଗଡ଼ ଜିଲାରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ**

**ଦେବଗଡ଼,୨୨।୪(ଶଶାଙ୍କ ଶେଖର ଝାଙ୍କର)**

ଗତ କିଛିଦିନ ହେଲା ଦେବଗଡ଼ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଭଳି ପରିସ୍ଥିତିରେ ସମ୍ଭାବ୍ୟ ଅଂଶୁଘାତକୁ ଏଡାଇବା ସହ ଆବଶ୍ୟକ ବ୍ୟବସ୍ଥା କରିବାକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଙ୍ଗଳବାର ଦେବଗଡ଼ ଜିଲାପାଳଙ୍କୁ ପତ୍ର ଲେଖିଥିବା ଜଣାପଡିଛି। ଜନସାଧାରଣଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯିବା ସହ ବିଭିନ୍ନ ଛକ, ବସଷ୍ଟାଣ୍ଡ ଓ ସାପ୍ତାହିକ ବଜାରଗୁଡିକରେ ପାଣି ଟାଙ୍କିର ବ୍ୟବସ୍ଥା କରାଯିବା, ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତଜନିତ ଜରୁରୀ କାଳୀନ ପରିସ୍ଥିତି ଦୃଷ୍ଟିରୁ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ମୁତୟନ କରାଯାଇ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥା ପାଇଁ ମଧ ବିଧାୟକ ବିଶ୍ୱାଳ ପତ୍ର ଜରିଆରେ ଜିଲାପାଳଙ୍କୁ ନିବେଦନ କରିଥିବା ଜଣାପଡିଛି।

# ଶୃଙ୍ଖଳାପଡ଼ିଛି ତେଲେନ ନଦୀ

**ଜଳସ୍ରୋତ କମି ଯାଇଛି, ଅନାବନା ଗଛଲତା ପୂର୍ଣ୍ଣ**

**ଝାରସୁଗୁଡ଼ା/ଲଇକେରା,୨୨।୪(ଆଶିଷ ରଞ୍ଜନ ଦାଶ/ରଞ୍ଜନ କୁମାର ମେହେର)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅଞ୍ଚଳରେ ପ୍ରବାହିତ ତେଲେନ ନଦୀର ଜଳସ୍ରୋତ ପୂରାମାତ୍ରାରେ କମି ଯାଇଛି। ଏବେ ନଦୀରେ ନା ଅଛି ପାଣି, ନା ଅଛି ବାଲି। ଯେଉଁ ନଦୀରେ ଗାଧୁଆଠାରୁ ଆରମ୍ଭ କରି ଚାଷ କାମ ବି ହୋଇପାରୁଥିଲା। ଆଜି ତାହା ଅନାବନା ଗଛଲତା, ଛୋଟ ଛୋଟ ଗୁଳ୍ମ ଓ ଘାସ ବୁଦାରେ ପରିଣତ ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଦଶ ବର୍ଷ ପୂର୍ବେ ତେଲେନ ନଦୀରୁ ଲୋକେ ବାଲି ନେଇ ଘର କାମରେ ଲଗାଉଥିଲେ। ଲଇକେରା ବ୍ଲକକୁ ସବୁଜ ଶସ୍ୟ ତଥା ଚାଷ କରିବା ପାଇଁ ଲିଫ୍ଟ ମାଧ୍ୟମରେ ପାଣି ସହିତ ଗରିବ ଲୋକମାନଙ୍କ ଘର ତିଆରି ପାଇଁ ବାଲି ଯୋଗାଉ ଥିଲା ତେଲେନ ନଦୀ। ଲଇକେରା ସହିତ ଚିତଳେମାଲ, ଓଡ଼ିଆପାଲି, ଅଇତପାଲି, ଟଂକମାଲ, ତାଳପାଲି,


ତେଲେନ ନଦୀ ଶୃଙ୍ଖଳା ପଡ଼ି ଅନାବନା ଗଛରେ ଭରିଛି।

ବେହେରାମାଲ ଆଦି ଗ୍ରାମଗୁଡ଼ିକ ତେଲେନ ନଦୀରୁ ଲିଫ୍ଟ ମାଧ୍ୟମରେ ପାଣି ଉଠାଇ ଚାଷ କରି ଜୀବିକା ନିର୍ବାହ କରୁଥିଲେ। ଗରିବ ଶ୍ରେଣୀର ଲୋକମାନେ ତେଲେନ ନଦୀ ବାଲି ଅତି କମ୍ ମୂଲ୍ୟରେ ପାଇ ଘର ତିଆରି କରୁଥିଲେ କିନ୍ତୁ ଏବେ ତାହା ସ୍ୱପ୍ନ ବି ମାହାଙ୍ଗା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଗତ ସରକାର ସମୟରେ ଅନେକ ଗୁଡ଼ିଏ ନୂଆ ରାସ୍ତା ତିଆରି ହେଲା। କିଛି ପିଚୁ ରାସ୍ତା ତ କିଛି କଂକ୍ରିଟ ରାସ୍ତା। ଲଇକେରା ନିକଟସ୍ଥ ଯେତେଗୁଡ଼ିଏ କଂକ୍ରିଟ ରାସ୍ତା ତିଆରି ହେଲା ସବୁଥିରେ ଏହି ନଦୀର ବାଲି ବ୍ୟବହାର କରାଗଲା। ଯେଉଁ ଠିକାଦାର କାମ ପାଇଥିଲେ କେତେ ଖଜଣା ଦେଲେ ତାର ହିସାବ ନାହିଁ। କିନ୍ତୁ ତତ୍କାଳୀନ ପ୍ରଶାସନ ସହ ମିଶି ନଦୀର ସାରା ବାଲି ଲୁଟ୍ କରିଦେଲେ। ନଦୀର ବାଲି ନେଉ ନେଉ ବାଲି ତଳ ଭାଗରେ ଥିବା ମାଟି ଯାଏ ବାଲି କାଢି ନେଇଗଲେ। ତହସିଲଦାର ନା ତଦାରଖ କଲେ ନା ଜରିମାନା କାଟିଲେ। ଆଜି ସେହି ମାଟିରେ ଅନାବନା ଗଛ ସବୁ ବଢୁଛି। ଯେଉଁଥିପାଇଁ ଜଙ୍ଗଲ ସୃଷ୍ଟି ହୋଇ ନଦୀ ଲୋପ ପାଇଥିବା ଦେଖାଯାଉଛି। ନା ଅଛି ପାଣି ନା ଅଛି ବାଲି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆସନ୍ତା ପିଢ଼ିଙ୍କ ମନରେ ତେଲେନ୍ ନଦୀ ଗୋଟିଏ କାହାଣୀ ହୋଇ ରହିଯିବ। ଲଇକେରାବାସୀ ମନୋଜ ବେହେରା କହନ୍ତି ତେଲେନ ନଦୀ ଲଇକେରା ଏକ ଜୀବନ ଧାରା ଥିଲା, କିନ୍ତୁ ବାଲି ମାଫିଆ ତାକୁ ଜଙ୍ଗଲ ସଜେଇ ଦେଇଛନ୍ତି। ଝାରସୁଗୁଡ଼ା ଜିଲା ପ୍ରଶାସନଙ୍କୁ ଅନୁରୋଧ ଯେ ତେଲେନ ନଦୀ ସଫା କରି ବାଲି ମାଫିଆଙ୍କ ଉପରେ ଅଙ୍କୁଶ ଲଗାଇଲେ ତେଲେନ ନଦୀ ତାର ପୂର୍ବ ରୂପକୁ ଫେରିବା ସମ୍ଭାବନା ଅଛି। ଲଇକେରା ବ୍ଲକର ଜନସାଧାରଣ ପ୍ରଶାସନ ନଦୀକୁ ପୁନଃ ଜୀବିତ କରିବା ପାଇଁ ନଦୀ ଗର୍ଭ ସଫା କରିବା ସହିତ ଜିଲାପାଳ ଦୃଷ୍ଟି ଦେଲେ ଏହାର ସମାଧାନ ହେବ ବୋଲି କହିଛନ୍ତି।

**ASSISTANT REQUIRED**
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply (male or female) candidate mother tongue Odia with certificate copies and Aadhar card to Sriram Enterprises, Red cross Road Bhanjanagar-761126
Phone/ Whatsapp: 9438572007

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹ 350 per sq.cm
Colour : ₹ 400 per sq.cm
PAY FOR 1, GET 1 FREE
For Bookings Call : 0674-2580385
Email : advt@dharitri.com

**Job Opportunity at SB Sahoo & Co Pvt. Ltd., Bhubaneswar**
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to sbsahoo11@gmail.com
Contact : 9437035347, 9437468247

**WELDER REQUIRED**
ମଞ୍ଚେଶ୍ୱର ଭୁବନେଶ୍ୱର
ୱେଲ୍ଡର ଆବଶ୍ୟକ।
Salary-12k to 17k
ଖାଇବା ରହିବା ସୁବିଧା ଅଛି।
Contact - 9124614403

**ଆବଶ୍ୟକ**
ଫାୟାର ୱାଟର ଡିଷ୍ଟଲେରୀ ପ୍ରା ଲି. କୋଳାଭାଳପେଟ, ରାଉରକେଲା ନିମନ୍ତେ ସେଲ୍ସ ଏକ୍ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା - ଯେକୌଣସି ଡିଗ୍ରୀ, ଅଭିଜ୍ଞତା - ସର୍ବନିମ୍ନ ୪ ବର୍ଷ। ଯୋଗାଯୋଗ-୯୮୬୭୭୩୪୮୮୮, ୭୩୨୫୯୭୮୧୯୯

**REQUIREMENT**
Wanting one staff for our distributorship Godown At Khordha. Experience in marg software.
Mob : 9556070670

Gitanjali AWARDS
**WANTED GRAPHIC DESIGNERS**
With complete knowledge of CorelDraw.
Interested candidates may send their resume to info@gitanjaliawards.com.
Gitanjali Awards Pvt. Ltd.
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

ଧରିତ୍ରୀ DHARITRI Oriya daily
**WANTED**

| POSITION | ELIGIBILITY | LOCATION |
|---|---|---|
| DIGITAL MARKETING EXECUTIVES | • Well versed with Media Clients and Agencies for Digital Platforms.<br>• Must have retail, corporate client base.<br>• Capable to aggressively chase sales targets.<br>• Hands-on experience in content management.<br>• Drive new client acquisition.<br>• Proficiency in social media platforms.<br>• Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡ଼ା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ



# ୩୦ ବର୍ଷ ପୂର୍ବରୁ ଓ ପରେ

ବିଶ୍ୱର ପ୍ରାୟ ସମସ୍ତ ବିକଶିତ ଦେଶ ସେମାନଙ୍କ ମାନବ ଶକ୍ତିକୁ ବିଭିନ୍ନ କ୍ଷେତ୍ରରେ ସର୍ବାଧିକ ବିନିଯୋଗ କରିପାରିଛନ୍ତି। ଏହି କ୍ରମରେ ଭାରତ ପାଇଁ ଏଭଳି କରିବା ଅପରିହାର୍ଯ୍ୟ, କାରଣ ଏହା ୨୦୪୭ ସୁଦ୍ଧା ବିକଶିତ ଦେଶ ହେବାର ଲକ୍ଷ୍ୟ ରଖିଛି। ଏବେ ଏହି ଲକ୍ଷ୍ୟ ପୂରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗ ସମ୍ପର୍କରେ ମତ ରଖିଛନ୍ତି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ। କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଆଣ୍ଡ୍ ପବ୍ଲିକ ଆଫେୟାର୍ସରେ ୧୯ ଏପ୍ରିଲରେ ଆୟୋଜିତ କଲମ୍ବିଆ ଇଣ୍ଡିଆ ସମ୍ମିଳନୀକୁ ସମ୍ବୋଧନ କରିବା ଅବସରରେ ନାଗେଶ୍ୱରନ କହିଛନ୍ତି ଯେ, ବିକଶିତ ଲକ୍ଷ୍ୟ ହାସଲ ପାଇଁ ଭାରତକୁ ଆଗାମୀ ୧୦–୧୨ ବର୍ଷ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ସହ ପ୍ରତିବର୍ଷ ୮୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ହେବ। ଏହାସହ ଜିଡିପିରେ ଉତ୍ପାଦନର ଅଂଶ ବୃଦ୍ଧି ଜରୁରୀ ବୋଲି ଦର୍ଶାଇଛନ୍ତି। ଏ କଥା କହିଲାବେଳେ ସେ ମଧ୍ୟ ସତର୍କ କରିଦେଇଛନ୍ତି ଯେ, ଆଗାମୀ ୧୦–୨୦ ବର୍ଷ ବାହ୍ୟ ପରିବେଶ ଏସବୁ ପାଇଁ ଏତେଟା ସହାୟକ ହେବନାହିଁ। ଆଉ ମଧ୍ୟ ସୂଚାଇ ଦେଇଛନ୍ତି, ୩୦ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୯୦ରୁ ଏହା ଆରମ୍ଭ କରିବାର ଥିଲା ଯେତେବେଳେ ଏହା ପାଇଁ ସୁଯୋଗ ରହିଥିଲା। ନାଗେଶ୍ୱରନ ୨୮ ଜାନୁଆରୀ ୨୦୨୨ରେ ସିଇଏ ଭାବେ ନିଯୁକ୍ତ ହୋଇଥିଲେ। ଏହାର ୩ ବର୍ଷ ପରେ ସେ ଏଭଳି କହିଛନ୍ତି। ଆଗରୁ ଜଣେ ଅର୍ଥନୀତିଜ୍ଞ ଭାବେ ତାଙ୍କ ମତ ରଖି ନ ଥିଲେ। ଏଥିସହିତ ତାଙ୍କୁ ଯେଉଁ ରାଜନୈତିକ ଦଳର ସରକାର ବିଶେଷକରି ଭାଜପା ସରକାର ନିଯୁକ୍ତି ଦେଇଛନ୍ତି, ସେହି ସରକାର ୧୧ ବର୍ଷ ଶାସନରେ ରହିଲେଣି। ନିଜର ଦାୟିତ୍ୱ ସମ୍ପର୍କରେ କେହି କୌଣସି ସମୟରେ ଉଲ୍ଲେଖ କରନ୍ତି ନାହିଁ। ଏବକାର ଢାଞ୍ଚାରେ ସବୁ ବିଷୟକୁ ଇତିହାସ ଉପରେ ଦୋଷ ଦେଇ ଖସିଯିବାର ଆଭିମୁଖ୍ୟ ସ୍ପଷ୍ଟ ବୁଝାପଡୁଛି।

ନାଗେଶ୍ୱରନଙ୍କ ଏହି କେତୋଟି ପରାମର୍ଶ ଭାରତୀୟ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧିରେ ନିଯୁକ୍ତି ଓ ଉତ୍ପାଦନର ମହତ୍ତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରୁଛି। ଏହାସହ ଭାରତ ବିକଶିତ ହେବା ପଥରେ ଜଟିଳତା ରହିଥିବା ମଧ୍ୟ ପରୋକ୍ଷରେ ସ୍ପଷ୍ଟ କରୁଛି। ଅର୍ଥାତ୍ ଯେଉଁ ହାରରେ ନିଯୁକ୍ତି ଓ ଉତ୍ପାଦନ ବୃଦ୍ଧି ହେବା କଥା ତାହା ସମ୍ଭବ ହୋଇପାରିନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଡିସେମ୍ବର ୨୦୨୪ରେ ଘୋଷଣା କରାଯାଇଥିଲା ଯେ, ୨୦୨୨ରୁ ଆରମ୍ଭ ହୋଇଥିବା ନିଯୁକ୍ତିମେଳା ମାଧ୍ୟମରେ ଦେଢ଼ ବର୍ଷରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ୧୦ ଲକ୍ଷ ସରକାରୀ ଚାକିରି ପ୍ରଦାନ କରାଯାଇଛି। କିନ୍ତୁ ଭାରତରେ ବେସରକାରୀ କ୍ଷେତ୍ରରେ କେତେ ପରିମାଣର ନିଯୁକ୍ତି ସୃଷ୍ଟି କରାଯାଇଛି କିମ୍ବା କରାଯିବା ପାଇଁ ଯୋଜନା ହେଉଛି ତାହା ଜାଣିବା କଷ୍ଟକର। ୨୦୧୬ରେ ଆରମ୍ଭ କରାଯାଇଥିବା ଷ୍ଟାର୍ଟଅପ ଇଣ୍ଡିଆ ଯୋଜନା ଏବଂ ମେ ୨୦୨୦ରୁ ଆରମ୍ଭ ହୋଇଥିବା ଆତ୍ମନିର୍ଭର ଭାରତ ଅଭିଯାନର ଅଗ୍ରଗତି ସମ୍ପର୍କିତ ପ୍ରଚାରରେ ନିଯୁକ୍ତି ସଂଖ୍ୟା ଜାଣିବା କଷ୍ଟକର। ଯଦି ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନର ୨୦୨୪ ରିପୋର୍ଟକୁ ଦେଖିବା ତେବେ ଏଥିରେ ପ୍ରକାଶ କରାଯାଇଥିଲା ଯେ, ଭାରତରେ ଚାକିରି ନ ଥିବା ମୋଟ ଲୋକଙ୍କ ମଧ୍ୟରେ ୮୦ ପ୍ରତିଶତରୁ ଅଧିକ ହେଉଛନ୍ତି ଯୁବକ। ଭାରତରେ ଚାକିରି ପାଇ ନ ଥିବା, ଶିକ୍ଷା ପ୍ରାପ୍ତ କରି ନ ଥିବା କିମ୍ବା ପ୍ରଶିକ୍ଷଣ ନେଇ ନ ଥିବା ଯୁବକଙ୍କ ପ୍ରତିଶତ ଦକ୍ଷିଣ ଏସିଆରେ ସର୍ବାଧିକ ବୋଲି ଦର୍ଶାଇଥିଲା। ଭାରତରେ କୁଶଳୀ ଶ୍ରମଶକ୍ତିର ଅଭାବ ରହିଆସିଛି। ଏହା ବ୍ୟତୀତ ଶ୍ରମଶକ୍ତି ଭାଗୀଦାରି ହାର ଅନ୍ୟସବୁ ବିକାଶଶୀଳ ଦେଶ ଏପରିକି ଇଣ୍ଡୋନେସିଆ ଓ ଭିଏତ୍‌ନାମଠାରୁ କମ୍ ରହିଛି। ତେବେ ଅନ୍ତର୍ଜାତୀୟ ସ୍ତରର ରିପୋର୍ଟ ଯାହା ଦର୍ଶାଉଛି ତାହାକୁ ଚ୍ୟାଲେଞ୍ଜ କରି ଏକ ଯୁକ୍ତିଯୁକ୍ତ ରିପୋର୍ଟ ପ୍ରକାଶ କରିବା ଭାରତ ପାଇଁ ସମ୍ଭବପର ନୁହେଁ। ଯଦି କୌଣସି ରିପୋର୍ଟ ପ୍ରସ୍ତୁତ କରାଯାଉଛି ସେଥିରେ ଛବିକୁ ଆକର୍ଷଣୀୟ ଭାବେ ଦେଖାଯାଉଛି, ତାହାର ଏକମାତ୍ର ଉପାୟ ଭାବରେ ତଥ୍ୟକୁ ସମ୍ପୂର୍ଣ୍ଣ ମନଗଢ଼ା କରିଦିଆଗଲାଣି। ଯେଉଁଥିପାଇଁ ନିୟମିତ ସମୟରେ ଜନଗଣନା ମଧ୍ୟ କରାଯାଉନାହିଁ। ଏବେ ଯେଉଁ ଜନଗଣନା ସମ୍ପର୍କରେ ଆଲୋଚନା କିମ୍ବା କାର୍ଯ୍ୟ ଆରମ୍ଭ କରାଯାଉଛି ତାହା କେତେଦୂର ବାସ୍ତବ ହେବ ସେ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ନାଗେଶ୍ୱରନ ଜିଡିପିରେ ମାନୁଫାକ୍ଚରିଂ ବା ଉତ୍ପାଦନ ହାର ବୃଦ୍ଧି କଥା ଯାହା କହିଛନ୍ତି ତାହା ଏକ ବିକଶିତ ଦେଶର ଚାବିକାଠି। ଏହା ଚାଇନା ପ୍ରମାଣ କରି ଦେଖାଇଛି। ଏବେ ଚାଇନା ବିଶ୍ୱର ଏକ ନମ୍ବର ଅର୍ଥ ବ୍ୟବସ୍ଥା ହେବା ପଥରେ ଅଗ୍ରସର। ଦେଖିବାକୁ ଗଲେ ୧୯୯୦ ବେଳକୁ ଚାଇନା ଓ ଭାରତର ଅଭିବୃଦ୍ଧି ହାର ପ୍ରାୟ ସମାନ ଥିଲା। କିନ୍ତୁ ସେହି ଦେଶ ତାହାର କୁଶଳୀ ଶ୍ରମଶକ୍ତି ବିନିଯୋଗ କରି ବିଶ୍ୱର ଏକ ନମ୍ବର ଉତ୍ପାଦନକାରୀ ଦେଶ ହୋଇଗଲାଣି। ଏଥିରୁ ବୁଝିବାକୁ ହେବ ଯେ, ଭାରତର ଅର୍ଥନୈତିକ ପଥ ଆଜି ମଧ୍ୟ ଅସ୍ପଷ୍ଟ। ବିଗତ ବର୍ଷମାନଙ୍କରେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିଥିବା ରାଜନୈତିକ ବ୍ୟବସ୍ଥାକୁ ଭାରତୀୟ ଭୋଟର ବାରମ୍ବାର ନାକଚ କରି ଫିଙ୍ଗି ଦେଲେଣି। ଅନ୍ୟପଟେ ଆଜିର ପରିସ୍ଥିତିରେ ମଧ୍ୟ ସୁଧାର ଆସୁଥିବା ଭଳି କୌଣସି ଲକ୍ଷଣ ଦେଖିବାକୁ ମିଳୁନାହିଁ। ବିଶେଷକରି ଦେଶର ମାନସିକ ସ୍ତରରେ ହିନ୍ଦୀଭାଷା ଲଦି ଦେବା, ହିନ୍ଦୁ ମୁସଲମାନ ଆଲୋଚନାକୁ ଗୁରୁତ୍ୱ ଦେବା, ଜନସଂଖ୍ୟା ଅନୁଯାୟୀ ଲୋକ ସଭା ଆସନ ନିର୍ଦ୍ଧାରଣ କରିବା ଭଳି ଅନେକ ଅବାଞ୍ଛିତ କଥାରେ ଦେଶର ଶକ୍ତିକୁ ଜାଣିଶୁଣି ବିନିଯୋଗ କରାଯାଉଥିବା ହେତୁ ଦକ୍ଷତା ବୃଦ୍ଧି ଭଳି ଅର୍ଥନୈତିକ ଲକ୍ଷ୍ୟ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଆଜିଠାରୁ ୩୦ ବର୍ଷ ପରେ ମଧ୍ୟ ଯେଉଁ ବ୍ୟକ୍ତି ନାଗେଶ୍ୱରନଙ୍କ ଆସନରେ ବସିବେ ସେତେବେଳେ ମଧ୍ୟ ଏହି ବାକ୍ୟଗୁଡ଼ିକୁ ପୁନରାବୃତ୍ତି କରିବାକୁ ବାଧ୍ୟ ହେବେ ବୋଲି ମନେ ହେଉଛି।

# ବାକ୍ ସଂଯମ: ଏକ ସାଧନା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଷୋଡ଼ଶ ଶତାବ୍ଦୀର ଏକ ଘଟଣାରୁ ପ୍ରବନ୍ଧଟି ଆରମ୍ଭ କରୁଛି। ଇଂରେଜ ମନୀଷୀ ଥୋମାସ୍ କୁପାର ଆଠବର୍ଷ କଠିନ ପରିଶ୍ରମ କରି ଏକ ଅଭିଧାନ ସଂକଳନ କରୁଥିଲେ। ଅନେକ ବର୍ଷର ଅଧ୍ୟବସାୟ ପରେ କାମଟି ସମ୍ପୂର୍ଣ୍ଣ ହେବାରୁ ସେ ଆନନ୍ଦିତ ହେଲେ। ଦିନେ ସନ୍ଧ୍ୟା ସମୟରେ ସେ ତାଙ୍କର ଦୁଇଜଣ ବନ୍ଧୁଙ୍କୁ ସେହି ପାଣ୍ଡୁଲିପିଟି ଦେଖାଇବା ପାଇଁ ନିଜ ଘରକୁ ନେଇ ଆସିଲେ। ମାତ୍ର ଟେବୁଲ ଉପରେ ପାଣ୍ଡୁଲିପି ନ ଥିଲା। ତାଙ୍କ ପତ୍ନୀ ଡିନା ଭାବୁଥିଲେ ତାଙ୍କ ସ୍ୱାମୀ ଗୋଟିଏ ଅଯଥା କାମର ପ୍ରେମରେ ପଡ଼ି ବିଶ୍ରାମବିହୀନ ଜୀବନଯାପନ କରୁଛନ୍ତି ଓ ସ୍ୱାସ୍ଥ୍ୟହାନି କରୁଛନ୍ତି। ଏହି ମୋହରୁ ତାଙ୍କୁ ମୁକୁଳାଇବା ପାଇଁ ସେ ସବୁ ପାଣ୍ଡୁଲିପିକୁ ନିଆଁରେ ପୋଡ଼ି ପାଉଁଶ କରିଦେଲେ। କୁପାର ସ୍ତବ୍ଧ ହେଲେ, ମାତ୍ର କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। କେବଳ ପତ୍ନୀଙ୍କୁ ଏତିକି କହିଲେ– 'ଡିନା ! ତୁମେ ମୋତେ ବଡ଼ କଷ୍ଟ ଦେଲ।' ପୁଣି ଆରମ୍ଭ କଲେ ସଂକଳନ ଓ ଆଠ ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ଅଭିଧାନଟି ପ୍ରସ୍ତୁତ କଲେ। ଜଣେ ସ୍ଥିତପ୍ରଜ୍ଞ ଭଳି ନିଜର ଶାନ୍ତି ଓ ସମତାଭାବ ବଜାୟ ରଖିଲେ। ଫଳରେ ଦଗ୍ଧ ପାଣ୍ଡୁଲିପି ଜୀବନ୍ୟାସ ପାଇଲା। ଅନୁତପ୍ତ ପତ୍ନୀ ମଧ୍ୟ ତାଙ୍କୁ ନୀରବରେ ସାହାଯ୍ୟ କଲେ। ବାକ୍‌ଶକ୍ତିର ଉପଯୁକ୍ତ ପ୍ରୟୋଗ ଓ ବାକ୍‌ସଂଯମ ଜୀବନରେ ଏହିଭଳି ଦୁଃଖଦ ଅନୁଭୂତିକୁ ପ୍ରଶାନ୍ତ ଭାବରେ ଗ୍ରହଣ କରିବା ପାଇଁ ଶକ୍ତି ଦିଏ।

ଗୌତମ ବୁଦ୍ଧ ଥିଲେ ଆତ୍ମସଂଯମର ମୂର୍ତ୍ତିମନ୍ତ ପ୍ରତୀକ। ଥରେ ସେ ଜଣେ ଗୃହସ୍ୱାମୀଙ୍କ ଦ୍ୱାରଦେଶରେ ଭିକ୍ଷାପାତ୍ର ଧରି ଉପସ୍ଥିତ ହୋଇ ଭିକ୍ଷା ମାଗନ୍ତେ ଗୃହସ୍ୱାମୀ ତାଙ୍କୁ କଟୁ ଭାଷାରେ ଭର୍ତ୍ସନା କଲେ। ବୁଦ୍ଧ ନୀରବରେ ସବୁ ଶୁଣିଗଲେ ଓ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ତାଙ୍କ ପାଖରୁ କୌଣସି ପ୍ରତିକ୍ରିୟା ନ ପାଇଁ ଗୃହସ୍ୱାମୀ ଆହୁରି ରାଗିଗଲେ ଓ କହିଲେ, ''ତୁମେ ମୋ କଥାର ଜବାବ ଦେଉନ କାହିଁକି? ମୁଁ ଏତେ କଥା କହୁଛି, ତୁମକୁ କ'ଣ ବାଧୁନି?'' ବୁଦ୍ଧଦେବ କହିଲେ ''ମୁଁ ଯଦି ତୁମ ଉଦ୍ଦେଶ୍ୟରେ ମୋର ଏହି ଭିକ୍ଷାପାତ୍ରଟିକୁ ଅର୍ପଣ କରିବି ଓ ତୁମେ ତାକୁ ଗ୍ରହଣ ନ କର, ଏହି ପାତ୍ରଟି କୁଆଡ଼େ ଯିବ?'' ଗୃହସ୍ୱାମୀ ଉତ୍ତର ଦେଲେ, 'ତାହା ତୁମର ହୋଇ ରହିବ।' ବୁଦ୍ଧ କହିଲେ, ''ଠିକ୍ ସେପରି ତୁମେ ମୋ ପ୍ରତି ଯେଉଁ କଟୁବାକ୍ୟ ପ୍ରୟୋଗ କରିଛ ମୁଁ ତାକୁ ଗ୍ରହଣ କରିନାହିଁ। ଏଣୁ ତାହା ତୁମ ପାଖରେ ରହିଲା।'' ଗୃହସ୍ୱାମୀ ସ୍ତବ୍ଧ ହେଲେ। ସେହି ମୁହୂର୍ତ୍ତରେ ତାଙ୍କ ଚେତନାରେ ଏକ ବଡ଼ ପରିବର୍ତ୍ତନ ହେଲା। ସେ ହେଲେ ବୁଦ୍ଧଙ୍କ ଶିଷ୍ୟ। ଏହିଭଳି ଆତ୍ମସଂଯମ ସାଧନା କରି ଅନ୍ୟ କାହାରି ପ୍ରତି ଅସଦିଚ୍ଛା ଓ ଈର୍ଷାପୋଷଣରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ କରିପାରିଲେ ନିଜକୁ ନିରାପଦ ରଖିହୁଏ ଏବଂ ତଦ୍ୱାରା ଅସୂୟାଭାବ ପୋଷଣ କରିଥିବା ବ୍ୟକ୍ତି ଅନୁତପ୍ତ ହୋଇ ସେ ନିଜର ଜୀବନଧାରାକୁ ପରିବର୍ତ୍ତନ କରେ।

ଦୈନନ୍ଦିନ ଜୀବନରେ ଆମେ ଯେତେ କଥା



କହିଥାଉ ତା'ର ବହୁ ଅଂଶ ନ କହିଥିଲେ ଚଳିଥାନ୍ତା। ମାତ୍ର ଆମେ ଅନେକ ସମୟରେ ଅନାବଶ୍ୟକ ଭାବେ ବହୁ କଥା ଗପିଥାଉ ଓ ଆମର ଶବ୍ଦସ୍ଫୀତି ବେଳେବେଳେ ସମାଜରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରେ ଓ ବେଳେବେଳେ ଜୀବନକୁ ବିପଦାପନ୍ନ କରେ। ବିଷ୍ଣୁ ଶର୍ମାଙ୍କ ପଞ୍ଚତନ୍ତ୍ରରେ ବର୍ଣ୍ଣିତ ଏହି ସମ୍ପର୍କିତ ଏକ କାହାଣୀ ଏକ ଭିନ୍ନ ରୂପରେ ପହଞ୍ଚିଥିଲା ଇଂଲଣ୍ଡରେ। ଚତୁର୍ଦ୍ଦଶ ଶତାବ୍ଦୀରେ କବି ଚସର୍ 'କାଣ୍ଟରବରି ଟେଲସ୍'ରେ ବାକ୍‌ସଂଯମକୁ ଗୁରୁତ୍ୱ ଦେଇ ଲେଖିଲେ ଗୋଟିଏ ଗଞ୍ଜାର କାହାଣୀ। ଗୋଟିଏ ପଲ୍ଲୀରେ ବୁଢ଼ିଟିଏ ପୋଷିଥାଏ ଏକ ଗଞ୍ଜା। ନାମଟି ତା'ର ଚର୍ଣ୍ଟିକ୍ଲିଅର୍। ତା'ର କଣ୍ଠର ସୁଲଳିତ ସଂଗୀତରେ ସମଗ୍ର ପକ୍ଷୀକୁଳ ମୋହିତ ହୁଅନ୍ତି। ମାତ୍ର ଗଞ୍ଜା ଉପରେ ଲୋଲୁପ ଦୃଷ୍ଟି ପକାଇଥାଏ ଏକ ଶୃଗାଳ। ଦିନେ ଶୃଗାଳ ତାକୁ କହିଲା ''ତୁମକୁ ଦେଖିଲେ ତୁମ ସ୍ୱର୍ଗତ ପିତାଙ୍କ କଥା ମନେପଡ଼ିଯାଏ। ଯେତେବେଳେ ସେ କଣ୍ଠ ଖୋଲି ଗୀତ ବୋଲନ୍ତି ମୁଁ ଅଭିଭୂତ ହେଉଥାଏ। ତୁମେ ତାଙ୍କର କଳାକୁ ବଜାୟ ରଖିଛ।'' ଗଞ୍ଜାଟି ପୁଲକିତ ହେଲା ଓ ଆହୁରି ଉଚ୍ଚ ସ୍ୱରରେ ଗୀତ ଗାଇବାକୁ ଚେଷ୍ଟା କଲା। ଶୃଗାଳ କହିଲା ''ମାତ୍ର ତୁମ ପିତା ସଂଗୀତ ଗାଇବା ବେଳେ ଆଖି ବନ୍ଦ କରୁଥିବାରୁ ଏକ ଅପୂର୍ବ ଭାବାବେଶ ସୃଷ୍ଟି ହେଉଥିଲା। ତାହା ଥିଲା ତାଙ୍କର ବିଶିଷ୍ଟ ଶୈଳୀ।'' ଗଞ୍ଜା ଆହୁରି ପୁଲକିତ ହୋଇ ଆଖି ଦୁଇଟି ବନ୍ଦକରି ଗୀତ ଗାଆନ୍ତେ ଶୃଗାଳ ତା' ଉପରକୁ କୁଦିପଡ଼ି କାମୁଡ଼ି ଧରି ଅରଣ୍ୟ ଭିତରକୁ ଚାଲିଗଲା।

ଘଟଣା ବିଷୟରେ ମାଲିକାଣୀ ବୁଢ଼ୀ ଅବଗତ ହେଲାପରେ ତା'ର ଦଳବଳ ଧରି ଗଞ୍ଜାର ପୁନରୁଦ୍ଧାର ସକାଶେ ଶୃଗାଳର ଅନୁଧାବନ କଲା। ଶୃଗାଳ ପାଟିରେ ଥାଇ ଗଞ୍ଜାଟି କହିଲା, ''ଦେଖ ବନ୍ଧୁ! ଏହି ବୁଢ଼ୀ ଓ ତା' ଦଳ କେତେ ଓଲୁ। ସେମାନେ ତୁମଭଳି ଶକ୍ତିଶାଳୀ ପଶୁର ଅନୁଧାବନ କରୁଛନ୍ତି। ତାଙ୍କୁ ଉପହାସ କରି କହି ଦେଉନ ଯେ ସେମାନଙ୍କ ଶ୍ରମ ବୃଥା ହେବ।'' ପୁଲକିତ ହେଲା ଶୃଗାଳ ଓ କହିଲା 'ତୁମେ ଠିକ୍ କହୁଛ। ମୁଁ କହିଦେଉଛି।' ସେ ମୁହଁ ଖୋଲିବା ମାତ୍ରେ ଗଞ୍ଜାଟି ତା' ପାଟିରୁ ଖସି ଯାଇ ଗଛ ଉପରକୁ ଚାଲିଗଲା। ଶୃଗାଳ ତା'ର ମୂର୍ଖତା ପାଇଁ ଅନୁତାପ କଲା ଓ କହିଲା, ''ହେ ଅନିନ୍ଦ୍ୟ ଗାୟକ। ତୁମ ସହ ମୋ ସମ୍ପର୍କ ଏମାନେ କିପରି ବୁଝିବେ? ମୁଁ ଚାହୁଁଥିଲି ତୁମକୁ ନେଇ ନିକାଞ୍ଚନରେ ତୁମଠାରୁ ଗୀତ ଶୁଣିବି। ଆସ ଶୀଘ୍ର ପଳାଇବା। ତୁମେ ଗାଇବ ଓ ମୁଁ ଶୁଣିବି।'' ମାତ୍ର ଗଞ୍ଜା କହିଲା, ''ଆଉ ଧୂର୍ତ୍ତ ବୁଦ୍ଧିଦ୍ୱାରା ତୁମେ ମୋତେ ପ୍ରତାରଣା କରିପାରିବ ନାହିଁ। ମୁଁ ଯେତେବେଳେ ଆଖି ଖୋଲା ରଖିବା କଥା, ସେତେବେଳେ ଆଖି ବନ୍ଦ କରି ଦୁର୍ଦ୍ଦଶା ଭୋଗିଲି।'' ଶୃଗାଳ ମଧ୍ୟ କହିଲା, ''ମୁଁ ଯେତେବେଳେ ପାଟି ବନ୍ଦ କରିବା କଥା ସେତେବେଳେ ପାଟି ଖୋଲି ମୂର୍ଖାମି କଲି ଓ ତୁମକୁ ହରାଇଲି।''

କାହାଣୀଟି ଚମତ୍କାର ଭାବରେ ସ୍ଥାନ କାଳ ପାତ୍ର ଅନୁସାରେ ବାକ୍‌ଶକ୍ତିର ଉପଯୋଗ କରିବା ଉପରେ ଚେତାବନୀ ଦେଇଛି। ଶାସ୍ତ୍ରରେ ଅଛି ''ବ୍ୟାଘ୍ରୀ ଯଥା ହରେତ୍ ପୁତ୍ରାନ୍ ଦଂଷ୍ଟ୍ରୟୋର୍ମଧ୍ୟେ ସଂସ୍ଥିତାନ୍। ଭୀତା ପତନଭେଦଭ୍ୟାଂ ତଦ୍‌ବତ୍ ବର୍ଣ୍ଣାନ୍ ପ୍ରୟୋଜୟେତ୍।'' ଅର୍ଥାତ୍ ବ୍ୟାଘ୍ରୀ ନିଜ ଶାବକକୁ ଉପରତଳ ଦୁଇ ଦାନ୍ତ ମଧ୍ୟରେ ଅତି ସତର୍କତାର ସହ ବହନ କରେ, କାରଣ ଅନ୍ୟଥା ଶାବକ ଭୂଇଁକୁ ଖସି ପଡ଼ିବାର ଅଥବା ତା'ର ଦାନ୍ତ ଶାବକ ଶରୀରକୁ ଭେଦ କରି କ୍ଷତାକ୍ତ କରିବାର ଭୟ ଥାଏ। ଜଣେ ସଂଭ୍ରାନ୍ତ ଯୁବକ ଲଜ୍ଜାବଶତଃ ମହିଳାମାନଙ୍କ ସହ ମିଶି ପାରୁ ନ ଥିବାରୁ ଆତ୍ମଗ୍ଲାନି ଅନୁଭବ କରନ୍ତେ ଜଣେ ବନ୍ଧୁ ତାକୁ କହିଲେ, ''ପ୍ରଥମେ ମହିଳାଙ୍କ ବିଭିନ୍ନ ଜିନିଷକୁ ପ୍ରଶଂସା କରିବୁ। ସେ ବିବାହିତା ନା ନୁହେଁ, ତାଙ୍କର ପିଲାପିଲି କେତେ ଆଦି ସୌହାର୍ଦ୍ଦ୍ୟପୂର୍ଣ୍ଣ ପ୍ରଶ୍ନ ପଚାରିବୁ, ଦେଖିବୁ ସେ ନିଶ୍ଚୟ ତୋ ସଙ୍ଗେ କଥାବାର୍ତ୍ତା କରିବେ।'' ଦିନେ ଯୁବକଟି ଜଣେ ମହିଳାଙ୍କ ସଙ୍ଗେ କଥାବାର୍ତ୍ତା ଆରମ୍ଭ କରିବାକୁ ଯାଇ ତାଙ୍କ ବ୍ୟାଗ୍‌ର ପ୍ରଶଂସା କଲା। ମହିଳାଟି ଖୁସି ବ୍ୟକ୍ତ କଲେ। ତା'ପରେ ସେ ପଚାରିଲା ''ଆପଣଙ୍କ ପିଲାପିଲି କେତେ? ମହିଳା ଜଣକ ଉତ୍ତର ଦେଲେ, ପୁଅଟିଏ, ଝିଅଟିଏ।'' ତା'ପରେ ସେ ପଚାରିଲେ, 'ଆପଣ ବିବାହିତା?' ସଙ୍ଗେ ସଙ୍ଗେ ଭଦ୍ରମହିଳା ଉତ୍କ୍ଷିପ୍ତ ହୋଇ ତାକୁ ଅଭଦ୍ର ବୋଲି କହନ୍ତେ ଯୁବକଟି ଚାଲି ଆସିଲା ଓ ତାକୁ ତାଲିମ ଦେଇଥିବା ବନ୍ଧୁଙ୍କ ପାଖରେ ସବୁକଥା କହିଲା। ବନ୍ଧୁ କହିଲେ ''ମୂର୍ଖ, ତୁ ସିନା ପ୍ରଥମେ ବିବାହ କଥା ପଚାରିଥାନ୍ତୁ। ତୁ କ୍ରମ ରକ୍ଷା ନ କରି ଅସୁବିଧାରେ ପଡ଼ିଲୁ।'' ଆଉ ଦିନକର କଥା। ସେ ଆଉ ଜଣେ ମହିଳାଙ୍କ ସହ କଥାବାର୍ତ୍ତା ଆରମ୍ଭ କରିବାକୁ ଯାଇ କଥା ପ୍ରସଙ୍ଗରେ ପଚାରିଲା, 'ମ୍ୟାଡାମ୍ ଆପଣ ବିବାହିତା?' ସେ କହିଲେ 'ନା'। ତା'ପରେ ସେ ପଚାରିଲା 'ଆପଣଙ୍କ ପିଲାପିଲି କେତେ?' ମହିଳା ଜଣକ ଉତ୍କ୍ଷିପ୍ତ ହୋଇ ତାକୁ ଅଭଦ୍ର କହିଲେ ଓ ଗାଳି ବର୍ଷଣ କଲେ। ଯୁବକଟି ସଚେତନ ହେଲା ଓ ତାଙ୍କୁ କ୍ଷମା ମାଗି ଚାଲିଆସିଲା। ଏହା ଅବଶ୍ୟ ଯୁବକର ନିର୍ବୋଧତା ବା ନିରୀହତା ହୋଇପାରେ। ମାତ୍ର ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ମତରେ ଏ ପର୍ଯ୍ୟାୟରେ ନିରୀହତା ମଧ୍ୟ ଅଜ୍ଞାନତାର ଅଭିବ୍ୟକ୍ତି। ଏଣୁ ସତର୍କତା ଅବଲମ୍ବନ ନ କଲେ ପାଟିରୁ ଉଚ୍ଚାରିତ ଶବ୍ଦ ଅନ୍ୟକୁ ଆଘାତ ଦେବା ସଙ୍ଗେ ସଙ୍ଗେ ସମାଜରେ ବିଷମ ସମସ୍ୟା ସୃଷ୍ଟିକରେ ଓ ଶାନ୍ତିଭଙ୍ଗ କରେ। ଆମେ କହୁଥିବା ପ୍ରତ୍ୟେକ ଶବ୍ଦ ଆମର ଅନ୍ତଃକରଣରେ ଏକ ଅଲିଭା ଦାଗ ଛାଡ଼ିଯାଏ। ତାହା ଆମ ସ୍ୱଭାବ ଓ ଚରିତ୍ର ନିର୍ମାଣ କରିବାରେ ସାହାଯ୍ୟ କରେ। ଏଣୁ ଭାରତୀୟ ଋଷିଗଣ ଶବ୍ଦ ଉଚ୍ଚାରଣ ଉପରେ ଅତ୍ୟନ୍ତ ସାବଧାନ ରହିବାକୁ ପରାମର୍ଶ ଦେଇଛନ୍ତି। ଛାନ୍ଦୋଗ୍ୟ ଉପନିଷଦରେ ବାକ୍‌କୁ ବ୍ରହ୍ମ କୁହାଯାଇଛି। ଏଣୁ ବାକ୍‌ର ଯଥାର୍ଥ ପ୍ରୟୋଗ ହିଁ ବ୍ରହ୍ମୋପସାନା।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ:୯୪୩୭୩୨୯୨୬୩

# ନିଯୁକ୍ତିର ମରୀଚିକା



ସୁନୀଲ କୁମାର ମିଶ୍ର

ଉପଯୁକ୍ତ ଜୀବିକା ଓ କର୍ମନିଯୁକ୍ତି ପ୍ରତ୍ୟେକ ମନୁଷ୍ୟକୁ ବିକାଶ ଦିଗକୁ ଟାଣି ନେଇଥାଏ। ନିଯୁକ୍ତି ଦେଇଥାଏ ନୂଆ ଆଶାର ଆଲୋକ, ଯାହା ଫଳରେ ବ୍ୟକ୍ତିଟିଏ ନିଜ ପରିବାରର ଭରଣପୋଷଣ କରିବାରେ ସକ୍ଷମ ହୋଇଥାଏ। ସମାଜରେ ବଞ୍ଚିବା ପାଇଁ ହେଲେ ସମସ୍ତଙ୍କର ଆବଶ୍ୟକତା ଥାଏ କର୍ମନିଯୁକ୍ତି, ଯେଉଁଥିରୁ ମିଳୁଥିବା ପାରିଶ୍ରମିକରେ ସେ ନାନା ପ୍ରକାର ଦାୟିତ୍ୱ ବହନ କରିଥାଏ। ପ୍ରତ୍ୟେକ ପରିବାର, ଯାହାର ଗୋଟେ କିମ୍ବା ଦୁଇଟି ପୁଅ କିମ୍ବା ଝିଅ ଥାଏ, ତା'ଠାରୁ ତା'ର ମା'ବାପା ବୃଦ୍ଧ ବୟସରେ କର୍ମ ନିଯୁକ୍ତିର ଆଶା ରଖିଥାଆନ୍ତି। ଏମିତି ଅନେକ ପରିବାରର ପିଲା କର୍ମନିଯୁକ୍ତି ଆଶାରେ ଦିନ ମଜୁରିଆ ରୂପେ ବାହାରେ ଖଟି ପରିବାରର ଭାର ବହନ କରିଥାନ୍ତି। ଉପଯୁକ୍ତ ସରକାରୀ ନିଯୁକ୍ତି ପାଇ ନ ପାରି ଯୌବନ ଅବସ୍ଥାରେ ଭାରାକ୍ରାନ୍ତ ହୋଇ ପଡ଼ନ୍ତି। ନିଯୁକ୍ତିକୁ ଚାହିଁ ଚାହିଁ ଝିଅଟିଏର ବୟସ ଯଦି ୨୧ ବର୍ଷ ଛୁଇଁଯାଏ ଓ ଯଦି ସେ କୌଣସି ନିଯୁକ୍ତି ନ ପାଇଥାଏ, ତାକୁ ବିବାହ ବନ୍ଧନରେ ଛନ୍ଦି ଦବାରେ ମା'ବାପା ଲାଗିପଡ଼ନ୍ତି। ଓଡ଼ିଶାରେ ନିଯୁକ୍ତି ଉପଯୁକ୍ତ ଭାବରେ ନ ବାହାରୁ ଥିବାରୁ ବେରୋଜଗାରି ଓ ବେକାରି ସମସ୍ୟା ବଢ଼ି ଚାଲିଛି। ରାଜ୍ୟରେ ମୋଟ ୧୧ ଲକ୍ଷ ୯୭ ହଜାର ୪୯୭ ଜଣ ବେରୋଜଗାରୀ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଛନ୍ତି। ଏହି ସଂଖ୍ୟା ଗତ ୫ ବର୍ଷରେ ୩ ଲକ୍ଷ ୧୩ ହଜାର ୮୫୮କୁ ବଢ଼ିଛି। ଏହି ତଥ୍ୟ ବିଧାନସଭାରେ ସରକାର ଉପସ୍ଥାପନ କରିଛନ୍ତି।

ନିଯୁକ୍ତି କ୍ଷେତ୍ରରେ ଅଧିକ ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ କମ୍ ସଂଖ୍ୟକ ପଦବୀ ବାହାର କରି ସରକାରଗୁଡ଼ିକ ଯୁବତୀ ଯୁବକମାନଙ୍କୁ ହତୋତ୍ସାହିତ କରି ଦେଉଛନ୍ତି। କମ୍ ସଂଖ୍ୟକ ପଦବୀକୁ ମାତ୍ରାଧିକ ଯୁବତୀ ଯୁବକଙ୍କ ସଂଖ୍ୟା ଯୋଗୁ ଚାକିରି ପ୍ରାପ୍ତ କରିବା ଏବେ କଷ୍ଟକର ବିଷୟ ପାଲଟିଛି। ବିଭିନ୍ନ ବିଭାଗରେ ଦୁଇ ଲକ୍ଷରୁ ଅଧିକ ପଦବୀ ଖାଲିପଡ଼ିଛି। ନିଯୁକ୍ତିକୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ବିଧାନସଭାରେ ସରକାର ଦର୍ଶାଇଥିଲେ ଯେ, ନାନା ସଂଖ୍ୟକ ପଦବୀ ଖାଲିପଡ଼ିଛି; କିନ୍ତୁ ତାହା ପୂରଣ କରିବା ଉଦ୍ୟମର ଅଭାବ ଦେଖାଦେଇଛି। ରାଜ୍ୟର ପ୍ରଶାସନିକ ସେବା କ୍ଷେତ୍ରରେ ଖାଲିପଡ଼ିଛି ବହୁ ପଦବୀ ଯଥା: ୬୭ ଆଇଏଏସ୍, ୬୯ ଆଇପିଏସ୍, ୨୫୩ ଓଏଏସ୍, ୨୭୪ ଓଡ଼ିଶା ଅର୍ଥ ସେବା, ୬୧୧ ଓଡ଼ିଶା ବନ ସେବା, ୨୬୩ ଓଡ଼ିଶା ରାଜସ୍ୱ ସେବା।

ଯୁବକ ଓ ଯୁବତୀମାନଙ୍କ ମନରେ ନିଯୁକ୍ତି ପାଇବାର ଆଶା କିଛିକ୍ଷଣ ପାଇ ଉଇଁ ଉଠୁଛି, ଉପଯୁକ୍ତ ପଦବୀ ପୂରଣ ନ ହେଉଥିବାରୁ ତାହା ମଉଳି ଯାଉଛି। ଓଡ଼ିଶା ପୋଲିସ ସର୍ଭିସର ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୧୬ରେ ୧୪ ପଦବୀ, ୨୦୧୭ରେ ୯, ୨୦୧୮ରେ ୧୫, ୨୦୧୯ରେ ୭, ୨୦୨୦ ଓ ୨୦୨୧ ମସିହାରେ ଏହାର ସଂଖ୍ୟା ୬ ଥିଲା। ୨୦୨୩ରେ ମଧ୍ୟ ସେହି



ସଂଖ୍ୟା ୬ ଥିଲା। କ୍ରମେ ଏହାର ପଦବୀ ୨୦୨୨ ମସିହାରେ ଶୂନ୍ୟ(୦) ଥିଲା ଏବଂ ୨୦୨୪ରେ ବି ଶୂନ୍ୟ(୦) ଅଛି। ଏତେ କମ୍ ଓଡ଼ିଶା ପୋଲିସ ସେବା ପଦବୀର ବିଜ୍ଞପ୍ତି ହବାର କାରଣ କ'ଣ। ଓଡ଼ିଶାରେ ସରକାରୀ ଚାକିରି ପରୀକ୍ଷା ନିମନ୍ତେ ବର୍ଷ ବର୍ଷ ଧରି ନିଜକୁ ପ୍ରସ୍ତୁତ କରୁଥିବା ଯୁବକ ଓ ଯୁବତୀମାନେ ପଦବୀ ସଂଖ୍ୟା କମ୍ ହୋଇଥିବା ଯୋଗୁ ହତାଶ ହୋଇଯାଉଛନ୍ତି। ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଜିଲା ପାଠାଗାର, ଉପଖଣ୍ଡ ପାଠାଗାର ଓ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ଓ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଗ୍ରନ୍ଥାଗାର ପଦବୀ ମଧ୍ୟ ବହୁତ ବର୍ଷ ହେଲା ଖାଲିପଡ଼ିଛି ତାହା ମଧ୍ୟ ପୂରଣ କରିବାର ନା ଧରୁନାହାନ୍ତି। ସରକାର ମାଗଣା ବାଣ୍ଟିବା ବଦଳରେ କର୍ମ ନିଯୁକ୍ତି ଦିଅନ୍ତେ ସେଟା ସବୁଠାରୁ ଭଲହୁଅନ୍ତା। ନିଯୁକ୍ତି ଆଶାରେ ଯୁବତୀ ଯୁବକମାନେ ବି ଏ, ବି.ଏସ୍.ସି, ଏମ୍ଏ, ଗ୍ରନ୍ଥାଗାର ସୂଚନା ବିଜ୍ଞାନରେ ସ୍ନାତକୋତ୍ତର ହୋଇ ମଧ୍ୟ ଅଧିକ ପଦବୀ ନ ବାହାରୁ ଥିବାରୁ କିମ୍ବା ପଦବୀ ଖାଲି ପଡୁଥିବାରୁ ସେମାନେ ନିଯୁକ୍ତି ପାଇ ପାରୁନାହାନ୍ତି। ସରକାର କିଛି ପଦକ୍ଷେପ ନେବେ ବୋଲି ଆଶା କିନ୍ତୁ ଏପର୍ଯ୍ୟନ୍ତ ସେମିତି କିଛି ପଦକ୍ଷେପ ନେଇନାହାନ୍ତି। ତେଣୁ ପଦବୀ ପୂରଣ ହବ କି ନାହିଁ ଆଉ ଭରସା କରିପାରିନାହାନ୍ତି।

ନିଯୁକ୍ତିର ଅଭାବ ଅର୍ଥନୀତିର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଶିକ୍ଷା ଓ ଦକ୍ଷତାର ଅପଚୟ ଘଟୁଛି। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଠିକ୍ ସମୟରେ ନିଯୁକ୍ତି ନ ପାଇ ଯୁବକ ଓ ଯୁବତୀମାନଙ୍କର ବୟସ ସୀମା ବଢ଼ିବା ସହିତ ସେମାନେ କେତେକ ପଦବୀରେ ଆବେଦନ କରିବାକୁ ସକ୍ଷମ ହୋଇ ପାରୁନାହାନ୍ତି। ଅନ୍ୟ ରାଜ୍ୟମାନଙ୍କ ପରି ଓଡ଼ିଶାରେ ସରକାରୀ ଚାକିରି ଆବେଦନ କରିବାର ବୟସ ସୀମା ୪୩ ବର୍ଷକୁ ବୃଦ୍ଧି କରିବାରେ ଅସମର୍ଥ। ଯଦି ଭିତ୍ତିଭୂମି ସୁଦୃଢ଼ ନ ରହିଲେ ସୁନ୍ଦର ଘରଟିଏ କେମିତି ଗଢ଼ିଉଠିବ? ଯଦି ସରକାର ଅସଂଖ୍ୟ ଯୁବତୀ ଯୁବକମାନଙ୍କ ଡାକରା ନ ଶୁଣିବେ, ତେବେ କିଏ ଶୁଣିବ? ଏ ଡାକରା କେବେ ସରକାରଙ୍କ କର୍ଣ୍ଣପାତ ହବ ଓ ଉପଯୁକ୍ତ ନିଯୁକ୍ତି ବାହାରିବା ସହିତ ମାତ୍ରାଧିକ ଖାଲିଥିବା ପଦବୀଗୁଡ଼ିକ ମଧ୍ୟ ପୂରଣ ହେବ। ''ଧୁଆ ମୂଳା ଅଧୁଆ ମୂଳା ସମାନ'' ଅର୍ଥାତ୍ ଯେଉଁଠି ଭଲ ମନ୍ଦ ଉତ୍କୃଷ୍ଟ ନିକୃଷ୍ଟ ବିଚାର ହୁଏ ନାହିଁ। ଓଡ଼ିଶାରେ ବାରମ୍ବାର ଏହିପରି ପରିସ୍ଥିତି ଉପୁଜି ଚାଲିଛି। ଆମ ରାଜ୍ୟ ସରକାର ବହୁତ କମ ପରିମାଣର ନିଯୁକ୍ତି ସୃଷ୍ଟି କରିବା ଓ ଆମ ରାଜ୍ୟର ରାଷ୍ଟ୍ରାୟତ୍ତ କମ୍ପାନୀମାନଙ୍କରେ ୨୦,୦୦୦ରୁ ଉର୍ଦ୍ଧ୍ୱ ପଦବୀ ଖାଲିପଡ଼ିଛି, କିନ୍ତୁ ବିଗତ ରାଜ୍ୟ ସରକାର ତାକୁ ପୂରଣ କରିବାକୁ ଇଚ୍ଛା ପ୍ରକାଶ କରିନଥିଲେ ଆଉ ଉପସ୍ଥିତ ସରକାର କ'ଣ କରୁଛନ୍ତି ସେଟା ଦେଖିବା ବାକି ରହିଲା।

ମୋ: ୯୭୭୬୮୪୨୬୭୨

## ଏଇ ଭାରତରେ

ଜନସଂଖ୍ୟା ନିୟନ୍ତ୍ରଣ କରିବା ଲାଗି ଏକ ନିଆରା ପଦ୍ଧତି ଆପଣାଇଛନ୍ତି ଉତ୍ତରପ୍ରଦେଶ ମିରଟର ଏକ ଦମ୍ପତି ଦିନେଶ ତଲୱାର ଓ ଦିଶା ତଲୱାର। ସେମାନେ ଲୋକଙ୍କୁ ସଚେତନ କରିବା ପାଇଁ ରାସ୍ତାରେ ଓଲଟା ଚାଲୁଛନ୍ତି। ସେମାନେ ହାତରେ ଜନସଂଖ୍ୟା ନିୟନ୍ତ୍ରଣର ପ୍ଲାକାର୍ଡ ଧରି ଚାଲୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଏହି ଦମ୍ପତି ରାସ୍ତାରେ ଓଲଟା ଚାଲୁଛନ୍ତି, ଅର୍ଥାତ ପଛକୁ ପାଦ ପକାଇ ଚାଲୁଛନ୍ତି। ଏହି କାମ ସେମାନେ ଦୀର୍ଘ ୩୨ ବର୍ଷ ହେଲା କରିଆସୁଛନ୍ତି। ଏଭଳି ଅଭିନବ ପଦଯାତ୍ରା ସମୟରେ ସେମାନେ ଦୁଇଟି ସନ୍ତାନ ଯଥେଷ୍ଟ ବୋଲି ବାର୍ତ୍ତା ଦେଉଛନ୍ତି। ଦିନେଶ ଓ ଦିଶା ଏଯାବତ ଭାରତରେ ୪୦୦ରୁ ଉର୍ଦ୍ଧ୍ୱ ସହର ବୁଲି ସାରିଲେଣି। ଏହି ଦମ୍ପତି କହନ୍ତି ଯେ, ଏବେ ପରିବେଶ ସନ୍ତୁଳନ ଠିକ୍ ରଖିବା ପାଇଁ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତା ଦେଖାଦେଇଛି। ଏଥିପାଇଁ ସେମାନେ ଲୋକଙ୍କୁ ସଚେତନ କରୁଛନ୍ତି ଓ ସରକାର ଏ ନେଇ ଆଇନ ଆଣିବା ଆବଶ୍ୟକ ବୋଲି ମତ ଦିଅନ୍ତି। ସେମାନେ ଏହି ଅଭିଯାନ ଚଳାଇଥିବାବେଳେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି। ହେଲେ ସେମାନଙ୍କ ଲକ୍ଷ୍ୟରୁ କେବେ ବି ବିଚ୍ୟୁତ ହୋଇନାହାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଏପ୍ରିଲ ୧୯୭୬

- ରାସ୍ତାରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ସମ୍ପର୍କୀୟ ବିଶେଷଜ୍ଞମାନେ ସାରା ଦେଶ ପାଇଁ ଏକ ପ୍ରକାରର କେତେକ ରାସ୍ତା ସଙ୍କେତ ଉଦ୍ଭାବନ କରିଛନ୍ତି।
- ନାଇଜେରିଆରେ ସାମରିକ ବିଦ୍ରୋହ ଉଦ୍ୟମରେ ଅଭିଯୁକ୍ତ ହୋଇଥିବା ୭ ଜଣଙ୍କୁ ଫାଶୀ ଦିଆଯାଇଛି।
- ୫୪ ବର୍ଷୀୟା ଭାଲେରି ଆନ୍‌ଫ୍ରେ ଫ୍ରାନ୍ସ ସୈନ୍ୟ ବାହିନୀର ଇତିହାସରେ ପ୍ରଥମ ଥର ପାଇଁ ଜେନେରାଲ ପାହ୍ୟାକୁ ଉନ୍ନୀତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 5 | | |
| | | | 6 | | 7 | | 4 | 3 |
| | | 8 | | | 3 | | | 6 |
| | 7 | | | | | 1 | | |
| | 3 | 9 | | | 5 | | | |
| | 4 | | | 7 | 8 | | | 2 |
| | | | 7 | | | | | |
| | | | | 8 | | | 9 | |
| | 9 | 6 | | 1 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 1 | 6 | 5 | 3 | 2 | 4 | 8 |
| 2 | 5 | 6 | 4 | 1 | 8 | 3 | 9 | 7 |
| 4 | 3 | 8 | 9 | 2 | 7 | 1 | 5 | 6 |
| 7 | 6 | 3 | 5 | 9 | 1 | 8 | 2 | 4 |
| 5 | 9 | 2 | 8 | 6 | 4 | 7 | 1 | 3 |
| 1 | 8 | 4 | 7 | 3 | 2 | 9 | 6 | 5 |
| 3 | 4 | 5 | 1 | 7 | 9 | 6 | 8 | 2 |
| 6 | 1 | 7 | 2 | 8 | 5 | 4 | 3 | 9 |
| 8 | 2 | 9 | 3 | 4 | 6 | 5 | 7 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପରିବେଶ ଅନୁକୂଳ ସାମଗ୍ରୀର ବ୍ୟବହାର

ମହାଶୟ,

ସ୍କୁଲଗୁଡ଼ିକରେ ବିଦ୍ୟାର୍ଥୀମାନେ ବିଭିନ୍ନ କିସମର ମଡେଲ ପ୍ରସ୍ତୁତ କରିଥାନ୍ତି ଯାହାକି ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ପ୍ରକଳ୍ପଭିତ୍ତିକ ଶିକ୍ଷା ହେଉଛି ଏକ ଉପକରଣାତ୍ମକ ପଦ୍ଧତି, ଯାହା ଛାତ୍ରୀଛାତ୍ରମାନଙ୍କୁ ପ୍ରକଳ୍ପରେ ନିୟୋଜିତ କରି ଦକ୍ଷତା ଏବଂ ଜ୍ଞାନ ବିକାଶ କରିବାରେ ସହାୟକ ହୋଇଥାଏ । ସାଧାରଣତଃ ବିଦ୍ୟାର୍ଥୀମାନେ ମଡେଲଗୁଡ଼ିକୁ ପ୍ରସ୍ତୁତ କଲାବେଳେ ପରିବେଶ ପ୍ରତିକୂଳ ସାମଗ୍ରୀ ଯଥା ସୋଲ, ପ୍ଲାଷ୍ଟିକ ଇତ୍ୟାଦି ବ୍ୟବହାର କରିଥାନ୍ତି । ଏହି ପରିପ୍ରେକ୍ଷୀରେ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ ସେମାନଙ୍କର ମଡେଲଗୁଡ଼ିକୁ ପ୍ରସ୍ତୁତ କରିବା ପାଇଁ ଯଥାସମ୍ଭବ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ପରାମର୍ଶ ଦେବା ଆବଶ୍ୟକ। ଶିକ୍ଷାନୁଷ୍ଠାନଗୁଡ଼ିକରେ ପରିବେଶ ପ୍ରତିକୂଳ ସାମଗ୍ରୀ ଦ୍ୱାରା ହେଉଥିବା ପ୍ରଦୂଷଣ ବିଷୟରେ ପିଲାଙ୍କୁ ଧାରଣା ଦେବା ଦରକାର । ଯେଉଁଠାରେ ନ ହେଲେ ନ ଚଳେ ସେଠାରେ ଅବଶ୍ୟ ପ୍ଲାଷ୍ଟିକ ବ୍ୟବହାର କରାଯାଇପାରିବ । ଫଳସ୍ୱରୂପ ବିଦ୍ୟାର୍ଥୀମାନେ ପିଲାଦିନରୁ ହିଁ ପରିବେଶ ପ୍ରତି ସଚେତନ ହୋଇପାରିବେ ।

–ନବନୀତ ପାଣିଗ୍ରାହୀ, ରାୟଗଡ଼ା

## ଚିରନ୍ତନୀ

ଯୁଗ ଯୁଗ ଧରି କବି ଗଦା ଗଦା
ଲେଖିଲେ କବିତା ପୀରତି ଘେନି
କାବ୍ୟର ରୂପ ବିଷୟ ବିଚାର
କେବଳ ରମଣୀ ପୁରୁଷ ବେନି।
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାରୀ ବିରୋଧୀ କାର୍ଯ୍ୟ ବନ୍ଦ ନ ହେବା ଯାଏ ସଂଘର୍ଷ ଜାରି ରହିବ: ଲଲ୍ଲୁ



ଛାତ୍ରନେତା ଓ କର୍ମୀଙ୍କୁ ଝାରପଡ଼ା ଜେଲ ପରିସରରେ ମଙ୍ଗଳବାର କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ଅନ୍ୟମାନେ ଭେଟି ଫେରୁଛନ୍ତି।

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ରାଜ୍ୟରୁ ନାରୀ ବିରୋଧୀ ସରକାରର ମୂଳୋତ୍ପାଟନ ନ ହେବା ଯାଏ କଂଗ୍ରେସର ସଂଘର୍ଷ ଜାରି ରହିବ ବୋଲି କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି। ମଙ୍ଗଳବାର ଛାତ୍ରନେତା ଓ କର୍ମୀଙ୍କୁ ଝାରପଡ଼ା ଜେଲରେ ଭେଟିବା ଅବସରରେ ଲଲ୍ଲୁ ଖବରଦାତାଙ୍କୁ କହିଛନ୍ତି ଯେ, ରାଜ୍ୟରେ ୬୪ହଜାର ମହିଳା ଓ ଶିଶୁ ନିଖୋଜ ଅଛନ୍ତି। ସେମାନଙ୍କୁ ଖୋଜିବା ପରିବର୍ତ୍ତେ ରାଜ୍ୟ ସରକାର ସେମାନଙ୍କ ପାଇଁ ଯିଏ ସ୍ୱର ଉଠାଉଛନ୍ତି ତାଙ୍କୁ ଦମନ କରିବାରେ ଲାଗିଛନ୍ତି। ସେ କହିଛନ୍ତି, ମାର୍ଚ୍ଚ ୨୭ରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ବେଳେ ପୋଲିସ ଅଗଣତାନ୍ତ୍ରିକ ଭାବେ କଂଗ୍ରେସ କର୍ମୀ ଓ ଛାତ୍ର ନେତା ମିର୍ଜା ଇସ୍‌ଲାମ ବେଗ୍, ଚନ୍ଦନ ସାହୁ, ଆସିଫ୍‌ ଖାନ୍, ବିଜୟ ସାହୁ ଓ ପ୍ରତୀକ ଦାସଙ୍କୁ ଗିରଫ କରିଛି। ଛାତ୍ରାବାସରେ ରହୁଥିବା ଷଷ୍ଠ, ସପ୍ତମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଗର୍ଭବତୀ ହେବା ସହିତ ବହୁ ମହିଳା ନିର୍ଯାତିତ ଓ ବଳାତ୍କାରର ଶିକାର ହେବା ଘଟଣା ସବୁଦିନ ଘଟୁଛି। ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ଓ ସେମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ବିଧାନସଭା ଘେରାଉ କରିଥିଲା। ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ଚାଲିଥିବା ବେଳେ ଅମାନୁଷିକ ଭାବେ ଆମକୁ ପୋଲିସ ଲାଠି ପ୍ରହାର, ପାଣିମାଡ଼ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା, ଯାହାଦ୍ୱାରା କି ଆମର ଅନେକ ନେତୃବୃନ୍ଦ ଓ କର୍ମୀ ଗୁରୁତର ଆହତ ହୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ଲଲ୍ଲୁ କହିଛନ୍ତି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଆମେ ଏବଂ ଆମର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଡରିଯିବା ଲୋକ ନୁହନ୍ତି। ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ଦାବିରେ ଏବଂ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି ବିରୋଧରେ ଆମ ଆନ୍ଦୋଳନ ଜାରି ରହିବ ବୋଲି ଲଲ୍ଲୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ ପ୍ରମୁଖ ସାମିଲ ଥିଲେ।

# ବିଜେଡିକୁ ୪ରୁ ୫ ନେତା କବ୍‌ଜା କରିଛନ୍ତି: ଅମରେଶ

ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)

## ଦଳରେ କନ୍ଦଳ ନାହିଁ: ପ୍ରସନ୍ନ

ବିଜେଡିରେ ଏବେ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। ଦଳର ୫ ଜଣ ନେତା ଦାୟିତ୍ୱ ପାଇବାକୁ ନେଇ କର୍ପୋରେଟର ଅମରେଶ ଜେନା ସିଧାସଳଖ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଅମରେଶ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ୪ରୁ ୫ ଜଣ ନେତା ଏବେ ଦଳକୁ କବ୍‌ଜାକରି ନେଇଛନ୍ତି। ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶା ନେତାମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ପ୍ରସନ୍ନ ଆଚାର୍ଯ୍ୟ, ରୋହିତ ପୂଜାରୀ, ଏ.ୟୁ. ସିଂଦେଓ, ବିକ୍ରମ ଆରୁଖ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁଦାମ ମାରାଣ୍ଡିଙ୍କ ଭଳି ଅନେକ ନେତାଙ୍କୁ ଏମାନେ ଡାକୁନାହାନ୍ତି କି ପଚାରୁନାହାନ୍ତି। ୨୪ ବର୍ଷ ହେଲା ଦଳ ପାଇଁ ଏଭଳି ବହୁ ନେତା ଅନେକ କାର୍ଯ୍ୟ କରିଛନ୍ତି। ଯେଉଁ ୪ରୁ ୫ ଜଣ ନେତା ଦଳକୁ କବ୍‌ଜା କରିଛନ୍ତି ସେମାନେ ହାରିଛନ୍ତି। ହାରିଥିବା ନେତାମାନେ ନିଜ ଅଞ୍ଚଳରେ ଅଧିକ ବୁଲିବା କଥା। ଏମାନେ ମୂଷା ହୋଇ ଦଳର ଚେର କାଟୁଛନ୍ତି। ଯେଉଁ ନେତାମାନେ ଦାୟିତ୍ୱ ସମ୍ଭାଳିବାକୁ ଆସିଛନ୍ତି ସେମାନେ ନିଜ ଅଞ୍ଚଳରେ ୧୦ରୁ ୨୫ ହଜାର ପର୍ଯ୍ୟନ୍ତ ଭୋଟ ବ୍ୟବଧାନରେ ହାରିଛନ୍ତି। ନିଜ ଅଞ୍ଚଳ ଛାଡ଼ି କେବଳ ଭୁବନେଶ୍ୱରରେ ବସି ମାମଲ୍‌ତି କଲେ ବୋଲି ବହୁ ନେତା ହାରିଲେ। ଏମାନେ ବିଜେଡିକୁ ବଙ୍ଗୋପସାଗରରେ ବୁଡ଼ାଇବା ଲାଗି ଯୋଜନା କରୁଛନ୍ତି। ବିଜେଡି ଏବେ ଚାରିଫାଳ ହୋଇଗଲାଣି। ସେମାନଙ୍କୁ ଲୋକଲୋଚନକୁ ଆଣିବୁ, ପ୍ରତ୍ୟେକ ଛକରେ ସେମାନଙ୍କୁ ପ୍ରଶ୍ନ ପଚରାଯିବ ବୋଲି ଅମରେଶ କହିଛନ୍ତି। ଅନ୍ୟପଟେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡିରେ କୌଣସି କନ୍ଦଳ ନାହିଁ। ବିଜେଡି ଓଡ଼ିଶା ସ୍ୱାର୍ଥର ଜାଗ୍ରତ ପ୍ରହରୀ। ଦଳ ଚଳଚଞ୍ଚଳ ଅଛି। ଲୋକଙ୍କ ସ୍ୱାର୍ଥ ଲାଗି ଦଳ ସ୍ୱର ଉଠାଇଥିଲା ଏବଂ ଉଠାଇବ ବୋଲି ପ୍ରସନ୍ନ କହିଛନ୍ତି।

# ସଦାଶିବଙ୍କ ଜୟନ୍ତୀରେ ଅବିଭକ୍ତ କୋରାପୁଟ ଜିଲା ଲୋକ ପ୍ରତିନିଧିଙ୍କୁ ଉପେକ୍ଷା: ମୁନା ଖାଁ

ନବରଙ୍ଗପୁର,୨୨।୪ (ସଦାଶିବ ପ୍ରହରାଜ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଅବିଭକ୍ତ କୋରାପୁଟ ଜିଲାର ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଛି ବୋଲି ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଅଭିଯୋଗ କରିଛନ୍ତି। ମଙ୍ଗଳବାର ନବରଙ୍ଗପୁରସ୍ଥିତ ସର୍କିଟ ହାଉସ୍‌ରେ ଖବରଦାତା ସମ୍ମିଳନୀ କରି ସେ କହିଛନ୍ତି, ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ୧୧୫ତମ ଜୟନ୍ତୀ ପାଳନ ହୋଇଥିଲା। ଏଥିରେ ଅନ୍ୟ ଜିଲାରୁ ଭାଜପାର କର୍ମକର୍ତ୍ତା ଅତିଥିଭାବେ ଯୋଗଦେଇଥିଲେ। ହେଲେ ଡ. ତ୍ରିପାଠୀଙ୍କ ଜନ୍ମସ୍ଥାନ ନବରଙ୍ଗପୁର ଓ ଅବିଭକ୍ତ କୋରାପୁଟ ଜିଲାର କୌଣସି ଲୋକ ପ୍ରତିନିଧି ଉପସ୍ଥିତ ନ ଥିଲେ। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦଳର ୧୪ ବିଧାୟକ, ୨ ଜଣ ଲୋକ ସଭା ସଦସ୍ୟ ଓ ଜଣେ ରାଜ୍ୟ ସଭା ସଦସ୍ୟ ରହିଛନ୍ତି। କାହାରିକୁ ନିମନ୍ତ୍ରଣ ନ କରି ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା ମୁନା ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନବରଙ୍ଗପୁର ଜିଲାର ତଥା ଶାବରୀ ସଂସ୍କୃତି ପରିଷଦର ଅଧ୍ୟକ୍ଷ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ଏଥି ପୂର୍ବରୁ ଲୋକ ପ୍ରତିନିଧିମାନଙ୍କୁ ଏଭଳି କେବେ ଅବହେଳା କରାଯାଇ ନ ଥିବା କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ତ୍ରୁଟି କାହିଁକି ହେଲା ସେ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ରାଜ୍ୟ ସରକାର ଜବାବ ରଖନ୍ତୁ ବୋଲି ମୁନା ଖାଁ ଦାବି କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଉପ ସଭାପତି ବଦ୍ରିନାରାୟଣ ସିଂ ଓ ନଗର ସଭାପତି ପ୍ରମୋଦ ରଥ ଉପସ୍ଥିତ ଥିଲେ।


ନବରଙ୍ଗପୁରସ୍ଥିତ ସର୍କିଟ୍ ହାଉସଠାରେ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ (ମଝି)ଙ୍କ ସମେତ ଅନ୍ୟ ବିଜେଡି ନେତା।

# ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

## ତଳସରା ନାବାଳିକା ବଳାତ୍କାର ମାମଲା

ଭୁବନେଶ୍ୱର,୨୨।୪ (ରବିନାରାୟଣ ଜେନା)

ସୁନ୍ଦରଗଡ଼ ଅନ୍ତର୍ଗତ ତଳସରାଠାରେ ହୋଇଥିବା ନାବାଳିକା ବଳାତ୍କାର ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ତଥ୍ୟାନୁସନ୍ଧାନ କମିଟି ଗଠନ କରାଯାଇଛି। ମଙ୍ଗଳବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ କମିଟିରେ କଂଗ୍ରେସ ବିଧାୟକ ସି.ଏସ୍. ରାଜନ ଏକ୍କା ଅଧ୍ୟକ୍ଷ ରହିଥିବା ବେଳେ ଅମିତା ବିଶ୍ୱାଳ, ଅନିମା ମିଞ୍ଜ ଓ ନିର୍ମଳ ନାୟକ ସଭ୍ୟ ରହିଛନ୍ତି ବୋଲି ପିସିସି ପକ୍ଷରୁ କୁହାଯାଇଛି।

# ଅକ୍ଷୟ ତୃତୀୟାରେ ରାଜ୍ୟବ୍ୟାପୀ ଚାଷୀ ସମାବେଶ କରିବ ଭାଜପା

ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)

ଅକ୍ଷୟ ତୃତୀୟା ହେଉଛି ଏକ କୃଷିଭିତ୍ତିକ ପର୍ବ। ଓଡ଼ିଶାରେ ଏହିଦିନ ଚାଷୀ ନିଜ ଜମିରେ ମୁଠି ଅନୁକୂଳ କରିଥାଆନ୍ତି। ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟାରେ ଭାଜପା କୃଷକ ମୋର୍ଚ୍ଚା ସବୁ ବିଧାନସଭା କ୍ଷେତ୍ରରେ ଅଖିମୁଠି ଅନୁକୂଳ କରିବ। ସେହିପରି ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଚାଷୀ ସମାବେଶ କରାଯିବ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମଙ୍ଗଳବାର ସୂଚନା ଦେଇଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମହେଶ୍ୱର କହିଛନ୍ତି, କୃଷି ଓ କୃଷକର ଉନ୍ନତି ପାଇଁ ଭାଜପା ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କର ଆୟକୁ ଦୁଇଗୁଣା କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଧାନର ସହାୟକ ମୂଲ୍ୟ ୩,୧୦୦ ଟଙ୍କାକୁ ବୃଦ୍ଧି କରିବା ସହ ସବୁ ବ୍ଲକ୍‌ରେ ଶୀତଳଭଣ୍ଡାର ଖୋଲିବା ପାଇଁ ଯୋଜନା କରିଛନ୍ତି। ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ଅନେକ କୃଷି କଲ୍ୟାଣୀକାରୀ ଯୋଜନା କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏସବୁ ଯୋଜନା ଉପରେ ଚାଷୀମାନଙ୍କୁ ଭାଜପା କୃଷକ ମୋର୍ଚ୍ଚା ତରଫରୁ ଅବଗତ କରାଯିବ। ରାଜ୍ୟବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମରେ ସମସ୍ତ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ସେ କହିଛନ୍ତି।

# ନୂଆପଡ଼ା, ସୁନ୍ଦରଗଡ଼ ଓ ପୁରୀ ଜିଲା କଂଗ୍ରେସ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ନୂଆପଡ଼ା, ସୁନ୍ଦରଗଡ଼ ଓ ପୁରୀ ଜିଲାରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ଓ ଦଳୀୟ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ ଲାଗି ନୂତନ ସଂଯୋଜକ ନିଯୁକ୍ତ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ନୂଆପଡ଼ା ଜିଲା ନିମନ୍ତେ ବରିଷ୍ଠ କଂଗ୍ରେସ ନେତା ଘାସିରାମ ମାଝୀ ଜିଲା ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ବେଳେ ସୁନ୍ଦରଗଡ଼ ପାଇଁ ନିର୍ମଳ ନାୟକ ଓ ପୁରୀ ପାଇଁ ଇଂ. ରାଜେଶ କୁମାର ମିଶ୍ର ନିଯୁକ୍ତ ହୋଇଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି।

**ପୂର୍ବ ତଟ ରେଳପଥ**

Tender No.: MCSW-ISO-GREENCO-25-26-01, ତାରିଖ : 15.04.2025

| | |
|---|---|
| କାର୍ଯ୍ୟର ନାମ : | ମଞ୍ଚେଶ୍ୱରରେ ରେଳ ଡବା ମରାମତି କାରାଖାନା ପାଇଁ ଗ୍ରୀନକୋ ରେଟିଂରେ ପୁନଃ ସାର୍ଟିଫିକେସନ। |
| ବିଜ୍ଞାପିତ ମୂଲ୍ୟ : | ଟ. 7,08,752.98, EMD: ଟ. 14,200/- |
| କାର୍ଯ୍ୟସମାପ୍ତିର ଅବଧି: 36 ମାସ | |
| ବିଡ୍‌ିଂ ଆରମ୍ଭ ତାରିଖ: 25.04.2025 | |
| ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : | ତା. 09.05.2025 ରିଖ 1500 ଘଟିକାରେ |

ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।

ଉପମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ (POH) ମଞ୍ଚେଶ୍ୱର

PR-52/Q/25-26

**ପୂର୍ବ ତଟ ରେଳପଥ**

Auction Catalogue No. SDCM-KUR-PAY
PAY & USE TOILETS ନିମନ୍ତେ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ:** ୧) ଜେନାପୁର (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୨) ଚିଲିକା (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୩) ରାଜସୁନାଖଳା (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୪) କାଳୁପଡାଘାଟ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୫) ରମ୍ଭା (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୬) ବେଗୁନିଆ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୭) ଭୁଷଣ୍ଡପୁର (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୮) ମୋଟାରି (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ)

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା 02.05.2025 ରିଖ 1100 ଘଟିକାରେ (ସମସ୍ତ ଲଟ୍ ନିମନ୍ତେ)

**ନିଲାମ ସମାପ୍ତି ତାରିଖ ଏବଂ ସମୟ :** ତା02.05.2025ରିଖ 1130 ଘଟିକାରେ (କ୍ର.ସଂ. ୧ ନିମନ୍ତେ), 1140 ଘଟିକାରେ (କ୍ର.ସଂ. ୨ ନିମନ୍ତେ), 1150 ଘଟିକାରେ (କ୍ର.ସଂ. ୩ ନିମନ୍ତେ), 1200 ଘଟିକାରେ (କ୍ର.ସଂ. ୪ ନିମନ୍ତେ), 1210 ଘଟିକାରେ (କ୍ର.ସଂ. ୫ ନିମନ୍ତେ), 1220 ଘଟିକାରେ (କ୍ର.ସଂ. ୬ ନିମନ୍ତେ), 1230 ଘଟିକାରେ (କ୍ର.ସଂ. ୭ ନିମନ୍ତେ) ଏବଂ 1240 ଘଟିକାରେ (କ୍ର.ସଂ. ୮ ନିମନ୍ତେ)

**ଷ୍ଟେସନ ଏବଂ ସ୍ଥାନ:** ୧) କପିଳାସ ରୋଡ୍ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୨) ଧାନମଣ୍ଡଳ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୩) କେନ୍ଦୁଝରଗଡ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୪) ଗଞ୍ଜାମ (PF-1ମଧ୍ୟରେ), ୫) ହରିଚନ୍ଦନପୁର (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୬) ସୀତାବିଞ୍ଜି (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୭) ବାଲୁଗାଁ (PF-1, ବିଶାଖାପଟନମ୍ ଶେଷ), ୮)ଇଚ୍ଛାପୁରମ୍ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ)

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା 03.05.2025 ରିଖ 1000 ଘଟିକାରେ (ସମସ୍ତ ଲଟ୍ ନିମନ୍ତେ)

**ନିଲାମ ସମାପ୍ତି ତାରିଖ ଏବଂ ସମୟ :** ତା 03.05.2025 ରିଖ 1030 ଘଟିକାରେ (କ୍ର.ସଂ. ୧ ନିମନ୍ତେ), 1040 ଘଟିକାରେ (କ୍ର.ସଂ. ୨ ନିମନ୍ତେ), 1050 ଘଟିକାରେ (କ୍ର.ସଂ. ୩ ନିମନ୍ତେ), 1100 ଘଟିକାରେ (କ୍ର.ସଂ. ୪ ନିମନ୍ତେ), 1110 ଘଟିକାରେ (କ୍ର.ସଂ. ୫ ନିମନ୍ତେ), 1120 ଘଟିକାରେ (କ୍ର.ସଂ. ୬ ନିମନ୍ତେ), 1130 ଘଟିକାରେ (କ୍ର.ସଂ. ୭ ନିମନ୍ତେ) ଏବଂ 1140 ଘଟିକାରେ (କ୍ର.ସଂ. ୮ ନିମନ୍ତେ)

**ଷ୍ଟେସନ ଏବଂ ସ୍ଥାନ:** ୩) ବାରବାଟିଆ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୨) କଣାସ ରୋଡ୍ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ), ୩) ବୈତରଣୀ ରୋଡ୍ (ପୂର୍ବ ନିର୍ମିତ) (ବ୍ୟବହୃତ ସ୍ଥାନ)

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା 06.05.2025 ରିଖ 1400 ଘଟିକାରେ (ସମସ୍ତ ଲଟ୍ ନିମନ୍ତେ)

**ନିଲାମ ସମାପ୍ତି ତାରିଖ ଏବଂ ସମୟ :** ତା 06.05.2025ରିଖ 1430 ଘଟିକାରେ (କ୍ର.ସଂ. ୧ ନିମନ୍ତେ), 1440 ଘଟିକାରେ (କ୍ର.ସଂ. ୨ ନିମନ୍ତେ) ଏବଂ 1450 ଘଟିକାରେ (କ୍ର.ସଂ. ୩ ନିମନ୍ତେ)

ଦ୍ରଷ୍ଟବ୍ୟ : ଏହି ଇ-ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକୀୟ ସୂଚନା ପ୍ରାପ୍ତ କରିବା ନିମନ୍ତେ, ଆଗାମୀ ଇ-ନିଲାମ ଲିଙ୍କିଂ ଟାବ୍‌କୁ ଯାଞ୍ଚ କରିବା ପାଇଁ, ଆଶାୟୀ ବିଡର ମାନଙ୍କୁ http://www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-59/Q/25-26

**झारखण्ड सरकार**
**खेलकूद एवं युवाकार्य निदेशालय**
**(पर्यटन, कला–संस्कृति, खेलकूद एवं युवाकार्य विभाग)**
**गेट नं० – 28, बिरसा मुण्डा फुटबॉल स्टेडियम, मोराबादी, राँची – 834008**
**E-mail Id - directorsportsjharkhand@gmail.com**

**आवश्यक सूचना**

एतद् द्वारा सूचित किया जाता है कि खेलकूद एवं युवाकार्य निदेशालय, झारखण्ड, राँची द्वारा "Rate Contract For Supply Of Sports & Generic Kits" के निमित्त आमंत्रित निविदा (10/2024–25 दिनांक 07.02.2025) विज्ञापन संख्या – PR No. 346900 (Art, Culture, Sports & Youth Affairs) Dt. 22-02-2025 को पर्याप्त संख्या में तकनीकी रूप से योग्य निविदादाता नहीं पाये जाने के कारण निरस्त किया जाता है।

ह०/–निदेशक,
खेलकूद एवं युवाकार्य निदेशालय,
झारखण्ड, राँची

PR 350847 (Art Culture Sports and Youth Affairs)25-26*D

**Govt. of Jharkhand**
**ROAD CONSTRUCTION DEPARTMENT**
**Road Divison , Seraikella-Kharsawan**
**e-Procurement Notice**
**Tender Reference No. RCD/SERAIKELLA/01 Date :- 21.04.2025**

| | | |
|---|---|---|
| 1. | Name of the work | Improvement of Riding Quality work of Kandr Khunti Icharagh From Km 21.10 to Km 30.00 Road (Total Length 8.90 Km) for the Year 2025-26 |
| 2. | Estimated Cost (Rs.) | Rs.6,88,34,583.58 (RupeesSixCroreEighty EightlakhThirty Fourthousand FiveHundred Eighty Threeand PaiseFifty Eightonly) |
| 3. | Cost of BoQ (Rs.) | Rs. 10,000.00 (Rupees Ten Thousand Only) |
| 4. | Earnest Money (Rs.) | Rs. 689,000.00 (Rupees Six LakhEighty NineThousand Only) |
| 5. | Time of Completion | 04 (Four) Months |
| 6. | Last Date /Time for receipt of bids | 20.05.2025(12.00Noon) |
| 7. | Date of Publication of Tender on website | 30.04.2025 (10.30 AM) |
| 8. | Name & Address of office Inviting tender | Ashok Kumar Rajak O/o Executive Engineer , Road Construction Department Road Division , Seraikella-Kharsawan |
| 9. | Contact no. of Procurement Officer | 9199867872 |
| 10. | Helpline number of e-Procurement cell | 06512401010 |

Estimated and Earnest Money can be increase or decrease
Further details can be seen on website http://jharkhandtenders.gov.in

Executive Engineer
RCD , Road Division
Seraikella-harsawan

PR 350773 Road(25-26)D

See Career Appointment on every Wednesday & Saturday

**FORM NO. 3**
[See Regulaton-15(1)(a)]
**IN DEBTS RECOVERY APPELLATE TRIBUNAL AT KOLKATA**
**9, old post office Street, 7th Floor, Kolkata-700001**
**Appeal No.: 52 OF 2019**
**Arising out of S.A. No.4 of 2019 in DRT, Cuttack**

**STATE BANK OF INDIA** ... Appellant
-Versus-
**ANSHUMAN MISHRA & ORS.** ... Respondents

To,
(1-A) **ANSHUMAN MISHRA**, residing at Parada Padia, Ward No.:10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-A)**
(1-B) **ARATI MISHRA**, residing at Parada Padia, Ward No.: 10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-B)**
(1-C) **LINU MISHRA**, residing at Brahma Mandir Sahi, Unit No.: 10, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-C)**
(1-D) **LIPI DAS**, residing at Brahma Mandir Sahi, Unit No.: 10, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-D)**
(2) **M/S. KAMYAB TELEVISION PVT. LTD.**, represented through its Managing Director Sri Manoj Dash, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent no.2)**
(3) **SRI MANOJ DASH**, Son of Goura Charan Das, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent no.3)**
(4) **SMT. LIPI DAS, W/o.: Sri Manoj Dash, Director of M/S. Kamyab Television Pvt. Ltd.**, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent no.4)**
(5) **SRI SUKANTA NAYAK,** Son of Late Sadhu Charan Nayak, at Plot No.:176, Baramunda Housing Board Colony, P.S.: Khandagiri, Bhubaneswar-751003. **(Respondent no.5)**

**SUMMONS**

1. WHEREAS the appellant has filed an appeal U/s. 18 of the Securitisation and Reconstruction of Financial Assets & Enforcement of Security interest Act, 2002 against the order passed by the Ld. Presiding Officer, DRT, Cuttack and other reliefs. You are hereby summoned to appear and file written statement before this Tribunal at 10.30a.m. or at such time immediately thereafter according to the convenience of Tribunal on **14.05.2025** to answer the claim.
2. If you intend to file any documents, you may file the same with a list along with the written Statement.
3. You should file your registered address and a memo of appearance when you enter appearance before the Tribunal either in person or by a pleader/Advocate duly instructed.
4. Take notice that, in default of, your appearance on the day mentioned herein before, the proceeding will be heard and determined in your absence.

Given under my hand and the seal of this Tribunal on this **17th** day of **April, 2025.**

**Sd/- Registrar**
**Debts Recovery Appellate Tribunal**
**Kolkata**

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, HAZARIBAG**
**Short e-Procurement Re-Tender Notice**
**Tender Reference No. :- DMFT/MID/HAZARIBAG/F2-01/2025-26**
Letter no - 379 Date :- 22.04.2025

| Group No | Scheme Name | Estimated Cost (In Rs.) | Time of Completion |
|---|---|---|---|
| 1. | Construction work of boundary wall, gate, toilet etc. of Kasturba Gandhi Balika Vidyalaya, Chouparan, Block- Chouparan, Dist.-Hazaribag. | 1,54,93,500.00 | 11 Months |
| 2. | Miscellaneous construction work for the upgradation of Shepherd Primary School, Gauriyakarma, Block- Barhi Dist.-Hazaribag. | 43,41,300.00 | 11 Months |

| | | |
|---|---|---|
| 1. | Date of Publication of e-Tender on website | 28.04.2025 at 3:00 P.M (e-Procurement Portal- http://jharkhandtenders.gov.in) |
| 2. | Last date/Time for Submission of e-Tender bids Online | 06.05.2025 up to 5:00 P.M |
| 3. | Last Date for Online Submission of Tender Fee and EMD | 06.05.2025 up to 5:00 P.M |
| 4. | Date of opening of e-Tender | 08.05.2025 at 03:00 P.M |
| 5. | Name & address of office Inviting tender | Executive Engineer, Minor Irrigation Division, Hazaribag |
| 6. | Contact no. of e-Procurement officer | 06546-270485 |
| 7. | E-mail of e- Procurement officer | eemidhbg-cemr-jhr@nic.in |

Note:- 1.) Only e-Tender will be accepted.
2.) Published Estimated Cost may be increased or decreased.
3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in

Executive Engineer,
Minor Irrigation Division, Hazaribag

PR 350845 Minor Irrigation (25-26)_D

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank** Together for the better | **ଡିମାଣ୍ଡ ନୋଟିସ୍**

ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ: ବୁଡ୍ଢାରାଜା, ସମ୍ବଲପୁର-୭୬୮୦୦୪, ଇମେଲ୍: cs8310@pnb.co.in

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରୀଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଏବଂ ଧାରା ୧୩(୨) ଓ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ଧାରା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ରାଶି ସହିତ ସୁଧ ଓ ଚୁକ୍ତି ଅନୁଯାୟୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରକାଶିତ ହେବାର **୬୦ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। କଥିତ ଡ଼ିମାଣ୍ଡ ନୋଟିସ୍‌କୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ପାଖକୁ ଏ./ଡ଼ି. ସହିତ ରେଜେଷ୍ଟ୍ରି ଡ଼ାକ ଯୋଗେ ପଠାଯାଇଥିଲା କିନ୍ତୁ ତାହା ପ୍ରଦାନ କରାଯାଇନପାରି ନିମ୍ନସ୍ୱାକ୍ଷରକାରୀଙ୍କ ପାଖକୁ ଫେରସ୍ତ ଆସିଅଛି। ତେଣୁ ପୁନଶ୍ଚ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ କୁହାଯାଉଛିଯେ ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବ୍ୟାଙ୍କକୁ ପଇଠ କରନ୍ତୁ। ଯଦି ସେମାନେ ଉକ୍ତ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ କଥିତ ଆଇନର ବ୍ୟବସ୍ଥା ଅନୁସାରେ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ। ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛିକି କଥିତ ଆକ୍ଟର ଧାରା ୧୩ ଉପଧାରା ୧୩ ଅନୁସାରେ ବ୍ୟାଙ୍କର ଲିଖିତ ଅନୁମତି ବିନା ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ, ଯଦି କରନ୍ତି ତେବେ ନିମ୍ନଲିଖିତ ରାଶି ପାଇଁ **ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଟିଟିଲାଗଡ ଶାଖା (୬୮୦୮୦୦) ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଦୁର୍ଗା ଟ୍ରେଡ଼ର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ରଘୁନାଥ କୁମ୍ଭାର, ପିତା: ଶ୍ରୀ ଭୁବନେଶ୍ୱର କୁମ୍ଭାର / ଜାମିନ୍‌ଦାର: ଶ୍ରୀ ଭୁବନେଶ୍ୱର କୁମ୍ଭାର, ପିତା: ଶ୍ରୀ ନୀଳମଣି କୁମ୍ଭାର, ଉଭୟଙ୍କ ଠିକଣା- ସା: ବାନ୍ଧୁପଲା, ପୋ: ଦେଶିଲ, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା, ପିନ୍-୭୬୭୦୩୩ | ୩୧.୦୩.୨୦୨୨ / ୦୭.୦୨.୨୦୨୫ / ନଗଦ ଋଣ : ଟ.୪,୫୦,୦୦୦/- | ୩୧.୦୧.୨୦୨୫ ସୁଦ୍ଧା ଟ.୬,୫୪,୯୬୧.୦୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀ ଭୁବନେଶ୍ୱର କୁମ୍ଭାର, ପିତା: ଶ୍ରୀ ନୀଳମଣି କୁମ୍ଭାରଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୩/୩୪୪, ପ୍ଲଟ୍ ନଂ.: ୪୭୧, କ୍ଷେତ୍ର: ଏକର ୦.୦୨୦ |

ଡିସିମିଲି ଏବଂ ଖାତା ନଂ.: ୧୨୩/୩୬୫, ପ୍ଲଟ୍ ନଂ.: ୪୭୫, କ୍ଷେତ୍ର: ଏକର୦.୦୧୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୩୦ ଡିସିମିଲି,** ମୌଜା: ବାନ୍ଧୁପଲା, ତହସିଲ/ଥାନା: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗୀର

ସ୍ଥାନ: ସମ୍ବଲପୁର, ତାରିଖ: ୨୨.୦୪.୨୦୨୫ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ

## ସଂକ୍ଷେପରେ

### ବ୍ରିଜ୍‌ରୁ ଖସିଲା ଏସ୍‌ୟୁଭି, ୮ ମୃତ



ଭୋପାଳ ୨୨।୪

ମଧ୍ୟପ୍ରଦେଶ ଦାମୋହ ଜିଲାର ସିମ୍ରି ଗ୍ରାମ ନିକଟରେ ମଙ୍ଗଳବାର ଏକ ଏସ୍‌ୟୁଭି କାର୍ ନିୟନ୍ତ୍ରଣ ହରାଇ ବ୍ରିଜ୍‌ରୁ ଖସି ଶୁଖିଲା ନଦୀରେ ପଡ଼ିଯାଇଛି। ଘଟଣାସ୍ଥଳରେ କାର୍‌ରେ ଗୋଟିଏ ପରିବାରର ୮ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ଦାମୋହ ଏସ୍‌ପି ଶ୍ରୁତ୍‌କୀର୍ତ୍ତି ସୋମବଂଶୀ କହିଛନ୍ତି। ଏହି ପରିବାର ମଧ୍ୟପ୍ରଦେଶର ଜବଲପୁର ନିବାସୀ ହୋଇଥିବାବେଳେ ସେମାନେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ଉକ୍ତ ଦୁର୍ଘଟଣା ଘଟିଛି।

### ଗୁଆହାଟୀ ହାଇକୋର୍ଟଙ୍କୁ ବୋମା ଧମକ

ଗୁଆହାଟୀ, ୨୨।୪

ଆସାମର ଗୁଆହାଟୀ ହାଇକୋର୍ଟକୁ ମଙ୍ଗଳବାର ବୋମାରେ ଉଡ଼ାଇ ଦିଆଯିବ ବୋଲି ଇ-ମେଲ ଯୋଗେ ଏକ ଧମକ ହସ୍ତଗତ ହୋଇଛି। ଇ-ମେଲରେ ଧମକ ମିଳିବା ପରେ ତୁରନ୍ତ ପୋଲିସ ଏବଂ ସୁରକ୍ଷା ବଳ ହାଇକୋର୍ଟରେ ପହଞ୍ଚି ତଲାସି ଅଭିଯାନ ଆରମ୍ଭ କରିଥିଲେ। ବୋମା ନିରୋଧୀ ଦଳ ହାଇକୋର୍ଟର ପ୍ରତ୍ୟେକ କୋଣକୁ ତନ୍ନ ତନ୍ନ କରି ଯାଞ୍ଚ କରିବା ସତ୍ତ୍ୱେ ମଧ୍ୟ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନାହିଁ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଏହି ବୋମା ଧମକ ଏକ ଗୁଜବ ପରି ମନେହେଉଥିବା ସେ କହିଛନ୍ତି।


### ଓଠ ସିଲ୍ ହୋଇଥିବା ମହିଳାଙ୍କ ମୃତଦେହ ଟ୍ରଲିବ୍ୟାଗ୍‌ରୁ ଜବତ

କୋଲକାତା, ୨୨।୪

କୋଲକାତା ଉପକଣ୍ଠ ବାଗୁଇହାଟିର ଏକ ରାସ୍ତା ପାର୍ଶ୍ୱରେ ପଡ଼ିରହିଥିବା ଟ୍ରଲିବ୍ୟାଗ୍‌ରୁ ଜଣେ ମହିଳାଙ୍କ ଓଠ ସିଲ୍ ହୋଇଥିବା ମୃତଦେହ ମିଳିଛି। ସୋମବାର ରାତିରେ କେହି ଉକ୍ତ ଟ୍ରଲିବ୍ୟାଗ୍‌କୁ ସେଠାରେ ପକାଇଦେଇ ପଳାଇଥିଲେ। ମଙ୍ଗଳବାର ସକାଳେ ଖବରକାଗଜ ହକର ତାହାକୁ ଦେଖିବା ପରେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଟ୍ରଲିବ୍ୟାଗ୍ ଖୋଲି ତା' ଭିତରୁ ଜଣେ ସାଲୱାର କୁର୍ତ୍ତା ପିନ୍ଧିଥିବା ଯୁବତୀଙ୍କ ମୃତଦେହ ଠାବ କରିଥିଲା। ତାଙ୍କ ଓଠକୁ ଟେପ୍ ଲଗାଇ ସିଲ୍ କରିଦିଆଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ତେବେ ମହିଳାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଟ୍ରଲିବ୍ୟାଗ୍‌ରେ ଭର୍ତ୍ତି କରାଯାଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି।

# ନ୍ୟାୟପାଳିକାକୁ ଧନ୍‌କରଙ୍କ ପୁଣି ଟାର୍ଗେଟ

ନୂଆଦିଲ୍ଲୀ, ୨୨।୪(ପି.ଟି.)



ଜଗଦୀପ୍ ଧନ୍‌କର

ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ମଙ୍ଗଳବାର ପୁଣିଥରେ ନ୍ୟାୟପାଳିକାକୁ ଟାର୍ଗେଟ କରିଛନ୍ତି। ଦିଲ୍ଲୀ ୟୁନିଭର୍ସିଟିରେ ଉଦ୍‌ବୋଧନ ଦେବା ଅବସରରେ ବ୍ୟବସ୍ଥାପିକା ଏବଂ କାର୍ଯ୍ୟକାଳିକାର କାର୍ଯ୍ୟ ପରିସରରେ ନ୍ୟାୟପାଳିକାର ହସ୍ତକ୍ଷେପକୁ ସମାଲୋଚନା କରିବା ସହ ପାର୍ଲାମେଣ୍ଟ ସର୍ବୋପରି ବୋଲି ଦୋହରାଇଛନ୍ତି। ସଂସଦ ଉପରେ ଅନ୍ୟ କାହାର କର୍ତ୍ତୃତ୍ୱ ନାହିଁ। ସାମ୍ବିଧାନିକ ପଦାଧିକାରୀଙ୍କ ଦ୍ୱାରା କୁହାଯାଉଥିବା ପ୍ରତ୍ୟେକଟି ଶବ୍ଦ ସର୍ବୋଚ୍ଚ ଜାତୀୟ ସ୍ୱାର୍ଥ ଦ୍ୱାରା ମାର୍ଗଦର୍ଶିତ ହୋଇଥାଏ ବୋଲି ସେ କହିଛନ୍ତି। ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିବା ଜଣେ ପ୍ରଧାନମନ୍ତ୍ରୀଙ୍କୁ ୧୯୭୭ରେ ଉତ୍ତରଦାୟୀ କରାଯାଇଥିଲା। ତେଣୁ ଏହା ନିଃସନ୍ଦେହ ଯେ ସମ୍ବିଧାନ ଲୋକମାନଙ୍କ ପାଇଁ ଏବଂ ଏହାର ସୁରକ୍ଷାର ଭଣ୍ଡାର ହେଉଛନ୍ତି ନିର୍ବାଚିତ ଲୋକ ପ୍ରତିନିଧି ବୋଲି ଧନ୍‌କର କହିଛନ୍ତି। ସୁପ୍ରିମକୋର୍ଟଙ୍କ ଦୁଇଟି ପରସ୍ପର ବିରୋଧୀ ବିବୃତିର ଉଦାହରଣ ଦେଇ ଉପରାଷ୍ଟ୍ରପତି କହିଛନ୍ତି, ଗୋରକନାଥ ମାମଲାରେ ପ୍ରସ୍ତାବନା ସମ୍ବିଧାନର ଅଂଶବିଶେଷ ନୁହେଁ ବୋଲି କୁହାଯାଇଥିବାବେଳେ କେଶବାନନ୍ଦ ଭାରତୀ ମାମଲାରେ ପ୍ରସ୍ତାବନାକୁ ଏହାର ଅଂଶବିଶେଷ କୁହାଯାଇଥିଲା। ଏକ ଗଣତନ୍ତ୍ରରେ ଆଲୋଚନାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରାଯାଇପାରିବ ନାହିଁ ବୋଲି ଉପରାଷ୍ଟ୍ରପତି କହିଛନ୍ତି। ଅନ୍ୟପକ୍ଷରେ ଧନ୍‌କରଙ୍କ ମନ୍ତବ୍ୟକୁ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ସଭା ସଦସ୍ୟ କପିଲ ସିବଲ୍ ବିରୋଧ କରିଛନ୍ତି। ପାର୍ଲାମେଣ୍ଟ କିମ୍ବା କାର୍ଯ୍ୟନିର୍ବାହୀ ସର୍ବୋଚ୍ଚ କର୍ତ୍ତା ନୁହନ୍ତି ବରଂ ସମ୍ବିଧାନ ସର୍ବୋଚ୍ଚ ବୋଲି ସିବଲ କହିଛନ୍ତି। ସମ୍ବିଧାନରେ ରହିଥିବା ବ୍ୟବସ୍ଥା ସୁପ୍ରିମକୋର୍ଟଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥାଏ। ସେଥିପାଇଁ ଦେଶ ଆଜି ପର୍ଯ୍ୟନ୍ତ ଆଇନକୁ ବୁଝିପାରିଥିବା ସିବଲ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟପାଳ ପଠାଇଥିବା ବିଲ୍ ଉପରେ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ଘଟଣାକୁ ଉପରାଷ୍ଟ୍ରପତି ବିରୋଧ କରିଥିଲେ। ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବା କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି ସେ କହିଥିଲେ। ଏହାକୁ ନେଇ ବିବାଦ ଜାରି ରହିଥିବାବେଳେ ଧନ୍‌କର ପୁଣିଥରେ ନ୍ୟାୟପାଳିକାକୁ ଟାର୍ଗେଟ କରିଛନ୍ତି।

## ନିଶିକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ବାର୍ ଆସୋସିଏଶନ

ନୂଆଦିଲ୍ଲୀ, ୨୨।୪

ସୁପ୍ରିମକୋର୍ଟଙ୍କ ବିରୋଧରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ସର୍ବୋଚ୍ଚ ଅଦାଲତର ବାର୍ ଆସୋସିଏଶନ୍ ନିନ୍ଦା କରିଛି। ଏହା କେବଳ ମାନହାନି ନୁହେଁ ବରଂ ଅଦାଲତ ଅବମାନନା। ଭାଜପା ନେତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚଳାଇବା ପାଇଁ ଆର୍ଟର୍ନି ଜେନେରାଲ ସହମତ ହେବେ ବୋଲି ଆଶା କରାଯାଉଥିବା ଆସୋସିଏଶନ ପକ୍ଷରୁ ଏକ ସଂକଳ୍ପନାମାରେ କୁହାଯାଇଛି। ଭାଜପା ନେତା କେବଳ ସୁପ୍ରିମକୋର୍ଟଙ୍କ ଉପରେ ନୁହେଁ ଭାରତର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଉପରେ ମଧ୍ୟ ବ୍ୟକ୍ତିଗତ ଆକ୍ରମଣ କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆଇନଜୀବୀମାନେ ଆଣିଥିବା ସଂକଳ୍ପନାମାରେ କୁହାଯାଇଛି।

ସୁପ୍ରିମକୋର୍ଟ ଆଇନ ପ୍ରଣୟନ କଲେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ଆବଶ୍ୟକତା କ'ଣ ବୋଲି ଗତ ରବିବାର ନିଶିକାନ୍ତ କହିଥିଲେ। ଦେଶରେ ଗୃହଯୁଦ୍ଧ ପାଇଁ ସେ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ଦାୟୀ କରିଥିଲେ। ବିଲ୍ ଉପରେ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଏହାକୁ ବିରୋଧ କରି ନିଶିକାନ୍ତ କହିଥିଲେ, ପାର୍ଲାମେଣ୍ଟ ଦେଶର



ନିଶିକାନ୍ତ ଦୁବେ

ଆଇନ ପ୍ରଣୟନ କରିଥିବାବେଳେ ଆପଣମାନେ ପାର୍ଲାମେଣ୍ଟକୁ ନିର୍ଦ୍ଦେଶ ଦେଉଛନ୍ତି। ଆପଣମାନେ କିପରି ନୂଆ ଆଇନ ତିଆରି କଲେ ବୋଲି ସେ ସର୍ବୋଚ୍ଚ ଅଦାଲତଙ୍କୁ ପ୍ରଶ୍ନ କରିଥିଲେ।

## ବିମାନ ଦୁର୍ଘଟଣାରେ ପାଇଲଟ୍ ମୃତ




ଅମରେଲୀର ଗିରିୟା ରୋଡ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ପ୍ରଶିକ୍ଷଣ ବିମାନ।

ଅମରେଲୀ, ୨୨।୪

ଗୁଜରାଟର ଅମରେଲୀରେ ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଏହି ଦୁର୍ଘଟଣାରେ ପାଇଲଟ୍‌ଙ୍କ ମୃତ୍ୟୁ ହୋଇଥିବା ନେଇ ପୋଲିସ ସୂଚନା ଦେଇଛି। ଏକ ଘରୋଇ ବିମାନ ଏକାଡେମୀର ଏହି ପ୍ରଶିକ୍ଷଣ ବିମାନଟି ମଙ୍ଗଳବାର ଦ୍ୱିପ୍ରହର ସମୟରେ ଅମରେଲୀ ସହରର ଗିରିୟା ରୋଡ୍ ନିକଟସ୍ଥ ଏକ ଆବାସିକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ବିମାନ ମଧ୍ୟରେ ଥିବା ଜଣେ ଟ୍ରେନିଂ ପାଇଲଟଙ୍କର ମୃତ୍ୟୁ ଘଟିଛି ବୋଲି ଅମରେଲୀ ଏସ୍‌ପି ସଞ୍ଜୟ ଖରାଟ କହିଛନ୍ତି। ବିମାନଟି ଏକ ଗଛରେ ପିଟିହୋଇ ତଳେ ପଡ଼ିଯାଇଥିବା ନେଇ ସେ କହିଛନ୍ତି। ଏହି ଦୁର୍ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ଅମରେଲୀ ବିମାନବନ୍ଦରରୁ ଉଡ଼ାଣ କରିଥିବା ଏହି ପ୍ରଶିକ୍ଷଣ ବିମାନରେ କେବଳ ପାଇଲଟ ଏକୁଟିଆ ଥିଲେ ବୋଲି ଖରାଟ କହିଛନ୍ତି।

## ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ: ମୋଦି

ଶ୍ରୀନଗର, ୨୨।୪

ଜମ୍ମୁ-କଶ୍ମୀରର ପହଲଗାମ୍ ଅନ୍ତର୍ଗତ ବିପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ନିନ୍ଦା କରିବା ସହ ଏହି ଜଘନ୍ୟ କାର୍ଯ୍ୟ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ ବୋଲି କହିଛନ୍ତି। ମୃତକଙ୍କ ପରିବାରକୁ ସେ ସମବେଦନା ଜଣାଇବା ସହ ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ କିମ୍ବା ସେମାନଙ୍କ ନକାରାତ୍ମକ ଯୋଜନାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ସାଉଦି ଆରବ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି। ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ କଥା ହୋଇ ସ୍ଥିତିର ମୁକାବିଲା ଲାଗି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶାହା ଶ୍ରୀନଗରରେ ପହଞ୍ଚି ସୁରକ୍ଷା ଏଜେନ୍ସିଗୁଡ଼ିକ ସହ ସ୍ଥିତି ସମୀକ୍ଷା କରିଛନ୍ତି। ସେ ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ତଥା ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି।

ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଆକ୍ରମଣକୁ ନିନ୍ଦା କରିବା ସହ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ଥିତି ସମୀକ୍ଷା ପାଇଁ ସେ ଘଟଣାସ୍ଥଳକୁ ଯାଇଛନ୍ତି। ପ୍ରକୃତ ମୃତ୍ୟୁସଂଖ୍ୟା ଅସ୍ପଷ୍ଟ ରହିଛି। ନିକଟ ଅତୀତରେ ଏହା ସାଧାରଣ ନାଗରିକଙ୍କ ଉପରେ ସବୁଠୁ ବଡ଼ ଆକ୍ରମଣ ବୋଲି ଓମାର କହିଛନ୍ତି। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବାକୁ ଉପରାଜ୍ୟପାଳ ମନୋଜ ସିହ୍ନା ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟକଙ୍କ ଉପରେ ଆକ୍ରମଣକୁ ପିଡିପି ଅଧ୍ୟକ୍ଷ ମେହବୁବା ମୁଫ୍‌ତି ନିନ୍ଦା କରିଛନ୍ତି।

### ଶ୍ରୀନଗରରେ ସ୍ଥିତି ସମୀକ୍ଷା କଲେ ଶାହା

ପର୍ଯ୍ୟଟକମାନଙ୍କୁ ସହାୟତା ପାଇଁ ଜମ୍ମୁ-କଶ୍ମୀର ସରକାର ମଙ୍ଗଳବାର ୨୪ ଘଣ୍ଟିଆ ଜରୁରୀ ହେଲ୍ପଲାଇନ ଜାରି କରିଛନ୍ତି। ଅନନ୍ତନାଗ ଜିଲା ପ୍ରଶାସନ ଦ୍ୱାରା ଏହି ଜରୁରୀ ହେଲ୍ପଡେସ୍କ ସ୍ଥାପନ କରାଯାଇ ପର୍ଯ୍ୟଟକଙ୍କୁ ଆବଶ୍ୟକ ସହାୟତା ଓ ସୂଚନା ଯୋଗାଇ ଦିଆଯାଉଛି। ପର୍ଯ୍ୟଟକମାନେ ୦୧୯୩୨୨୨୨୩୩୭, ୭୭୮୦୮୮୫୭୫୯, ୯୬୯୭୯୮୨୫୨୭ କିମ୍ବା ୬୦୦୬୩୬୫୨୪୫ ନମ୍ବରରେ ଯୋଗାଯୋଗ କରିପାରିବେ। ଶ୍ରୀନଗରରେ ଏକ ଜରୁରୀ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପହଲଗାମ ଆକ୍ରମଣ ଘଟଣାରେ ସହାୟତା ପାଇଁ ପର୍ଯ୍ୟଟକ ୦୧୯୪୨୪୫୭୫୪୩, ୦୧୯୪୨୪୮୩୬୫୧ କିମ୍ବା ୭୦୦୬୦୫୮୬୨୩ ସହ ଯୋଗାଯୋଗ କରିପାରିବେ।



ଜେଦ୍ଦା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରାଯାଉଛି।

## ସାଉଦି ଆରବରେ ପ୍ରଧାନମନ୍ତ୍ରୀ ମୋଦି

ଜେଦ୍ଦା, ୨୨।୪

ଦୁଇଦିନିଆ ସାଉଦି ଆରବ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜେଦ୍ଦା ବିମାନବନ୍ଦରରେ ୨୧ ତୋପ ସଲାମୀ ସହ ସ୍ୱାଗତ କରାଯାଇଛି। ଏହି ଅବସରରେ ପ୍ରବାସୀ ଭାରତୀୟମାନେ ମୋଦି ମୋଦି ସ୍ଲୋଗାନ ଦେଇଥିଲେ। ଏହି ଗସ୍ତ ଭାରତ ଏବଂ ସାଉଦି ଆରବର ବନ୍ଧୁତାକୁ ଆହୁରି ମଜଭୁତ କରିବ ବୋଲି ମୋଦି ଏକ୍ସ'ରେ ଲେଖିଛନ୍ତି। ହଜ୍ କୋଟା, ପ୍ରତିରକ୍ଷା, ବାଣିଜ୍ୟ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ସଂରକ୍ଷଣ ପାଇଁ ଜାତିକୁ ବର୍ଗୀକୃତ କରାଯାଇ ପାରିବନି: ହାଇକୋର୍ଟ

ବେଙ୍ଗାଲୁରୁ, ୨୨।୪

ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ପାଇଁ କୌଣସି ଜାତିକୁ ବିଭିନ୍ନ ଶ୍ରେଣୀରେ ବର୍ଗୀକୃତ କରାଯାଇ ପାରିବ ନାହିଁ ବୋଲି ମଙ୍ଗଳବାର ଏକ ମାମଲାର ଶୁଣାଣି ବେଳେ କର୍ନାଟକ ହାଇକୋର୍ଟ କହିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ବାଲାଜିଗା/ବନାଜିଗା ସମ୍ପ୍ରଦାୟକୁ ବର୍ଗୀକୃତ କରାଯିବାକୁ ଚ୍ୟାଲେଞ୍ଜ କରି ମହୀଶୂର ଜିଲାର ଭି. ସୁମିତ୍ରା ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଉଭୟ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ବାଲାଜିଗା/ବନାଜିଗା ସମ୍ପ୍ରଦାୟକୁ ସମାନ ଭାବେ ଗ୍ରୁପ୍ ବି ଅଧୀନରେ ରଖିବାକୁ ଜଷ୍ଟିସ୍ ସୁରଜ ଗୋବିନ୍ଦରାଜ୍‌ଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ବାଲାଜିଗା/ବନାଜିଗା ସମ୍ପ୍ରଦାୟକୁ ଗ୍ରୁପ୍ ବି ଏବଂ ନିଯୁକ୍ତି କ୍ଷେତ୍ରରେ ଗ୍ରୁପ୍ ଡି'ରେ ସ୍ଥାନିତ କରାଯିବା ପକ୍ଷପାତପୂର୍ଣ୍ଣ ଏବଂ ଅସାମ୍ବିଧାନିକ ହୋଇଥିବା ଉଚ୍ଚ ଅଦାଲତ କହିଛନ୍ତି।

## ୨୦୦୦ରୁ କଶ୍ମୀରରେ ଘଟିଥିବା ବଡ଼ ଆତଙ୍କବାଦୀ ଆକ୍ରମଣ

ଶ୍ରୀନଗର, ୨୨।୪(ପି.ଟି.)

୨୦୦୦ରୁ ଜମ୍ମୁ-କଶ୍ମୀରରେ ବିଭିନ୍ନ ସମୟରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ବହୁ ନିରୀହ ଜନସାଧାରଣଙ୍କ ଜୀବନ ଯାଇଛି। ଏଠାରେ କେତୋଟି ବଡ଼ ଆକ୍ରମଣର ତଥ୍ୟ ଉପସ୍ଥାପନ କରାଗଲା।

**୨୦୦୦ ମାର୍ଚ୍ଚ ୨୧:** ଆତଙ୍କବାଦୀମାନେ ଅନନ୍ତନାଗ ଜିଲାର ଛଟିସିଂପୋରା ଗ୍ରାମରେ ଥିବା ସଂଖ୍ୟାଲଘୁ ଶିଖ୍ ସମ୍ପ୍ରଦାୟକୁ ଟାର୍ଗେଟ କରି ଆକ୍ରମଣ କରିଥିଲେ। ଏଥିରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୦ ଅଗଷ୍ଟ:** ଅମରନାଥ ଯାତ୍ରା ବେଳେ ନୁନ୍‌ୱାନ୍ ବେସ୍ କ୍ୟାମ୍ପ ଉପରେ ଆତଙ୍କବାଦୀ ଆକ୍ରମଣ ଯୋଗୁ ୩୨ ଜଣଙ୍କ ମୃତ୍ୟୁ ହୋଇଥିଲା। ସେଥିରୁ ଅଧିକାଂଶ ଅମରନାଥ ତୀର୍ଥଯାତ୍ରୀ ଥିଲେ। ସେହି ମାସରେ ଅନନ୍ତନାଗର ଶେଷନାଗ ବେସ୍ କ୍ୟାମ୍ପରେ ଆକ୍ରମଣ ଯୋଗୁ ୧୩ ଜଣ ପ୍ରାଣ ହରାଇଥିଲେ।

**୨୦୦୧ ଅକ୍ଟୋବର ୧:** ଶ୍ରୀନଗରସ୍ଥିତ ଜମ୍ମୁ-କଶ୍ମୀର ରାଜ୍ୟ ବିଧାନସଭା କମ୍ପ୍ଲେକ୍ସ ଉପରେ ଆତ୍ମଘାତୀ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁ ୩୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୨:** ଅମରନାଥ ଯାତ୍ରୀଙ୍କୁ ଟାର୍ଗେଟ କରି ଚନ୍ଦନୱାରି ବେସ୍ କ୍ୟାମ୍ପରେ ଆତଙ୍କବାଦୀ ଆକ୍ରମଣ କରିବାରୁ ୧୧ ଯାତ୍ରୀ ନିହତ ହୋଇଥିଲେ। ସେହିବର୍ଷ ନଭେମ୍ବର ୨୩ରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ଦକ୍ଷିଣ କଶ୍ମୀର ଅନ୍ତର୍ଗତ ଲୋୟର ମୁଣ୍ଡାରେ ଆଇଇଡି ବିସ୍ଫୋରଣ ଘଟି ୧୯ ଜଣଙ୍କ ଜୀବନ ଯାଇଥିଲା। ସେମାନଙ୍କ ମଧ୍ୟରେ ୯ ଜଣ ସୁରକ୍ଷା ଯବାନ, ୩ ମହିଳା ଓ ୨ ଛୋଟ ପିଲା ଥିଲେ।

**୨୦୦୩ ମାର୍ଚ୍ଚ ୨୩:** ପୁଲ୍‌ୱାମା ଜିଲାର ନନ୍ଦିମାର୍ଗ ଗ୍ରାମରେ ଆତଙ୍କବାଦୀଙ୍କ ଗଣସଂହାରରେ ୧୧ ମହିଳା ଏବଂ ୨ ପିଲାଙ୍କ ସମେତ ଅନ୍ୟୁନ ୨୪ କଶ୍ମୀର ପଣ୍ଡିତଙ୍କ ଜୀବନ ଯାଇଥିଲା।

**୨୦୦୫ ଜୁନ୍ ୧୩ :** ପୁଲ୍‌ୱାମାର ଏକ ସରକାରୀ ସ୍କୁଲ୍ ସମ୍ମୁଖ ବଜାରରେ ବିସ୍ଫୋରକଭର୍ତ୍ତି କାର ବିସ୍ଫୋରଣ ଘଟି ୩ ସିଆର୍‌ପିଏଫ୍ ଯବାନ, ୨ ସ୍କୁଲ୍ ପିଲାଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୬ ଜୁନ୍ ୧୨:** କୁଲ୍‌ଗାମରେ ଆତଙ୍କବାଦୀ ଆକ୍ରମଣରେ ୯ ଜଣ ନେପାଳୀ ଓ ବିହାରୀ ଶ୍ରମିକ ପ୍ରାଣ ହରାଇଥିଲେ।

**୨୦୧୭ ଜୁଲାଇ ୧୦:** କୁଲ୍‌ଗାମରେ ଅମରନାଥ ଯାତ୍ରା ବସ୍‌କୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣ କରିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଫୁରସତ୍

# ନିଆରା କାର୍ ସଂଗ୍ରହାଳୟ


### ରହିଛି ଜୋତା, ଭ୍ୟାନିଟ୍ ବ୍ୟାଗ୍, ବର୍ଗର, କମ୍ପ୍ୟୁଟର ଆକୃତିର କାର୍

ହାଇଦ୍ରାବାଦ

ହାଇଦ୍ରାବାଦର ନେହେରୁ ପାର୍କ ନିକଟରେ ଏକ ଅନନ୍ୟ କାର୍ ସଂଗ୍ରହାଳୟ ରହିଛି, ଯେଉଁଠାରେ ବିଭିନ୍ନ ଅଜବ ଡିଜାଇନ୍‌ର କାର୍ ବହୁ ବର୍ଷ ଧରି ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଆସୁଛି। ସୁଧା କାର୍ ସଂଗ୍ରହାଳୟ ନାମକ ଏହି ମ୍ୟୁଜିୟମରେ ବିଭିନ୍ନ ଅଜବ ଡିଜାଇନ୍ ବିଶିଷ୍ଟ କାର୍ ଥିବାରୁ ଏହା ଗିନିଜ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ମଧ୍ୟ ସ୍ଥାନ ପାଇଛି।


ଏହି କାର୍ ସଂଗ୍ରହାଳୟରେ ଏକ ବଡ଼ ଜୋତା ଆକୃତିର କାର୍ ରହିଛି, ଯାହାକୁ ଦେଖିବା ପରେ ଯେ କେହି ବି ଏହା ଏକ କାର୍ ହୋଇଥିବା ନେଇ ବିଶ୍ୱାସ କରିପାରନ୍ତି ନାହିଁ। ସେହିପରି ଏହି ମ୍ୟୁଜିୟମରେ ଏକ ପେନ୍‌ସିଲ ଆକୃତିର ମଧ୍ୟ କାର୍ ରହିଛି, ଯାହାକୁ ପିଲାମାନେ ଖୁବ୍ ପସନ୍ଦ କରିଥାନ୍ତି। ସେହିପରି ଏଠାରେ ଲେଡିଜ୍ ପର୍ସ, ଚପଲ,












ବର୍ଗର, ସୋଫା ସେଟ୍, କମ୍ପ୍ୟୁଟର ଏବଂ ଟଏଲେଟ୍ ପରି ଦେଖାଯାଉଥିବା ବିଭିନ୍ନ ବିଚିତ୍ର ଡିଜାଇନ୍‌ର କାର୍ ମଧ୍ୟ ରହିଛି, ଯାହାକୁ ଦେଖି ଲୋକେ ବିସ୍ମିତ ହୋଇଯାଇଥାନ୍ତି। ଏହି କାର୍‌ଗୁଡ଼ିକର ଉତ୍ପାଦନ ମୂଲ୍ୟ ୮୫ ହଜାର ଟଙ୍କାରୁ ୧.୫ ଲକ୍ଷ ଟଙ୍କା ମଧ୍ୟରେ ରହିଥାଏ।

ସୁଧା କାର୍ ସଂଗ୍ରହାଳୟର ନିର୍ଦ୍ଦେଶକ ସୁଧାକର ଯାଦବ କହିଛନ୍ତି, ପିଲାଦିନୁ ତାଙ୍କର ମୋଟର କାର୍ ଏବଂ ମେକାନିକ୍ସ ପ୍ରତି ରୁଚି ରହିଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ପୁରୁଣା ସାମଗ୍ରୀ ଫୋପଡ଼ା ଯାଉଥିବା ସ୍ଥାନରୁ ବିଭିନ୍ନ ବ୍ୟବହାର ଯୋଗ୍ୟ ଜିନିଷ ସଂଗ୍ରହ କରି ନିଜ ପ୍ରଥମ କାର୍‌କୁ ନିର୍ମାଣ କରିଥିଲେ। ୨୦୦୫ରେ ସର୍ବବୃହତ ଟ୍ରାଇସାଇକେଲର ନିର୍ମାଣ କରିଥିବାରୁ ତାଙ୍କ ନାମ ଜିଡବ୍ଲ୍ୟୁଆର୍‌ରେ ସ୍ଥାନିତ ହୋଇଥିଲା। ୨୦୦୫ ଜୁଲାଇ ୧ରେ ସେ ହାଇଦ୍ରାବାଦ ସଡ଼କରେ ୪୧.୬ ଫୁଟ ଉଚ୍ଚ ଏବଂ ୩୭.୩ ଫୁଟ ଲମ୍ବାର ଟ୍ରାଇ ସାଇକେଲର ନିର୍ମାଣ କରି ଏହାକୁ ଚଲାଇଥିଲେ। ପ୍ରକାଶ ଯେ, ଏହି ଅନନ୍ୟ କାର୍ ସଂଗ୍ରହାଳୟ ପ୍ରତ୍ୟେକ ଦିନ ସକାଳ ୯.୩୦ରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିଥାଏ। ଏଠାରେ ପ୍ରବେଶ ପାଇଁ ବୟସ୍କଙ୍କୁ ୧୦୦ ଟଙ୍କା ଏବଂ ପିଲାଙ୍କୁ ୮୦ ଟଙ୍କାର ଟିକେଟ ରହିଛି।

## 'ଗୋଲ୍ଡ ହାଉସ୍ ଗାଲା ୨୦୨୫'ରେ ସମ୍ମାନିତ ହେବେ ପ୍ରିୟଙ୍କା

ମୁମ୍ବାଇ

ଆସନ୍ତା ମାସରେ ହେବାକୁ ଥିବା 'ଗୋଲ୍ଡ ହାଉସ୍ ଗାଲା ୨୦୨୫'ରେ ହଲିଉଡ୍ ଏବଂ ବଲିଉଡ୍‌ରେ ନିଜ ଅବଦାନ ପାଇଁ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ପ୍ରଥମ ଗ୍ଲୋବାଲ ଭାନ୍‌ଗାର୍ଡ ସମ୍ମାନରେ ସମ୍ମାନିତ କରାଯିବ। ହିନ୍ଦୀ ସିନେମା କ୍ଷେତ୍ରରେ 'କ୍ରିଶ୍', 'ବାଜିରାଓ ମସ୍ତାନି', 'ବର୍ଫି', 'ଡନ୍' ଏବଂ ହଲିଉଡ୍‌ରେ 'ସିଟାଡେଲ', 'ଲଭ୍ ଏଗେନ' ପରି ଫିଲ୍ମରେ ନିଜ ଅଭୂତପୂର୍ବ ଅଭିନୟ ସହ ଏସୀୟ ପ୍ରଶାନ୍ତ ମହାସାଗରୀୟ ସଂସ୍କୃତି ସହ ପାଶ୍ଚାତ୍ୟ ସଂସ୍କୃତିକୁ ଯୋଡ଼ିବାରେ ପ୍ରିୟଙ୍କାଙ୍କ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ମେ' ୧୦ରେ ଲସ୍ ଏଞ୍ଜେଲସ୍ଥିତ ମ୍ୟୁଜିକ ସେଣ୍ଟରରେ 'ଗୋଲ୍ଡ ହାଉସ୍ ଗାଲା ୨୦୨୫' ଆୱାର୍ଡ ଶୋ'ର ଆୟୋଜନ ହେବ। ଗୋଲ୍ଡ ଗାଲା ପକ୍ଷରୁ କରାଯାଉଥିବା ଏହି ଇଭେଣ୍ଟରେ ୬୦୦ରୁ ଅଧିକ ପ୍ରଭାବଶାଳୀ ଅତିଥି ଏକତ୍ରିତ ହେବେ। ତାଇୱାନ୍‌ର ପ୍ରସିଦ୍ଧ ଫିଲ୍ମ ନିର୍ମାତା ଆଙ୍ଗ୍ ଲି, ନେପାଳୀ ଆମେରିକୀୟ ଫେଶନ୍ ଡିଜାଇନର ପ୍ରବଲ ଗୁରୁଙ୍ଗ୍, ଆମେରିକୀୟ ଫିଲ୍ମ ନିର୍ଦ୍ଦେଶକ ଜନ୍ ଏମ୍ ଚୁ, କୋରୀୟ ଆମେରିକୀୟ ଲେଖକ ତଥା ଜର୍ନାଲିଷ୍ଟ ମିନ୍ ଜିନ୍ ଲି, ଆମେରିକୀୟ ସିଙ୍ଗର ତଥା ରାପର ଆଣ୍ଡରସନ ପାକ୍ ପ୍ରମୁଖଙ୍କୁ ମଧ୍ୟ ଏହି ଆୱାର୍ଡ ଶୋ'ରେ ସମ୍ମାନିତ କରାଯିବ।



# ଫ୍ଲାଟ୍ ଷ୍ଟିଲ୍ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ

ମୁମ୍ବାଇ,୨୨।୪(ଅଭୟ ଦାଶ)

ଘରୋଇ ଇସ୍ପାତ ଶିଳ୍ପକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଫ୍ଲାଟ୍ ଇସ୍ପାତ ଉତ୍ପାଦ ଆମଦାନୀ ଉପରେ ୧୨% ସେଫ୍‌ଗାର୍ଡ ଡ୍ୟୁଟି (ସୁରକ୍ଷା ଶୁଳ୍କ) ଲାଗୁ କରିଛି, ଯାହା ୨୦୨୫ ଏପ୍ରିଲ ୨୧ରୁ ଆଗାମୀ ୨୦୦ ଦିନ ପାଇଁ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ଚାଇନା, ଦକ୍ଷିଣ କୋରିଆ ଏବଂ ଜାପାନରୁ ଶସ୍ତା ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ, ଯାହାଦ୍ୱାରା ଘରୋଇ ଇସ୍ପାତ ନିର୍ମାତାମାନଙ୍କୁ ଆଶ୍ୱସ୍ତି ମିଳିବ । ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେଡ୍ ରିମେଡିଜ୍ ଦ୍ୱାରା କରାଯାଇଥିବା ଏକ ତଦନ୍ତରୁ ଜଣାପଡ଼ିଛି, ଉପରୋକ୍ତ ଦେଶଗୁଡ଼ିକରୁ ଇସ୍ପାତ ଆମଦାନୀ ଯୋଗୁ ଘରୋଇ ଶିଳ୍ପର ଅଶେଷ କ୍ଷତି ହେଉଛି। ଏହା ଉଲ୍ଲେଖନୀୟ ଯେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ଇସ୍ପାତ ଉତ୍ପାଦନକାରୀ ଦେଶ ଭାରତ, କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଫିନିଶ୍ଡ ଇସ୍ପାତର



ନିଟ୍ ଆମଦାନୀକାରୀ ପାଲଟିଛି ଏବଂ ୨୦୨୪-୨୫ରେ ଏହି ଆମଦାନୀ ୯ ବର୍ଷର ସର୍ବୋଚ୍ଚ ୯.୫ ନିୟୁତ ମେଟ୍ରିକ ଟନ୍‌ରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଭାରତୀୟ ଇସ୍ପାତ ସଂଘ (ଆଇଏସ୍‌ଏ) ଏବଂ ଦେଶର ପ୍ରମୁଖ ଶିଳ୍ପପତିମାନେ ସ୍ୱାଗତ କରିଛନ୍ତି। ଭାରତୀୟ ଇସ୍ପାତ ସଂଘର ସଭାପତି ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଏହାକୁ ଆତ୍ମନିର୍ଭର ଭାରତ ପାଇଁ ଏକ ମାଇଲଖୁଣ୍ଟ ବୋଲି କହିଛନ୍ତି।

## ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଐତିହାସିକ ପଦକ୍ଷେପ: ନବୀନ ଜିନ୍ଦଲ

ଏପରିକି ସେ କହିଛନ୍ତି, ଫ୍ଲାଟ୍ ଇସ୍ପାତ ଉତ୍ପାଦ ଉପରେ ୧୨% ସେଫ୍‌ଗାର୍ଡ ଡ୍ୟୁଟି ଲାଗୁ କରିବା ପାଇଁ ସରକାରଙ୍କ ନିର୍ଣ୍ଣାୟକ ନିଷ୍ପତ୍ତି ପାଇଁ ଆମେ କୃତଜ୍ଞ, ଯାହା ଅତ୍ୟଧିକ ମୂଲ୍ୟରେ ଆସୁଥିବା ଆମଦାନୀକୁ ରୋକିବା ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା। ସରକାରଙ୍କ ଏହି ସହଯୋଗ ନିବେଶକମାନଙ୍କୁ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କ୍ଷମତା ଲକ୍ଷ୍ୟ ହାସଲ ପାଇଁ ନୂତନ ଉତ୍ସାହ ସହ କାମ କରିବାକୁ ପ୍ରେରଣା ଦେବା ସହ ଏକ ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ନିର୍ମାଣ ଦିଗରେ ଅଗ୍ରସର କରିବ। ଭାରତର ଜାତୀୟ ଇସ୍ପାତ ନୀତି-୨୦୧୭ରେ ଦେଶର ଇସ୍ପାତ ଉତ୍ପାଦନ କ୍ଷମତାକୁ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଘରୋଇ ବଜାରରେ ଯଥେଷ୍ଟ ପୁଞ୍ଜିନିବେଶ ଏବଂ ବିଶ୍ୱାସର ଆବଶ୍ୟକତା ରହିଛି, ଯାହା କି ନୂତନ ଭାବେ ଲାଗୁ ହୋଇଥିବା ସେଫ୍‌ଗାର୍ଡ ଡ୍ୟୁଟି ପରି ସୁରକ୍ଷାମୂଳକ ପଦକ୍ଷେପ ଦ୍ୱାରା ସୁଦୃଢ଼ ହୋଇପାରିଛି। ସରକାରଙ୍କ ଏହି ପଦକ୍ଷେପ ଭାରତକୁ ବିଦେଶୀ ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ସହିତ ଘରୋଇ ଉତ୍ପାଦନ କ୍ଷେତ୍ରକୁ ସୁରକ୍ଷା ଦେବା ପାଇଁ ଚାହୁଁଥିବା ଅନ୍ୟ ଦେଶମାନଙ୍କ ସହିତ ସମନ୍ୱିତ କରୁଛି, ଏକ ସମାନ କ୍ଷେତ୍ର ସୃଷ୍ଟି କରି ଏହି ସେଫ୍‌ଗାର୍ଡ ଡ୍ୟୁଟି ନିବେଶକଙ୍କ ବିଶ୍ୱାସକୁ ସୁଦୃଢ଼ କରିବ ଏବଂ ଜାତୀୟ ଅଭିବୃଦ୍ଧିରେ ଇସ୍ପାତ କ୍ଷେତ୍ରର ଅବଦାନକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଇସ୍ପାତ ଶିଳ୍ପର ଭବିଷ୍ୟତ ପାଇଁ ଏହି ସେଫ୍‌ଗାର୍ଡ ଶୁଳ୍କର କାର୍ଯ୍ୟାନ୍ୱୟନ ଭାରତର ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ସ୍ଥିରତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

# ରାଜକୁମାର ସନ୍ କିଙ୍ଗର ବ୍ରାଣ୍ଡ ଆମ୍ବାସାଡର





ରାଜକୁମାର ରାଓଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

ମୁମ୍ବାଇ,୨୨।୪

ବଲିଉଡ୍ ଅଭିନେତା ରାଜକୁମାର ରାଓ ସନ୍ କିଙ୍ଗର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ ହୋଇଛନ୍ତି। ଏପରିକି ସନ୍ କିଙ୍ଗ୍ ସୌରଚାଳିତ ଏବଂ ଶକ୍ତି-ଦକ୍ଷ ବୈଦ୍ୟୁତିକ ଉତ୍ପାଦ-ଯାହା ସମଗ୍ର ଭାରତରେ ଲକ୍ଷ ଲକ୍ଷ ଗ୍ରାହକଙ୍କ ଦ୍ୱାରା ବ୍ୟବହୃତ ହେଉଛି। ଅପରପକ୍ଷରେ ଏହା ଭରସାଯୋଗ୍ୟ ବିଜୁଳିର ଅଭାବ ଥିବା ଘରେ ଆଲୋକ, ଶକ୍ତି ଏବଂ ଆରାମ ଆଣିଥାଏ। ରାଜକୁମାର ରାଓଙ୍କୁ ନେଇ ବ୍ରାଣ୍ଡ୍ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେ ଅଧିକ ଖର୍ଚ୍ଚ କିମ୍ବା ସ୍ମାର୍ଟ, ଶସ୍ତା, ପରିବେଶ ଅନୁକୂଳ ଉପକରଣ ବିନା ଭରସାଯୋଗ୍ୟ ଶକ୍ତି ଚାହୁଁଛନ୍ତି।

ଏ ନେଇ ରାଜକୁମାର ରାଓ କହିଛନ୍ତି, ମୁଁ ସବୁବେଳେ ଏଭଳି ପରିବର୍ତ୍ତନରେ ବିଶ୍ୱାସ କରିଥାଏ, ଯାହା ଲୋକଙ୍କ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିଥାଏ । ସନ୍ କିଙ୍ଗ୍ ସୌର ଏବଂ ବୈଦ୍ୟୁତିକ ଉତ୍ପାଦ ଠିକ୍ ତାହା କରିଥାଏ। ଭାରତକୁ ନିରନ୍ତର ଭାବେ ଚମକାଇବା ପାଇଁ ସାହାଯ୍ୟ କରୁଥିବା ଏହି ବ୍ରାଣ୍ଡକୁ ସମର୍ଥନକରି ମୁଁ ନିଜକୁ ଗର୍ବିତ ଅନୁଭବ କରୁଛି। ସନ୍ କିଙ୍ଗ୍ ଏସିଆ ମାର୍କେଟିଂ ମୁଖ୍ୟ ସୁରଭି ଶର୍ମା କହିଛନ୍ତି, ରାଜକୁମାର ରାଓ ଆମେ କରୁଥିବା ସମାନ ଜିନିଷ-ବାସ୍ତବ ଦୁନିଆର ପ୍ରଭାବ, ବିଶ୍ୱାସ ଏବଂ ଉପଲବ୍ଧତା ପାଇଁ ଠିଆ ହୋଇଛନ୍ତି। ଆମେ ସମସ୍ତେ ମିଶି ଏପରି କାହାଣୀ କହିବୁ, ଯାହା ସମଗ୍ର ଭାରତରେ ପରିବାରର ଆଶା ଏବଂ ବାସ୍ତବତାକୁ ପ୍ରତିଫଳିତ କରିଥାଏ।ସନ୍ କିଙ୍ଗର ଏସିଆ ଓ ଲାଟିନ ଆମେରିକାର ଜେନେରାଲ ମ୍ୟାନେଜର ସାହିଲ ଖାନ୍ନା କହିଛନ୍ତି, ବଲିଉଡ୍ ସାରା ଭାରତରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇଥାଏ ଏବଂ ରାଜକୁମାର ରାଓ ବାସ୍ତବ, ମାନବିକ କାହାଣୀ ସହିତ ତାଙ୍କର ଆନ୍ତରିକତା ଏବଂ ସମ୍ପର୍କ ପାଇଁ ଜଣାଶୁଣା।

# ଏବି ଏନର୍ଜିଆ ସହ ଜେଏସ୍ଏଲ୍‌ର ବୁଝାମଣା



ଭୁବନେଶ୍ୱର,୨୨।୪

ଏବି ଏନର୍ଜିଆ ସଲ୍ୟୁସନ୍ସ ପ୍ରାଇଭେଟ୍ ଲମିଟେଡ୍ ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍ଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଓଡ଼ିଶାର ଯାଜପୁରଠାରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଉତ୍ପାଦନର ଅଂଶ ହୋଇ ସୌର ପ୍ରକଳ୍ପ ସ୍ଥାପନ ଓ ଏହାର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଘୋଷଣା କରିଛନ୍ତି। ଅପରପକ୍ଷରେ ଏହି ଭୂମିପୂଜନ ପଦକ୍ଷେପର କ୍ରମାଗତ କ୍ଷମତା ୩୦ ଏମ୍‌ଡବ୍ଲ୍ୟୁପିରୁ ଅଧିକ ରହିଛି, ଯାହା ଓଡ଼ିଶାର ଶିଳ୍ପ କ୍ୟାମ୍ପସ ମଧ୍ୟରେ ସର୍ବବୃହତ ବୋଲି କୁହାଯାଉଛି। ସେହିଭଳି ଏବି ଏନର୍ଜି ସହିତ ସହଭାଗୀ ହୋଇ ଜିନ୍ଦଲ ଷ୍ଟେନଲେସ ଦ୍ୱାରା ଏହାର ଯାଜପୁରସ୍ଥିତ ୟୁନିଟ୍‌ରେ ସ୍ଥାପିତ ସୌରଶକ୍ତି ପ୍ଲାଣ୍ଟରେ ଏକ ୭.୩୨୪ ଏମ୍‌ଡବ୍ଲ୍ୟୁପି ସୌର ପ୍ଲାଣ୍ଟ ଓ ୨୩.୦୨ ଏମ୍‌ଡବ୍ଲ୍ୟୁପି ଛାତ ଉପରେ ସୌର ପ୍ରଣାଳୀ ଅନ୍ତର୍ଭୁକ୍ତ ହୋଇଛି। ଏହି ଅତ୍ୟାଧୁନିକ ପ୍ଲାଣ୍ଟରେ ବାର୍ଷିକ ପ୍ରାୟ ୪୪.୩ ନିୟୁତ ସବୁଜ ଶକ୍ତି ଉତ୍ପାଦିତ ହେବ, ଯାହା ପାରମ୍ପରିକ ଗ୍ରୀଡ୍ ବିଦ୍ୟୁତ୍ ଶକ୍ତି ଦ୍ୱାରା ପରିଚାଳିତ ହେଉଥିଲା। ଏହା ୧୨,୦୦୦-୧୫,୦୦୦ ପରିବାରକୁ ବିଦ୍ୟୁତ୍ ପ୍ରଦାନ କରିବ ଓ ବାର୍ଷିକ ୩୨,୨୦୮ମେଟ୍ରିକ ଟନ୍ ସିଓ୨ ନିର୍ଗମନ ହ୍ରାସ କରିବା ସହ ସମାନ ହେବ।

ଏ ସମ୍ପର୍କରେ ଜେଏସ୍ଏଲ୍ ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ରଣନୀତିକ ସହଭାଗିତା ଜରିଆରେ ଆମର ନେଟ୍ ଜିରୋ କାର୍ବନ ଲକ୍ଷ୍ୟ ହାସଲ ଓ ସ୍ଥାୟୀ ଭିତ୍ତିଭୂମି ନିବେଶ କରିବା ଦିଗରେ ଆଗକୁ ବଢୁଛୁ। ଏପରିକି ଆମର ଯାଜପୁରର ଏହି ପ୍ଲାଣ୍ଟ ସର୍ବବୃହତ୍ କ୍ୟାପ୍‌ଟିଭ ସୌର ପ୍ଲାଣ୍ଟ ଭାବେ କାର୍ଯ୍ୟକ୍ଷମ ହେବ। ଏହି ଯାତ୍ରାରେ ଆମେ ନବସୃଜନ ସହ ନବୀକରଣୀୟ ଶକ୍ତିଉତ୍ସକୁ ସମନ୍ୱିତକରି ଏକ ବିଶ୍ୱସ୍ତରୀୟ ସ୍ଥାୟିତ୍ୱ ମାନଦଣ୍ଡ ପ୍ରତିଷ୍ଠା ପ୍ରତି ଉତ୍ତରଦାୟୀ ରହି ଭାରତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନର ଭବିଷ୍ୟତକୁ ପୁନର୍ଭାଷିତ କରୁଛୁ। ସେହିଭଳି ଏବି ଏନର୍ଜିଆର ସିଇଓ ସିଦ୍ଧାର୍ଥ ଭାଟିଆ କହିଛନ୍ତି, ଆମେ ଏହି ଐତିହାସିକ ପଦକ୍ଷେପ ଜରିଆରେ ଶକ୍ତି ସମାଧାନ ଉଦ୍ଦେଶ୍ୟରେ ଆଗକୁ ପାଦେ ବଢୁଥିବା ହେତୁ ଆନନ୍ଦିତ ଅଛୁ।

# ମୀନାକ୍ଷୀ ରାମରାଜ କଟନର ବ୍ରାଣ୍ଡ ଆମ୍ବାସାଡାର

## ମ୍ରିଥୁ ଟାୱେଲର ଅନାବରଣ

ଭୁବନେଶ୍ୱର,୨୨।୪

ଦେଶର ପ୍ରମୁଖ ପ୍ରିମିୟମ କଟନ ବ୍ରାଣ୍ଡ୍ 'ରାମରାଜ କଟନ'ର ନୂତନ ଟାୱେଲ ରେଞ୍ଜ 'ମ୍ରିଥୁ ଟାୱେଲ'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଭିନେତ୍ରୀ ମୀନାକ୍ଷୀ ଚୌଧାରୀ ରାମରାଜ କଟନ (ମ୍ରିଥୁ ଟାୱେଲ)ର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ନିଯୁକ୍ତ ହୋଇଛନ୍ତି। ଅପରପକ୍ଷରେ ବ୍ରାଣ୍ଡ୍‌ର ଏହି ନୂତନ ଉତ୍ପାଦ/ ରେଞ୍ଜର ଗୁଣାବତ୍ତା, ଲକ୍ସୁରି, କମ୍ଫର୍ଟ ଏବଂ ଡିଜାଇନ ସବୁ ବର୍ଗର ଗ୍ରାହକଙ୍କୁ ସୁହାଇବ। ଏପରିକି ଏହା ଶତ ପ୍ରତିଶତ କଟନ ଏବଂ ବାମ୍ବ ଫାଇବରର ଉତ୍ପାଦ ହୋଇଥିଲାବେଳେ ବଜାରରେ ଏହା ପସନ୍ଦର ଉତ୍ପାଦ ହେବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି।

ଏ ସମ୍ପର୍କରେ ରାମରାଜ କଟନର ଏମ୍‌ଡି ଅରୁଣ ଈଶ୍ୱର କହିଥିଲେ, ଆମେ ଆମର ନୂତନ ଉତ୍ପାଦ ରେଞ୍ଜକୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ।ଏପରିକିମୀନାକ୍ଷୀଚୌଧାରୀଙ୍କଭଳି





ରାମରାଜ କଟନର ନୂତନ ଉତ୍ପାଦ ରେଞ୍ଜ 'ମ୍ରିଥୁ ଟାୱେଲ'କୁ ଅଭିନେତ୍ରୀ ତଥା ବ୍ରାଣ୍ଡ୍ ଆମ୍ବାସାଡାର ମୀନାକ୍ଷୀ ଚୌଧାରୀ ଅନାବରଣ କରୁଛନ୍ତି। ଏହି ଅବସରରେ ରାମରାଜ କଟନର ଏମ୍‌ଡି ଅରୁଣ ଈଶ୍ୱର ଉପସ୍ଥିତ ଅଛନ୍ତି।

ଲୋକପ୍ରିୟ ଅଭିନେତ୍ରୀଙ୍କୁ ମ୍ରିଥୁ ଟାୱେଲର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ଚୟନ କରି ବେଶ୍ ଆଶାବାଦୀ ରହିଛୁ। ଆମେ ସବୁବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ଅନୁଯାୟୀ ଉତ୍ପାଦର ବଜାର ପ୍ରବେଶ ସାଙ୍ଗକୁ ଗୁଣବତ୍ତା ଓ ଡିଜାଇନକୁ ପ୍ରାଥମିକତା ଦେଇଥାଉ।

ସେହିଭଳି ମୀନାକ୍ଷୀ ଚୌଧାରୀ କହିଥିଲେ, ମୁଁ ରାମରାଜ କଟନର ନୂତନ ଉତ୍ପାଦ ରେଞ୍ଜ 'ମ୍ରିଥୁ ଟାୱେଲ'ର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ମନୋନୀତ ହୋଇଥିବାରୁ ବେଶ୍ ଆନନ୍ଦିତ ଅଛି। ବ୍ରାଣ୍ଡ୍ ଓ ଉତ୍ପାଦର ପ୍ରଚାରପ୍ରସାର ସହିତ 'ମ୍ରିଥୁ ଟାୱେଲ'କୁ ସବୁ ବର୍ଗର ଗ୍ରାହକଙ୍କ ନିକଟତର କରାଇବାକୁ ପ୍ରୟାସ କରିବି ବୋଲି ସେ ମତପ୍ରକାଶ କରିଥିଲେ।

# ଏଚ୍‌ସିଏଲ୍ ଜିଗ୍‌ସର ୬ଷ୍ଠ ସଂସ୍କରଣ

ମୁମ୍ବାଇ,୨୨।୪

ଏଚ୍‌ସିଏଲ୍ ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଭାରତର ସବୁଠାରୁ ବଡ଼ ସମସ୍ୟା ସମାଧାନକାରୀ ମୂଲ୍ୟାୟନ ପ୍ଲାଟ୍‌ଫର୍ମ 'ଏଚ୍‌ସିଏଲ୍ ଜିଗ୍‌ସ'ର ୬ଷ୍ଠ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏକ ଉଦ୍ଭାବନ ଓ ବିଶ୍ଳେଷଣାତ୍ମକ ଦକ୍ଷତାକୁ ବିକଶିତ କରିବା ପାଇଁ ଡିଜାଇନ ହୋଇଥିବା ଏଚ୍‌ସିଏଲ୍ ଜିଗ୍‌ସ ସୃଜନଶୀଳ ଓ ଯୁକ୍ତିଯୁକ୍ତ ବିଚାରଧାରା ମାଧ୍ୟମରେ ବାସ୍ତବ ଦୁନିଆର ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରିବା ଜାରି ରଖିଛି। ସେହିଭଳି ଏହି ପ୍ଲାଟ୍‌ଫର୍ମ ୬ଷ୍ଠରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଅନୁସନ୍ଧାନ, ଜଟିଳ ବିଚାରଧାରା ଓ ଯୋଗାଯୋଗ ସମେତ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତାଗୁଡ଼ିକ ଉପରେ ମୂଲ୍ୟାୟନ କରିଥାଏ ଏବଂ ସେମାନଙ୍କୁବାସ୍ତବଦୁନିଆରସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ସେହି ଦକ୍ଷତାକୁ ପ୍ରୟୋଗ କରିବାରେ ସାହାଯ୍ୟ କରିଥାଏ।

ସେହିପରି ଇଚ୍ଛୁକ ଛାତ୍ରୀଛାତ୍ର କିମ୍ବା ବିଦ୍ୟାଳୟଗୁଡ଼ିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆସନ୍ତା ଜୁଲାଇ ୩୧ ସୁଦ୍ଧା www.hcljigsaw.com ରେ ପଞ୍ଜୀକରଣ କରିପାରିବେ। ଏଚ୍‌ସିଏଲ୍ ଗ୍ରୁପ୍‌ର ସହ ଉପାଧ୍ୟକ୍ଷ ଓ ବ୍ରାଣ୍ଡ୍ ମୁଖ୍ୟ ରଜତ ଚନ୍ଦୋଲିଆ କହିଛନ୍ତି,ଆମେ ଏକ ଗତିଶୀଳ ଦୁନିଆରେ ସଫଳ ହେବା ପାଇଁ ଦକ୍ଷତା ସହ ସୁସଜ୍ଜିତ କରି ଯୁବ ପ୍ରତିଭାମାନଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଏଚ୍‌ସିଏଲ୍ ଜିଗ୍‌ସ ଏକ କୁଇଜ୍ କିମ୍ବା ଅଲିମ୍ପିଆଡ୍ ନୁହେଁ, ବରଂ ଏହା ଯୁବ ଥିଙ୍କର, କୋଲାବରେଟର ଓ କ୍ରିଏଟରଙ୍କ ପାଇଁ ଏକ ଲଞ୍ଚ୍‌ପ୍ୟାଡ୍ । ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଅନେକ ଉତ୍ସାହଜନକ ଅଂଶଗ୍ରହଣ ପାଇଛୁ ଏବଂ ଚଳିତ ସଂସ୍କରଣରେ ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ଛାତ୍ରୀଛାତ୍ରଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଆହୁରି ଅଧିକ ଅନୁପ୍ରାଣିତ କରିବା ନେଇ ଆମେ ଉତ୍ସାହିତ ରହିଛୁ।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୨।୪: କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୭.୦୯ ପଏଣ୍ଟ ବୃଦ୍ଧି ଘଟି ୭୯,୫୯୫.୫୯ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୧.୭୦ ପଏଣ୍ଟ ବଢ଼ି ୨୪,୧୬୭.୨୫ ଅଙ୍କରେ କାରବାର ଶେଷ ହୋଇଥିଲା।

# ଡିଏଆଇଏସ୍ ଏଫ୍‌ଟିସିକୁ ପ୍ରଥମ ବିଶ୍ୱ ରୋବୋଟିକ୍ସ ଟାଇଟଲ



ବିଜୟୀ ଦଳର ଛାତ୍ରୀଛାତ୍ରମାନେ।

ମୁମ୍ବାଇ,୨୨।୪

ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାଶନାଲ ସ୍କୁଲ (ଡିଏଆଇଏସ୍) ମୁମ୍ବାଇର ଦୁଇଟି ରୋବୋଟିକ୍ସ ଦଳ ଟିମ୍ ମାଟ୍ରିକ୍ସ ଏବଂ ଟିମ୍ ୟୁରେକା ଫାଷ୍ଟ ଟେକ୍ ଚ୍ୟାଲେଞ୍ଜ ବିଶ୍ୱ ଚାମ୍ପିୟନଶିପ ୨୦୨୫ରେ ଇତିହାସ ସୃଷ୍ଟି କରିଛନ୍ତି। ଉଭୟ ଦଳ ଫାଇନାଲରେ ପରସ୍ପର ସହ ମୁହାଁମୁହିଁ ହୋଇଥିଲେ ଏବଂ ଟିମ୍ ମାଟ୍ରିକ୍ସ ବିଜୟୀ ହୋଇ ଭାରତକୁ ପ୍ରଥମ ଥର ପାଇଁ ଟାଇଟଲ ଦେଇଥିଲେ। ଏହି ପ୍ରତିଯୋଗିତା ଆମେରିକାର ହ୍ୟୁଷ୍ଟନରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ୩୦ରୁ ଅଧିକ ଦେଶର ୨୫୬ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରିଥିଲେ। ଟିମ୍ ମାଟ୍ରିକ୍ସ ସମଗ୍ର ଟୁର୍ନାମେଣ୍ଟରେ ଅପରାଜିତ ରହିଥିଲା ଏବଂ ଫାଇନାଲରେ ମୋଟ ୫୪୧ ପଏଣ୍ଟ ସ୍କୋର କରିଥିଲା। ଏହା ଥିଙ୍କ ପୁରସ୍କାରରେ ଦ୍ୱିତୀୟ ସ୍ଥାନ ମଧ୍ୟ ଅଧିକାର କରିଥିଲା। ଟିମ୍ ୟୁରେକା ମଧ୍ୟ ଭଲ ପ୍ରଦର୍ଶନ କରିଥିଲା ଏବଂ କନେକ୍ଟ ପୁରସ୍କାର ଜିତିଥିଲା। ଭାରତରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ମଧ୍ୟ ଉଭୟ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ ଏବଂ ଅନେକ ରେକର୍ଡ ଭାଙ୍ଗିଥିଲେ। ଡିଏଆଇଏସ୍‌ରେ ରୋବୋଟିକ୍ସ ୨୦୧୮ରେ ଆରମ୍ଭ ହୋଇଥିଲା ଏବଂ ମାତ୍ର କିଛି ବର୍ଷ ମଧ୍ୟରେ ସ୍କୁଲର ଦଳଗୁଡ଼ିକ ଜାତୀୟ ଏବଂ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଚମକ ଦେଖାଇବା ଆରମ୍ଭ କରିଛନ୍ତି।

ଏହି ଅବସରରେ ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ କହିଛନ୍ତି, ଏହା ଆମ ସମସ୍ତଙ୍କ (ଡିଏଆଇଏସ୍ ଏବଂ ଭାରତ) ପାଇଁ ଏକ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ। ଆମର ଉଭୟ ଏଫ୍‌ଟିସି ଦଳ ଟିମ୍ ମାଟ୍ରିକ୍ସ ଏବଂ ଟିମ୍ ୟୁରେକା ଫାଇନାଲରେ ପହଞ୍ଚି ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ମଧ୍ୟରେ ପରସ୍ପର ବିପକ୍ଷରେ ପ୍ରତିଯୋଗିତା କରିଥିଲେ। ଏହା ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଏବଂ ଅନନ୍ୟ ସଫଳତା। ଆମେ ବିଶେଷ ଭାବେ ଗର୍ବିତ ଯେ ଆମର ଗୋଟିଏ ଦଳ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛି। ଏହି ସଫଳତା ଭାରତର ଯୁବପିଢ଼ି ପାଇଁ ପ୍ରେରଣା ଦେବ। ୨୦୧୮ରେ ଛୋଟ ଭାବେ ଆରମ୍ଭ ହୋଇଥିବା ରୋବୋଟିକ୍ସ ପ୍ରକଳ୍ପ ଆଜି ଭାରତକୁ ଷ୍ଟେମର ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛି। ମୁଁ ଆମର ଛାତ୍ର, ଶିକ୍ଷକ, ଅଭିଭାବକ ଏବଂ ଏହି ଯାତ୍ରାର ଅଂଶୀଦାର ରହିଥିବା ସମସ୍ତଙ୍କୁ ହୃଦୟର ସହ ଅଭିନନ୍ଦନ ଜଣାଉଛି।


**FORM NO. 3**
**[See Regulation-15(1)(a)]**
**IN DEBTS RECOVERY APPELLATE TRIBUNAL AT KOLKATA**
**9, Old Post Office Street, 7th Floor, Kolkata-700001**
**Appeal No. 52 OF 2019**
**Arising out of S.A. No. 4 of 2019 in DRT, Cuttack**
**STATE BANK OF INDIA ......Appellant**
**-Versus-**
**ANSHUMAN MISHRA & ORS. ......Respondents**
**To,**
**(1-A) ANSHUMAN MISHRA,** residing at Parada Padia, Ward No. 10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. (**Respondent No. 1-A)**
**(1-B) ARATI MISHRA,** residing at Parada Padia, Ward No. 10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. (**Respondent No. 1-B)**
**(1-C) LINU MISHRA,** residing at Brahma Mandir Sahi, Unit No. 10, P.O & P.S.: Baripada, Dist.: Mayurbhanj, PIN-757001. (**Respondent No. 1-C)**
**(1-D) LIPI DAS,** residing at Brahma Mandir Sahi, Unit No. 10, P.O & P.S.: Baripada, Dist.: Mayurbhanj, PIN-757001. (**Respondent No. 1-D)**
**(2) M/S. KAMAYAB TELEVISION PVT. LTD.,** represented through its Managing Director **Sri Manoj Dash,** at 159, Alaka Building, Unit-2, Ashok Nagar, Bhubaneswar-751009. (**Respondent No. 2)**
**(3) SRI MANOJ DASH,** Son of Goura Charan Das, at 159, Alaka Building, Unit-2, Ashok Nagar, Bhubaneswar-751009. (**Respondent No. 3)**
**(4) SMT. LIPI DAS,** W/o- Sri Manoj Dash, Director of M/s. Kamyab Television Pvt. Ltd., at 159, Alaka Building, Unit-2, Ashok Nagar, Bhubaneswar-751009. (**Respondent No. 4)**
**(5) SRI SUKANTA NAYAK,** Son of Late Sadhu Charan Nayak, at Plot No. 176, Baramunda Housing Board Colony, P.S.: Khandagiri, Bhubaneswar-751003. (**Respondent No. 5)**

**SUMMONS**

1. WHEREAS the appellant has filed an appeal U/s. 18 of the Securitization and Reconstruction of Financial Assets & Enforcement of Security Interest Act, 2002, against the order passed by the Ld. Presiding Officer, DRT, Cuttack and other reliefs. You are hereby summoned to appear and file written statement before this Tribunal at **10.30 a.m.** or at such time immediately thereafter according to the convenience of Tribunal on **14.05.2025** to answer the claim.
2. If you intend to file any documents, you may file the same with a list along with the written statement.
3. You should file your registered address and a memo of appearance when you enter appearance before the Tribunal either in person or by a pleader/Advocate duly instructed.
4. Take notice that, in default of, your appearance on the day mentioned herein before, the proceeding will be heard and determined in your absence.

Given under my hand and the seal of this Tribunal on this **17th day of April, 2025.**

**Signature of the Officer**
**Authorized to issue Summons**
**Sd/- Registrar**
**Debts Recovery Appellate Tribunal, Kolkata**



**TPNODL**
**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off : Corp Office, Januganj, Remuna Golei, Balasore, Odisha-756019
CIN No. : U40106OR2021SGC035951 ; Website : www.tpnodl.com

**NOTICE INVITING TENDER (NIT) April 23rd 2025**

**TP Northern Odisha Distribution Limited** invites tender from eligible Bidders for the following :

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500000907 | Rate Contract for Supply of ACCUCHECK METER FOR LTCT & 3P WC METER |
| 2 | TPNODL/OT/2025-26/2500000919 | Rate Contract for control & relay panel retrofitting work |
| 3 | TPNODL/OT/2025-26/2500000931 | Rate Contract for Operation & Maintenance Solar Microgrids |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.
**Chief-Contracts & MM**



यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**ଗାଡ଼ି ନିଲାମ ନୋଟିସ୍**

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି, **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**, ପି.ବି.ନଂ.:୧୯, ଚିନ୍ନା ବଜାର, ହନୁମାନ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨ ଠାରେ ତା.୩୦.୦୪.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡ଼ିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ବ୍ରହ୍ମପୁର-୨ ଶାଖା | ପୂର୍ଣ୍ଣବାସୀ ବେହେରା | ASHOK LEYLAND LTD., BADA DOST I4TNDD, Regd. No.: OD07AM6530 | ଟ.୫,୧୩,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୫୧,୩୦୦/- |

ଗାଡ଼ି ଯାଞ୍ଚ କରିବାର ତାରିଖ ଓ ସମୟ: ସୁରଜ ବିହାର, ୨ୟ ଲେନ୍, ବ୍ରହ୍ମପୁର ଠାରେ ତା.୨୯.୦୪.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

**ନିୟମ ଏବଂ ସର୍ତ୍ତାବଳୀ:**
୧. ଗାଡ଼ି "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିଜ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଟେଣ୍ଡର ସହିତ **ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି** ପୃଥକ୍ ଲଟ୍‌ରେ "**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**" ସପକ୍ଷରେ ଡ୍ର କରାଯାଇ ଏବଂ ବ୍ରହ୍ମପୁରକୁ ପୈଠ ଦର୍ଶାଇ ଡିମାଣ୍ଡ ଡ୍ରାଫ୍ଟ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ **ତା.୨୯.୦୪.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା** ପହଞ୍ଚିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ **୭ଦିନ ମଧ୍ୟରେ** ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।**
୧୨. ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ **ବରିଷ୍ଠ ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ରହ୍ମପୁର-୨ ଶାଖା,** ଫୋନ୍ ନଂ.: ୬୩୭୦୨୫୨୪୯୪ଙ୍କ ସହ ଯୋଗାଯୋଗ କରନ୍ତୁ।
୧୩. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ **www.unionbankofindia.com** ଦେଖନ୍ତୁ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୨.୦୪.୨୦୨୫ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ପୋଖରୀରୁ ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ, ହତ୍ୟା ସନ୍ଦେହ

**ନୂଆପଡ଼ା/କୋମନା,୨୨।୪ (ମକାରୁ ବେମାଲ/ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ଥାନା ଟିକ୍ରାପଡ଼ା ଗାଁ ବଡ଼ବନ୍ଧ ପୋଖରୀରୁ ମଙ୍ଗଳବାର ପୋଲିସ ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ କରିଛି। ମୃତ ବୃଦ୍ଧା ହେଲେ ଟିକ୍ରାପଡ଼ା ଗାଁ ପହରିଆ ପଡ଼ାର ହୀରାଦେଈ ପହରିଆ (୭୦)। ସୂଚନା ଅନୁଯାୟୀ ମଙ୍ଗଳବାର ଗାଁ ପୋଖରୀରେ ଗାଧୋଉଥିବା ସମୟରେ କେତେଜଣ ବ୍ୟକ୍ତି ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। କୋମନା ଥାନା ଆଇଆଇସି ସୁମନ୍ତ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କ ଗୋଡ଼ ହାତକୁ ଲୁଗାରେ ବନ୍ଧା ଯାଇଥିବା ଏବଂ ଓଜନିଆ ପଥର ବେକରେ ଝୁଲାଯାଇଥିବା ଅବସ୍ଥାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମହିଳା ଜଣକ ଟିକ୍ରାପଡ଼ା ପହରିଆପଡ଼ାରେ ରହୁଥିବା ବେଳେ ତାଙ୍କ ସ୍ୱାମୀଙ୍କ ବହୁବର୍ଷ ପୂର୍ବରୁ ମୃତ୍ୟୁ ହୋଇସାରିଛି। ତାଙ୍କର ଏକମାତ୍ର ଝିଅ ବୋଡ଼େନ ବ୍ଲକ୍‌ର ଏକ ଗାଁରେ ବିବାହ କରିଛନ୍ତି। ସେ ଏକୁଟିଆ ଘରେ ରହୁଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନ୍‌ଭିନ୍ କରୁଥିବା ବେଳେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ହୋଇ ଥାଇପାରେ ବୋଲି ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ଆଇଆଇସି ନାଏକ ସୂଚନା ଦେଇଛନ୍ତି।

### ଜିଲାସ୍ତରୀୟ ଟିଏଲ୍‌ଏମ୍ କର୍ମଶାଳା

**ନୂଆପଡ଼ା,୨୨।୪ (ମକାରୁ ବେମାଲ):** ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ମଙ୍ଗଳବାର ଜିଲା ଶିକ୍ଷା ବିଭାଗ ଓ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଟିଏଲ୍‌ଏମ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର ମୁଖ୍ୟଅତିଥି, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ବିଶିଷ୍ଟ ଶିକ୍ଷାବିତ ଡ. ଶିବ ପ୍ରସାଦ ବେହେରା, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ନରୋତ୍ତମ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଟିଏଲ୍‌ଏମ୍ ମେଳା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ସୃଜନଶୀଳତା ବୃଦ୍ଧି ପାଉଛି। ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଦ୍ୱାରା ପାଠପଢାକୁ ସହଜ କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରା ଯାଇଥିଲା।

### ଘାସିରାମ ମାଝିଙ୍କ ତିରୋଧାନ ଦିବସ

**ନୂଆପଡ଼ା,୨୨।୪ (ମକାରୁ ବେମାଲ):** ନୂଆପଡ଼ା ଗଠନର ପ୍ରମୁଖ ବିଦ୍ଧାଣି ସ୍ୱର୍ଗତ ଘାସିରାମ ମାଝିଙ୍କ ୨୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଜିଲା ସଦର ମହକୁମା ଏକତା ଛକରେ ଥିବା ସ୍ୱର୍ଗତ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଭରତ ଲାଲ ରାଉତ, ସୁଧିର ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।



ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ।

# ସୁସ୍ଥ ଜୀବନ ଶୈଳୀକୁ ତୃଣମୂଳସ୍ତରରେ ପହଞ୍ଚାଅ

**ଜିଲାସ୍ତରୀୟ ପୋଷଣ ପକ୍ଷ**

ଭବାନୀପାଟଣା,୨୨।୪(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଜିଲା ଯୋଜନା ଓ ସମୀକ୍ଷା ବିଭାଗ ସଭାଗୃହରେ ମଙ୍ଗଳବାର କଳାହାଣ୍ଡି ଜିଲାସ୍ତରୀୟ ପୋଷଣ ପକ୍ଷ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିହାର ରଞ୍ଜନ ପଣ୍ଡା, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆରମ୍ଭରେ ଜିଲା ସମାଜ କଲ୍ୟାଣ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ପୋଷଣ ପକ୍ଷ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପୋଷଣର ଗୁରୁତ୍ୱ, ପୋଷଣ ଟ୍ରାକରରେ ହିତାଧିକାରୀଙ୍କ ମଡ୍ୟୁଲର ବ୍ୟବହାର, ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କର ଗୋଷ୍ଠୀ ଭିତ୍ତିକ ପରିଚାଳନା, ସୁସ୍ଥ ଜୀବନ ଶୈଳୀକୁ ତୃଣମୂଳସ୍ତରରେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଅବଗତ କରାଇଥିଲେ। ପୂର୍ବତନ ଜିଲା କାର୍ଯ୍ୟକ୍ରମ ପରିଚାଳକ ତଥା ପରାମର୍ଶଦାତା ବିଶ୍ୱନାଥ ଦାଶ ପୋଷଣ ଅଭିଯାନ ଓ ପୋଷଣ ପକ୍ଷ ଉପରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ପୋଷଣ ଜିଲା ସଂଯୋଜକ ଅଜୟ ବିହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ପ୍ରଦର୍ଶିତ ଖାଦ୍ୟ ଷ୍ଟଲକୁ ଅତିଥିମାନେ ବୁଲି ଦେଖିଥିଲେ। ଶେଷରେ ପ୍ରୋଗ୍ରାମ ଅଫିସର ନମିତା ରାଣୀ ପଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସଫଳତା



ସଫଳତା ଆଣିଥିବା ଛାତ୍ରୀଛାତ୍ରଙ୍କ ସହ କୁଳପତି।

**ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳ ପ୍ରତିଯୋଗିତା**

ଭବାନୀପାଟଣା,୨୨।୪(ଉତ୍ତମ କୁମାର ଦାଶ)

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟରେ ଗତ ୧୬ରୁ ୨୦ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦ ପକ୍ଷରୁ ମନୋନୀତ ଏକ ଦଳ ସଫଳତା ଆଣିଛନ୍ତି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ମାର୍ଗଦର୍ଶନରେ ଏହି ଟିମ ଯାତ୍ରା କରିଥିଲା। ଏହି ଟିମରେ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ୨୧ ମହାବିଦ୍ୟାଳୟରୁ ୬୯ ଜଣ ଛାତ୍ରୀଛାତ୍ର ଓ ୩ଜଣ ଅଫିସିଆଲ କର୍ମଚାରୀ ରହିଥିଲେ। କ୍ରୀଡାବିତ ଛାତ୍ରୀଛାତ୍ର ୮ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ବ୍ୟାଡ୍‌ମିଣ୍ଟନ ଡବଲ୍ସରେ ଉଭୟ ପୁରୁଷ ଓ ମହିଳା ଦଳ କାଂସ୍ୟ ପଦକ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳାରେ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀ ଲୋପିତା ମହାନନ୍ଦ କାଂସ୍ୟ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ବିବିଏ ଓ ବିସିଏ ବିଭାଗର ଅଧ୍ୟାପକ ଶୁଭାଶିଷ ମିଶ୍ର ଓ ଅଧ୍ୟାପିକା ଶ୍ରାବଣୀ ଦାସ ତଥା ନ୍ୟାଶନାଲ କଲେଜର ପିଇଟି ପ୍ରକାଶ ସାହୁ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦ ନିର୍ଦ୍ଦେଶକ ଡ. ଘନଶ୍ୟାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡା ଉତ୍ସବରୁ ଫେରିଥିବା ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# କାମରେ ଲାଗୁନି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

ଥୁଆମୂଳ ରାମପୁର,୨୨।୪ (ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ବ୍ଲକ୍ ସଦର ପଞ୍ଚାୟତ ଛକରେ କଳାହାଣ୍ଡି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଏକ ଥଣ୍ଡା ପାନୀୟଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ପ୍ରକଳ୍ପ ପାଇଁ ୨ଲକ୍ଷ ୪୪ହଜାର ଟଙ୍କା ବ୍ୟୟ ଅଟକଳ ରହିଥିଲା। ହେଲେ ଏହି ପ୍ରକଳ୍ପରୁ ଏବେ ଥଣ୍ଡା ବଦଳରେ ଗରମ ପାଣି ବାହାରୁଛି। ଫଳରେ ଲୋକେ ଥଣ୍ଡା ପାଣି ପାଇଁ ହଇରାଣ ହେଉଛନ୍ତି। ଏହି ରାସ୍ତାରେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ୍ ମୁଖ୍ୟାଳୟ, ବ୍ୟାଙ୍କ, ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ, ମିଶନ ଶକ୍ତି ଭବନ, ଆଇସିଡିଏସ୍ ଭଳି ସରକାରୀ କାର୍ଯ୍ୟାଳୟ ରହିଛି। ଏସବୁ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଲୋକେ ଖରା ସମୟରେ ବି ଥଣ୍ଡା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବିଜୟା ମାଝୀଙ୍କୁ ପଚାରିବାରୁ ଏହି ପ୍ରକଳ୍ପ ଆମ ସମୟର ନୁହେଁ ଏହା ପୁରୁଣା। ଠିକାଦାର କୁଲିଂ ମୋଟର ନେଇଯାଇଥିବାରୁ ଥଣ୍ଡାପାଣି ବାହାରୁ ନାହିଁ ବୋଲି କହିଥିଲେ। ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଟଙ୍କଧର ସାହୁଙ୍କୁ ପଚାରିବାରୁ ଏହା ପୂର୍ବ ଅଧିକାରୀଙ୍କ ସମୟରେ ସ୍ଥାପନ ହୋଇଥିଲା। ଏବେ କାହିଁକି ଥଣ୍ଡାପାଣି ଆସୁନାହିଁ ସେ ବିଷୟରେ କହିପାରିବେ ନାହିଁ ବୋଲି ଉତ୍ତର ରଖିଥିଲେ। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି।



ଅଚଳ ପାନୀୟଜଳ ପ୍ରକଳ୍ପ।

### ଯୁବକଙ୍କୁ ହତ୍ୟା ଘଟଣା: ଆଉ ଜଣେ ଗିରଫ

ଥୁଆମୂଳ ରାମପୁର,୨୨।୪ (ଦୁର୍ଗା କୀର୍ତ୍ତି)

ଗତ ଜାନୁଆରୀ ୧୬ରେ ଥୁଆମୂଳ ରାମପୁର ଥାନା ପେଙ୍ଗଡୁସି ଗ୍ରାମଠାରେ ଜଣେ ଯୁବକଙ୍କ ହତ୍ୟା ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସୂଚନା ମୁତାବକ ପେଙ୍ଗଡୁସି ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ପୋଲିସ ଏହା ଏକ ହତ୍ୟା ଘଟଣା ବୋଲି ସନ୍ଦେହ କରିଥିଲା। ମୃତକ ଜଣକ ରାୟଗଡା ଜିଲା କାଶିପୁର ବ୍ଲକ ଭାଟିପାସ ଗାଁର ଲକ୍ଷ୍ମଣ ମାଝୀ ବୋଲି ଚିହ୍ନଟ କରାଯାଇଥିଲା। ଏହାପରେ ମୃତକଙ୍କ ପରିବାର ପକ୍ଷରୁ ଥୁଆମୂଳ ରାମପୁର ଥାନାରେ ହତ୍ୟା ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା (ନଂ.୪/୨୫) ରୁଜୁ କରି ତଦନ୍ତ କରିଥିଲା। ପରିବାର ସହ ବିବାଦ ଯୋଗୁ ଭାଟିପାସ ଗାଁର ରାଜେନ୍ଦ୍ର ନାଏକଙ୍କ ଉପରେ ପୋଲିସ ସନ୍ଦେହ କରିଥିଲା। ରାଜେନ୍ଦ୍ର ଗାଁରୁ ଫେରାର ହେବାପରେ ପୋଲିସର ସନ୍ଦେହ ଦୃଢୀଭୁତ ହୋଇଥିଲା। ପରେ ପୋଲିସ କେରଳ ରାଜ୍ୟ ତ୍ରିସୁର ଅଞ୍ଚଳର ଏକ ହୋଟେଲରେ ସପ୍ଲାଏର ଭାବେ କାମ କରୁଥିବା ରାଜେନ୍ଦ୍ରଙ୍କୁ ପୋଲିସ ଗିରଫ କରିଥିଲା। ଗତ ଜାନୁଆରୀ ୨୦ ତାରିଖରେ ରାଜେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସୋମବାର ହେମନ୍ତ ନାଏକ ନାମକ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ ଭବାନୀପାଟଣା କୋର୍ଟ ଚାଲାଣ କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ କୈବଲ୍ୟ ସେଠ ସୂଚନା ଦେଇଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

**ଖଡ଼ିଆଳ,୨୨।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଚଳାନପଡ଼ା ଗ୍ରାମର ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ବନ କର୍ମଚାରୀ ସୁଖୁରାମ ବାରିକଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ଚାକିରିରୁ ଅବସର ପରେ ସେ ଅଞ୍ଚଳରେ ବିଭିନ୍ନ ସାମାଜିକ କାମରେ ନିୟୋଜିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ପ୍ରହଲ୍ଲାଦ ବାରିକ ମୁଖାଗ୍ନି ଦେଇଥିଲେ।

# ତଳାମପଦରରେ କାଳବୈଶାଖୀର ପ୍ରଭାବ

ଥୁଆମୂଳ ରାମପୁର,୨୨।୪(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳାମପଦର ପଞ୍ଚାୟତର ତଳାମପଦର ଓ ଚୁଲବାଡିରେ କାଳବୈଶାଖିର ପ୍ରଭାବ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ସୋମବାର ସନ୍ଧ୍ୟାରେ ହଠାତ୍ ଜୋର୍‌ରେ ପବନ ବହିବା ସହ ବର୍ଷା ହୋଇଥିଲା। ଏଥିରେ କାଳବୈଶାଖିର ପ୍ରଭାବରେ ତଳାମପଦର ଗ୍ରାମର ଘାସିରାମ ମାଝୀ ଓ ଭକ୍ତରାମ ଜାଲଙ୍କ ଘରର ଆଜବେଷ୍ଟସ୍ ଉଡିଯାଇ ନଷ୍ଟ ହୋଇଛି। ସେହିପରି ଚୁଲବାଡି ଗ୍ରାମର ସରକାରୀ ବିଦ୍ୟାଳୟ ଆଜବେଷ୍ଟ ଟିଣ ପବନରେ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ଗ୍ରାମର କମ୍ୟୁନିଟି ଘର ଉପରେ ଏକ ଗଛ ଭାଙ୍ଗି ପଡିଯିବା ଫଳରେ ଘରର ଆଜବେଷ୍ଟସ୍ ଭାଙ୍ଗି ନଷ୍ଟ ହୋଇଯାଇଛି। ସିଗନିପଡାକୁ ସଂଯୋଗ କରୁଥିବା ଏକ ବିଦ୍ୟୁତ୍ ଖୁଣ୍ଟ ତଳେ ପଡିଯାଇଥିବାରୁ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି। ପ୍ରଶାସନ ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇବାକୁ କ୍ଷତିଗ୍ରସ୍ତ ପରିବାର ସମେତ ଗ୍ରାମବାସୀ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ପ୍ରଦନ ସହ ଅନ୍ୟାନ୍ୟ କ୍ଷୟକ୍ଷତି ସମ୍ପର୍କରେ ଥୁଆମୂଳ ରାମପୁର ବିଡ଼ିଓଙ୍କୁ ଜଣାଇଥିବା ସରପଞ୍ଚ ପ୍ରକାଶ ମାଝୀ କହିଛନ୍ତି।

# ଜମି ଜଙ୍ଗଲମୁକ୍ତି ଆନ୍ଦୋଳନ କମିଟିର ଧାରଣା ଚେତାବନୀ



ଦାବିପତ୍ର ଦେବା ପାଇଁ ଆସିଥିବା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

ନୂଆପଡ଼ା,୨୨।୪ (ମକାରୁ ବେମାଲ)

ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ଆଇନ ୨୦୧୨ କାର୍ଯ୍ୟକାରିତାରେ ପ୍ରଶାସନର ଅହେତୁକ ବିଳମ୍ବ ସାଙ୍ଗକୁ ପଟ୍ଟା ପ୍ରଦାନରେ ସ୍ୱଚ୍ଛତା ରହୁ ନ ଥିବା ଅଭିଯୋଗକରି ନୂଆପଡ଼ା ଜିଲା ଜମି ଜଙ୍ଗଲମୁକ୍ତି ଆନ୍ଦୋଳନ କମିଟି ଜିଲାପାଳ ମଧୁସୂଦନ ଦାଶଙ୍କ ଅଭିଯୋଗ ଶୁଣାଣି ଶିବିରରେ ଫେରାଦ ହୋଇଛି। କମିଟିର ଜିଲା ଆବାହକ ମେଘନାଦ ଖର୍ସେଲଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରକାଶ ଯେ, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ପୁରୁଷାନୁକ୍ରମେ ଜଙ୍ଗଲ ଜମି ଦଖଲକରି ଚାଷବାସକରି ପରିବାର ପ୍ରତିପୋଷଣ କରିବା ସହ ଜଙ୍ଗଲ ସୁରକ୍ଷା କରିଆସୁଛନ୍ତି। ଏମାନଙ୍କୁ ଏହି ଜମିର ଅଧିକାର ପ୍ରଦାନ ପାଇଁ ରାଜ୍ୟରେ ମୋ ଜଙ୍ଗଲ ଜମି ଯୋଜନା ଆରମ୍ଭ କରାଯାଇଥିଲେ ସୁଦ୍ଧା ଏହାର କାର୍ଯ୍ୟକାରିତାରେ ବିଳମ୍ବ ହେଉଥିବା କାରଣରୁ ବ୍ୟକ୍ତିଗତ ପଟ୍ଟା ପ୍ରଦାନ ସାଙ୍ଗକୁ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନରେ ବିଳମ୍ବ ହେଉଥିବା ନେଇ କମିଟି ଅସନ୍ତୋଷ ପ୍ରକାଶ କରିଛି। ଏହାକୁ ନେଇ ଗତ ଅକ୍ଟୋବର ୨୦୨୪ରେ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେତେବେଳେ ନୂଆପଡ଼ା ଜିଲାପାଳ, ବନଖଣ୍ଡ ଅଧିକାରୀ, ଉପଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ କମିଟି ସହ ଆଲୋଚନା କରି ୨ମାସ ମଧ୍ୟରେ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜକୁ ୬ ମାସ ବିତିଯାଇଥିଲେ ସୁଦ୍ଧା ପଦକ୍ଷେପ ନିଆଯାଇନାହିଁ ବୋଲି କମିଟି ପ୍ରକାଶ କରିଛି। ଗୋଟିଏ ମାସ ମଧ୍ୟରେ କାର୍ଯ୍ୟକାରୀ ନ ହେଲେ ଆସନ୍ତା ମାସ ଜିଲାପାଳ ଅଭିଯୋଗ ଶୁଣାଣି ଶିବିରସ୍ଥଳରେ ଧାରଣା ଦିଆଯିବ ବୋଲି କମିଟି ପ୍ରକାଶ କରିଛି। ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରାଂଶୁ କୁମାର ନାଏକ, ଚୈତନ୍ୟ ମାଝି, ବାବାଜୀ ମାଝି, ଲକ୍ଷ୍ମଣ ମାଝି, ମନୋହର ମାଝି, ଉମାକାନ୍ତ ନାଗ, ରୁଦ୍ର ସିଂ ମାଝି ସମେତ ଜଙ୍ଗଲ ଜମି ହିତାଧିକାରୀ ସାମିଲ ରହିଥଲେ।

# କଳାହାଣ୍ଡିର ଗାଳ୍ପିକା କଳ୍ପନା ରଥ ସମ୍ମାନିତ



ଗାଳ୍ପିକା କଳ୍ପନା ରଥଙ୍କୁ ସମ୍ମାନିତ କରାଯାଉଛି।

ଭବାନୀପାଟଣା,୨୨।୪(ଉତ୍ତମ କୁମାର ଦାଶ)

ଓଡ଼ିଶା ଲେଖିକା ସଂସଦର ୩୦ତମ ବାର୍ଷିକ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଶକୁନ୍ତଳା ବଳିୟାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ମୁଖ୍ୟ ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ସମ୍ମାନିତ ଅତିଥି ବିଶିଷ୍ଟ କବି ଓ ଲେଖିକା ସଂଯୁକ୍ତା ନାଏକ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲାର ୩୦ ଜଣ ଲେଖିକାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲା ଲେଖିକା ସଂଘ ସମ୍ପାଦିକା ତଥା ଗାଳ୍ପିକା କଳ୍ପନା ରଥଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହାକୁ ନେଇ କଳାହାଣ୍ଡି ଲେଖିକା ସଂଘର ସଭାପତି ସୁଦେଷ୍ଣା ପଣ୍ଡା ଓ ଅନୁଷ୍ଠାନର ସଭ୍ୟାମାନେ ଗାଳ୍ପିକା ରଥଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଜିଲା ସମ୍ମିଳନୀ

ଖଡ଼ିଆଳ,୨୨।୪ (ସୁଜିତ କୁମାର ପ୍ରଧାନ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ନୂଆପଡ଼ା ଶାଖାର ଜିଲା ସମ୍ମିଳନୀ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କ୍ଷୀରୋଦ ନିବାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସଙ୍ଗୀତଜ୍ଞ ନନ୍ଦଲାଲ ବାରିକ ମୁଖ୍ୟ ଅତିଥି ଓ ପଶ୍ଚିମ ସଂଭାଗ ସମ୍ପାଦକ ଚନ୍ଦ୍ରଶେଖର ଚନ୍ଦ୍ରକାର, ପରିଚର୍ଚ୍ଚା ବିଭାଗ ମୋ ଗାଁ ରାଜ୍ୟ ସଂଯୋଜକ ଡ. ପଦ୍ମଲୋଚନ ବର୍ମା, ଖଡ଼ିଆଳ ବ୍ଲକ୍ ସଭାପତି ଶିଶିର ବିଷୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ଗୁପ୍ତେଶ୍ୱର ପଟେଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଜିଲା ସମ୍ପାଦକ ରବିରଞ୍ଜନ ପ୍ରଧାନ ବିବରଣୀ ଉପସ୍ଥାପନ କରିଥିଲେ। ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ଉପସଭାପତି ବିଘ୍ନରାଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ତରୁଣ କୁମାର ପ୍ରଧାନ, ଅଶୋକ କୁମାର ବେହେରା, ମନୋରମା ରଥ, ଉପେନ୍ଦ୍ର କୁମାର ପାଣିଗ୍ରାହୀ, ମିନତି ଠାକୁର, ପ୍ରହଲ୍ଲାଦ ବେହେରା, ଅବନୀ ଖମାରୀ, ବିଭୂତି ଭୂଷଣ ପାଣିଗ୍ରାହୀ, ଅମରେଶ ପ୍ରଧାନୀ, ପୀତାମ୍ବର ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଭାପତି ବୋଡେନ ଓ ଖଡ଼ିଆଳ ବ୍ଲକ୍ କାର୍ଯ୍ୟକାରିଣୀ କମିଟି ସଦସ୍ୟଙ୍କ ନାମ ଘୋଷଣା କରିଥିଲେ।



ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

# ମଦ କୋଠି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ

**ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ଧର୍ମଗଡ଼, ୨୨।୪ (ଆକାଶ କୁମାର ଜଗତ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମିଚାଗାଁ (ନୂଆପଡା)ରେ ମଦ କୋଠି ବନ୍ଦ କରିବାକୁ ଅଣ୍ଟା ଭିଡିଛନ୍ତି ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗ୍ରାମବାସୀ। ଏହାକୁ ନେଇ ସୋମବାର ଗ୍ରାମର ଏସ୍‌ଏଚ୍‌ଜି ମହିଳା ଓ ଗ୍ରାମବାସୀ ଧର୍ମଗଡ଼ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, ଏହି ଗାଁରେ କିଛି ଅସାଧୁ ବ୍ୟକ୍ତି ବେଆଇନ ମଦ କୋଠି ଖୋଲି ଅବାଧ ଦେଶୀ ମଦ ବିକ୍ରି କରୁଛନ୍ତି। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବନ୍ଧାଗାଁ ଦେଶୀଭାଟି ମ୍ୟାନେଜରଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଗାଁର ସର୍ବ ସାଧାରଣ ଜାଗା, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ମଦ କୋଠି ଖୋଲି ବିକ୍ରି କରାଯାଉଥିବାରୁ ଗାଁରେ ନାନା ଅପ୍ରୀତିକର ଘଟଣା ଘଟୁଛି। ଏହା ଉପରେ ଉପଜିଲାପାଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗାଁରେ ମଦ କାରବାର ବନ୍ଦ କରିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଶତାଧିକ ପୁରୁଷ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଯାଜ୍ଞସିନୀ ପ୍ରଧାନ, ଗୀତାଞ୍ଜଳି ମାଝୀ, ସନ୍ତୋସି ପ୍ରଧାନୀ, ପ୍ରମିଳା ପ୍ରଧାନୀ, ଦିବ୍ୟଲତା ପ୍ରଧାନୀ, ବିନୋଦିନି ମାଝୀ, ଜହ୍ନବୀ ମାଝୀ, ସପୁର ମାଝୀ, କାନ୍ତ ପ୍ରଧାନୀ, ଦୀପାଳିପ୍ରଧାନୀ, ସେବତୀ ଦୀପ, ସୁରଭି ଦୁର୍ଗା ସମେତ ଗ୍ରାମବାସୀ ମଦନ ମାଝୀ, ପ୍ରେମ ଲାଲ ମାଝୀ, ଜ୍ୟୋତିରଞ୍ଜନ ପ୍ରଧାନୀ, ବୃଷଭ ନାଏକ, କେତନ ହଂସ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଉପଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଏସ୍‌ଏଚ୍‌ଜି ମହିଳା ଓ ଗ୍ରାମବାସୀ।

# ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କର

## ଜିଲା ବିକାଶ ସମନ୍ୱୟ ଓ ତଦାରଖ କମିଟି ବୈଠକରେ ନିର୍ଦ୍ଦେଶ

ବରଗଡ,୨୨।୪(ପ୍ରେମାନନ୍ଦ ଖମାରୀ)



ଜିଲା ବିକାଶ ସମନ୍ୱୟ ଓ ତଦାରଖ କମିଟି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, ଅଧିକାରୀବୃନ୍ଦ।

ବରଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲା ବିକାଶ ସମନ୍ୱୟ ଏବଂ ମନିଟରିଂ କମିଟି ଦିଶାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଲୋକସଭା ଏମପି ପ୍ରଦୀପ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରଥମ ସମ୍ପାନରେ ଏମ୍‌ପି ପୁରୋହିତ ପ୍ରଥମ ବୈଠକରେ ଆଲୋଚ୍ୟ ବିଷୟ ଅନୁଯାୟୀ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୋହେଲାଠାରୁ ସୋନପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ ପାଇଁ ଦୁଇ ହଜାର କୋଟି ଟଙ୍କାର ଅନୁଦାନ ଦେଇଥିବରୁ ଦିଶା କମିଟିର ସମସ୍ତ ସଦସ୍ୟ ତଥା ଜିଲାବାସୀଙ୍କ ତରଫରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରୀୟ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଏବଂ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ସେ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକର ଦ୍ୱିତୀୟ ସମ୍ପାନରେ ପୁରୋହିତ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବିଷୟରେ ପଚାରି ବୁଝି ରାଜ୍ୟ ସରକାରଙ୍କୁ ଅତିରିକ୍ତ ୨୦୦୦ ନଳକୂପ ଖନନ ପାଇଁ ପ୍ରସ୍ତାବ ଦେବା ସହିତ ଜିଲାର ସମସ୍ତ ଗ୍ରାମରେ ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପୁରୋହିତ ନିର୍ଦ୍ଦେଶ ଦେଇଥିଲେ। ରାଶନ କାର୍ଡ ବଣ୍ଟନ ନିମନ୍ତେ ପଞ୍ଜୀକରଣ ବ୍ୟବସ୍ଥା ଓ ଉଜ୍ଜଳା ଗ୍ୟାସ ବିତରଣର ସ୍ଥିତି ସମୀକ୍ଷା କରି କୃଷି ଏବଂ କୃଷକ ସଶକ୍ତିକରଣ ନିମିତ୍ତ ଉପଲବ୍ଧ ବିଭିନ୍ନ ଯୋଜନା ତଥା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାୟୀ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିତରଣ, ଉଦ୍ୟାନ, କୃଷି ଏଂ ମତ୍ସ୍ୟ ବିଭାଗର ସମସ୍ତ ଯୋଜନାର ପ୍ରଗତି, ଜଳସେଚନ ବ୍ୟବସ୍ଥାର ସୁଦୃଢ଼ିକରଣ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ମହିଳା ଓ ଶିଶୁ ବିକାଶ ବିଭାଗର ବେଟି ବଚାଓ ବେଟି ପଢାଓ, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ଶ୍ରମ ନିଯୁକ୍ତି ନିମିତ୍ତ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଦିନ ଦୟାଲ ଅନ୍ତୋଦୟ ଯୋଜନା, ସହ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଏଂ ସାମାଜିକ କଲ୍ୟାଣ ଓ ଭିତ୍ତିଭୂମିର ଉନ୍ନତି ନିମନ୍ତେ ଥିବା ଭିଭିନ୍ନ ଫ୍ଲାଗ୍‌ସିପ ପ୍ରୋଗ୍ରାମ, ଶକ୍ତି ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି ନିମନ୍ତେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ବର୍ତ୍ତମାନର ସ୍ଥିତି ଏବଂ ପ୍ରଗତି ବିଷୟରେ ଆଲୋଚନା କରି ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଙ୍ଗଲ, ଉଦ୍ୟାନ, ପୂର୍ତ୍ତ, ରାଜସ୍ୱ, ପାନୀୟ ଜଳ ଯୋଗାଣ, ଏବଂ ଜଳ ସେଚନ ଭଳି ସମସ୍ତ ବିଭାଗର ଅଟକି ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକୁ ଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ବିଭାଗ ତଥା ବିଭାଗୀୟ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାର ସମସ୍ତ ବ୍ଲକ ଚେୟାରମେନ ଏବଂ ପୌରାଧ୍ୟକ୍ଷା, ପୌରାଧ୍ୟକ୍ଷଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଏବଂ ବିଜେପୁର ବିଧାୟକଙ୍କ ପ୍ରତିନିଧି ସୁରେଶ୍ୱର ଶତପଥିଙ୍କ ସମେତ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିବା ସହିତ ଦୃଢ ପରିଶ୍ରମ କରି ଲୋକଙ୍କୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

ପଦ୍ମପୁର,୨୨।୪(ପ୍ରଦୀପ୍ତ ଦାଶ): ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ୧୦ ଦିବସୀୟ ମହିଳା ଆତ୍ମରକ୍ଷା ଶିକ୍ଷଣ କାର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନାରଣୀ ନାଥଙ୍କ ସଭାପତିତ୍ୱରେ ଗତ ୨ ତାରିଖରେ ଆନୁଷ୍ଠାନିକ ଭାବରେ ଶିବିରଟି ଉଦ୍‌ଘାଟିତ ହୋଇଥିଲା। ଯୁକ୍ତ୩ ପ୍ରଥମ ବର୍ଷର ୧୯୦ଜଣ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ଚନ୍ଦ୍ରିକା ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ମାଷ୍ଟର ଟ୍ରେନର ସୁଶ୍ରୀ ଦୀପାଞ୍ଜଳି ଦୀପ ଓ ନମ୍ରତା ତାଣ୍ଡି ଏହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇନେଇଥିଲେ। ୧୯୦ ଛାତ୍ରୀଙ୍କୁ ଆଖିଆଗରେ ରଖି ସମସ୍ତ ଛାତ୍ରୀଙ୍କୁ ଚାରିଭାଗରେ ବିଭକ୍ତ କରାଯାଇଥିଲା । ପରୀକ୍ଷା ଓ ଛୁଟିଦିନକୁ ବାଦ୍ ଦେଇ ଦୀର୍ଘ ୧୦ ଦିନ ହେଲା ଏହି କାର୍ଯ୍ୟକ୍ରମଟି ଚାଲିଥିଲା। ଉଦ୍‌ଯାପନା ଦିବସରେ ସଭାପତି ନାଥ ନାରୀଶକ୍ତି ସାମର୍ଥ୍ୟ ଓ ଆତ୍ମରକ୍ଷା ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପୋଖରୀରୁ ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ, ହତ୍ୟା ସନ୍ଦେହ

ନୂଆପଡ଼ା/କୋମନା,୨୨।୪ (ମକାରୁ ବେମାଲ/ସୋବିନ ଛତ୍ରିଆ): ନୂଆପଡ଼ା ଜିଲା କୋମନା ଥାନା ଟିକ୍ରାପଡ଼ା ଗାଁ ବଡ଼ବନ୍ଧ ପୋଖରୀରୁ ମଙ୍ଗଳବାର ପୋଲିସ ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ କରିଛି। ମୃତ ବୃଦ୍ଧା ହେଲେ ଟିକ୍ରାପଡ଼ା ଗାଁ ପହରିଆ ପଡ଼ାର ହୀରାଦେଈ ପହରିଆ (୭୦)। ସୂଚନା ଅନୁଯାୟୀ ମଙ୍ଗଳବାର ଗାଁ ପୋଖରୀରେ ଗାଧୋଉଥିବା ସମୟରେ କେତେଜଣ ବ୍ୟକ୍ତି ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। କୋମନା ଥାନା ଆଇଆଇସି ସୁମନ୍ତ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କ ଗୋଡ଼ ହାତକୁ ଲୁଗାରେ ବନ୍ଧା ଯାଇଥିବା ଏବଂ ଓଜନିଆ ପଥର ବେକରେ ଝୁଲାଯାଇଥିବା ଅବସ୍ଥାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମହିଳା ଜଣକ ଟିକ୍ରାପଡ଼ା ପହରିଆପଡ଼ାରେ ରହୁଥିବା ବେଳେ ତାଙ୍କ ସ୍ୱାମୀଙ୍କ ବହୁବର୍ଷ ପୂର୍ବରୁ ମୃତ୍ୟୁ ହୋଇସାରିଛି। ତାଙ୍କର ଏକମାତ୍ର ଝିଅ ବୋଡ଼େନ ବ୍ଲକ୍‌ର ଏକ ଗାଁରେ ବିବାହ କରିଛନ୍ତି। ସେ ଏକୁଟିଆ ଘରେ ରହୁଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନ୍‌ଭିନ୍ କରୁଥିବା ବେଳେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଭୋଇପାଲିରେ ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମକର୍ତ୍ତା।

ଅତାବିରା,୨୨।୪(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଭୋଇପାଲିଠାରେ ରବିବାର ବିଳମ୍ବିତ ରାତ୍ରିରେ ୨୪ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଏଥିପାଇଁ ଗ୍ରାମର ମହିଳାମାନେ ନିକଟସ୍ଥ ଖାଉଁଜୋରରୁ ମାନସିକ ପୂର୍ଣ୍ଣ କଳସ ଗୁରୁବାର ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ଗାଁ ଗୌନ୍ତିଆଙ୍କ ଘରୁ ଭଗବାନଙ୍କୁ ଯଜ୍ଞ ମଣ୍ଡପରେ ସ୍ଥାପିତ କରି ପୂଜା ଅର୍ଚ୍ଚନା କରାଯାଇଥିଲା । ସନ୍ଧ୍ୟା ୫ ଟା ୩୫ରେ ନାମାରମ୍ଭ ହୋଇ ନାମ କୀର୍ତ୍ତନ ଆରମ୍ଭ ହୋଇ ରବିବାର ଠିକ ଏହି ସମୟରେ ଯଜ୍ଞ ପୂର୍ଣ୍ଣାହୁତୀ ପରେ ନାମ ଛାଡି ଦଧିଭାଣ୍ଡ ଭଞ୍ଜନ ପରେ ବୈଠକି ଏ.କଟାପାଲି ଓ ଖରମୁଣ୍ଡା ଭଜନ କୀର୍ତ୍ତନ କରିଥିଲେ। ଏହା ରବିବାର ବିଳମ୍ବିତ ରାତ୍ରି ୨ଟା ଯାଏ ପ୍ରବଳ ଜନ ସମାଗମରେ ବୈଠକି କୀର୍ତ୍ତନ ଚାଲିଥିଲା। ପ୍ରତିଦିନ ନିମନ୍ତ୍ରିତ ହୋଇ ବିଭିନ୍ନ ଗ୍ରାମରୁ ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗ ଦେଇ ନାମ କୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ନନ୍ଦ କିଶୋର ଭୋଇ ଓ ତାଙ୍କ ସ୍ତ୍ରୀ ସସ୍ମିତା ଭୋଇ କର୍ତ୍ତା କର୍ତ୍ତା ଦାୟିତ୍ୱ ବହନ କରିଥିବା ବେଳେ ପଣ୍ଡିତ ବାବୁଲାଲ ତାଣ୍ଡିଆ ଓ ଗୋପାଳ କୃଷ୍ଣ ଶତପଥୀ ପୌରହିତ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ଣ୍ଣାହୁତୀ ଦିନ ଖରମୁଣ୍ଡା ଗ୍ରାମର ଅମିତ ଭୋଇ ଓ ସମ୍ବଲପୁର ଏ. କଟାପାଲି ଗ୍ରାମର ଭବାନୀ ଶଙ୍କର ବଢ଼ାଇ ଗାହାକଙ୍କ ନେତୃତ୍ୱରେ ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗ ଦେଇ ଭଜନ କୀର୍ତ୍ତନ କରିଥିଲେ।

## ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ବରଗଡ଼ ଜିଲା ଗସ୍ତ

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)



ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ସୋହେଲା ବ୍ଲକ ଗର୍ଭଣା ସେବାଶ୍ରମ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ ଏବଂ ଅକ୍ଷୟ କୁମାର ବେହେରା ତିନି ଦିନିଆ ବରଗଡ଼ ଜିଲା ଗସ୍ତରେ ଆସିଛନ୍ତି। ମଙ୍ଗଳବାର ସୋହେଲା ବ୍ଲକ ଅନ୍ତର୍ଗତ କେନ୍ଦମଣ୍ଡି ଓ ଗର୍ଭଣା ଗ୍ରାମାଞ୍ଚଳର ଅଙ୍ଗନୱାଡି କେନ୍ଦ୍ର, ଗର୍ଭଣା ସେବାଶ୍ରମ, ଚିଚିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କିଚେନ ଗାର୍ଡେନ ଏବଂ ଚିଚିଣ୍ଡା ସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅପ୍ରତ୍ୟାଶିତ ଭାବରେ ପରିଦର୍ଶନ କରିଥିଲେ। ପିଲାମାନଙ୍କୁ ବଣ୍ଟନ କରାଯାଉଥିବା ମଧ୍ୟାହ୍ନ ଭୋଜନ ଏବଂ ଛତୁଆର ଗୁଣାତ୍ମକ ମାନ ଯାଞ୍ଚ କରିବା ସହ ସଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ବିଦ୍ୟାଳୟ ପରିସରରେ ପିଲାମାନଙ୍କ ଗୁଣାତ୍ମକ ଦକ୍ଷତା ବିକାଶ ନିମନ୍ତେ ପନିପରିବା ଚାଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଦସ୍ୟଙ୍କ ଗସ୍ତ ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରିସ୍ମା ଭେସ୍ରା, ଭାରପ୍ରାପ୍ତ ସିଡିପିଓ ଏବଂ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସାମେତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କାର୍ମଚାରୀ ଉପସ୍ଥିତ ଥିଲେ।

## ମାରୱାଡି ଯୁବାମଞ୍ଚର ଶପଥ ଗ୍ରହଣ ସମାରୋହ



ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ନୂତନ କର୍ମକର୍ତ୍ତା।

ପଦ୍ମପୁର,୨୨।୪ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ମାରୱାଡି ଧର୍ମଶାଳାଠାରେ ମାରୱାଡି ଯୁବାମଞ୍ଚର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ମାରୱାଡି ସମାଜର ସଭାପତି ଅମରଦୀପ ଅଗ୍ରୱାଲ ଓ ସମ୍ମାନିତ ଅତିଥି ଭାବରେ ମାରୱାଡି ସମାଜର ସମ୍ପାଦକ ବଜରଙ୍ଗ ଗର୍ଗ, ମହିଳା ସମିତି ସଭାପତି କ୍ରିଷ୍ଣା ଦେବୀ ଅଗ୍ରୱାଲ ଓ ସମ୍ପାଦିକା ଏନୀ ଅଗ୍ରୱାଲ ଯୋଗଦେଇଥିଲେ। ଅତିଥିମାନେ ନୂତନ ଭାବରେ ନିର୍ବାଚିତ ହୋଇଥିବା ଯୁବାମଞ୍ଚର ନୂତନ ଟିମ୍‌କୁ ଉତ୍ସାହିତ କରିଥିଲେ। ନୂତନ ଭାବେ ନିର୍ବାଚିତ ମାରୱାଡି ଯୁବାମଞ୍ଚର ସଭାପତି ନୀତିନ ଅଗ୍ରୱାଲ, ଉପ ସଭାପତି ପ୍ରଭାତ ଅଗ୍ରୱାଲ, ସମ୍ପାଦକ ଆଶିଷ ଅଗ୍ରୱାଲ, ସହ ସମ୍ପାଦକ ଅତୁଲ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ ଓ କୋଷାଧ୍ୟକ୍ଷ ଅମିତ କୁମାର ଗର୍ଗ ଓ ଅନ୍ୟ ବିଭାଗର ସଦସ୍ୟମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ୪୫ ବର୍ଷରୁ ଅଧିକ ଥିବା ଯୁବା ମଞ୍ଚର ପୂର୍ବତନ ସଦସ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସହ, ୧୮ ବର୍ଷର ଅଧିକ ଥିବା ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭଜନ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଆଶିଷ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାରୱାଡି ସମାଜ, ମହିଳା ସମିତି ଓ ଯୁବାମଞ୍ଚର ସମସ୍ତ ସଦସ୍ୟସଦସ୍ୟା ଯୋଗଦାନ କରିଥିଲେ।

## ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବୈଠକ



ମହାସଂଘ ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ଭେଡେନ ବ୍ଲକ ସଂଘର ଏକ ବୈଠକ ଅରେଇଗୁଡି ଗ୍ରାମପଞ୍ଚାୟତ ସାହ୍ଲେପାଲିରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭେଡେନ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ଆଦିବାସୀ ପ୍ରତିନିଧି ଯୋଗ ଦେଇଥିଲେ। ସମସ୍ତ ଆଦିବାସୀଙ୍କୁ ଏକତ୍ରିତ କରି ପ୍ରତ୍ୟେକ ଗାଁରେ କମିଟି ଗଠନ, ପଞ୍ଚାୟତ କମିଟି ମଜଭୁତ କରିବା ଏବଂ ଆଦିବାସୀମାନଙ୍କ ହକ୍, ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଥିଲା। ସରକାରଙ୍କ ଯୋଜନା ଗରିବ ଆଦିବାସୀ ଏବଂ ଅନ୍ୟ ବର୍ଗର ଗରିବ ଲୋକମାନଙ୍କ ପାଖକୁ କିଭଳି ପହଞ୍ଚିପାରିବ ସେଥିପାଇଁ ଆଲୋଚନା ହୋଇଥିଲା। ବୈଠକରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଭେଡେନ ବ୍ଲକ ସଭାନେତ୍ରୀ ପ୍ରେମଶୀଳା ବରିହା, ସମ୍ପାଦକ ପ୍ରମୋଦ କୁମାର ବାରିକ, ସଦାନନ୍ଦ ବରିହା, ମଗସିର ଭୁଏ, ସାହ୍ଲେପାଲି ଗ୍ରାମର ଶ୍ରୀକାନ୍ତ ବରିହା, ରସିକ ଭୁଏ ଏବଂ ଅରେଇଗୁଡ଼ି ଗ୍ରାମପଞ୍ଚାୟତର ଆଦିବାସୀ ମହିଳାପୁରୁଷ ଯୋଗଦାନ କରିଥିଲେ।

## ଦାଦନ ଶ୍ରମିକଙ୍କ ପୁତ୍ରଙ୍କୁ ସହାୟତା କଲେ ସ୍କୁଲ କର୍ତ୍ତୃପକ୍ଷ

### ବିନା ପାଉଣାରେ ଟିସି ପ୍ରଦାନ

ପାଇକମାଳ,୨୨।୪(ବଢ଼ ଶତପଥୀ)

ପାଇକମାଳ ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ରତୁରାଜ ବାଗ ଅଷ୍ଟମ ଶ୍ରେଣୀରେ ସ୍ଥାନୀୟ ଶ୍ରୀଅରବିନ୍ଦ ଘରୋଇ ବିଦ୍ୟାଳୟରରେ ପାଠ ପଢୁଥିଲେ। ସେ ଜଣେ ଶାରୀରିକ ଅକ୍ଷମ। ତାଙ୍କ ବାପା ତାମିଲନାଡୁ କାମ କରି ଯାଇଥିବା ସମୟରେ ଦୁର୍ଘଟଣାରେ ଦୁଇ ଗୋଡ ହରାଇଛନ୍ତି। ରତୁରାଜ ଚଳିତ ବର୍ଷ ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେଣୁ ସେ ପଢୁଥିବା ଅରବିନ୍ଦ ସ୍କୁଲରୁ ସାର୍ଟିଫିକେଟ ଆଣିଲେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇ ପାରିବେ। କିନ୍ତୁ ଅରବିନ୍ଦ ବିଦ୍ୟାଳୟରେ ଟିସି ସାର୍ଟିଫିକେଟ ଓ ବକେୟା ଟିଉଶନ ଫି ବାବଦକୁ ପ୍ରାୟ ୧୭ହଜାର ଟଙ୍କା ଦରକାର ପଡୁଥିଲା। ତେଣୁ ପରିବାର ବର୍ଗ ଆମ୍ବେଡକର ଯୋଦ୍ଧାର କୁଶ ତାଣ୍ଡିଙ୍କ ଜରିଆରେ ସୋସିଆଲ ମିଡିଆରେ ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ। ଏ ବିଷୟରେ ପିତାମ୍ବର ବାଗ ସୁଜନ ବାଗଙ୍କୁ ଖବର ଦେଲେ। ଖବର ପାଇବା ପରେ ଆମ୍ବେଡକର ଯୋଦ୍ଧାର ଯୁବ ସଂଗଠକ ଆଇନ ଛାତ୍ର ସୁଜନ ବାଗ ଶ୍ରୀଅରବିନ୍ଦ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ। ଅରବିନ୍ଦ ସ୍କୁଲ କର୍ତ୍ତୃପକ୍ଷ ସୁଜନ ବାଗଙ୍କ କଥା ରଖି ଛାତ୍ର ରତୁରାଜ ବାଗ ଓ ପରିବାର ବର୍ଗଙ୍କୁ ବିଦ୍ୟାଳୟକୁ ଡାକି ଛାତ୍ର ଉଜ୍ଜଳ ଭବିଷ୍ୟତ ପାଇଁ ବିନା ପାଉଣାରେ ଟିସି ଦେଇଛନ୍ତି। ଏଥି ଯୋଗୁ ସୁଜନ ବାଗ ଓ ଅରବିନ୍ଦ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି ଛାତ୍ର ରତୁରାଜ।

## ଥଣ୍ଡା ପାଣି, ଦହିପଣା ବଣ୍ଟନ

ପଦ୍ମପୁର,୨୨।୪ (ପ୍ରଦୀପ୍ତ ଦାଶ)

ଗ୍ରୀଷ୍ମ ପ୍ରବାହ ଯୋଗୁ ଚାରିଆଡ଼େ ଜନଜୀବନ ଅସ୍ତ ବ୍ୟସ୍ତ ହୋଇପଡ଼ିଥିବା ବେଳେ ବରଗଡ଼ ଜିଲାର ପଦ୍ମପୁର ସହର ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଦିନରେ ପ୍ରବଳ ଗରମ ଅନୁଭୂତ ହୋଇଥିବା ଯୋଗୁ ସହରବାସୀ ଘରୁ ବାହାରକୁ ବାହାରିବାକୁ ଭୟ କଲେଣି। ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ଲୋକଙ୍କୁ ଥଣ୍ଡା ପାନୀୟ ଜଳ ଓ ଦହିପଣା ବଣ୍ଟନକରି ପଦ୍ମପୁର ଥାନାର କର୍ମଚାରୀ ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ଥାନା ସମ୍ମୁଖରେ ବାଟୋଇ ଓ ଜନସାଧାରଣଙ୍କୁ ଥଣ୍ଡା ପାନୀୟ ଜଳ ସାଙ୍ଗକୁ ଦହି ପଣା ବଣ୍ଟନ କରାଯାଇଛି। ଏଥିରେ ପଦ୍ମପୁର ଆଇଆଇସି ମମତା ନାଏକ ଓ କର୍ମଚାରୀ ସାମିଲ ହୋଇଛନ୍ତି। ଏହି ସେବା ମନୋବୃତ୍ତିକୁ ସହର ବାସିନ୍ଦାଙ୍କ ପକ୍ଷରୁ ବେଶ୍ ପ୍ରଶଂସା କରାଯାଇଛି।


## ଜିଲାସ୍ତରୀୟ ଟିଏଲ୍‌ଏମ୍ କର୍ମଶାଳା

ନୂଆପଡ଼ା,୨୨।୪ (ମକାରୁ ବେମାଲ): ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ମଙ୍ଗଳବାର ଜିଲା ଶିକ୍ଷା ବିଭାଗ ଓ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଟିଏଲ୍‌ଏମ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର ମୁଖ୍ୟଅତିଥି, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ବିଶିଷ୍ଟ ଶିକ୍ଷାବିତ ଡ. ଶିବ ପ୍ରସାଦ ବେହେରା, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ନରୋତ୍ତମ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଟିଏଲ୍‌ଏମ୍ ମେଳା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ସୃଜନଶୀଳତା ବୃଦ୍ଧି ପାଉଛି। ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଦ୍ୱାରା ପାଠପଢାକୁ ସହଜ କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରା ଯାଇଥିଲା।

## ଅଗ୍ନିବୀର ନିଯୁକ୍ତି ସମ୍ପର୍କିତ କ୍ୟାରିୟର ପରାମର୍ଶ କାର୍ଯ୍ୟକ୍ରମ

ବରଗଡ଼, ୨୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ କଲେଜରେ ଅଧ୍ୟକ୍ଷ ପ୍ରଫେସର ଡା.ନକୁଳ ସେଠଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଭାରତୀୟ ସଶସ୍ତ୍ର ବାହିନୀରେ ଅଗ୍ନିବୀର ନିଯୁକ୍ତି ସମ୍ପର୍କିତ ଏକ କ୍ୟାରିୟର ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡ. ଉମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ବରେଣ୍ୟ ଅତିଥି ଏବଂ କାର୍ଯ୍ୟକ୍ରମ ସଂଯୋଜକ ଭାବରେ ପ୍ରଫେସର ଜନ୍ମେଜୟ ପଧାନ ମଞ୍ଚାସୀନ ଥିଲେ। ଭାରତୀୟ ସଶସ୍ତ୍ର ବାହିନୀ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହେବା ନିମିତ୍ତ ରହିଥିବା ସୁଯୋଗ ଏବଂ ପ୍ରକ୍ରିୟା ବିଷୟରେ ସେମାନେ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ ଏବଂ ସୂଚନା ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ପଦବୀରେ ଯୋଗଦେବା ପାଇଁ ଉଦ୍ଦିଷ୍ଟ ରହିଥିବା ଯୋଗ୍ୟତା ମାନଦଣ୍ଡ, ଚୟନ ପ୍ରକ୍ରିୟା ଏବଂ ଯୋଗଦାନର ଲାଭ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ।




ଅଗ୍ନିବୀର ନିଯୁକ୍ତି ସମ୍ପର୍କିତ କ୍ୟାରିୟର ପରାମର୍ଶ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ପେଟ୍ରୋଲ ପମ୍ପ ବନ୍ଦ କଲା ନାଗରିକ ମଞ୍ଚ

ବରଗଡ଼, ୨୨।୪(ପ୍ରେମାନନ୍ଦ ଖମାରୀ)




ଗାନ୍ଧିଛକ ପେଟ୍ରୋଲ ପମ୍ପରେ ବରଗଡ଼ ନାଗରିକ ମଞ୍ଚର ପ୍ରତିନିଧିବୃନ୍ଦ।

ବରଗଡ଼ ଜିଲାରେ ତାତି ବଢି ଚାଲିଛି। ଏଥିରେ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। କିନ୍ତୁ ଏଭଳି ସ୍ଥିତିରେ ବରଗଡ଼ ସହରର ଗାନ୍ଧିଛକସ୍ଥିତ ପେଟ୍ରୋଲ ପମ୍ପରେ ଛାଉଣୀ ନ ଥିବା ଯୋଗୁ ଅସହ୍ୟ ତାତିରେ ଲୋକେ ଗାଡ଼ିରେ ତେଲ ପକାଇବାକୁ ନେଇ ଅସନ୍ତୋଷ ତେଜି ଉଠିଛି। ବରଗଡ଼ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଉକ୍ତ ପେଟ୍ରୋଲ ପମ୍ପକୁ ପହଞ୍ଚି ଦୃଢ଼ ପ୍ରତିବାଦ କରିଥିଲେ। ଛାଉଣୀ କରା ନ ଯିବା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପ ବନ୍ଦ କରିବାକୁ ଦୃଢ ଦାବି କରିଥିଲେ। ଫଳରେ ପେଟ୍ରୋଲ ପମ୍ପ ବନ୍ଦ ହୋଇ ଯାଇଥିଲା। ଏହା ସହିତ ଛାଉଣୀ ନ ହେବା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପ ବନ୍ଦ ରଖିବାକୁ ନାଗରିକ ମଞ୍ଚ ପ୍ରତିନିଧି ଦଳ ପେଟ୍ରୋଲ ପମ୍ପ ମାଲିକଙ୍କଠାରେ ଦାବି ଉପସ୍ଥାପନ କରିଥିଲେ। ଏହାପରେ ଛାଉଣୀ କାର୍ଯ୍ୟକୁ ପେଟ୍ରୋଲ ପମ୍ପ ମାଲିକ ଆରମ୍ଭ କରିଛନ୍ତି। ପ୍ରତିବାଦ ସମୟରେ ବରଗଡ଼ ନାଗରିକ ମଞ୍ଚର ବୀରେନ୍ଦ୍ର ପ୍ରଧାନ, ଶୟନ ପଣ୍ଡା, ଆଇନଜୀବୀ ଅନୁପ ଶତପଥି, ସୁରଥ ସାହୁ, ନିଖିଳ ପାଣିଗ୍ରାହୀ, ଭବାନୀ ସାହୁ ଉପସ୍ଥିତ ଥିଲେ । ସୂଚନା ଥାଉକି, ଉକ୍ତ ପେଟ୍ରୋଲ ପମ୍ପରେ ଛାଉଣୀ ବ୍ୟବସ୍ଥା ନଥିବା ନେଇ ଗତ ୧୪ତାରିଖ ଧରିତ୍ରୀ ପୋର୍ଟାଲ ପେଜରେ ଏକ ଖବର ପ୍ରକାଶ ପାଇଥିଲା। ସେହିପରି ମଙ୍ଗଳବାର ଧରିତ୍ରୀରେ ମଧ୍ୟ ଅଂଶୁଘାତ ଭୟ: ଅସହ୍ୟ ଗୁଳଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ଶୀର୍ଷକ ପ୍ରକାଶିତ ଖବରରେ ବିନା ଛାଉଣୀର ଉକ୍ତ ପେଟ୍ରୋଲ ପମ୍ପରେ ଟାଣଖରାରେ ଲୋକେ ତେଲ ପକାଉଥିବା ନେଇ ଏକ ଫଟୋ ପ୍ରକାଶ ପାଇଛି। ଗତ ୧୯ତାରିଖ ମଧ୍ୟ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ପେଟ୍ରୋଲ ପମ୍ପକୁ ଯାଇ ଛାଉଣୀ ବ୍ୟବସ୍ଥା ଦାବି କରିଥିଲେ। ଏହାସତ୍ତ୍ୱେ ସେ ଦିଗରେ କିଛି ପଦକ୍ଷେପ ନିଆଯାଇ ନଥିବା ଯୋଗୁ ଦୃଢ ଦାବି ସହିତ ନାଗରିକ ମଞ୍ଚ ପେଟ୍ରୋଲ ପମ୍ପକୁ ବନ୍ଦ କରି ଦେଇଥିଲା।

## ସଂକ୍ଷେପରେ

### ମୃତାହତଙ୍କୁ କ୍ଷତିପୂରଣ ପାଇଁ ଓଏଚ୍ଆର୍‌ସିରେ ମାମଲା

**ରେଲଲାଇନ ନିର୍ମାଣକୁ ବିରୋଧ କରି ବିକ୍ଷୋଭବେଳେ ଅଘଟଣ**

**କଟକ,୨୨।୪(କାର୍ତ୍ତିକ ସାହୁ):** ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ରେଳ ଲାଇନ୍ ନିର୍ମାଣକୁ ବିରୋଧ କରି ବନ୍ଧମୁଣ୍ଡାର ବରକାନିଠାରେ ବିକ୍ଷୋଭ କରୁଥିବାବେଳେ ଜେସିବି ଧକ୍କାରେ ମୃତାହତଙ୍କୁ କ୍ଷତିପୂରଣ ଦାବି କରି ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍ଆର୍‌ସି)ରେ ଏକ ମାମଲା ରୁଜୁ ହୋଇଛି।ମାମଲାର ବିବରଣୀ ଅନୁଯାୟୀ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପାଇଁ ରେଳ ଲାଇନ୍ ନିର୍ମାଣକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନବେଳେ ଏପ୍ରିଲ ୧୯ ତାରିଖରେ ଜେସିବି ଧକ୍କାରେ ଏତୋ ଏକ୍କା ନାମକ ଆଦିବାସୀ ଯୁବକଙ୍କ ମୃତ୍ୟୁ ଓ ୬ ଜଣ ଆହତ ହୋଇଥିଲେ। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ପ୍ରତି ଆହତଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବାକୁ ଓଏଚ୍ଆର୍‌ସିଙ୍କୁ ଆବେଦନରେ ପ୍ରାର୍ଥନା କରାଯାଇଛି।ଆବେଦନକାରୀ ହାଇକୋର୍ଟ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ମାମଲାରେ ମୁଖ୍ୟ ଶାସନ ସଚିବ, ସୁନ୍ଦରଗଡ଼ ଜିଲାପାଳ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ନିର୍ଦ୍ଦେଶକ, ରାଉରକେଲା ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

### ନାବାଳିକାଙ୍କୁ ପ୍ରେମ ପ୍ରତାରଣା, ଯୁବକ କୋର୍ଟଚାଲାଣ

**ଲହୁଣୀପଡା,୨୨।୪(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ସାଧୁବାହାଲ ଗ୍ରାମର ଜଣେ ନାବାଳିକାଙ୍କୁ ପ୍ରେମ ପ୍ରତାରଣା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସାନୁ ମୁଣ୍ଡା(୨୪)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ, ସାଧୁବାହାଲ ଗ୍ରାମର ସାନୁ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ବିବାହ ପାଇଁ ଜିଦ୍ ଧରିବାରୁ ସାନୁ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇଥିଲେ। ଫଳରେ ନାବାଳିକାଙ୍କ ପରିବାର ଲୋକେ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ସାନୁଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କ ଡାକ୍ତରୀ ମାଇନା କରାଇ ମଙ୍ଗଳବାର ଅଭିଯୁକ୍ତଙ୍କୁ ସୁନ୍ଦରଗଡ କୋର୍ଟକୁ ଚାଲାଣ କରିଥିଲା।

### ଜୁଆ ଚଢାଉ, ୨ ଗିରଫ

**କୁଆଁରମୁଣ୍ଡା,୨୨।୪(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ମଙ୍ଗଲାଲ ଦଫେଇ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଟିମ୍ ଅତର୍କିତ ଚଢାଉ କରିଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମଙ୍ଗଲାଲ ଦଫେଇର ସଞ୍ଜୀବ ତନ୍ତୀ ଓ ହଲଦିଆ ଦଫେଇର ଶିବ ମସାନ୍ତ। ସେମାନଙ୍କଠାରୁ ୫ ହଜାର ୮ ଶହ ଟଙ୍କା ସହ ତାସ୍ ପଟି ଜବତ କରାଯାଇଛି। ଚଢ଼ାଉରେ ଏସ୍ଆଇ ବିଜୟ କୁମାର ଦେହୁରୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ସାମିଲ ହୋଇଥିଲେ।



ରାଉରକେଲା ବରକାନିରେ ରେଳଲାଇନ ନିର୍ମାଣକୁ ବିରୋଧ ବେଳେ ଯୁବକଙ୍କ ମୃତ୍ୟୁ ଘଟଣାରେ ଆଦିବାସୀମାନେ ମୃତକଙ୍କ ସମ୍ମାନାର୍ଥେ ମଙ୍ଗଳବାର ଶୋଭାଯାତ୍ରାରେ ବାହାରିଛନ୍ତି।

# ୩ଦିନ ପରେ ହେଲା ମୃତଦେହ ବ୍ୟବଚ୍ଛେଦ

**ରେଳଲାଇନ୍ ନିର୍ମାଣକୁ ବିରୋଧ ଘଟଣା**

- ମୃତକଙ୍କ ପରିବାରକୁ ମିଳିଲା ୧୬ଲକ୍ଷ ଟଙ୍କା
- ଆଦିବାସୀ ମହିଳା ପୁରୁଷଙ୍କ ବିଶାଳ ଶୋଭାଯାତ୍ରା

**ରାଉରକେଲା,୨୨।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବନ୍ଧମୁଣ୍ଡା ବରକାନି ଗାଁରେ ରେଳଲାଇନ ନିର୍ମାଣକୁ ବିରୋଧ ବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୩ଦିନ ପରେ ବୁଧବାର ଅପରାହ୍ନ ୩ଟାରେ ପାନପୋଷରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ମୃତଦେହକୁ ଗାଁକୁ ନିଆଯିବା ବେଳେ ମୃତ ଯୁବକଙ୍କ ସମ୍ମାନାର୍ଥେ ଶହ ଶହ ଆଦିବାସୀ ଶୋଭାଯାତ୍ରା କରିଥିଲେ। ଏହି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନେତୃତ୍ୱରେ ବ୍ୟାପକ ଫୋର୍ସ ମୁତୟନ ରହିଥିଲେ। ଏହାପୂର୍ବରୁ ପୂର୍ବାହ୍ନ ୧୦ଟାରେ ଆଦିବାସୀମାନେ ରାଉରକେଲା ସେକ୍ଟର- ୩ ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରି ଦାବିଗୁଡିକ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷେ ମୃତକଙ୍କ ପତ୍ନୀ ଅଳି ଏକ୍କାଙ୍କୁ ବୁଧବାର ଆର୍‌ଏସ୍‌ପି ପକ୍ଷରୁ ୧୬ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି।



ପାନପୋଷ ଶବ ବ୍ୟବଚ୍ଛେଦ କେନ୍ଦ୍ର ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି।

# ନାଟକ 'ଚିତ୍ର ପ୍ରତିମା' ମଞ୍ଚସ୍ଥ

**ରାଉରକେଲା,୨୨।୪(ବିପ୍ଳବ ରଞ୍ଜନ ଦାଶ)**

**୨୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ**

ରାଉରକେଲା ସ୍ୱସ୍ତି ଝଙ୍କାରର ୨୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ଭୁବନେଶ୍ୱରର ବାଗ୍‌ଦେବୀ ଲିଟରେଚର ଟ୍ରଷ୍ଟ ପକ୍ଷରୁ ନାଟକ 'ଚିତ୍ର ପ୍ରତିମା' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଗୌରହରି ଦାସଙ୍କ ରଚିତ, ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ନାଟକର ବିଷୟବସ୍ତୁ ହେଲା, ମଣିଷ ସବୁବେଳେ ତା'ର ଆଲୋକ ପାର୍ଶ୍ୱକୁ ସବୁଠି ଦେଖାଇଥାଏ। ମାତ୍ର ଅନ୍ଧାର ପାର୍ଶ୍ୱକୁ କାହାକୁ ଦେଖାଏନାହିଁ। କୌଣସି ମଣିଷ ଦୋଷଶୂନ୍ୟ ନୁହେଁ କି ପରିପୂର୍ଣ୍ଣ ନୁହେଁ। ଏହା ସତ୍ତ୍ୱେ ବି ଘର ବାନ୍ଧିବା ପାଇଁ ସମସ୍ତଙ୍କ ପାଖରେ କିଛି ସାଧାରଣ ଗୁଣ ଅଛି। ତାକୁ ନେଇ ସଂସାର ଚଳାଏ। ସବୁ ମଣିଷ ଗୋଟେ ଗୋଟେ ଚିତ୍ର ପ୍ରତିମା। ଯେମିତି ଦଶହରାର ଦୁର୍ଗା ମେଢ। ଉପରକୁ ଦେଖିଲେ ସୁନେଲି ଜରିମଡା ଶାଢ଼ି, ରଙ୍ଗମଖା ଉଜ୍ଜ୍ୱଳ ଚେହେରା। ପଛପଟୁ କିନ୍ତୁ କାଦୁଅ ନଡାର ସୁତୁଲି ବନ୍ଧା ଛାଞ୍ଚ। ଚିତ୍ର ପ୍ରତିମା ପରି ଦିଶୁଥିବା ମଣିଷ ବି ସେମିତି। ଉପରକୁ ଖୁବ୍ ସୁନ୍ଦର କିନ୍ତୁ ଭିତରଟା ଚିରି ଦେଲେ ନାରଖାର। ଏଭଳି କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ ଚିତ୍ର ପ୍ରତିମା। ସଙ୍ଗୀତରେ ଶକ୍ତି ପ୍ରସାଦ ମିଶ୍ର, କଣ୍ଠଦାନରେ ମମତା ତ୍ରିପାଠୀ ଓ ରାଜେଶ ମହାନ୍ତି, ଆଲୋକରେ ବିକାଶ ପ୍ରଧାନ, ପ୍ରଚ୍ଛଦପଟ ସଙ୍ଗୀତରେ ବିଶ୍ୱସ୍ୱରୂପ ମହାପାତ୍ର, ଚିତ୍ରଶିଳ୍ପୀରେ ଇଞ୍ଜିନିୟର ସୌମ୍ୟଶାଳିନୀ କର, ମଞ୍ଚ ପରିଚାଳନାରେ ସୂର୍ଯ୍ୟ ନାରାୟଣ ପ୍ରଧାନ,ରୂପ ସଜ୍ଜା ରେ ମାମା ଚିତ୍ରାଳୟ, ମଞ୍ଚସଜ୍ଜାରେ ତ୍ରିମୂର୍ତ୍ତି ଆର୍ଟସ ଓ ସହଯୋଗୀ ନିର୍ଦ୍ଦେଶନାରେ ସ୍ୱସ୍ତିକ ଦାଶ ରହିଥିଲେ। ସେହିପରି ମମତା ତ୍ରିପାଠୀ, ସରିତା ପ୍ରଧାନ, ପବିତ୍ର ମହାନ୍ତି, ରାଜେଶ ମହାନ୍ତି ପ୍ରମୁଖ ଅଭିନୟ କରିଥିଲେ। ନିରୁପମା ପତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଭିନେତା ତଥା ନିର୍ଦ୍ଦେଶକ ପ୍ରସନ୍ନ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲା ବେଳେ ଶର୍ମିଷ୍ଠା କବି ଶତପଥୀ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ଭାବେ ଗୋକର୍ଣ୍ଣିକା ପତ୍ରିକାର ସମ୍ପାଦକ ରମାକାନ୍ତ ଜେନା ଯୋଗ ଦେଇଥିଲେ। ବିଜୟଲକ୍ଷ୍ମୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ରାଜୀବ ପାଣି, ଇଂ. ଗୋପୀନାଥ ପଟ୍ଟନାୟକ, କଲ୍ୟାଣୀ ଦାସ, ଅଶୋକ ପଟ୍ଟନାୟକ, ଡ ସୁମନ ଦତ୍ତ, ବିଜୟ କୁମାର ପାତ୍ର, ଆଲୋକ ବୋଷ, ସରୋଜକାନ୍ତ ଜେନା, ଅଙ୍ଗୁରବାଳା ପରିଡ଼ା, ସରୋଜ ଶଙ୍ଖୁଆ, ପ୍ରଳୟ ଶତପଥୀ, ରାଜ କୁମାର ମହାନ୍ତି, ପ୍ରଫୁଲ୍ଲ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ପରିବେଷିତ ନାଟକର ଦୃଶ୍ୟ।

# ସର୍ବହରା ବିପ୍ଳବ ପାଇଁ ଲେନିନଙ୍କ ଅବଦାନ ଅବିସ୍ମରଣୀୟ

**ରାଉରକେଲା,୨୨।୪(ଦିନେଶ ମିଶ୍ର)**

ବିଶ୍ୱ ସର୍ବହରା ଶ୍ରେଣୀର ମହାନାୟକ, ଋଷ ବିପ୍ଳବର ରୂପକାର, ମହାନ୍ ବିପ୍ଳବୀ ଭି. ଆଇ. ଲେନିନ୍‌ଙ୍କ ୧୫୬ତମ ଜୟନ୍ତୀ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଶକ୍ତିନଗର ଜିଲା ପାର୍ଟି ଅଫିସରେ ମଙ୍ଗଳବାର ପାଳିତ ହୋଇଯାଇଛି। ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିପିଆଇଏମ୍ ସୁନ୍ଦରଗଡ଼ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲା କମିଟି ସଦସ୍ୟ ବି. ପି. ମହାପାତ୍ର, ତାଜମୁନ ନେହାର ପ୍ରମୁଖ ଯୋଗଦେଇ ଲେନିନଙ୍କ ସ୍ମୃତିଚାରଣ କରିଥିଲେ। ଲେନିନ ଋଷରେ ମାର୍କ୍ସବାଦକୁ ଠିକ୍ ଭାବେ କାର୍ଯ୍ୟକାରୀ କରିଥିଲେ। ମାର୍କ୍ସବାଦର ଜଣେ ମହାନ୍ ତତ୍ତ୍ୱବିତ୍ ଭାବେ ବିଶ୍ୱରେ ସର୍ବହରା ବିପ୍ଳବ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ଭାଗିରଥି ଟୁଡୁ, ଆଞ୍ଚଳିକ କମିଟି ସଦସ୍ୟ ଏନ୍. ଏନ୍. ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ଦିବାକର ମହାରଣା, ଅନାଦି ସାହୁ, ଜି. କେ. ନାୟକ, ପ୍ରମୋଦ ପରିଡ଼ା, ଉମାକାନ୍ତ ରାୟ, ଅଜିତ ରାୟ, ଜନ୍ମେଜୟ ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜୟନ୍ତୀ ସଭାରେ ମଞ୍ଚାସୀନ ଦଳୀୟ କାର୍ଯ୍ୟକର୍ତ୍ତା।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ଜିଆଖତ ଚାଷ

**ରାଉରକେଲା,୨୨।୪(ବିପ୍ଳବ ରଞ୍ଜନ ଦାଶ)**

ଚାଷରେ ଅତ୍ୟଧିକ ରାସାୟନିକ ଖତ ପ୍ରୟୋଗ ଯୋଗୁ ମୃତ୍ତିକାର ଉର୍ବରତା ନଷ୍ଟ ହେବା ସହ ବୃକ୍ଷଲତା ଅଭିବୃଦ୍ଧିରେ ବାଧକ ସାଜୁଛି। ଏହାକୁ ଦୃଷ୍ଟିରେ ରଖି ରାଉରକେଲା ବନାଞ୍ଚଳରେ ରାସାୟନିକ ସାର ପରିବର୍ତ୍ତେ ଜିଆଖତର ବହୁଳ ବ୍ୟବହାର ପାଇଁ ଉଦ୍ୟମ କରାଯାଉଛି। ଏହି ପ୍ରୟାସ ଗରିବ ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିପାରିଛି। ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା, ବୀରମିତ୍ରପୁର, ରାଜଗାଙ୍ଗପୁର, ବିଶ୍ରା, ପାନପୋଷ ଓ ବାଙ୍କି ଆଦି ୬ଟି ଫରେଷ୍ଟ ରେଞ୍ଜ୍‌ରେ ଓଡିଶା ବନାଞ୍ଚଳ ବିକାଶ ପରିଷଦ (ଓଏଫ୍ଏସ୍‌ଡିସି) ଏବଂ ଓଡିଶା ଖଣିଜ ସମ୍ପଦ ବିକାଶ ବିଭାଗ (ଓମ୍ପାଡିସି) ପକ୍ଷରୁ ରୋଜଗାର ସୃଜନ ଯୋଜନା (ଆଇଜିଏ) ମାଧ୍ୟମରେ ଜିଆଖତ ଚାଷ କରାଯାଉଛି। ଉକ୍ତ ୬ ଫରେଷ୍ଟ ରେଞ୍ଜ୍‌ରେ ୮୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜିଆଖତ ଚାଷ କରୁଥିବା ବେଳେ ଏହାଦ୍ୱାରା ୭୧ ବନ ସୁରକ୍ଷା ସମିତିର ପରିବାର ଏବଂ ୫୧ ଗରିବ ପରିବାର ବିଶେଷ ଲାଭବାନ ହେଉଛନ୍ତି। ଜିଆଖତ ଚାଷ ପାଇଁ ୪,୪୫,୩୦୦ଟଙ୍କା ମହିଳା ଗୋଷ୍ଠୀମାନଙ୍କୁ ଋଣ ଆକାରରେ ପ୍ରଦାନ କରାଯାଇଥିବାବେଳେ ୨୦୨୪ ଡିସେମ୍ବର ସୁଦ୍ଧା ୨୮୨ଟନ୍ ଜିଆଖତ ଉତ୍ପାଦନ ହୋଇଥିଲା। ଏ ବବାଦରେ ୮୮ଟି ଏସ୍ଏଚ୍‌ଜି ମହିଳାଙ୍କୁ ବିଭାଗ ପକ୍ଷରୁ ୫୭ଲକ୍ଷ ୧୮ହଜାର ୮୧୪ଟଙ୍କା ପ୍ରଦାନ କରାଯାଇଛି। ସେହିପରି ୨୦୨୫ ଜାନୁଆରୀରୁ ଏପ୍ରିଲ ମଧ୍ୟରେ ୨୩୪ଟନ ଜିଆଖତ ଉତ୍ପାଦନ ହୋଇଛି। ଜିଆଖତ ଏକ ସହଜ ଚାଷ । ଏହା ସ୍ୱଳ୍ପ ଖର୍ଚ୍ଚ ଏବଂ ପରିଶ୍ରମରେ ବେଶୀ ରୋଜଗାର ଦେଇଥାଏ ବୋଲି ଏସ୍ଏଚ୍‌ଜି ମହିଳାମାନେ କହିଛନ୍ତି। ତେବେ ଜିଆଖତ ଚାଷ ଗ୍ରାମୀଣ ମହିଳା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିପାରିଥିବା ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଏସିଏଫ୍ ସୌମ୍ୟରଞ୍ଜନ ଗୋଛାୟତ, ସୁରଜିତ କୁମାର ସାହୁ ଓ ଆମ ଜଙ୍ଗଲ ଯୋଜନାର ସହ ସଂଯୋଜକ ତ୍ରିନାଥ ବାରିକ ପ୍ରମୁଖ କହିଛନ୍ତି।



ରାଇବର୍ଣ୍ଣା ଗ୍ରାମର ମହିଳାମାନେ ଜିଆଖତ ବିକ୍ରି କରୁଛନ୍ତି।

### ନାବାଳିକା ଶକ୍ତି ଉତ୍ତୋଳନକାରୀଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା,୨୨।୪(ସଙ୍ଗୀତା ଜେନା):** ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୬ ପିଏଚ୍ କଲୋନିରୁ ମଙ୍ଗଳବାର ଜଣେ ନାବାଳିକା ଶକ୍ତି ଉତ୍ତୋଳନକାରୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ରବିନା ସିଂହ(୧୫)। ସେ ମାଟ୍ରିକ ଛାତ୍ରୀ ଥିବାବେଳେ ଶକ୍ତି ଉତ୍ତୋଳନ କରୁଥିଲେ। ଏ ନେଇ ସମ୍ପୃକ୍ତ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୫) ରୁଜୁ ହୋଇଛି। ମୃତା ନାବାଳିକାଙ୍କ ପିତା ବିରୁ ସିଂହ (୩୫) ଏ ନେଇ ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୭ଟାରେ କୌଣସି କାରଣରୁ ରବିନା ଏକ ଚୁନି ଦ୍ୱାରା ଘର ସିଲିଂ ବାଉଁଶରେ ଝୁଲିପଡିଥିଲେ। ମୃତକଙ୍କ ଭାଉଜ ସାବିତ୍ରୀ ସିଂହ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌କୁ ନେଇଥିଲେ। ସେଠାରେ ଡାକ୍ତର ରବିନାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ଆଇଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପୋଲିସ ତଦନ୍ତ ଜାରି ରହିଛି।

# ଧରିତ୍ରୀ ଦିବସରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା

**ରାଉରକେଲା,୨୨।୪(ଦିନେଶ ମିଶ୍ର)**

ରାଉରକେଲା ୱାଇଏମ୍ଏଫ୍ଆଇ ଓ ଏସ୍‌ପିସିବିର ମିଳିତ ଆନୁକୂଲ୍ୟରେ ଧରିତ୍ରୀ ଦିବସ ଓ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସମ୍ପର୍କିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ସେକ୍ଟର-୧୯ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଣ୍ଡିଙ୍ଗ୍ ପ୍ଲାଷ୍ଟିକ ପଲ୍ୟୁଶନ ଓ ଆମ ଗ୍ରହ ଆମ ଶକ୍ତି ସହ ବନୀକରଣ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା। ଏହି ପ୍ରତିଯୋଗିତାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏସ୍‌ପିସିବି ରାଉରକେଲା ଆଞ୍ଚଳିକ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡକ୍ଟର ଅନୂପ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ମିଶନ ଲାଇଫ୍ ଯୋଜନାରେ ନିଜ ନିଜ ଦୈନନ୍ଦିନ ଜୀବନରେ ପରିବେଶ ଆଧାରିତ ଜୀବନ ଶୈଳୀ ଆପଣାଇବା ଓ ପରିବେଶର ସୁରକ୍ଷା ପାଇଁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଯାଇଥିଲା। ଏଥିରେ ବିଭାଗୀୟ ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ, ଚନ୍ଦ୍ର ଶେଖର ଚୌହାନ, ରଜତ କୁମାର ସେଠୀ, ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି, ଅନୁଷ୍ଠାନର ଉପଦେଷ୍ଟା ଦୀପକ ଦାଶ, ବିଜୟ ପାଠୀ, ପ୍ରଧାନ ଶିକ୍ଷକ ଜଳଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୱାଇଏମ୍ଏଫ୍ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ଅନୀଲ ମଲ୍ଲିକ, ଶିକ୍ଷୟିତ୍ରୀ ସରିତା ନାୟକ, ଶୁଭ୍ରା ମିଶ୍ର, ଝରଣା ସାହୁ, ସୁନିତା ମହନ୍ତ, ଅନିତା ଧଳ, ଚିତ୍ରଶିଳ୍ପୀ ଦେବେନ୍ଦ୍ର ମହାରଣା, ଅକ୍ଷୟ ସାମଲ, ରଶ୍ମିରେଖା ଧଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।




ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

# ରୋଗୀ, ଆମ୍ବୁଲାନ୍ସ ଯାତାୟାତରେ ବାଧା

**ଆର୍‌ଜିଏଚ୍ ପ୍ରବେଶ ପଥରେ ବେଆଇନ ପାର୍କିଂ**

**ରାଉରକେଲା,୨୨।୪(ଦିନେଶ ମିଶ୍ର)**

ରାଉରକେଲା ସହରରେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ରହିଛି। ଏହି ଡାକ୍ତରଖାନାକୁ ରାତି ପାହିଲେ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ତେବେ ଏହାର ପ୍ରବେଶ ପଥରେ ଘରୋଇ ଅଟୋ ଓ ଆମ୍ବୁଲାନ୍ସଗୁଡିକ ବେଆଇନ ଭାବେ ପାର୍କିଂ କରାଯାଉଥିବା ଯୋଗୁ ଆର୍‌ଜିଏଚ୍‌କୁ ଆମ୍ବୁଲାନ୍ସ ଯାତାୟାତରେ ବାଧା ଉପୁଜୁଛି। ସେହିପରି ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ହଇରାଣ ହେଉଛନ୍ତି।

ଆରଜିଏଚ୍ ପ୍ରବେଶ ପଥରେ କିଛି ଅଟୋ ଚାଳକ ବେଆଇନ ପାର୍କିଂ କରୁଛନ୍ତି। ଫଳରେ ଏହି ପ୍ରବେଶ ପଥଦେଇ ଡାକ୍ତରଖାନାକୁ ଯାଆସ କରୁଥିବା ଆମ୍ବୁଲାନ୍ସ ଯାତାୟାତ କରିବାରେ ଅସୁବିଧା ହେଉଛି। ଦିନରାତି ଅଟୋ ଓ ଘରୋଇ ଆମ୍ବୁଲାନ୍ସ ଏହି ପ୍ରବେଶ ପଥରେ ପାର୍କିଂ ହୋଇ ରହିଥିବାରୁ ରାସ୍ତା ସଙ୍କୁଚିତ ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ଜରୁରୀ ସମୟରେ କୌଣସି ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଗଲେ ଏହାର ସୁଯୋଗ ନେଇ ଉକ୍ତ ଅଟୋ ଓ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭର ରୋଗୀଙ୍କଠାରୁ ମନଇଚ୍ଛା ଭଡା ଆଦାୟ କରୁଛନ୍ତି। ଆର୍‌ଜିଏଚ୍ ଫାଣ୍ଡି ନିକଟରେ ଏକ ଘରୋଇ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏଠାରେ ଆରଜିଏଚ୍‌କୁ ଆସୁଥିବା ବାଇକ୍‌ଠାରୁ ଫି ଆଦାୟ ହେଉଥିବାବେଳେ ବେଆଇନ ପାର୍କିଂ କରୁଥିବା ଗାଡି ଉପରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଆରଜିଏଚ୍ ପ୍ରବେଶ ପଥ ଓ ପରିସରରେ ଯିଏ ଯେମିତି ପାରିଲା ଚାରି ଚକିଆଯାନ ଗୁଡିକୁ ପାର୍କିଂ କରି ରାସ୍ତାକୁ ସଙ୍କୁଚିତ କରୁଛନ୍ତି। ସେହିଭଳି ଆର୍‌ଜିଏଚ୍ ପ୍ରବେଶ ପଥ ବାହାର ରାସ୍ତା କଡ଼ରେ ବ୍ୟବସାୟୀମାନେ ଠେଲା ପକାଇଥିବାରୁ ରାସ୍ତା ସଙ୍କୁଚିତ ହେଉଛି। ବିଭିନ୍ନ ସମୟରେ ଡାକ୍ତରଖାନାକୁ ଜିଲା ତଥା ସହରର ତଳି ଅଞ୍ଚଳରୁ ରୋଗୀ ନେଇ ଆସୁଥିବା ଆମ୍ବୁଲାନ୍ସ ଯାତାୟାତ ସମସ୍ୟା ସାଙ୍ଗକୁ ପାର୍କିଂରେ ଅସୁବିଧା ହେଉଛି। ଏ ନେଇ ଆରଜିଏଚ୍ ନିର୍ଦ୍ଦେଶକ ଡାକ୍ତର ମନୋଜ ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଥିଲେ, ଆରଜିଏଚ୍ ପ୍ରବେଶ ପଥରେ ବେଆଇନ ପାର୍କିଂ କରିବା ଉଚିତ ନୁହଁ। ଆମେ ଆରଜିଏଚ୍‌ରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡମାନଙ୍କୁ କୌଣସି ଯାନ ପାର୍କିଂ ନ କରିବା ପାଇଁ ନିର୍ଦ୍ଦେଶ ଦେଉଛି। କୌଣସି ରୋଗୀ ଶୋଷଣ ନ ହେବା ପାଇଁ ରେଫରାଲ କେସ୍‌ରେ ଆମେ ମେ ଆଇ ହେଲ୍ପ ୟୁ କର୍ମଚାରୀମାନଙ୍କ ଦ୍ୱାରା ସିଧାସଳଖ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା କରି ରୋଗୀଙ୍କୁ ସହାୟତା କରୁଛୁ। ଆଗାମୀ ଦିନରେ ଆରଜିଏଚ୍ ପ୍ରବେଶ ପଥରେ ହେଉଥିବା ବେଆଇନ ପାର୍କିଂ ବ୍ୟବସ୍ଥାରେ ସୁଧାର ଆଣିବୁ ଏବଂ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ଡାକ୍ତର ଉପାଧ୍ୟାୟ କହିଥିଲେ।




ଆରଜିଏଚ୍ ପ୍ରବେଶ ପଥରେ ବେଆଇନ ପାର୍କିଂ କରାଯାଇଛି।

**ବଳମରେ ଅଷ୍ଟ ପ୍ରହର ନାମଯଜ୍ଞ**

**ନାକଟିଦେଉଳ (ବୈକୁଣ୍ଠନାଥ ସାହୁ):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଳମ ଗ୍ରାମରେ ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ବଲାସିଂହା ପୀଢ଼ଦରହରୁ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ଯଜ୍ଞ ମଣ୍ଡପ ନିକଟକୁ ଆସି କଳସରେ ସ୍ଥାପନ କରିଥିଲେ। ସୋମବାର ସକାଳୁ ନାମ ଆରମ୍ଭ ହୋଇଥିଲା। ବୀରେନ କୁମାର ପ୍ରଧାନ ଏବଂ ସସ୍ମିତା ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞ କମିଟିର ସଭାପତି ଦୁର୍ଯ୍ୟୋଧନ ପ୍ରଧାନ, ସମ୍ପାଦକ ଦଶବତାର ସାହୁ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ସାହୁ ସହଯୋଗ କରିଥିଲେ।

# କନ୍ୟା ବିବାହ ସହାୟତା ରାଶି ଦିଅ

## ୧୦ଦଫା ଦାବିରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ

ସମ୍ବଲପୁର,୨୨।୪(ବି.ଶଙ୍କର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ବଲପୁର ଡିଭିଜନ କମିଟି ପକ୍ଷରୁ ୧୦ ଦଫା ଦାବି ନେଇ ମଙ୍ଗଳବାର ସମ୍ବଲପୁର କେନ୍ଦୁପତ୍ର ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ନେତୃତ୍ୱରେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା। କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ବଜେଟପ୍ରାପ୍ତ ୧୦୦ କୋଟିରୁ ୫୦ କୋଟି ଟଙ୍କା କାଟି ଦେବା, ସରକାରୀ ଘୋଷଣା ସତ୍ତ୍ୱେ କନ୍ୟା ବିବାହ ସହାୟତା ବାତିଲ, ସର୍ବନିମ୍ନ ମଜୁରି ବୃଦ୍ଧି ଗତ ଜୁଲାଇ ମାସରୁ ହୋଇଥିଲେ ମଧ୍ୟ ସିଜିନାଲ କର୍ମଚାରୀମାନଙ୍କର ବୃଦ୍ଧି ହୋଇ ନାହିଁ। ବନ୍ଧେଇ ଶ୍ରମିକମାନଙ୍କର ପିସ୍‌ରେଟ୍ ବୃଦ୍ଧି ହୋଇ ନ ଥିବା ଏବଂ ବିଶେଷ ଭାବେ ସଂଘର ଦୀର୍ଘ ଦିନର କେଏଲଡିବି ତ୍ରୁଟି ପୂର୍ଣ୍ଣ ଭାବେ ଗଠନ କରାଯାଇଛି। ତେଣୁ ସଂଘ ଏନେଇ ପ୍ରତିବାଦ କରିଛି। ତେବେ ଆଜି ପର୍ଯ୍ୟନ୍ତ ନିର୍ଭୁଲ କେଏଲଡିବି ଗଠନ ହୋଇନାହିଁ। ଅପରପକ୍ଷେ ସାମାଜିକ ନିରାପତ୍ତାମୂଳକ



ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଆର୍ଥିକ ସହାୟତା ପ୍ରଦାନରେ ବିଳମ୍ବ ଏବଂ କେନ୍ଦୁପତ୍ର ତୋଳାଳିମାନଙ୍କର ନିର୍ବାଚନୀ ଇସ୍ତାହାରରେ କେରି ପ୍ରତି ଦର ବୃଦ୍ଧି କରିବା ଘୋଷଣା ହୋଇଛି। କିନ୍ତୁ ସଂପ୍ରତି କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଥିଲେ ମଧ୍ୟ କେରି ପ୍ରତି ଦର ବୃଦ୍ଧି ହୋଇ କରାଯାଇନାହିଁ। ତେଣୁ ଶୀଘ୍ର ଦରବୃଦ୍ଧି ଘୋଷଣା କରିବାକୁ ବିକ୍ଷୋଭ ସମାବେଶରେ ନେତୃବୃନ୍ଦ ଦାବି ଉପସ୍ଥାପନ କରିଥିଲେ। ଅପରପକ୍ଷେ ସୋମବାର ସମ୍ବଲପୁରରେ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣିରେ ସଂଘ ପକ୍ଷରୁ ୧୦ ହଜାର ଦସ୍ତଖତ ସମ୍ବଳିତ ଦାବିପତ୍ର ସମୂହକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପାଖରେ ରଖାଯାଇଥିଲା। ସେହି ସମୟରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ସହାୟତାକୁ ସମ୍ମତି ପ୍ରକାଶ କରିଥିଲେ। କିନ୍ତୁ ପରିତାପର ବିଷୟ ପିସିସିଏଫ କନ୍ୟା ବିବାହ ସହାୟତାକୁ ବାତିଲ କରି ସମସ୍ତ ଡିଏଫଓଙ୍କୁ ଏପ୍ରିଲ ୨୧ ତାରିଖରେ ଚିଠି ପ୍ରେରଣ କରିଛନ୍ତି। ଏହା ସରକାରଙ୍କ ଭିତରେ ତାରତମ୍ୟ ନ ଥିବା ସୂଚାଉଛି। ତେଣୁ ପିସିସିଏଫଙ୍କ ଏହି ନିର୍ଦ୍ଦେଶକୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି।

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ମହାନ୍ତି ବିକ୍ଷୋଭ ସମାବେଶରେ ଉଦ୍‌ବୋଧନ ଦେଇ ସରକାରଙ୍କ ଅବହେଳାର ତୀବ୍ର ସମାଲୋଚନା କରିଥିଲେ। ସଂପ୍ରତି ତୋଳାଳି ଏବଂ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ହୋଇଛି। ତେଣୁ ଉପରୋକ୍ତ ଦାବିଗୁଡ଼ିକ ଶୀଘ୍ର ପୂରଣ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ କନ୍ୟା ବିବାହ ସହାୟତା ଦେବାରେ ଯଦି ଅବହେଳା କରନ୍ତି ତେବେ ସାରା ରାଜ୍ୟରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସତର୍କ କରାଇଥିଲେ। ବିକ୍ଷୋଭ ପରେ ଡିଏଫଓ ଗୌରୀ ଶଙ୍କର ଦାସଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରର ପ୍ରତିଲିପି ଜଙ୍ଗଲ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପିସିସିଏଫଙ୍କୁ ଦିଆଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ଉପସଭାପତି ଗୋକୁଳ ମେହେର, ରାଜ୍ୟର ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଦେବଗଡ଼ ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ନାୟକ, ଶ୍ରମିକ ନେତା ଏନ୍ ଗୋପାଳ, ବରିଷ୍ଠ ଶ୍ରମିକ ନେତା ଗଦାଧର କୁଅଁର, ରଘୁମଣି ଦାସ, ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଧାରଣାସ୍ଥଳରେ ବକ୍ତବ୍ୟ ରଖିଥିଲେ।

# ପକ୍ଷୀଙ୍କ ପାଇଁ ଜଳଦାନ: ପ୍ରକୃତି ବନ୍ଧୁଙ୍କ ଜୀବ ପ୍ରୀତି

କୁଚିଣ୍ଡା,୨୨।୪(ବିରଞ୍ଚି ଦର୍କା)

ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଥିବା ବେଳେ ପାଣି ଟୋପାଏ ପାଇଁ ଡହଳବିକଳ ହେଉଛି ଜୀବଜଗତ। ନଦୀ ନାଳ, ପୋଖରୀ ସବୁ ଶୁଖିବାରେ ଲାଗିଛି। ବିଶେଷ କରି ପକ୍ଷୀମାନେ ଏହି ନିଦାଘ ଗ୍ରୀଷ୍ମରେ ପାଣି ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଲକ୍ଷ୍ୟକରି ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତ କୁଡାପଡା ଗ୍ରାମର ପ୍ରକୃତି ବନ୍ଧୁ ସରୋଜ ମେହେର ପକ୍ଷୀଙ୍କ ପାଇଁ ଜଳଦାନ ବ୍ୟବସ୍ଥା କରି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି।

ଗତବର୍ଷ ପରି ଚଳିତବର୍ଷ ମଧ୍ୟ ସରୋଜ ତାଙ୍କ ଘର ପଛପଟେ ଥିବା କୁଡାପଡା ଡୁଙ୍ଗୁରି(ପାହାଡ)ରେ ନିମ୍ବ, କାଜୁ, ଲେମ୍ବୁ, ଆମ୍ବ, ପଣସ ଆଦି ଗଛରେ ଛୋଟ ଛୋଟ ମାଟି ଠେକିରେ ପାଣି ଭର୍ତ୍ତି କରି ବାନ୍ଧି ପକ୍ଷୀମାନଙ୍କ ତୃଷା ନିବାରଣ କରୁଛନ୍ତି। ସେ ବଜାରରୁ ୧୦୦ଟି ଠେକି କିଣି ପାଣି ବ୍ୟବସ୍ଥା କରିଥିବାରୁ ପକ୍ଷୀମାନେ ଆନନ୍ଦରେ ପାଣି ପିଉଛନ୍ତି। ପ୍ରତିଦିନ ଦିନ ସକାଳେ ଓ ସନ୍ଧ୍ୟାରେ ଖାଲିଥିବା ଠେକିଗୁଡିକରେ ପାଣି ଭର୍ତ୍ତି କରନ୍ତି। ଏହି କାର୍ଯ୍ୟରେ ତାଙ୍କ ବାପା ଧନୁର୍ଜ ମେହେର, ବଡଭାଇ ମନୋଜ ମେହେର, ସ୍ତ୍ରୀ ମନ୍ଦାକିନୀ ମେହେର ସହଯୋଗ କରୁଛନ୍ତି। ବୃକ୍ଷର ଯତ୍ନ ନେବା ସାଙ୍ଗକୁ ଖରା ସମୟରେ ପକ୍ଷୀଙ୍କ ପାଇଁ ଜଳଛତ୍ର ଖୋଲି ତାଙ୍କୁ ବେଶ ଆତ୍ମସନ୍ତୋଷ ମିଳୁଥିବା ପ୍ରକୃତିବନ୍ଧୁ ସରୋଜ କହିଛନ୍ତି। ସୂଚନାଯୋଗ୍ୟ ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିବା ୩୪ବର୍ଷୀୟ ସରୋଜ ବର୍ତ୍ତମାନ ଗାଁର ୱାର୍ଡସଭ୍ୟଭାବେ କାମ କରୁଛନ୍ତି। ବିଗତ ୮ବର୍ଷ ହେବ ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ କରି ବେଶ ନାମ କମାଇଛନ୍ତି। ପ୍ରକୃତି ପ୍ରୀତି ପାଇଁ ୨୦୨୨ ମସିହାରେ ତାଙ୍କୁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ତାଙ୍କୁ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା।


ସରୋଜ ଗଛରେ ବାନ୍ଧିଥିବା ଠେକିରେ ପାଣି ଭର୍ତ୍ତି କରୁଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

**ବାର୍‌ହା ଶିକାର ପାଇଁ ବିଛାଯାଇଥିଲା**

କୁଚିଣ୍ଡା,୨୨।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା ଜମନକିରା ଥାନା ବ୍ରାହ୍ମଣିପାଲି ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଟିକିବା ପଞ୍ଚାୟତ ବାଦିପାଲିର ତୀର୍ଥ ଶବର(୪୫)। ଏନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ମଙ୍ଗଳବାର କୁଚିଣ୍ଡା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତୀର୍ଥ ଚାଷ ପାଇଁ ହଳେ ବଳଦ କିଣିଥିଲେ। ଚରିବାକୁ ଯାଇ ବଳଦମାନେ ଘରକୁ ନଫେରିବାରୁ ସୋମବାର ସନ୍ଧ୍ୟାରେ ଅନ୍ୟ ଦୁଇଜଣଙ୍କ ସହ ସେ ଖୋଜିବାକୁ ବ୍ରାହ୍ମଣିପାଲି ଗ୍ରାମ ନିକଟ ଲୁହୁରାପଡା ଜଙ୍ଗଲକୁ ଯାଇଥିଲେ। ସେଠାରେ ଥିବା ଏକ ପୋଖରୀରେ ଶୌଚ ପାଇଁ ଯାଇଥିବା ସମୟରେ ବାର୍‌ହା ମାରିବା ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସଯିବାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାତିରେ ଖବର ପାଇ ଜମନକିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। କେଉଁମାନେ ବାର୍‌ହା ମାରିବା ପାଇଁ ତାର ବିଛାଇଥିଲେ ତଦନ୍ତ ପରେ ଜଣାପଡିବ ବୋଲି ଜମନକିରା ଥାନା ଆଇଆଇସି ପଦ୍ମାଳୟା ବେହେରା କହିଛନ୍ତି।

### ଡଇଁଚା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ନାକଟିଦେଉଳ,୨୨।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଡଇଁଚା ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡଇଁଚା ଗ୍ରାମ ପଞ୍ଚାୟତ ସରପଞ୍ଚ ସୌଦାମିନୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ଡଇଁଚା ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ହଳଧର ସାହୁ ଯୋଗଦେଇଥିଲେ। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ମଣିଷକୁ ତାର ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ। ତେଣୁ ଏକାଗ୍ରତାର ସହ ଭଲ ପାଠ ପଢି ଭବିଷ୍ୟତକୁ ଆଖି ଆଗରେ ରଖି ନିରବଚ୍ଛିନ୍ନ ଭାବେ ଉଦ୍ୟମ ଜାରି ରଖିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ହସ୍ତାକ୍ଷର ଲିଖନ ସହ ବିଭିନ୍ନ ପ୍ରକାରର କ୍ରୀଡା ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର କର ବିବରଣୀ ପଠନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିବାଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଇଣ୍ଡିଆନ ପବ୍ଲିକ୍ ସ୍କୁଲରେ ସଂସ୍କୃତ ଶ୍ଳୋକ ପାଠ ପ୍ରତିଯୋଗିତା

ସମ୍ବଲପୁର,୨୨।୪(ବି.ଶଙ୍କର)

ସଂସ୍କୃତ ଶ୍ଳୋକ ପାଠ ପ୍ରତିଯୋଗିତା ସମ୍ବଲପୁର କ୍ଷେତରାଜପୁର ସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଚିନ ପାଠକ ଓ ପ୍ରତିଯୋଗିତା ପ୍ରଭାରୀ ପୂଜା ସିଂହଙ୍କ ବୈଦିକ ମନ୍ତ୍ରୋଚାରଣ ଓ ମଙ୍ଗଳା ଚରଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ନିଜ ଗୃହ ପକ୍ଷରୁ ଉପନିଷଦ, ପୁରାଣ, ଶ୍ରୀମଦ୍ ଭାଗବତ ଗୀତା, ରାମାୟଣ, ହିତୋପଦେଶ ଓ ଅନ୍ୟାନ୍ୟ ଶ୍ଳୋକ ପାଠ କରିଥିଲେ। ପ୍ରାୟ ୫୦ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ପାଠକ ଏହି ସଂସ୍କୃତ ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସଂସ୍କୃତ ହେଉଛି ସମସ୍ତ ଭାରତୀୟ ଭାଷାର ଜନନୀ। ଏହା ଗଭୀର ଜ୍ଞାନ ଓ ଶିକ୍ଷାର ଭଣ୍ଡାର। ଛାତ୍ରୀଛାତ୍ରମାନଙ୍କୁ ସଂସ୍କୃତ ଭାଷା ଓ ସାହିତ୍ୟ ପ୍ରତି ଆକୃଷ୍ଟ କରିବା, ସନାତନ ଜ୍ଞାନ ସହିତ ତାଙ୍କୁ ପରିଚିତ କରିବା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂସ୍କୃତ ଓ ହିନ୍ଦୀ ପ୍ରତି ଜାଗୃତି ସୃଷ୍ଟି କରିବା ଓ ତାଙ୍କୁ ପ୍ରେରଣା ହେବା ହେଉଛି ପ୍ରତିଯୋଗିତା ମୂଳଲକ୍ଷ୍ୟ ବୋଲି କହିଥିଲେ। ବିଚାରକ ଭାବେ ସଙ୍ଗୀତ ଶିକ୍ଷକ ଗିରିଜା ଶଙ୍କର ମିଶ୍ର, ହିନ୍ଦୀ ଶିକ୍ଷିକା ନିହାରିକା ପୂଜାରୀ ଏବଂ ଓଡ଼ିଆ ଶିକ୍ଷିକା ରଶ୍ମିତା ପଣ୍ଡା ଯୋଗଦେଇ ମୂଲ୍ୟାୟନ କରିଥିଲେ।


ଆୟୋଜିତ ସଂସ୍କୃତ ଶ୍ଳୋକ ପାଠ ପ୍ରତିଯୋଗୀତାରେ ଛାତ୍ରୀମାନେ।

## ସ୍ୱତନ୍ତ୍ର ବ୍ଲକ୍ ଗଠନ ପାଇଁ ଦାବିପତ୍ର ପ୍ରଦାନ

ପଡିଆବାହାଲ,୨୧।୪(ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକ ବିଭାଜନ କରି ନୂତନ ବ୍ଲକ ଗଠନ ଦାବି କରି ପଡିଆବାହାଲ ଅଞ୍ଚଳର ଏକ ପ୍ରତିନିଧି ଦଳ ସୋମବାର ସମ୍ବଲପୁରରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣିରେ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯୁଯୁମୁରା ଜିଲା ପରିଷଦ ଜୋନ ୧ର ସମସ୍ତ ପଞ୍ଚାୟତ ସହ ଅନ୍ୟ କେତୋଟି ପଞ୍ଚାୟତକୁ ନେଇ ଏକ ନୂତନ ବ୍ଲକ ଗଠନ ପାଇଁ ଜନ ଶୁଣାଣିରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ଜନ ସାଧାରଣଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଯୁଯୁମୁରା ବ୍ଲକ ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ମିଶ୍ର, ତାପସ ମହାପାତ୍ର, କପିଳ ପ୍ରଧାନ, ନରେଶ ପ୍ରଧାନ, ସୋମ୍ୟରଞ୍ଜନ ବଡ଼ପଣ୍ଡା ଓ ସାମାଜିକ କର୍ମୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟଯେ, ଦୀର୍ଘ ଦଶନ୍ଧି ତଳେ ଏହି ଦାବି ସରକାରଙ୍କ ବିଚାରାଧୀନ ରହିଛି। ଏପରିକି ବ୍ଲକସ୍ତରୀୟ କୌଣସି ସାମାଜିକ କାମରେ ଯୁଯୁମୁରା ଅଞ୍ଚଳର କେତୋଟି ପଞ୍ଚାୟତକୁ ବାଦ ଦେଲେ ଜୋନ-୧ର କୌଣସି ପ୍ରତିନିଧିତ୍ୱ ଅବା ଉପସ୍ଥିତି ଦେଖିବାକୁ ମିଳି ନ ଥାଏ। ଏପରିକି ଜନ ଶୁଣାଣି ଉଭୟ ଜୋନରେ ହେବାକୁ ବହୁ ଥର ନିଷ୍ପତ୍ତି ହୋଇଥିଲେ ବି ଜୋନ -୧ରେ ଆଜିଯାଏ ହୋଇପାରୁନି। ବ୍ଲକର କୌଣସି ଏକଷ୍ଟାଣ୍ଡିଙ୍ଗ କମିଟିରେ ଜୋନ ୧ର କୌଣସି ଜଣେ ବ୍ୟକ୍ତି ବିଶେଷଙ୍କୁ ସଭ୍ୟଭାବେ ଗ୍ରହଣ କରାଯାଉନାହିଁ। ଏହି ସବୁ ସମସ୍ୟା ଦୂର ପାଇଁ ସ୍ୱତନ୍ତ୍ର ବ୍ଲକ ଗଠନ ଏକମାତ୍ର ବିକଳ୍ପ। ଅଞ୍ଚଳବାସୀଙ୍କ ସହିତ ବିସ୍ତୃତ ଆଲୋଚନା କରି ନୂତନ ବ୍ଲକ ଗଠନ ପାଇଁ ସରକାରଙ୍କ ଠାରେ ପୁଣି ଦାବି ଉପସ୍ଥାପନ କରିବାକୁ ସର୍ବ ସମ୍ମତି ନିଷ୍ପତ୍ତି ନେବା ପରେ ଏହି ଦାବି ପତ୍ର ପ୍ରଦାନ କରାଯାଇଥିବା ବ୍ଲକ ପୁନଃ ଗଠନ କ୍ରିୟାନୁଷ୍ଠାନ କମିଟିର ଅନ୍ୟତମ ସଦସ୍ୟ ଡାକ୍ତର ରାଜାରାମ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଏପରିକି ଏହି ଦାବି ପତ୍ରରେ ସତନ୍ତ୍ର ବ୍ଲକ ସହିତ, ନୂତନ ତହସିଲ, ଥାନା ପ୍ରତିଷ୍ଠା, ପଡିଆବାହାଲ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତୀକରଣ କରିବାକୁ ଦାବି ରଖାଯାଇଛି।

## ସମ୍ବଲପୁର ରେଲୱେ ଷ୍ଟେଶନରେ ମହିଳା ସୁରକ୍ଷା ଅଭିଯାନ


ମହିଳା ଯାତ୍ରୀଙ୍କୁ ସୁରକ୍ଷିତ ଯାତ୍ରା ପାଇଁ ସଚେତନ କରୁଛନ୍ତି ଆର୍‌ପିଏଫ୍ ମହିଳା ସୁରକ୍ଷା କର୍ମୀ।

ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)

ଭାରତୀୟ ରେଳବାଇ ମହିଳାଙ୍କ ସୁରକ୍ଷା ଓ ନିରାପତ୍ତାକୁ ଗୁରୁତ୍ୱ ଦେଇ ଆସିଛି। ସେହିପରି ମହିଳାମାନଙ୍କ ସୁରକ୍ଷିତ ଓ ନିରାପଦ ଯାତ୍ରାକୁ ସୁନିଶ୍ଚିତ କରିବା ପାଇଁ ରେଳ ସୁରକ୍ଷା ବାହିନୀ(ଆର୍‌ପିଏଫ୍) ଓ ଆଗଧାଡ଼ିର ରେଳ କର୍ମଚାରୀମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଆର୍‌ପିଏଫ୍, ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ମହିଳା ସୁରକ୍ଷା ଅଭିଯାନ ଅନ୍ତର୍ଗତ ସମ୍ବଲପୁର ରେଳ ବ୍ୟବହାରକାରୀ ଓ ଯାତ୍ରୀଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛୋଟ ପିଲା ଓ ନିଜ ସନ୍ତାନ ମାନଙ୍କ ସହିତ ଏକାକୀ ଯାତ୍ରା କରୁଥିବା ମହିଳା ଯାତ୍ରୀମାନେ ମହିଳା ସୁରକ୍ଷା ଅଭିଯାନ ଅଧୀନରେ ନିଜକୁ ସୁରକ୍ଷିତ ମନେ କରିପାରିବେ। ମହିଳାଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଓ ସନ୍ଦେହଜନକ ପରିସ୍ଥିତିରେ ଅଭିଯୋଗ କରିବାକୁ ଯାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଟ୍ରେନରେ ସେମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା, ଭୟମୁକ୍ତ ଯାତ୍ରାର ଅଧିକାରକୁ ନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ।

## ସମ୍ବଲପୁରୀ ଡେରା ସହ ଲୋକଙ୍କୁ ଯୋଡ଼ିବାକୁ ପ୍ରୟାସ

ସମ୍ବଲପୁର,୨୨।୪(ଭବାନୀ ଶଙ୍କର ଭୋଇ)

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ମଙ୍ଗଳବାର ସଫେଇ ଅଭିଯାନ କରାଯାଇଛି। ଡେରା ପରିସରରେ ଥିବା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତୀ ସଫେଇ କରାଯିବା ସହ ପରିସରକୁ ସଫା କରାଯାଇଛି। ମଞ୍ଚର ସଦସ୍ୟମାନେ ନିୟମିତ ବ୍ୟବଧାନରେ ଡେରା ପରିସରରେ ସଫେଇ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଏହି ଅବସରରେ ନିଷ୍ପତ୍ତି ନେଇଛନ୍ତି। ଗୁରୁ ବହିଦାରଙ୍କ ନାମରେ ୨୦୧୭ ମସିହାରେ ଏକ ଉଦ୍ୟାନ ନିର୍ମାଣରୁ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମ୍ବଲପୁରୀ ଡେରାର ଭିତ୍ତିପ୍ରସ୍ତର ପଡିଥିଲା। ତେବେ ଦୀର୍ଘ ବର୍ଷ ଅବହେଳିତ ହୋଇ ପଡି ରହିଥିବା ବେଳେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପ୍ରଶାସନ ଏବଂ ସରକାର ନିକଟରେ ଏହାର ବିକାଶ ନେଇ ଦାବି ଉପସ୍ଥାପନ କରି ଆସିଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଡେରାର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀ ଭାଷା ସଂସ୍କୃତି ପାଇଁ ବିକଶିତ କରି ସମ୍ବଲପୁରୀପ୍ରେମୀଙ୍କୁ ଆକର୍ଷିତ କରିବା ପାଇଁ ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସେଥିପାଇଁ ପ୍ରଶାସନକୁ ସହଯୋଗ କରିବା ସହ ନିଜସ୍ୱ ଉଦ୍ୟମରେ ସମ୍ବଲପୁରୀ ସମ୍ପର୍କିତ ଅନେକ ବ୍ୟବସ୍ଥା କରିବାକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସ୍ଥିର କରାଯାଇଛି। ଏହାସହ ନିୟମିତ ସଫେଇ ଅଭିଯାନ କରି ସହରର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ବଲପୁରୀ ଡେରା ସହ ଯୋଡିବାକୁ ପ୍ରୟାସ କରାଯିବ ବୋଲି ଏକତା ମଞ୍ଚ ପକ୍ଷରୁ ଯୋଜନା କରାଯାଇଛି। ଏହାଦ୍ୱାରା ସମ୍ବଲପୁରୀ ଡେରା ପରିସର ସଫା ରହିବା ସହ ସମ୍ବଲପୁରୀ ପ୍ରେମୀ ମଧ୍ୟ ଡେରା ସହ ନିଜକୁ ଯୋଡି ପାରିବେ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଅମିତାଭ ମାଝୀ, ରାଜେଶ ସ୍ୱାଇଁ, ପଙ୍କଜିନୀ ବୈଠାରୁ, ତୃପ୍ତିମୟୀ ପଣ୍ଡା, ବବିତା ପାଢୀ, ଅନୁପମା ବିଶ୍ୱାଳ, ମାନସ ରଞ୍ଜନ ବକ୍ସୀ ପ୍ରମୁଖ ସାମିଲ ହୋଇଥିଲେ।

**ବିକାଶମୂଳକ କାର୍ଯ୍ୟର ଜିଲାସ୍ତରୀୟ ସମୀକ୍ଷା**

# ସମନ୍ୱିତ ଚାଷ ଉପରେ ଗୁରୁତ୍ୱାରୋପ

ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଓ କାର୍ଯ୍ୟକାରିତାକୁ ନେଇ ଅଷ୍ଟମ ଜିଲାସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏମ୍‌ପି ପ୍ରତିନିଧି ନାଉରି ନାଏକ, ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମଞ୍ଚାସୀନ ଥିଲେ। ବୈଠକରେ କୃଷି, ଯୋଗାଣ ଓ ଖାଉଟି କଲ୍ୟାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଳସେଚନ, ପାନୀୟ ଜଳ, ବିଦ୍ୟାଳୟ ଓ ଗଣଶିକ୍ଷା ଆଦି ବିଭିନ୍ନ ବିଭାଗ ସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ବିହନ ଓ ରାସାୟନିକ ସାର ବଣ୍ଟନ ସହିତ ପିଏମ୍-କିସାନ ଯୋଜନାର କାର୍ଯ୍ୟକାରିତକୁ ନେଇ ଆଲୋଚନା ହୋଇଥିଲା। ମନ୍ତ୍ରୀ ନାଏକ ସମନ୍ୱିତ ଚାଷକୁ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅନ୍ତର୍ଗତ ରାସନ କାର୍ଡ ଓ ସାଧାରଣ ବଣ୍ଟନର କାର୍ଯ୍ୟକାରିତା ସମ୍ପର୍କିତ ତଥ୍ୟକୁ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନ୍ତର୍ଗତ ଆୟୁଷ୍ମାନ କାର୍ଡର ବ୍ୟବହାର ଓ ଲୋକେ ଏହାର ସୁଫଳ କିଭଳି ପାଇବେ ତାହା ଆଲୋଚନା ପରିସରକୁ ଆସିଥିଲା। ଉଭୟ ଘରୋଇ ଓ ନର୍ସିଂହୋମରେ କିଭଳି ନିଃଶୁଳ୍କ ଚିକିତ୍ସା ସୁବିଧା ରୋଗୀମାନେ ପାଇବେ ଓ ଅୟୁଷ୍ମାନ କାର୍ଡର ଦୁରୁପଯୋଗ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନାଏକ ନିର୍ଦ୍ଦେଶ ଦେଇଥିଲେ। ଜଳସେଚନ ସମସ୍ୟାକୁ ଉପଶମ କରିବା ପାଇଁ ଆବଶ୍ୟକ ସ୍ଥାନରେ ଅଧିକ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରସ୍ତାବ ଦେବାକୁ ମନ୍ତ୍ରୀ ନାଏକ ଓ ଜିଲାପାଳ ବୋନ୍ଦେର ଉପସ୍ଥିତ ଜନପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ। ସେହିପରି ଜିଲାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ନଳକୂପର ମରାମତି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆବଶ୍ୟକସ୍ଥଳେ ବିଦ୍ୟାଳୟ ଗୁଡ଼ିକର ପୁନରୁଦ୍ଧାର ଉପରେ ମନ୍ତ୍ରୀ ନାଏକ ଗୁରୁତ୍ୱାରୋପ କରିଥିଲେ। ଗ୍ରୀଷ୍ମଋତୁରେ ଜିଲାରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳ ବୋନ୍ଦର ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରି ସମସ୍ୟାଗୁଡ଼ିକର ସମାଧାନ କରିବା ସହିତ ପରବର୍ତ୍ତୀ ବୈଠକରେ ପରିଦର୍ଶନ କରିଥିବା ସ୍ଥାନର ଫଟୋ ସହିତ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ଜୋନ୍‌ର ଜିଲା ପରିଷଦ ସଦସ୍ୟ, ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ, ବିଧାୟକ ଓ ଜିଲାପାଳଙ୍କ ସହିତ ଅଧିକାରୀମାନେ।

# ଗୁଣି ସନ୍ଦେହରେ ପିଟି ହତ୍ୟା

ରାୟଗଡ଼ା/ପଦ୍ମପୁର,୨୨।୪ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଶାନ୍ତ କୁମାର କର)

■ ୭ ନାବାଳକଙ୍କ ସମେତ ୨୮ ଜଣଙ୍କୁ ଉଠାଇନେଲା ପୋଲିସ
■ ସଂଘବଦ୍ଧ ଆକ୍ରମଣରେ ଥାନା ଅଧିକାରୀ ଆହତ

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏବେବି ଲୋକମାନେ ହତ୍ୟା ପରି ବୀଭତ୍ସକାଣ୍ଡ ଘଟାଇବାକୁ ପଛାଉନାହାନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ହାଟପଦା ସାହିରେ। ସୋମବାର ବିଳମ୍ବିତ ରାତିରେ ଗୁଣି ଗାରେଡ଼ି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଉତ୍ୟକ୍ତ ଲୋକେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ପଦ୍ମପୁର ତେଲିସାହିର ଭୈରବ ସାହୁ(୫୦)। ତେବେ ଆକ୍ରମଣକାରୀଙ୍କୁ ଅଟକାଇବାକୁ ଯାଇ ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଜଣାପଡ଼ିଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ରାୟଗଡ଼ା ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏନେଇ ପଦ୍ମପୁର ଥାନାରେ କେସ୍ ନଂ. ୬୦/୨୫ରେ ଏକ ମାମଲା ରୁଜୁ ହୋଇଛି। ୭ଜଣ ନାବାଳକଙ୍କ ସମେତ ୨୮ଜଣଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଥିଲା। ପରେ ମଙ୍ଗଳବାର ରାତିରେ ୨୧ଜଣଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଥିବାବେଳେ ୭ ନାବାଳକଙ୍କୁ ବାଳ ସ୍ୱଧାର ଗୃହକୁ ପଠାଯାଇଛି ବୋଲି ଅତିରିକ୍ତ ଏସ୍‌ପି ଧର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗୁଣପୁର ଉପଖଣ୍ଡ ପଦ୍ମପୁର ଥାନା ଅନ୍ତର୍ଗତ ହାଟପଦା ସାହିର ବିପିନ


ଭୈରବ ସାହୁ

ସାହୁଙ୍କ ଗତ ୪ଦିନ ତଳେ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ତେଲି ସାହିର ଭୈରବ ପୂର୍ବରୁ ଗୁଣିଗାରେଡ଼ି କରୁଥିବାରୁ ସେ ବିପିନଙ୍କୁ ମାରିଦେଇଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ସୋମବାର ରାତି ପ୍ରାୟ ୧୨ଟାରେ ଲୋକମାନେ ସଂଘବଦ୍ଧ ଭାବେ ଭୈରବଙ୍କୁ ଆକ୍ରମଣ କରିଥିଲେ। ଭୈରବ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିବାରୁ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଲୋକେ ପିଟିଥିଲେ। ଖବରପାଇ ପଦ୍ମପୁର ଥାନା ଆଇଆଇସି ପ୍ରଧାନ ଓ ପୋଲିସ ଟିମ୍ ଆକ୍ରମଣକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଲୋକମାନେ ପୋଲିସକୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଆଇଆଇସି ଆହତ ହୋଇଥିଲେ। ଭୈରବଙ୍କୁ ପୋଲିସ ଘଟଣାସ୍ଥଳରୁ ଉଦ୍ଧାରକରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ପୋଲିସ ୨୮ଜଣଙ୍କୁ ଧରି ଥାନାକୁ ଆଣିଥିଲା। ହେଲେ ସେମାନଙ୍କୁ ଖଲାସ କରିବା ପାଇଁ ଗ୍ରାମର ମହିଳାମାନେ ଥାନା ଘେରାଉ କରିଥିଲେ। ଥାନା ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ସେଠାରେ ୧୬୩ ଧାରା ଜାରି କରାଯାଇଛି। ସୂଚନାଯୋଗ୍ୟ, ଦୀର୍ଘ ୩୦ବର୍ଷ ତଳେ ପଦ୍ମପୁରରେ ଏଭଳି ଏକ ଅମାନୁଷିକ ହତ୍ୟାକାଣ୍ଡ ଘଟିଥିଲା। ପଦ୍ମପୁରର ଭୁମୁରୁଗୁଡ଼ାରେ ଗୁଣିଗାରେଡ଼ି ସନ୍ଦେହରେ ଅନ୍ନପୂର୍ଣ୍ଣା ନାମ୍ନୀ ମହିଳାଙ୍କୁ ଗ୍ରାମବାସୀ ସଂଘବଦ୍ଧ ଆକ୍ରମଣକରି ଅତି ଅମାନୁଷିକ ଭାବେ ଜିଅନ୍ତା ଜାଳି ଦେଇଥିଲେ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା

ଦିଗପହଣ୍ଡି,୨୨।୪ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର ଥାନା ସାମନ୍ତରାପୁର ଗ୍ରାମର ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ସେ ହେଲେ ହୀନ ପାତ୍ର। ମଙ୍ଗଳବାର ସକାଳେ ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ଗ୍ରାମ ନିକଟ ଏକ କେନାଲ ବ୍ରିଜ ପାଖରୁ ହୀନଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଉକ୍ତ ବ୍ରିଜ ନିକଟରେ ବହୁବର୍ଷ ହେଲା ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ସେଠାରେ ମଦ୍ୟପାନ କରି ଅସାମାଜିକ ଯୁବକମାନେ ରାସ୍ତାରେ ଚଳପ୍ରଚଳ କରୁଥିବା ଲୋକଙ୍କୁ ମାଡ଼ ମାରିବା ସହ ଛିନତାଇ କରୁଥିବା ଅଭିଯୋଗ ହୋଇଛି। ତେବେ ହୀନଙ୍କ ମୃତ୍ୟୁ କିପରି ହୋଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ପୋଲିସ କହିଛି।

ହୀନ ସୋମବାର କୌଣସି କାମରେ ନିଜ ବାଇକ୍ (ନଂ.ଓଡ଼ି ୦୭ ଏଭି ୧୬୯୨) ଯୋଗେ ବ୍ରହ୍ମପୁର ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ଆସି ନ ଥିଲେ। ପରିବାର ଲୋକେ ଫୋନ କରିବାରୁ ରାତିରେ ଘରକୁ ଫେରିବେ ବୋଲି କହି ଆଉ ଆସି ନ ଥିଲେ। ମଙ୍ଗଳବାର ସକାଳେ କେତେଜଣ ଲୋକ କେନାଲ ନିକଟରେ ହୀନଙ୍କ ମୃତଦେହ ପଡ଼ିଥିବା ଓ କିଛି ଦୂରରେ ବ୍ରିଜ୍ ଉପରେ ତାଙ୍କ ବାଇକ୍ ଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସାଇଣ୍ଟିଫିକ ଟିମ ସହ ସଦଳବଳ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ବାଇକ୍‌କୁ ପୋଲିସ ଜବତ କରି ଥାନାକୁ ନେଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର

ସୁନ୍ଦରଗଡ଼,୨୨।୪ (ଜୟ ନାରାୟଣ ମେଣ୍ଡୁଲି)

**ନାବାଳକଙ୍କ ସମେତ ୩ ଅଟକ**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଜଣେ ଆଦିବାସୀ ନାବାଳିକା(୧୫)ଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ସକାଳେ ପୀଡ଼ିତାଙ୍କ ପରିବାର ଲୋକେ ତଳସରା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଜଣେ ନାବାଳକଙ୍କ ସମେତ ୩ଜଣଙ୍କୁ ଅଟକ ରଖିଛି। ପୋଲିସ ନଂ. ୯୦/୨୫ରେ ମାମଲା ରୁଜୁ କରିବା ସହ ଏକ ବୋଲେରୋ ଗାଡ଼ି ଏବଂ ୩ଟି ମୋବାଇଲ ଫୋନ୍ ଜବତ କରିଛି।

ପୋଲିସ ସୂଚନା ମୁତାବକ, ପୀଡ଼ିତା ନାବାଳିକା ତାଙ୍କ ୨ଜଣ ସାଙ୍ଗଙ୍କ ସହିତ ସୋମବାର ରାତିରେ ଗ୍ରାମରେ ଏକ ଏକୋଶିଆ ଭୋଜି ଖାଇବାକୁ ଯାଇଥିଲେ। ସେଠାରୁ ବିଳମ୍ବିତ ରାତିରେ ଘରକୁ ଫେରୁଥିବାବେଳେ ପଛପଟୁ ଏକ ବୋଲେରୋରେ ୩ଜଣ ଆସି ସେମାନଙ୍କୁ ପିଛା କରିଥିଲେ। ହେଲେ ନାବାଳିକାମାନେ ଦୌଡ଼ି ପଳାଇଥିଲେ। ସେଠାରୁ କିଛି ବାଟ ଗଲାପରେ ପୁଣି ବୋଲେରୋରେ ସେମାନେ ପିଛା କରିଥିଲେ। ଏହି ସମୟରେ ଜଣେ ନାବାଳିକା ତଳେ ପଡ଼ି ଯାଇଥିଲେ। ଫଳରେ ବୋଲେରୋରୁ ୩ଜଣ ଓହ୍ଲାଇ ତଳେ ପଡ଼ିଥିବା ନାବାଳିକାଙ୍କୁ ଟେକି ନେଇ ସେଠାରୁ ୧୧କିଲୋମିଟର ଦୂର ବାଲିଶଙ୍କରା ଶୁଖାମହାଦେବ ମନ୍ଦିର ପାହାଡ଼ ଉପରେ ଥିବା ଜଙ୍ଗଲରେ ତାଙ୍କୁ ଗଣବଳାତ୍କାର କରିଥିଲେ। ରାତି ପ୍ରାୟ ସାଢେ ୩ଟାରେ ତଳସରା ଥାନାଠାରୁ ୧୫କି.ମି. ଦୂର ରାସ୍ତା ପାର୍ଶ୍ୱରେ ପୀଡ଼ିତାଙ୍କୁ ଓହ୍ଲାଇ ଘଟଣା ବିଷୟରେ କାହାକୁ କହିଲେ ଜୀବନରେ ମାରିଦେବୁ ବୋଲି ଧମକ ଦେଇ ଚାଲି ଯାଇଥିଲେ। ପରେ କୌଣସି ପ୍ରକାର ଖବରପାଇ ପରିବାର ଲୋକେ ଝିଅକୁ ଉଦ୍ଧାର କରି ଘରକୁ ଆଣିଥିଲେ। ମଙ୍ଗଳବାର ସକାଳେ ପରିବାର ଲୋକଙ୍କ ସହିତ ପୀଡ଼ିତା ତଳସରା ଥାନାରେ ଏତଲା ଦେଇଥିଲେ। ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପୋଲିସ ତଦନ୍ତ କରି ଗଣବଳାତ୍କାରୀଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ସନ୍ଧ୍ୟାରେ ପୀଡ଼ିତାଙ୍କ ସମେତ ୨ଅଭିଯୁକ୍ତଙ୍କ ସମେତ ନାବାଳକଙ୍କ ଡାକ୍ତରୀ ମାଇନା କରାଯାଇଛି। ଏନେଇ ତଳସରା ଥାନାରେ ଅପହରଣ ଏବଂ ବଳାତ୍କାର ମାମଲା ରୁଜୁ ହୋଇଥିବାବେଳେ ୨ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ସଦର ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ନିର୍ମଳ ଚନ୍ଦ୍ର ନାଏକ, ପର୍ଶୁରାମ ସରାଫ, ବାଲିଶଙ୍କରା ବ୍ଲକ କଂଗ୍ରେସ ସଭାପତି ପଶାୟତ, ସବଡେଗା ବ୍ଲକ ସଭାପତି ଶୁଭେନ୍ଦୁ ନାଏକ ପୀଡ଼ିତାଙ୍କ ପରିବାରକୁ ଭେଟି ଘଟଣାର ଅନୁଧ୍ୟାନ କରିଥିଲେ। ପରେ ସେମାନେ ତଳସରା ଥାନାରେ ପହଞ୍ଚି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ।

# ପିସିଆର୍ ଭ୍ୟାନ୍- ହାଇୱା ମୁହାଁମୁହିଁ ଧକ୍କା: ୨ ପୋଲିସ କର୍ମଚାରୀ ମୃତ

କଟକ/କଟକ ସଦର, ୨୨।୪ (କାର୍ତ୍ତିକ ସାହୁ/ସୁଶାନ୍ତ କୁମାର ଜେନା)


ଦୁର୍ଘଟଣାଗ୍ରସ୍ତ ପିସିଆର୍ ଭ୍ୟାନ୍ ଓ ହାଇୱା।

■ ହୋମ୍‌ଗାର୍ଡ ଗୁରୁତର, ହାଇୱା ଚାଳକ ଅଟକ
■ ମୃତକଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କଟକ ଜିଲା ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗତିରାଉତ ପାଟଣା ନିକଟରେ ମଙ୍ଗଳବାର ଭୋର ସମୟରେ ପିସିଆର୍ ଭ୍ୟାନ୍ ଓ ବାଲି ବୋଝେଇ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ପରେ ଉଭୟ ଗାଡ଼ି କେନାଲବନ୍ଧ ତଳକୁ ଖସି ପଡ଼ିଥିଲା। ଫଳରେ ଭ୍ୟାନ୍ ଭିତରେ ଥିବା ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପିସିଆର୍ ଭ୍ୟାନ୍ ଚାଳକ କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ପାଇକସାହି ଗ୍ରାମର ଜଗବନ୍ଧୁ ମହାଳି ଓ କନ୍‌ଷ୍ଟେବଲ ରାୟଗଡ଼ା ଜିଲାର ଲୋକନାଥ ଶବର। ଦୁର୍ଘଟଣାରେ ଗୁରୁତର ହୋଇଥିବା ହୋମ୍‌ଗାର୍ଡ ପବିତ୍ର ମୋହନ ସେଠୀଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ହାଇୱା ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଭୋର ସମୟରେ ରାସ୍ତା ଫାଙ୍କା ଥିବାବେଳେ ଏତେବଡ଼ ଦୁର୍ଘଟଣା ଘଟିଥିବାରୁ ଏହା ଦୁର୍ଘଟଣା କି ଯୋଜନାବଦ୍ଧ ଷଡ଼ଯନ୍ତ୍ର ସେନେଇ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସିଆର୍‌ଆର୍‌ଆଇ ଥାନାରୁ ପିସିଆର୍ ଭ୍ୟାନ୍(ନଂ.ଓଡି୦୫-ଜି-୯୬୬୧) ପାଟ୍ରୋଲିଂରେ ଗତିରାଉତ ପାଟଣା ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ହାଇୱା(ନଂ. ଓଡି୦୨-ୟୁ-୧୯୫୫) ସହ ଧକ୍କା ହୋଇଥିଲା। ଫଳରେ ଗାଡ଼ି ଦୁଇଟି କେନାଲବନ୍ଧ ତଳକୁ ଖସିପଡିଥିଲା। ଦୁର୍ଘଟଣାରେ ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଚୂର୍ମାର୍ ହୋଇଯାଇଥିବାବେଳେ ୨ ଜଣ ପୋଲିସ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଜୋନ୍-୫ ଏସିପି କୃଷ୍ଣଚନ୍ଦ୍ର ସେଠୀ ସଦଳବଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଗ୍ୟାସ୍ କଟର ଦ୍ୱାରା ଅଲଗା କରିଥିଲେ। ସେହିପରି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ପହଞ୍ଚି ଆହତଙ୍କୁ ଚିକିତ୍ସା ଏବଂ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ମଙ୍ଗଳାବାଗ ଥାନା ପରିସରକୁ ନିଆଯାଇଥିଲା। କମିଶନରେଟ୍ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯିବା ପରେ ଲୋକନାଥଙ୍କ ମୃତଦେହ ରାୟଗଡ଼ା ପଠାଇ ଦିଆଯାଇଛି। ଅପରପକ୍ଷରେ ଜଗବନ୍ଧୁଙ୍କ ମୃତଦେହ ପାଇକସାହି ଗ୍ରାମ ଶ୍ମଶାନକୁ ନିଆଯାଇ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍କାର କରାଯାଇଛି। ପୁତୁରା ରାକେଶ ମହାଳି ମୁଖାଗ୍ନି ଦେଇଥିଲେ। ସେଠାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅନ୍ତଃସତ୍ତ୍ୱା ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ

ଦଶମନ୍ତପୁର,୨୨।୪(ଅରବିନ୍ଦ ନାୟକ)

୫ ମାସ ଅନ୍ତଃସତ୍ତ୍ୱା ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ସ୍ୱାମୀ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତା ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଲୁଲ୍ଲା ପଞ୍ଚାୟତ ଅଧୀନରେ ଥିବା ନେର୍କାଗୁଡ଼ା ଗ୍ରାମର ମହେଶ୍ୱର ପରଜାଙ୍କ ସ୍ତ୍ରୀ ଦାନମତି ମୁଦୁଲି(୨୫)। ଦାନମତିଙ୍କୁ ମହେଶ୍ୱର ହତ୍ୟା କରିଥିବା ନେଇ ମୃତାଙ୍କ ଭାଇ ନକୁଳ ମୁଦୁଲି ଦଶମନ୍ତପୁର ଥାନାରେ ସୋମବାର ଅଭିଯୋଗ କରିଛନ୍ତି।

ଏତଲା ଅନୁଯାୟୀ, ଦାନମତି ଓ ମହେଶ୍ୱରଙ୍କ ମଧ୍ୟରେ ଦୀର୍ଘ ଦିନ ହେବ କଳହ ଲାଗି ରହିଥିଲା। କୌଣସି କାରଣକୁ ନେଇ ୭।୪।୨୫ରେ ମହେଶ୍ୱର ଦାନମତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଦାନମତିଙ୍କ ମୃତ୍ୟୁ ଘଟିଛି।

## ଫୁଲବାଣୀରୁ ବାଘ ଛାଲ ଜବତ, ୨ ଗିରଫ

ଭୁବନେଶ୍ୱର,୨୨।୪ (ସୂର୍ଯ୍ୟକାନ୍ତ ବେହେରା)

ବାଘ ଛାଲ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଫୁଲବାଣୀ-ବାଲିଗୁଡା ରାସ୍ତାରେ ସୋମବାର ସନ୍ଧ୍ୟାରେ ଚଢାଉ କରି ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କନ୍ଧମାଳ କେ. ନୂଆଗାଁର ପ୍ରଦୀପ ମଲ୍ଲିକ ଓ ଗୁଟୁସା ପ୍ରଧାନ। ଉଭୟଙ୍କଠାରୁ ଗୋଟିଏ ବାଘ ଛାଲ ଜବତ ହୋଇଛି। ଏନେଇ ଏସ୍‌ଟିଏଫ ଏକ ମାମଲା ନଂ.୦୯/୨୦୨୫ ରୁଜୁ କରି ଫୁଲବାଣୀସ୍ଥିତ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବାଘଛାଲକୁ


ଜବତ ବାଘ ଛାଲ।

ପରୀକ୍ଷା ପାଇଁ ଡେରାଡୁନ୍‌ସ୍ଥିତ ବାୟୋଲୋଜିକାଲ ସେଣ୍ଟରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ଏହି ବାଘ ଛାଲ କେଉଁଠାରୁ ଆଣିଲେ କାହାକୁ ଦେବାକୁ ଆଣିଥିଲେ ଏସ୍‌ଟିଏଫ୍ ତାହାର ଅଧିକ ଖୋଲତାଡ ଜାରି ରଖିଛି।

## ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ମଙ୍ଗଳବାର ସମ୍ବଲପୁର ପୋକ୍‌ସୋ ଅଦାଲତରେ ପ୍ରକାଶ ପାଇଛି। ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତ ଝୁଝୁମୁରା ଗ୍ରାମର ଡିଲେଶ୍ୱର ରଣା(୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରିବ ଦଫା ୩୭୬ ଓ ୪ ପୋକ୍‌ସୋ ଆଇନରେ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅର୍ଥ ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏହି ଘଟଣାର କ୍ଷତିପୂରଣ ବାବଦକୁ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ସେନାପତି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ପୀଡ଼ିତା ୨୦୧୯ ଅଗଷ୍ଟ ୨୯ ଅପରାହ୍ନରେ ନିକଟସ୍ଥ ପୋଖାରୀରୁ ଲୁଗା ଧୋଇ ଫେରିବା ସମୟରେ ଅଭିଯୁକ୍ତ ଡିଲେଶ୍ୱର ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। ପୀଡ଼ିତା ଘରକୁଆସି ତାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଏହା ପରଦିନ ଅର୍ଥାତ ଅଗଷ୍ଟ ୩୦ରେ ପୀଡ଼ିତାଙ୍କୁ ନେଇ ତାଙ୍କ ପିତା ଝୁଝୁମୁରା ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଡିଲେଶ୍ୱରଙ୍କୁ ଗିରଫ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।


Government of Odisha "e" procurement Notice
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
Bid Identification No. S.E (R&B)KPT - 02/2025-26
No.B-36

| | |
|---|---|
| 1. Name of the work | : Building works (Site Development) |
| 2. Total No. of works | : 01 No. |
| 3. Estimated cost | : Rs. 53.22 Lakhs |
| 4. Period of completion | : 03 (Three) months |
| 5. Date & Time of availability of bid document in the portal | : From 22.04.2025 at 11.00 hours to 07.05.2025 upto 17.00 hours |
| 6. Last date / Time for receipt of bids in the portal | : 07.05.2025 upto 17.00 hours |
| 7. Date of opening of Tender | : 08.05.2025 at 12.00 hours |
| 8. Name and address of the Officer Inviting Bid | : Superintending Engineer, Koraput (R&B) Division |

**Further details can be seen from the e-procurement portal https://tendersorissa.gov.in**
Sd./- Superintending Engineer Koraput (R&B) Division
OIPR-34096/11/0019/2526



GOVERNMENT OF ODISHA
**OFFICE OF PANCHAYAT SAMITI, SADAR KEONJHAR**
NOTICE INVITING TENDER (e-Procurement)
Online Bid ID No. TCN No.01-KjrSadar/2025-2026
**No.i-38** : The Block Development Officer, Sadar, Keonjhar on behalf of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 04 (Four) Nos. |
| Estimated Cost put to Tender | Rs. 53,69,646/- |
| Tender Paper Cost | Mentioned in Column No.6 of Tender call notice |
| Period of completion | 04 (Four) Calendar Months |
| Availability of Bid Documents | From 28.04.2025 to 07.05.2025 during office hours in Website (www.tendersodisha.gov.in) |
| Period of receipt of Bid through online | From 28.04.2025 to 07.05.2025 through online |
| Date of Opening of Technical Bid | At 11.00 A.M. on 08.05.2025 in the office chamber of the BDO, Sadar, Keonjhar |
| Date of Lottery of Technical Bid | At 11.00 A.M. on 09.05.2025 in the office chamber of the BDO, Sadar, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-III or Class-IV |
| Name and Address of the OIT | Office of the Panchayat Samiti, Sadar, Collectorate Campus, At/PO-Keonjhar, Dist-Keonjhar |

Pin-758001, E-Mail ID : ori-bkeonjhar@nic.in
**Further Details can be seen from the website : www.tendersodisha.gov.in**
Sd./- (Sri Binod Chandra Panda) Block Development Officer Sadar, Keonjhar
OIPR-19123/11/0006/2526



idco | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, India
+91-0674-2541525, 2540820 | Fax:2542956/2541982
cgmpc@idco.in | Website:www.idco.in
File No.IDCO/H.O/FD/773/2024-25/11057 Date:17.04.25
BID IDENTIFICATION NO. P&C/EST/E-05/2025-26
NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA
**No.CAD-185:** Odisha Industrial Infrastructure Development Corporation (IDCO) invites technical and financial proposals from **"Chartered Accountant Firms for Routine Financial and Accounting Services of IDCO"**. The detailed Request for Proposal (RFP) document can be downloaded from e-procurement portal of Govt. of Odisha from **05.00 PM of 24.04.2025**. The last date of receipt of technical and financial bids through e-procurement portal of Govt. of Odisha is **01.05.2025** till **05.00 PM.** The technical bids will be opened online on **02.05.2025** at **12.30 PM**. IDCO has the right to accept or reject the Notice/RFP without assigning any reasons thereof.
OIPR-14003/11/0140/2526 Sd./-Chief General Manager (P&C)



**ZILLA SWASTHYA SAMITI, BALANGIR**
(Department of Health & FW, Govt. of Odisha)
Advt. No :21 Date : 19.04.25
**No.E-36** : Sealed tenders in prescribed format are invited from the registered firms / agencies/Suppliers for supply of Drugs & Consumables/Equipment & Instrument/ Lab Reagent for Balangir district for the year 2025-26. Interested Firms/Agencies having valid GST/Drug License/PAN No. may apply to the undersigned on or before 17.05.25 up to 1.00 P.M. through registered post/ speed post/courier only. For details regarding terms, conditions & specifications log on to www.balangir.nic.in The undersigned reserves the right to accept or reject all or any of the tenders without assigning any reason thereof.
OIPR-10019/11/0015/2526 Sd./-CDM&PHO, Balangir



**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
E-mail ID : cebuildings_orissa@yahoo.co.in, Tel. - (0674)-2391523
No.B-39
INVITATIONS FOR BIDS (IFB)
File No. B-I-Home-17/2025 No. 15926 Dt. 19th April, 2025
Invitation for Bids
Bid Identification No. C.E.(B) - 03/2025-26

| | | | |
|---|---|---|---|
| 1 | The Chief Engineer (Buildings-II), Odisha, Bhubaneswar on behalf of Works Deptt., Govt. of Odisha invites percentage rate bids in double cover system in ONLINE MODE only | | |
| 2 | Nature of Work | : | Supply, installation, testing and commissioning of Audio, Video System 1 No. of Mini Class Room, 1 No. of Large Class Room at 4th Floor, Judicial Academy, Cuttack |
| 3 | No. of Work | : | 01 No. |
| 4 | Bid Cost | : | ₹ 10,000/- |
| 5 | Class of Contractor | : | MV/HT/Specialized agency with associate electrical contractor having valid license from ELBO/OEM having joint venture with electrical contractor having valid license from ELBO |
| 6 | Availability of Bid Documents in the Website | : | From dt. 25.04.2025 to 17.00 Hours of dt. 08.05.2025 |
| 7 | Date of Opening of Bid | : | Dt. 09.05.2025 at 11:30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd./- Chief Engineer (Buildings-II), Odisha, Bhubaneswar
OIPR-34117/11/0082/2526



**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
Letter No. INVITATIONS FOR BIDS (IFB) Date:17.04.2025
No.CAD-189: NOTICE INVITATION FOR BIDS (NIFB)
E-Procurement Notice No.BP-I/04/2025-26 dt.15.04.2025
1.Nature of Work: Hard Landscaping and Soft Landscaping and Miscellaneous Work. 2. Total No. of Works: 01 No., 3. Value of Works: Rs.78.47 lakhs. 4. Bid Security: As per NIT., 5. Class of Contractor: As per NIT., 6. Period of Completion: 05 (Five) Months., 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/05/2025-26 Dt.17.04.2025 | From 23.04.2025 | To 02.05.2025 | 11.30 Hours of dt.03.05.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.etenderodisha.gov.in
OIPR-37002/11/0060/2526 Sd./- Superintending Engineer, O.T.D.C. Ltd., BBSR



**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
Letter No. INVITATIONS FOR BIDS (IFB) Date:15.04.2025
No.CAD-190: NOTICE INVITATION FOR BIDS (NIFB)
E-Procurement Notice No.BP-I/04/2025-26 dt.15.04.2025
1.Nature of Work: Repair and Renovation, Construction of Board walk & Repair and Renovation and Upgradation. 2. Total No. of Works: 03 Nos., 3. Value of Works: Rs.141.24 lakhs to 180.00 lakhs., 4. Bid Security: As per NIT., 5. Class of Contractor: As per NIT., 6. Period of Completion: 05 (Five) Months., 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/04/2025-26 Dt.15.04.2025 | From 22.04.2025 | To 06.05.2025 | 11.30 Hours of dt.07.05.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.etenderodisha.gov.in
OIPR-37002/11/0062/2526 Sd./- Superintending Engineer, O.T.D.C. Ltd., BBSR



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in
INVITATION FOR BIDS
NATIONAL COMPETITIVE BIDDING
**Bid Identification No: RWDSE_MKG_II_ONLINE_01/2025-26**
No.O-71:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work: Building Work. 2. No. of Works: 01 No. 3. Estimated Cost: Rs.58.83 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated cost upto Rs.20.00 Lakhs 'D'. Estimated Cost upto Rs.40.00 Lakhs 'C'. Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months.
7. **Critical Dates:**

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_20 of 2024-25 | 25.04.2025 at 11.00 A.M. | 02.05.2025 upto 05.30 PM | 01.05.2025 upto 3.00 PM | 03.05.2025 at 11.00 A.M. | To be intimated Separately |

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.
OIPR-25079/11/0022/2526 Sd./- Superintending Engineer, Rural Works Division-II, Malkangiri

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିଲ୍ଲୀର ଷଷ୍ଠ ବିଜୟ



ଉଇକେଟ ନେବା ପରେ ଉଲ୍ଲସିତ ମୁକେଶ କୁମାର (ବାମ)।

**ଲକ୍ଷ୍ନୌ, ୨୨।୪**

ମୁକେଶ କୁମାର ଘାତକ ବୋଲିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ୮ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏସ୍‌ଏଲ୍‌ଜି)କୁ ପରାସ୍ତ କରିଛି। ଲକ୍ଷ୍ନୌ ପକ୍ଷରୁ ପ୍ରଦତ୍ତ ୧୬୦ ରନର ଲକ୍ଷ୍ୟକୁ ଦିଲ୍ଲୀ ୧୭.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ଦିଲ୍ଲୀର ଷଷ୍ଠ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ଲାଗି ଏହା ଚତୁର୍ଥ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର ଏଡେନ ମାରକ୍ରାମ ୫୨(୨ ଚୌକା ଓ ୩ ଛକା) ଓ ମିଚେଲ ମାର୍ଶ ୪୫ (୩ ଚୌକା ଓ ୧ ଛକା) ରନ କରିଥିବା ବେଳେ ଆୟୁଷ ବଦୋନୀ ୩୬ (୬ ଚୌକା) ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ମିଚେଲ ଷ୍ଟାର୍କ ଓ ଦୁଶମନ୍ଥା ଚମିରା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଦିଲ୍ଲୀ ୧୬୦ ରନର ଟାର୍ଗେଟ୍‌କୁ ୧୭.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଭିଷେକ ପୋରେଲ ୩୬ ବଲରେ ୫୧ (୫ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଲୋକେଶ ରାହୁଲ ୫୭ (୩ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ଅକ୍ଷର ପଟେଲ ୩୪ (୧ ଚୌକା ଓ ୪ ଛକା) ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ ମାରକ୍ରାମ ଦୁଇଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୫୯/୬ (ଏଡେନ ମାରକ୍ରାମ-୫୨, ମିଚେଲ ମାର୍ଶ-୪୫, ଆୟୁଷ ବଦୋନୀ-୩୬, ମୁକେଶ କୁମାର-୪/୩୩, ମିଚେଲ ଷ୍ଟାର୍କ-୧/୨୫)। ଦିଲ୍ଲୀ କ୍ୟାପିଟାଲ୍ସ: ୧୭.୫ ଓଭରରେ ୧୬୧/୨ (ଅଭିଷେକ ପୋରେଲ-୫୧, ଲୋକେଶ ରାହୁଲ-୫୭*, ଅକ୍ଷର ପଟେଲ-୩୪*, ଏଡେନ ମାରକ୍ରାମ-୨/୩୦)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

ହାଇଦ୍ରାବାଦ

ବନାମ ମୁମ୍ବାଇ

ସ୍ଥାନ: ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | -୦.୦୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | +୦.୪୮୩ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |

# ବୁମ୍‌ରା, ମନ୍ଧାନାଙ୍କୁ ଉଇଜଡେନ୍ ପୁରସ୍କାର



ସ୍ମୃତି ମନ୍ଧାନା ଓ ଯଶପ୍ରୀତ ବୁମ୍‌ରା।

**ନୂଆଦିଲ୍ଲୀ, ୨୨।୪ (ପି.ଟି.)**

ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ପୁରୁଷ ବିଭାଗରେ ଏବଂ ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ମହିଳା ବିଭାଗରେ ଉଇଜଡେନ ଦ୍ୱାରା ବିଶ୍ୱର ଅଗ୍ରଣୀ କ୍ରିକେଟର ବିବେଚିତ ହୋଇଛନ୍ତି। ଗତବର୍ଷର ଉଲ୍ଲେଖନୀୟ ପ୍ରଦର୍ଶନକୁ ନେଇ ଏହି ଦୁଇ ଭାରତୀୟଙ୍କୁ ସମ୍ମାନିତ କରାଯାଇଛି। ୩୧ବର୍ଷୀୟ ବୁମ୍‌ରା ୨୦୨୪ ସିଜନରେ ୧୪.୯୨ ଆଭରେଜରେ ୭୧ଟେଷ୍ଟ ଉଇକେଟ ନେଇଛନ୍ତି। ଗୋଟିଏ ବର୍ଷରେ କୌଣସି ବୋଲର ଏତେ କମ୍ ଆଭରେଜରେ ବୋଲିଂ କରିନାହାନ୍ତି। କ୍ରିକେଟ ଇତିହାସରେ ୨୦ରୁ କମ୍ ଆଭରେଜରେ ବୁମ୍‌ରା ୨୦୦ ଉଇକେଟ ହାସଲ କରିବାରେ ପ୍ରଥମ ଟେଷ୍ଟ ବୋଲର ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫିରେ ସେ କହିବାକୁ ଗଲେ ଏକତରଫା ଭାବେ ଭାରତୀୟ ଆକ୍ରମଣର ନେତୃତ୍ୱ ନେଇ ୧୩.୦୬ ଆଭରେଜରେ ୩୨ ଉଇକେଟ ଅକ୍ତିଆର କରିଥିଲେ। ଟି୨୦ ବିଶ୍ୱକପ୍‌ରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ମହିଳା ଦଳର ସିନିୟର ବ୍ୟାଟର ସ୍ମୃତି ମନ୍ଧାନା ବିଶ୍ୱର ଅଗ୍ରଣୀ ଉଇଜଡେନ ମହିଳା କ୍ରିକେଟର ବିବେଚିତ ହେବା ଦ୍ୱାରା ଭାରତ ଦୁଇଟି ପୁରସ୍କାର ଜିତି ପାରିଛି।

**ଫିଡେ ମହିଳା ଗ୍ରାଁ ପ୍ରି**

# କୋନେରୁ ହମ୍ପି ଅଗ୍ରଣୀ

**ପୁଣେ, ୨୨।୪:** ଏଠାରେ ଚାଲିଥିବା ଫିଡେ ମହିଳା ଗ୍ରାଁ ପ୍ରି ଚେସ୍ ଟୁର୍ନାମେଣ୍ଟ ୫ମ ଚରଣରେ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଚାମ୍ପିୟନ ହେବା ସମ୍ଭାବନା ସୃଷ୍ଟି କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ୮ମ ରାଉଣ୍ଡ ଶେଷସୁଦ୍ଧା ହମ୍ପି ୬ ପଏଣ୍ଟ ପାଇ ଅଗ୍ରଣୀଲାଭ କରିଛନ୍ତି। ଚାଇନାର ଜିନେର ଝୁ ମଧ୍ୟ ୬ ପଏଣ୍ଟ ପାଇ ସମ୍ଭାବନା ଉଜ୍ଜୀବିତ ରଖିଛନ୍ତି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଦେଶମୁଖ ୫ ପଏଣ୍ଟ ସହ ତୃତୀୟ ଓ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ୩.୫ ପଏଣ୍ଟ ପାଇ ୬ଷ୍ଠରେ ରହିଛନ୍ତି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି।

# ଭାରତୀୟ ଦଳରେ କିଟ୍‌ର ଅବିନାଶ

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ):** ଜର୍ମାନୀରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ୨୧୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ନେଇ ଚୟନ ଟ୍ରାଏଲ୍ସ କିଟ୍ ପରିସରରେ ହୋଇଥିଲା। ଟ୍ରାଏଲ୍ସରେ ଭାଗ ନେଇ ନ ଥିବା ଅନ୍ତର୍ଜାତୀୟ ଖେଳାଳି ଲକ୍ଷ୍ୟ ସେନ୍ ଦଳରେ ସାମିଲ ହୋଇଛନ୍ତି ଏବଂ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ତ୍ରିରଙ୍ଗାଧାରୀ ହେବେ।

### କଳିଙ୍ଗ ସୁପର କପ୍

(ଆଜିର ମ୍ୟାଚ)

ବେଙ୍ଗାଲୁରୁ ଏଫ୍‌ସି

ବନାମ

ଇଣ୍ଟର କାଶି

ସମୟ: ଅପରାହ୍ନ ୪.୩୦

ମୁମ୍ବାଇ ସିଟି ଏଫ୍‌ସି

ବନାମ

ଚେନ୍ନାଇନ୍ ଏଫ୍‌ସି

ସମୟ: ରାତି ୮.୦୦

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ଦ୍ୱିତୀୟ ପର୍ଯ୍ୟାୟ ପ୍ରିଲିମିନାରି ଲିଗ୍ ଆଜିଠାରୁ

**ଭୁବନେଶ୍ୱର, ୨୨।୪ (ବିଜୟ ରଣା):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ୨୦୨୫ (ଟି୨୦ ଫର୍ମାଟ)ର ପ୍ରିଲିମିନାରୀ ଲିଗ୍ (ଗ୍ରୁପ୍ 'ଡି' ଓ 'ଇ') ଦ୍ୱିତୀୟ ପର୍ଯ୍ୟାୟ କଟକର ବିଭିନ୍ନ ଭେନ୍ୟୁରେ ବୁଧବରଠାରୁ ଆରମ୍ଭ ହେବ। ଏନେଇ ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପ୍ରତିଯୋଗିତାର ଗ୍ରୁପ୍ 'ଡି'ରେ ଯାଜପୁର, ରାଉରକେଲା, କେନ୍ଦୁଝର, କେନ୍ଦ୍ରାପଡ଼ା, ନୂଆପଡ଼ା ଓ ଗଞ୍ଜାମ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ଇ'ରେ କିଟ୍, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, ମାଲକାନଗିରି ଓ ବୌଦ୍ଧ ସ୍ଥାନ ପାଇଛନ୍ତି।

# ସ୍ଲାଟରଙ୍କୁ ୪ ବର୍ଷ କାରାଦଣ୍ଡ

**ମେଲବୋର୍ନ, ୨୨।୪:** ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ କ୍ରିକେଟର ମାଇକେଲ ସ୍ଲାଟରଙ୍କୁ ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। କିନ୍ତୁ ପୋଲିସ ହେପାଜତରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇଥିବାରୁ ୫୫ ବର୍ଷୀୟ ସ୍ଲାଟରଙ୍କୁ ଜେଲରୁ ମୁକ୍ତ କରାଯାଇଛି। ସେ ଘରୋଇ ହିଂସା ସମେତ ୭ଟି ଦଫାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ବିରୋଧରେ ନିର୍ଯାତନା, ତଣ୍ଟି ଚିପିବା, ଚୋରି ଓ ବେଆଇନ ଭାବେ ମହିଳାଙ୍କୁ ପିଛା କରିବା ଭଳି ଦଫା ଲଗାଯାଇଛି। ବିଚାରପତି ଗ୍ଲେନ କ୍ୟାଶ ଦଣ୍ଡାଦେଶ ଶୁଣାଇଲା ବେଳେ କହିଥିଲେ ଯେ, ସ୍ଲାଟରଙ୍କ ଅସୁବିଧା ପଛର ମୁଖ୍ୟ କାରଣ ସ୍ପଷ୍ଟ ଭାବେ ଜଣାପଡୁଛି। ଏହା ସ୍ପଷ୍ଟ ଯେ, ସ୍ଲାଟର ଜଣେ ମଦ୍ୟପ। ମଦ୍ୟପ ଗୁଣ ତାଙ୍କ ପେସାର ଅନ୍ତ ଘଟାଇବା, ପଶ୍ଚାତାପର ବିଷୟ। ତୁମ ରେହାବିଲିଟେଶନ ସହଜ ହେବ ନାହିଁ। ସ୍ଲାଟରଙ୍କୁ ଗତ ବର୍ଷ ଏପ୍ରିଲରେ ଗିରଫ କରାଯାଇଥିଲା ଏବଂ ସେ ସେବେଠାରୁ ଜେଲ୍‌ରେ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସ୍ଲାଟର ଅଷ୍ଟ୍ରେଲିଆ ପାଇଁ ୭୪ ଟେଷ୍ଟ ଖେଳି ୧୪ ଶତକ ସହ ୫,୩୧୨ ରନ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ସେ ୪୨ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଥିଲେ।


# Classified Everyday

0674-2580101, 9692975378



MATRIMONIAL

**BRIDE WANTED**

ସୁନ୍ଦର ଉଚ୍ଚଶିକ୍ଷିତ (MBA ଦିଲ୍ଲୀ) LLB କରିଥିବା ୩୪ ବର୍ଷୀୟ ପୁରୀର ଆଡଭୋକେଟ୍ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର । କେବଳ Serious ଲୋକ ଯୋଗାଯୋଗ କରନ୍ତୁ- 7978626462. D-228

**GROOM WANTED**

Handsome Karan boy 1996, 6' BSC serving ASO Secretariat, BBSR, "SUNASANSAR". 9937512659. D-76260



REAL ESTATE SALE

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811



FOR RENT

Single Room with separate Kitchen & Toilet in 2nd floor near DAV, Unit-8, Rent-6200/-. 7008635352, 7683986496. D-244

Office Accommodation Commercial Hospital premises available Chandrasekharpur, Bhubaneswar, 4000sqft. 9437008388. D-74727



Healthcare

Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

**Full body massage experience, good looking therapist @999 (Bhubaneswar). 9078484455.** D-152

**LOST**

Abinas Mohapatra, Utkal University, Roll No.- 82401UT01003 of OEC, has been lost BE Original Degree Certificate. If anybody found please call me- 7606934314. D-258

**AFFIDAVIT**

By virtue of an affidavit sworn before Executive Magistrate, Cuttack, dated 21.04.2025, I, Deepak Kumar Panda, Address: At- Bagada Binayakpur, P.O.- Binayakpur, Block- Basudevpur, District.- Bhadrak, PIN- 756125 declare that I have changed my daughter's name from Adyasa Priyadarshani Panda to Adyasha Priyadarshini Panda. Henceforth, I shall be known as Adyasha Priyadarshini Panda for all purposes.
Deepak Kumar Panda
D-251

By virtue of an affidavit sworn before Notary Public, Puri, dated 01.03.2025, Nabaghan Jena, Address: Khadipada, Totasahi, P.O.- Khadipada, P.S.- Puri Sadar, Dist.- Puri declare that I have changed my name from Nabin Jena to Nabaghan Jena. Henceforth, I shall be known as Nabaghan Jena for all purposes.
Nabaghan Jena
D-256

By virtue of an affidavit sworn before Executive Magistrate, Bhadrak, dated 10.02.2025, I, Ajay Kumar Rout, Vill- Khanapur, P.O.- Panichhatra, PIN- 756059, P.S.- Khaira, Dist.- Balasore declare that I have changed my daughter's name from Pramita to Rajashree Rout. Henceforth, she will be known as Rajashree Rout for all purposes.
Ajay Kumar Rout
D-254

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**LEGAL NOTICE**

Letter No.- 637, dt. 11.04.2025

ମାନ୍ୟବର ଅତିରିକ୍ତ କମିଶନର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକଙ୍କ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର

କେସ୍ ନଂ.- O.S.S. 1176/2023

ବ୍ୟୋମଜିତ ଦୀକ୍ଷିତ ...ବାଦୀ

ବନାମ

୩. ରାଜକିଶୋର ମହାପାତ୍ର, ପିତା- ୰ରାମଚନ୍ଦ୍ର ମହାପାତ୍ର, ଗ୍ରାମ- ଗୋବିନ୍ଦପୁର, ପୋଷ୍ଟ- ଯାଁଳା, ଥାନା- ଇନ୍‌ଫୋସିଟି, ଜିଲ୍ଲା- ଖୋର୍ଦ୍ଧା । ....ପ୍ରତିବାଦୀ

ନୋଟିସ୍ ଅର୍ଡର-୫, ରୁଲ୍-୨୦ ମୁତାବକ

ଏତଦ୍ୱାରା ଉକ୍ତ ପ୍ରତିବାଦୀ ରାଜକିଶୋର ମହାପାତ୍ରଙ୍କର ମୃତ୍ୟୁ ହୋଇଥିବାରୁ ତାଙ୍କ ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୧୬।୦୬।୨୦୨୫ରିଖ ଦିବା ୧୧:୩୦ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା- ଶଙ୍କରପୁର, ଥାନା- ଚନ୍ଦକା (୫୫), ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା । ସାବକ ଖାତା ନଂ.-୨୯୬, ପ୍ଲଟ୍ ନଂ.-୧୦୦୪, ରକବା- ଏ୦.୦୫୫ଡି. (ଏ୦.୧.୨୯୦ଡି. ସମ୍ବନ୍ଧରୁ), ସ୍ୱତ୍ୱ- ସ୍ଥିତିବାନ, ହାଲ୍ ଖାତା ନଂ.- ୧୪୯୮, ପ୍ଲଟ୍ ନଂ.-୪୭୦/୩୪୬୯, ରକବା- ଏ୦.୦୪୦ଡି., ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ସ୍ୱା./- ଆଡିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ କୋର୍ଟ ଅଫିସର
ଧ-୨୫୪

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପ୍ରମିଳା ସୁନ୍ଦରୀ ସାହୁ

ଅରବିନ୍ଦନଗର, ପଣ୍ଡା କ୍ଲିନିକ୍, ନୟାଗଡ଼

ଆବିର୍ଭାବ : ୧୫.୦୮.୧୯୪୭

ମହାପ୍ରୟାଣ : ୧୨.୦୪.୨୦୨୫

ଆପଣଙ୍କ ଅକସ୍ମାତ ବିୟୋଗ ଆମକୁ ଅନେକ କଷ୍ଟ ଦେଇଛି । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା

ଶୋକସନ୍ତପ୍ତ : ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୫୮୪୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବି. ଶ୍ୟାମବାବୁ ପାତ୍ର

ଚିନ୍ତାମଣିଶ୍ୱର, ଭୁବନେଶ୍ୱର

ଆବିର୍ଭାବ: ୦୧।୦୧।୧୯୩୫

ତିରୋଧାନ: ୧୨।୦୪।୨୦୨୫ (ଚୈତ୍ରମାସ, ପୂର୍ଣ୍ଣମୀ ତିଥି)

ଆଜି ଆମ ବାପାଙ୍କର ଏକାଦଶାହ ଅବସରରେ ସ୍ମରଣ କରି ଆମ ବାପାଙ୍କର ନିଷ୍କପଟ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆଜି ଆମ ବାପାଙ୍କର ଆତ୍ମା ଆରପାରିରେ ରହି ମଧ୍ୟ ଆମ୍ଭମାନଙ୍କ ହୃଦୟରେ ସଦାସର୍ବଦା ଜୀବିତ ହୋଇ ରହିବ।

ଇତି: ରାଜେଶ, ସୁରେଶ, ନରେଶ, ଅମୂଲ୍ୟ, ସନ୍ତୋଷିନି ଏବଂ ପରିବାରବର୍ଗ ।
ଧ-୨୫୯

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ଫଳ ଚାଷ



ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳାହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ,ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

## ମକା ଉତ୍ପାଦନ କୌଶଳ



ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ ମକା ଫସଲ ଲଗାଯାଇପାରିବ। ଉନ୍ନତ ବିହନ କିସମ ଯଥା- ନଭଜୋତ୍, ଶକ୍ତି, ଡେକାନ୍-୧୦୭,ଡେକାନ୍-୧୦୯ କିସମ ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ସଂଗ୍ରହ କରନ୍ତୁ। ୧ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କି.ଗ୍ରା. ଯବକ୍ଷାରଜାନ ,୧୬ କି.ଗ୍ରା. ଫସ୍‌ଫରସ୍ ଓ ୧୬କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ ଭାଗରୁ ଭାଗେ ଯବକ୍ଷାରଜାନ ,ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ।

# ଖରାଦିନେ ପ୍ରାଣୀଙ୍କ ରୋଗ ଓ ପ୍ରତିକାର



ଡା. ବୀରକିଶୋର ପରିଡ଼ା

ଖରାଦିନେ ଅତ୍ୟଧିକ ରୌଦ୍ରତାପ ଫଳରେ ପିଇବାପାଣିର ଅଭାବ ସହ ସବୁଜ ଘାସର ଘୋର ଅଭାବ ଯୋଗୁ ଉଭୟ ପ୍ରାଣୀ ଓ ଚାଷୀଭାଇଙ୍କ ପକ୍ଷରେ ସମସ୍ୟାର କାରଣ ହୋଇଥାଏ। ଗୋରୁ (ବିଶେଷକରି ସଙ୍କର ଜାତୀୟ) ଅଧିକାଂଶ ସମୟରେ ଖରାତାପ ସହି ନ ପାରି ଧକେଇ ହୋଇପଡ଼ନ୍ତି। ସେମାନଙ୍କର କ୍ଷୁଧା କମିଯାଏ । ଫଳରେ ସେମାନେ ଦୁର୍ବଳ ହୋଇପଡ଼ନ୍ତି । ଗାଈଙ୍କ ଦୁଗ୍ଧଦେବା ଶକ୍ତି ହ୍ରାସପାଏ । ଗୋରୁଙ୍କର ଖାଦ୍ୟହୀନତା ଓ ଦୁର୍ବଳତା ଯୋଗୁ ସେମାନଙ୍କ ମଧ୍ୟରୁ କେତେକ ଅନେକ ସମୟରେ ମୃତ୍ୟୁବରଣ କରନ୍ତି। ତେବେ ଖରାଦିନେ କିଭଳି ଭାବେ ଯତ୍ନ ନେଲେ ଗୋସମ୍ପଦକୁ ବିଭିନ୍ନ ରୋଗଦାଉରୁ ରକ୍ଷା କରିପାରିବା, ତାହା ନିମ୍ନରେ ପ୍ରଦତ୍ତ କରାଯାଇଛି ।

**ଅଂଶୁଘାତ :** ଗୋରୁ ବହୁସମୟ ଧରି ବାହ୍ୟ ଜଳବାୟୁ ସଂସ୍ପର୍ଶରେ ଅଧିକ ଆସିଲେ, ମସ୍ତିଷ୍କର ହାଇପୋଥାଲାମସ୍‌ରେ ଥିବା ତାପ ନିୟନ୍ତ୍ରଣ କେନ୍ଦ୍ରରେ ପ୍ରଦାହ ସୃଷ୍ଟି ହେବା ଯୋଗୁ ଶରୀର ତାପ ନିୟନ୍ତ୍ରଣ ଶକ୍ତି ହରାଇବସେ । ଫଳରେ ଶରୀରର ଉତ୍ତାପ କମିବା ପରିବର୍ତ୍ତେ ବୃଦ୍ଧି ପାଇଥାଏ ଏବଂ ଅଂଶୁଘାତ ହୋଇଥାଏ । ଏତଦ୍ ବ୍ୟତୀତ ଖରାଦିନେ ଗୋରୁଙ୍କୁ ଅତ୍ୟଧିକ ପରିଶ୍ରମ କରାଇଲେ, ଶରୀରର ଚମଡ଼ା ମୋଟା ଥିଲେ, ମସ୍ତିଷ୍କରେ ଥିବା ହାଇପୋଥାଲାମସ୍‌ରେ କ୍ଷତ ସୃଷ୍ଟି ହେଲେ କିମ୍ବା ଶରୀରରୁ ଜଳୀୟ ଅଂଶ କମିଲେ ମଧ୍ୟ ଏପରି ଅବସ୍ଥା ସୃଷ୍ଟି ହୁଏ ।

**ଲକ୍ଷଣ :** ଗୋରୁଙ୍କ ଶରୀରର ଉତ୍ତାପ ୧୦୩ ଡିଗ୍ରୀ ଫାରେନ୍‌ହାଇଟ୍‌ରୁ ଊର୍ଦ୍ଧ୍ୱରେ ରହେ। କିଛି ଖାଆନ୍ତି ନାହିଁ। କ୍ଷୀଣ ଓ ଦୁର୍ବଳ ପରି ଦିଶନ୍ତି। ଶ୍ୱାସକ୍ରିୟା ଓ ନାଡ଼ିର ବେଗ ବଢ଼ିଯାଏ । ଗୋରୁମାନେ ପାଟିବାଟେ ନିଃଶ୍ୱାସ ନେବା ସହ ଧକେଇ ହୁଅନ୍ତି। ଜିଭ ପଦାକୁ ବେଳେବେଳେ ବାହାରି ଆସେ। ଝାଳ ବହେ। ପାଟିରୁ ଓ ନାକପୁଡ଼ାରୁ ଫେଣ ପରି ଲାଳ ନିର୍ଗତ ହୁଏ । ଧୀରେ ଧୀରେ ଝାଳ ବୋହିବା ବନ୍ଦ ହୋଇଯାଏ। ଗୋରୁ ଅସ୍ଥିର ହୋଇପଡ଼ନ୍ତି ଏବଂ ଚାଲିପାରନ୍ତି ନାହିଁ। ଥଣ୍ଡା ଓ ଛାଇ ସ୍ଥାନ ଖୋଜି ବୁଲନ୍ତି । ଗାଈ ବା ଛଡ଼ାର ପ୍ରଜନନ ଶକ୍ତି ହ୍ରାସ ପାଏ। ଶରୀରର ଉତ୍ତାପ ୧୦୭-୧୦୯ ଡିଗ୍ରୀ ଫାରେନ୍‌ହାଇଟ୍(୪୧.୫-୪୨.୫ ଡିଗ୍ରୀ ସେଲ୍‌ସିୟସ୍) ବୃଦ୍ଧି ଘଟିଲେ ଗୋରୁଙ୍କ ଶ୍ୱାସକ୍ରିୟାରେ ଅନିୟମିତତା ହୁଏ । ତା' ପରେ ଶ୍ୱାସକେନ୍ଦ୍ର ଓ ସ୍ନାୟୁରେ ପକ୍ଷାଘାତ ଘଟେ ଏବଂ ଶେଷ ଆଡ଼କୁ ଶରୀରର ଉତ୍ତାପ କମିଯାଏ ଓ ଗୋରୁ ମୃତ୍ୟୁବରଣ କରନ୍ତି ।

**ଚିକିତ୍ସା :** ପ୍ରଥମେ ଅଂଶୁଘାତ ଆକ୍ରାନ୍ତ ଗୋରୁଙ୍କୁ ଛାଇ ସ୍ଥାନକୁ ନେଇଯାଆନ୍ତୁ ଏବଂ ମୁଣ୍ଡରେ ବରଫ ପ୍ରୟୋଗ କରନ୍ତୁ । ତା'ପରେ ବରଫ ଥଣ୍ଡାପାଣି ଭିଜା କପଡ଼ାରେ ସମଗ୍ର ଶରୀରକୁ ପୋଛିଆଣନ୍ତୁ। ନର୍ମାଲ ସାଲାଇନ କିମ୍ବା ୫% ଡେକ୍ସଟ୍ରୋଜ୍ ସାଲାଇନ୍ ଶରୀରର ଜଳ ଶୁଷ୍କତା ବା ଡିହାଇଡ୍ରେସନ୍ କମାଇବା ପାଇଁ ଆସ୍ପିରିନ୍, ସାଲିସିଲେଟ୍ କିମ୍ବା ପାରାସିଟାମଲ୍ ଇଞ୍ଜେକଶନ ଶରୀରର ଉତ୍ତାପ କମାଇବା ପାଇଁ ଏବଂ ଷ୍ଟିରଏଡ୍ ଇଞ୍ଜେକଶନ୍ ସେରିବ୍ରାଲ ଏଡିମା ସକ୍‌ରୁ ରକ୍ଷା ପାଇବା ପାଇଁ ଦିଆଯାଏ। ପ୍ରାଣୀମାନଙ୍କର ଅସ୍ଥିରତା ରୋକିବା ପାଇଁ ଟ୍ରାଙ୍କୁଲାଇଜର ଯଥା - ସିକ୍ୱିଲ୍, ଲାର୍ଗାକ୍ୱିଲ ଇଞ୍ଜେକ୍‌ଶନ ପ୍ରଭୃତିର ସାହାଯ୍ୟ ନିଆଯାଏ । ସୋଡିୟମ୍ ବେଞ୍ଜଏଟ୍ ୫-୧୦ଗ୍ରାମ୍ ଚମଡ଼ା ତଳେ ଇଞ୍ଜେକ୍‌ଶନ୍ ଏବଂ ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବାପାଇଁ ଆଣ୍ଟିବାଓଟିକ୍ସ ଦିଆଯାଏ । ଗୋରୁଙ୍କୁ ରାତ୍ରିର ଥଣ୍ଡା ପ୍ରହରରେ ଉତ୍ତମ ପୁଷ୍ଟିକର ଦାନାଜାତୀୟ ଖାଦ୍ୟ ଓ ଦିନରେ ସବୁଜ ଘାସ, ନଡ଼ାକୁଟା ଆଦି ଖାଇବାକୁ ଦେବା ଦରକାର । ପ୍ରଚୁର ଥଣ୍ଡା ପାଣି ପିଇବା କିମ୍ବା ପେଯତୋରାଣି ଗୋରୁଙ୍କୁ ଦିନବେଳେ ଚରାଇବା ପୂର୍ବରୁ ଓ ପରେ ପିଆଇବା ଆବଶ୍ୟକ । ଖରାଦିନେ ଗୋରୁଙ୍କ ଆରାମ ପାଇଁ ଉପଯୁକ୍ତ ଆଶ୍ରୟସ୍ଥଳ (ବାୟୁ ଚଳାଚଳ, ଛାଇ ପ୍ରଦାନ ଇତ୍ୟାଦି) ସୃଷ୍ଟି ଲାଗି ପଦକ୍ଷେପ ଗ୍ରହଣ କରିବା ଉଚିତ ।

> "ଗୋରୁ ବହୁ ସମୟ ଧରି ବାହ୍ୟ ଜଳବାୟୁ ସଂସ୍ପର୍ଶରେ ଅଧିକ ଆସିଲେ, ମସ୍ତିଷ୍କର ହାଇପୋଥାଲାମସ୍‌ରେ ଥିବା ତାପ ନିୟନ୍ତ୍ରଣ କେନ୍ଦ୍ରରେ ପ୍ରଦାହ ସୃଷ୍ଟି ହେବା ଯୋଗୁ ଶରୀର ତାପ ନିୟନ୍ତ୍ରଣ ଶକ୍ତି ହରାଇବସେ । ଫଳରେ ଶରୀରର ଉତ୍ତାପ କମିବା ପରିବର୍ତ୍ତେ ବୃଦ୍ଧି ପାଇଥାଏ ଏବଂ ଅଂଶୁଘାତ ହୋଇଥାଏ । ଏତଦ୍ ବ୍ୟତୀତ ଖରାଦିନେ ଗୋରୁଙ୍କୁ ଅତ୍ୟଧିକ ପରିଶ୍ରମ କରାଇଲେ, ଶରୀରର ଚମଡ଼ା ମୋଟା ଥିଲେ, ମସ୍ତିଷ୍କରେ ଥିବା ହାଇପୋଥାଲାମସ୍‌ରେ କ୍ଷତ ସୃଷ୍ଟି ହେଲେ କିମ୍ବା ଶରୀରରୁ ଜଳୀୟ ଅଂଶ କମିଲେ ମଧ୍ୟ ଏପରି ଅବସ୍ଥା ସୃଷ୍ଟି ହୁଏ ।"



**ଥନହରା ରୋଗ :** ଦୁଧିଆଳୀ ଗାଈଙ୍କ ପାଇଁ ଏହା ଏକ ମାରାତ୍ମକ ରୋଗ ଏବଂ କରାଇନେବ୍ୟାକ୍ଟେରିୟମ ପାଓଜିନିସ୍ ନାମକ ଜୀବାଣୁ ଦ୍ୱାରା ମୁଖ୍ୟତଃ ଏହି ରୋଗ ସୃଷ୍ଟି ହୋଇଥାଏ । ଠିକ୍ ଭାବରେ ଦୁଗ୍ଧ ନ ଦୁହିଁଲେ, ପହ୍ନାରେ କ୍ଷତ ବା ପ୍ରଦାହ ସୃଷ୍ଟି ହେଲେ, ଗୁହାଳ ଅପରିଷ୍କାର ରହିଲେ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଦୁଗ୍ଧ ଦୁହିଁଲେ ଏହି ରୋଗ ଖରାଦିନେ ଦେଖାଦେଇଥାଏ । ଖାଦ୍ୟାଭାବ ଯୋଗୁ ଦେହରେ ରୋଗ ପ୍ରତିରୋଧକାରୀ ଶକ୍ତି ହ୍ରାସ ପାଇଲେ, ପହ୍ନାରେ ଲୁକ୍କାୟିତ ଅବସ୍ଥାରେ ଥିବା ଜୀବାଣୁ ଏହି ରୋଗ ସୃଷ୍ଟିକରେ । କୀଟପତଙ୍ଗ, ମଶା, ମାଛି ଆଦି କାମୁଡ଼ିଲେ ମଧ୍ୟ ଏହି ଜୀବାଣୁ ଶରୀରରେ ସହଜରେ ପ୍ରବେଶକରି ରୋଗ କରିଥାଏ । ଖରାଦିନେ ସାଧାରଣତଃ ଛଡ଼ା ଓ ପଡ଼ିଆ ହୋଇଆସୁଥିବା ଗାଈଙ୍କଠାରେ ଏହା ମୁଖ୍ୟତଃ ଦେଖାଦେଇଥାଏ।

**ଲକ୍ଷଣ :** ଏହି ରୋଗ ହେଲେ ଗାଈ ଦୁହିଁବାକୁ ସୁଯୋଗ ଦିଅନ୍ତି ନାହିଁ । ପହ୍ନାରେ ସଂକ୍ରମିତ ଚିରଗୁଡ଼ିକ ଫୁଲି ବଡ଼ ହୋଇ ଲାଲ ଦିଶେ ଓ କଷ୍ଟ ଦିଏ । ଧୀରେ ଧୀରେ ପହ୍ନା ବା ଚିରର ଉପର କ୍ୱାର୍ଟରକୁ ଫୁଲା ବଢ଼ିଯାଏ ଏବଂ ଚିକିତ୍ସାର ବିଳମ୍ବ ଘଟିଲେ ଶେଷକୁ ବଡ଼ ଗେଟା ପରି ଟାଣ ବା କଠିନ ପରି ହାତକୁ ଲାଗେ । ବହଳ ପୂଜ ବା ଛେନା ଛିଡ଼ିଲା ପରି କ୍ଷୀର ସଂକ୍ରମିତ ଚିର ଦୁହିଁଲେ ବାହାରି ଆସେ । ଚିରର ବାଟ ସବୁଦିନ ପାଇଁ ବନ୍ଦହୋଇ ପହ୍ନାକୁ ଅକାମୀ କରିଦିଏ । (କ୍ରମଶଃ...)

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## କୁକୁଡ଼ା ପାଳନ



ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ। ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

## ଡାଲିଜାତୀୟ ଫସଲ ଅମଳ ସମୟରେ...



ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳକରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟ ଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶିତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

## ମହୁ ଚାଷ



ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନକରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳକରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନକରି ବିକ୍ରୟ କରନ୍ତୁ।

# ପରିଶ୍ରମର ମୂଲ୍ୟ ମିଳିଛି

## ସଫଳ ଚାଷୀ
### ଦୟାନିଧି ସାହୁ



ଧର୍ମପତ୍ନୀଙ୍କ ସହ ଦୟାନିଧି।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍‌ର ଦୟାନିଧି ସାହୁ (ମୋ : ୯୬୯୨୬୪୯୮୪୨) ଜଣେ ସଫଳ ଚାଷୀ ରୂପେ ସ୍ଥାନୀୟ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଉକ୍ତ ବ୍ଲକ୍‌ର ବରି ପଞ୍ଚାୟତ ଅଧୀନ ବରିମେଳକ ଗ୍ରାମରେ ତାଙ୍କର ଜନ୍ମ। ସେ ନିଜର ସାଢେ ୪ ଏକର ଜମି ମଧ୍ୟରୁ ୨ ଏକରରେ ଦୁଇଟି ମାଛ ପୋଖରୀ କରିବା ସହ ବଳକା ଅଢ଼େଇ ଏକର ଜମିରେ ବାଇଗଣ, କଲରା, ତରଭୁଜ, ଲାଉ, ଭେଣ୍ଡି, ଲଙ୍କା, ବୋଇତାଳୁ, କୁନ୍ଦୁରୀ, ଧଣିଆ ପତ୍ର, ପୋଟଳ, ଝୁଡଙ୍ଗ, ପିତାଗମା ଇତ୍ୟାଦି ବିଭିନ୍ନ ଶାଗ କରିଛନ୍ତି । ବିଭିନ୍ନ ଫସଲ ଅମଳ ପରେ ଜମିରେ ଧାନଚାଷ ମଧ୍ୟ କରନ୍ତି । ଫସଲର ମୁଖ୍ୟ ଉପାଦାନ ଜଳ ଯୋଗାଣ ପାଇଁ ସେ ନିଜ କ୍ଷେତରେ ସ୍ପ୍ରିଙ୍କଲର ଓ ଡ୍ରିପ୍ ସଂଯୋଗ କରିଛନ୍ତି । ଉଦ୍ୟାନ ବିଭାଗ ପକ୍ଷରୁ ତାଙ୍କୁ ୨୦୨୦-୨୧ରେ ପନିପରିବା ସଂରକ୍ଷଣ ପାଇଁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଏକ ପ୍ୟାକ୍ ହାଉସ ନିର୍ମାଣ ପାଇଁ ମିଳିଛି।

ନିଜ ସମ୍ପର୍କରେ ଦୟାନିଧି କହନ୍ତି, "ପାଠ ପଢ଼ା ତ ଭଲ ହେଉଥିଲା, ତା'ସହ ବରି ହାଇସ୍କୁଲରେ ମୁଁ ଜଣେ ମେଧାବୀ ଛାତ୍ର ଥିଲି। ଏକଦା ସାର୍‌ଙ୍କୁ 'ମୁଁ ଭବିଷ୍ୟତରେ କୃଷକ ହେବି' ବୋଲି କହି ଗାଳି ଶୁଣିଥିଲି। କିନ୍ତୁ ଆଜି ମୁଁ ମୋ ଲକ୍ଷ୍ୟ ହାସଲ କରିପାରିଛି। ଭଦ୍ରକ କଲେଜରେ ଯୁକ୍ତ୨ ଶେଷ କରିବା ପରେ ଭାରତୀୟ ନୌସେନା ପାଇଁ ଚୟନ ହୋଇ ଶେଷ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲି । କିନ୍ତୁ ପାରିବାରିକ ସମସ୍ୟା ପାଇଁ ପାଠପଢ଼ାରେ ଡୋରି ବାନ୍ଧିବାକୁ ପଡ଼ିଥିଲା। କିଛି ରୋଜଗାର କରିବାକୁ ମୁଁ ବମ୍ବେ ଯାଇଥିଲି। ସେଠାରୁ ଫେରିବା ପରେ କୃଷି କାର୍ଯ୍ୟରେ ମନୋନିବେଶ କଲି। ୨୦୧୭ରୁ ମୁଁ ଏହା ସହ ଜଡ଼ିତ ଅଛି। ଚାଷକାର୍ଯ୍ୟରେ ମୋ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟାଙ୍କ ସାହାଯ୍ୟକୁ କଦାପି ଭୁଲିପାରିବି ନାହିଁ। ଏଥିରେ ସହଯୋଗ ପାଇଁ କେତେ ଜଣଙ୍କୁ ନିଯୁକ୍ତି ଦେଇଛି। ହେଲେ ଯେଉଁ ଚାକିରି ମୁଁ କରିପାରି ନ ଥିଲି ମୋ ଝିଅ ଶ୍ରାବଣୀ ସେଥିରେ ସଫଳ ହୋଇଛି। ବର୍ତ୍ତମାନ ସେ ଭାରତୀୟ ନୌବାହିନୀ ପାଇଁ ସିଲେକ୍ଟ ହୋଇଛି। ମୋଟ ଉପରେ କହିବାକୁ ଗଲେ ମୋ ପରିଶ୍ରମର ମୂଲ୍ୟ ମିଳିଛି।" ବରି ବଜାର ବ୍ୟତୀତ ସ୍ଥାନୀୟ ବିଭିନ୍ନ ଅଞ୍ଚଳର ସାପ୍ତାହିକ ହାଟରେ ସେ ଉତ୍ପାଦନ କରିଥିବା ପନିପରିବା ବିକ୍ରି କରିଥାଆନ୍ତି। ଶିକ୍ଷିତ ଯୁବତୀଯୁବକମାନେ ଚାକିରି ପଛରେ ନ ଗୋଡ଼ାଇ କୃଷି କାର୍ଯ୍ୟ ପ୍ରତି ମନୋନିବେଶ କଲେ ବେଶ୍ ଲାଭବାନ୍ ହୋଇପାରିବେ ବୋଲି ମତ ଦିଅନ୍ତି ଦୟାନିଧି।

**- ସନ୍ତୋଷ କୁମାର ନାୟକ, ସିମୁଳିଆ**

## କୁଜିସାରୁ ଚାଷ କରୁଥିଲେ



ଅଧିକ ଅମଳକ୍ଷମ ସାରୁ କିସମ ମଧ୍ୟରେ ରହିଛି ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡ଼ି। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ୧ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନକରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବରଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ , ୨୪କି.ଗ୍ରା. ଫସ୍‌ଫରସ୍,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

# ଡାଲୁଅ ଧାନରେ ରୋଗପୋକ ପରିଚାଳନା



ଡାଲୁଅ ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ବା ୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ଗୋଳାଇ ଗଛମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

# ଜାତୀୟ ସିନିୟର ମହିଳା ରଗ୍‌ବୀ ସେଭେନ୍ସ ଆଜିଠାରୁ



ଓଡ଼ିଶା ଦଳରେ ସ୍ଥାନ ପାଇଥିବା କିସ୍‌ର ୭ ଖେଳାଳି।

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ବୁଧବାର ଜାତୀୟ ସିନିୟର ମହିଳା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏଥିପାଇଁ ମନୋନୀତ ଓଡ଼ିଶା ଦଳରେ କିସ୍‌ର ୭ ଜଣ ଯାକ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡୁମୁନି ମାର୍ଣ୍ଡି, ରଞ୍ଜିତା ନାଏକ,

**ଓଡ଼ିଶା ଦଳରେ କିସ୍‌ର ୭ ଖେଳାଳି**

ମାମା ନାଏକ, ତରୁଲତା ନାଏକ, ପୁଷ୍ପାଞ୍ଜଳି ଭୋଇ, ବର୍ଷାରାଣୀ ମାଝି ଓ ଗୀତାରାଣୀ ସାଇ। ଦେଶର ମୋଟ ୨୪ ରାଜ୍ୟରୁ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ପୁଲ୍ 'ଏ'ରେ ଛତିଶଗଡ଼ ଓ ଉତ୍ତର ପ୍ରଦେଶ ସହ ଓଡ଼ିଶା ସ୍ଥାନ ପାଇଛି। ପୁଲ୍ 'ବି'ରେ ବିହାର, ଆସାମ, ଆଣ୍ଡାମାନ ଆଣ୍ଡ ନିକୋବର, ପୁଲ୍ 'ସି'ରେ ମହାରାଷ୍ଟ୍ର, ମଣିପୁର, ମଧ୍ୟ ପ୍ରଦେଶ, ପୁଲ୍ 'ଡି'ରେ ପଶ୍ଚିମବଙ୍ଗ, ଗୁଜରାଟ, ଆନ୍ଧ୍ର ପ୍ରଦେଶ, ପୁଲ୍ 'ଇ'ରେ ଦିଲ୍ଲୀ ଚଣ୍ଡିଗଡ଼, ପୁଡୁଚେରୀ, ପୁଲ୍ 'ଏଫ୍'ରେ କେରଳ, ଉତ୍ତରାଖଣ୍ଡ, ହରିୟାଣା, ପୁଲ୍ 'ଜି'ରେ କର୍ଣ୍ଣାଟକ, ଝାଡ଼ଖଣ୍ଡ, ତେଲେଙ୍ଗାନା ଓ ପୁଲ୍ 'ଏଚ୍'ରେ ପଞ୍ଜାବ, ରାଜସ୍ଥାନ ଓ ଜମ୍ମୁ କଶ୍ମୀର ଦଳ ସ୍ଥାନ ପାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରୀୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଓଡ଼ିଶା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଲିଲମୁନୀ ହାଁସଦା, ଗୀତାରାଣୀ ସାଇ, ତରୁଲତା ନାଏକ, ମାମା ନାଏକ, ସୁନୀତା ହାଁସଦା, ସନ୍ଧ୍ୟାରାଣୀ ଟୁଡୁ, ପୁଷ୍ପାଞ୍ଜଳି ଭୋଇ, ଡୁମୁନି ମାର୍ଣ୍ଡି, ରଞ୍ଜିତା ନାଏକ, କବିତା କସ୍ତୁରୀ ପଡିହାରୀ, ଆରତୀ ମୁର୍ମୁ, ବର୍ଷାରାଣୀ ମାଝି। କୋଚ୍: ରାଜକିଶୋର ମୁର୍ମୁ, ମ୍ୟାନେଜର: ସୁନୀତା ବର୍ମା, ଫିଜିଓ: ସୌମ୍ୟାଶ୍ରୀ ମିଶ୍ର।

# ପ୍ରଜ୍ଞା, ସ୍ୱାଧୀନଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

କେରଳର କୋଚିଠାରେ ଚାଲିଥିବା ୨୮ତମ ନ୍ୟାଶନାଲ ଫେଡେରେଶନ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶାକୁ ଆଉ ୨ଟି ରୌପ୍ୟ ପଦକ ମିଳିଛି। ମଙ୍ଗଳବାର ଅନୁଷ୍ଠିତ ମହିଳା

**ନ୍ୟାଶନାଲ ଫେଡେରେଶନ ଆଥଲେଟିକ୍ସ**

୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୩.୪୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରିଲାଏନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଜ୍ୟୋତି ୟାରାଜି ୧୩.୨୩ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ତାମିଲନାଡୁର ନିତ୍ୟା ରାମରାଜ (୧୩.୪୨) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ପୁରୁଷ


ପଦକ ସହ ପ୍ରଜ୍ଞା ପ୍ରଶାନ୍ତି ସାହୁ।

ହାଇଜମ୍ପରେ ଓଡ଼ିଶାର ସ୍ୱାଧୀନ କୁମାର ମାଝି ୨.୧୪ ମିଟର କ୍ଲିୟର କରି ରୌପ୍ୟ ପଦକ ପାଇଛନ୍ତି। ମହାରାଷ୍ଟ୍ରର ସରଭେଶ ଅନିଲ କୁଶାରେ ୨.୨୬ ଓ କେରଳର ଭରତ ରାଜ ୨.୧୪ ମିଟର ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଶା ଆଥଲେଟ୍ ନିଖିଲ ଦାସ ୨.୦୦ ମିଟର ଜମ୍ପକରି ୧୨ଶ ସ୍ଥାନରେ ରହିଛନ୍ତି। ପୁରୁଷ ଲଙ୍ଗଜମ୍ପ ଫାଇନାଲରେ ସରୁନ ପାୟାସିଂ ୭.୩୯ ମିଟର କ୍ଲିୟର କରିପାରି ୯ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ଏଥିରେ ତାମିଲନାଡୁର ଡାଭିଡ ପି. (୭.୯୪), ରିଲାଏନ୍ସର ଜେସୱିନ ଆଲଡ୍ରେନ (୭.୮୩) ଓ ମହମ୍ମଦ ଆନେସ (୭.୭୦) ଯଥାକ୍ରମେ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଏଚପିସି ଆଥଲେଟ୍ ଅନିମେଶ କୁଜୁର ପୁରୁଷ ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ।

# ୫ ମହିଳା ଚେସ୍ ଖେଳାଳିଙ୍କୁ ୧କୋଟି ଫେଲୋଶିପ୍ ଅନୁଦାନ

**ହାଇଦ୍ରାବାଦ, ୨୨।୪ (ପି.ଟି.)**

ଭାରତରେ ମହିଳା ଖେଳର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଥିବା ୬୪ ସ୍କୋୟାର୍ସ ନାମକ ଏକ ସଂଗଠନ ମଙ୍ଗଳବାର ଇଣ୍ଟରନ୍ୟାଶନାଲ ମାଷ୍ଟର(ଆଇଏମ୍) ଭାନ୍ତିକା ଅଗ୍ରୱାଲଙ୍କ ବ୍ୟତୀତ ଅନ୍ୟ ୪ଜଣ ଉଦୀୟମାନ ଚେସ୍ ଖେଳାଳି ୧କୋଟି ଟଙ୍କାର ଫେଲୋଶିପ୍ ଅନୁଦାନ ପାଇବା ପାଇଁ ମନୋନୀତ କରିଛି। ୬୪ ସ୍କୋୟାର୍ସ ହେଉଛି ହାଇଦ୍ରାବାଦସ୍ଥିତ ପ୍ରଭାହ ଫାଉଣ୍ଡେଶନ ଏବଂ ଚେସ୍ ଷ୍ଟାର୍ଟଅପ୍ ଏମ୍‌ଜିଡି-୧ର ଏକ ମିଳିତ ପ୍ରୟାସ। ଉପକୃତ ହେବାକୁଥିବା ୫ ଖେଳାଳି ହେଲେ ଆଇଏମ୍ ଭାନ୍ତିକା, ଡବ୍ଲ୍ୟୁଏଫ୍ଏମ୍ ଶୁଭି ଗୁପ୍ତା, ଡବ୍ଲ୍ୟୁଏଫ୍ଏମ୍ ଚାର୍ଭି ଅନିଲକୁମାର ଏବଂ ଉଦୀୟମାନ ପ୍ରତିଭା ଡବ୍ଲୁଆଇଏମ୍ ସାରାୟୁ ଭେଲପୁଲା ଓ ଡବ୍ଲୁଆଏଇଏମ୍ ସାହିଥି ଭାର୍ଷିନୀ। ଫେଲୋଶିପ୍ ଅନୁଦାନ ଏହି ଖେଳାଳିମାନଙ୍କ ଏକ ବର୍ଷ ପାଇଁ ଟ୍ରେନିଂ, ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟୟ କରାଯିବ। ଏମାନଙ୍କ ମଧ୍ୟରୁ ପୂର୍ବରୁ ଅର୍ଜୁନ ପୁରସ୍କାର ବିଜେତା ଭାନ୍ତିକା ୨୦୨୩ରେ ସହାୟତା ପାଇଥିଲେ।




# ବିଶ୍ୱଭାରତୀ, ନିମପୁର ସେମିଫାଇନାଲରେ


ପ୍ଲେୟର ଅଫ୍ ଦି ମ୍ୟାଚ ଅଭିଷେକ ଯାଦବଙ୍କ ସହ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

କଟକ ଜଗତ୍‌ପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ମୁଲବେରୀ ଗ୍ରିନ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ବିଶ୍ୱଭାରତୀ କ୍ଲବ ଓ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ବିଶ୍ୱଭାରତୀ ୮ ଉଇକେଟରେ ୟୁନିୟନ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ କ୍ଲବ ୯ ଉଇକେଟରେ ୧୧୪ ରନ କରିଥିଲା। ୧୧୫ ରନ ବିଜୟ ଲକ୍ଷ୍ୟକୁ ବିଶ୍ୱଭାରତୀ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଭିଷେକ ଯାଦବ ୧୮ ବଲ୍‌ରୁ ବିସ୍ଫୋରକ ୫୬ ରନକରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଇଷ୍ଟକୋଷ୍ଟ ରେଲୱେ କ୍ରୀଡ଼ା ସମ୍ପାଦକ ମହମ୍ମଦ ଜାକିର, ଯୁଗ୍ମ ସମ୍ପାଦକ ଜ୍ୟୋତି ଶଙ୍କର ଓ ସିଏମ୍‌ସି ଡେପୁଟି ମେୟର ଦମୟନ୍ତି ମାଝି ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟଏକ ମ୍ୟାଚରେ ନିମପୁର ଦଳ ୧୬ ରନରେ ପଟ୍ଟନାୟକ ଆସୋସିଏଟ୍ସକୁ ହରାଇ ଦେଇଛି। ନିମପୁର ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୬୯ ରନ କରିଥିଲା। ଶାନ୍ତନୁ ମିଶ୍ର ୫୧ ଓ ରଘୁନାଥ ମଲ୍ଲ ୪୧ ରନ କରିଥିଲେ। ଜବାବରେ ପଟ୍ଟନାୟକ ଆସୋସିଏଟ୍ସ ୮ ଉଇକେଟ ହରାଇ ୧୫୩ ରନ କରିବାକୁ ସକ୍ଷମ ହୋଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଶାନ୍ତନୁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସାମାଜିକ କର୍ମୀ ନୃସିଂହ ଚରଣ ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ।



SHOWROOMS: ODISHA: RENAULT SAMBALPUR Ph: 8448890323. RENAULT BHUBANESWAR Ph: 8860076082, RENAULT BHUBANESWAR CENTRAL Ph: 7428190232. RENAULT BHAWANIPATNA Ph: 9438395880. RENAULT CUTTACK Ph: 9311772648. RENAULT JEYPORE Ph: 9311596618.

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ